ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୪/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, February 24/2020 | ★★★★
୪୬ଶ ଭାଗ ୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-


# ଦନ୍ତା ନେଲା ୪ ଜୀବନ

## ପିପିଲି, ବଳଙ୍ଗା ଅଞ୍ଚଳରେ ଆତଙ୍କ

- ଗାଁକୁ ଗାଁ ଗୋଡ଼େଇ ଆକ୍ରମଣ, ୫ ଆହତ
- ଫଟୋ ଉଠାଇବାବେଳେ ଯୁବକଙ୍କ ଜୀବନ ଗଲା

ପିପିଲି/ବଳଙ୍ଗା,୨୩।୨(ସ୍ୱ.ପ୍ର./ଡି.ଏନ.ଏ.)

ପୁରୀ ଜିଲା ପିପିଲି ଓ ବଳଙ୍ଗା ଅଞ୍ଚଳରେ ରବିବାର ଏକ ଦନ୍ତା ହାତୀ ଉପଦ୍ରବରେ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ପିପିଲି ଥାନା ଅଧୀନ ରାଜତେଇ ଗ୍ରାମର ଚୈତନ୍ୟ ସାହୁ(୫୦), ଜମାଲପୁର ଗ୍ରାମର ଅଜୟ କୁମାର ନାୟକ(୪୫), ବଳଙ୍ଗା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ଯୁଗଳ କିଶୋର ଭଞ୍ଜ(୬୨), ଚନ୍ଦ୍ରାଦେଈପୁର ପଞ୍ଚାୟତର ମକର ପଲେଇ(୭୨)। ଆହତମାନଙ୍କୁ ପିପିଲି, ମଙ୍ଗଳପୁର, ବଳଙ୍ଗା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ଗୁରୁତରଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାକୁ ନେଇ ପିପିଲି ଓ ବଳଙ୍ଗା ଥାନା ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପୂର୍ବାହ୍ନ ୧୧ଟା ମଧ୍ୟରେ ୩ଜଣ ଏବଂ ଅପରାହ୍ନରେ ଜଣଙ୍କୁ ମାରିବା ପରେ ହାତୀଟି ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଦାଣ୍ଡମୁକୁନ୍ଦପୁର ନିକଟ ବରାଗଡ଼ ଗହୀରରେ ରହିଥିଲା। ଖୋର୍ଦ୍ଧା ଡିଏଫଓ ସୁଦୀପ୍ତ ନାୟକ, ଏସିଏଫ୍ ଗୋବିନ୍ଦ ବିଶ୍ୱାଳ, ପୁରୀ ଏସିଏଫ୍ ପ୍ରଶାନ୍ତ ସ୍ୱାଇଁ, ବାଲିପାଟଣା ରେଞ୍ଜର ଜୟକୃଷ୍ଣ ଯଦୁମଣି ଦାସ, ବାଲକାଟୀ, ଡେଲାଙ୍ଗ ଓ କଣାସ ଫରେଷ୍ଟର ଏବଂ ବନବିଭାଗ କର୍ମଚାରୀମାନେ ହାତୀର ଗତିବିଧି



ଉପରେ ନଜର ରଖିଥିଲେ। ରାତି ପ୍ରାୟ ୯ଟାରେ ହାତୀଟି ପିପିଲି ବଜାର ଅଭିମୁଖେ ଯାଇଥିଲା। ଏହା ପ୍ରଚାରିତ ହେବା ପରେ ପିପିଲିରେ ଦୋକାନବଜାର ବନ୍ଦ ହୋଇଯିବା ସହ ଲୋକେ ନିଜକୁ ସୁରକ୍ଷିତ ରଖିବାକୁ ଉଦ୍ୟମ କରିଥିଲେ। କିନ୍ତୁ ରାତି ପ୍ରାୟ ୯ଟା ୧୫ରେ ହାତୀଟି ପିପିଲି ବଜାରର ଦେବୀଗଳି ନିକଟରେ ସେକ୍ ଅଜୁ ନାମକ ଜଣେ ଯୁବକଙ୍କୁ ଦଳି ଦେଇଥିଲା। ଅଜୁଙ୍କ ଘର ପିପିଲି ବଜାର ନିକଟ ଭବାନୀପୁରରେ। ତାଙ୍କୁ ଗୁରୁତର ଅବସ୍ଥାରେ ପିପିଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଏହି ଘଟଣା ପରେ ତୁରନ୍ତ ପିପିଲି ନିମାପଡ଼ା ଛକରୁ ତହସିଲ ଅଫିସ୍ ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରି ଲୋକଙ୍କ ଯାତାୟାତକୁ ବନ୍ଦ କରାଯାଇଥିଲା। ଡିଏଫ୍ଓ ନାୟକ କହିଛନ୍ତି, ଲୋକଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ସତର୍କ ରହିବାକୁ ଏବଂ ଘରୁ ନ ବାହାରିବାକୁ କୁହାଯିବା ସହ ହାତୀକୁ ବରୁଣେଇ ପାହାଡ ନିକଟ କୁମୁକା ଜଙ୍ଗଲକୁ ନିଆଯିବାକୁ ଉଦ୍ୟମ କରାଯାଉଛି। ଅନ୍ୟପକ୍ଷରେ ବନବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ଏବଂ ଆହତଙ୍କ ଚିକିତ୍ସା ପାଇଁ ୫ ହଜାର ଟଙ୍କା ଲେଖାଏ ଦିଆଯାଇଛି ବୋଲି ଏସିଏଫ୍ ସ୍ୱାଇଁ କହିଛନ୍ତି।

☞ପୃଷ୍ଠା–୪

# ପିଲାଖେଳ ହେଲା କାଳ

## ନିଆଁରେ ପୋଡ଼ି ୪ ଶିଶୁ ମୃତ

- ଖଇରଚଟା ଗାଁ ସ୍ତବ୍ଧ
- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ
- ଘୋଷଣା କଲେ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି



ବ୍ରହ୍ମପୁର ଅଫିସ/ ହାତୀଓଟ/ ପୋଲସରା,୨୩।୨

ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ମାଳତେନ୍ତୁଳିଆ ଗ୍ରାମପଞ୍ଚାୟତ ଖଇରଚଟା ଗାଁରେ ରବିବାର ଏକ ଦୁଃଖଦ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ୪ ଜଣ ଶିଶୁ ପାଳଗଦା କରି ସେଥିରେ ନିଆଁ ଲଗାଇ ମିଛିମିଛିକା ରୋଷେଇ କରି ଖେଳୁଥିଲେ। ଏହି ସମୟରେ ନିଆଁରେ ପୋଡ଼ି ହୋଇ ସମସ୍ତଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ଉକ୍ତ ଗ୍ରାମର ଜୟସେନ ଗୌଡ଼ଙ୍କ ପୁଅ ଦୀପକ(୮), ସନ୍ତୋଷ ଜେନାଙ୍କ ପୁଅ ସାଇରାମ (୪), ତୋଫାନ ଜେନାଙ୍କ ଝିଅ ଇତିଶ୍ରୀ (୭) ଏବଂ ରତ୍ନାକର ଜେନାଙ୍କ ପୁଅ ଆଲୋକ (୫)। ଏମ୍‌କେସିଜି ମେଡିକାଲ ନେବା ବାଟରେ ଦୀପକ, ସାଇରାମ, ଇତିଶ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଲୋକ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

ରବିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ଉକ୍ତ ଗ୍ରାମର ଶିବ ମନ୍ଦିର ନିକଟରେ

☞ପୃଷ୍ଠା–୪

### ଆଜିର ସମ୍ପାଦକୀୟ

ଟ୍ରମ୍ପଙ୍କ ଗସ୍ତ

### ଆଜିର ମନ୍ତବ୍ୟ

“ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଗସ୍ତରୁ ଭାରତ ବିଶେଷ ଲାଭବାନ ହେବା ଭଳି ସଙ୍କେତ ମିଳୁନାହିଁ।

–ଆନନ୍ଦ ଶର୍ମା, ବରିଷ୍ଠ କଂଗ୍ରେସ ନେତା

Taste the difference!
Vencobb FRESH CHICKEN

23.02.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 42 | 83 | 93 |
| CTC | 42 | 83 | 93 |
| DKL | 43 | 84 | 94 |
| BDK | 44 | 85 | 95 |
| BLS | 46 | 88 | 98 |
| ANG | 43 | 84 | 94 |
| BMP | 42 | 83 | 93 |

*Conditions Apply
Issued in the Interest of Consumers






## ଇରାନରେ ଭୂକମ୍ପ, ତୁର୍କୀରେ ୮ ମୃତ

ଉତ୍ତରପଶ୍ଚିମ ଇରାନରେ ରବିବାର ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ପଡୋଶୀ ତୁର୍କୀରେ ୩ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଉଭୟ ଦେଶର ଅନେକ ଆହତ ହୋଇଛନ୍ତି। ତୁର୍କୀରେ ଆହତ ୨୧ ଜଣଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବା ସେଠାର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଇରାନ ସୀମାନ୍ତ ଭାନ୍ ପ୍ରଦେଶର ବହୁ ଘର ଭାଙ୍ଗିଯାଇଛି। ଇରାନରେ ୪୦ରୁ ଅଧିକ ଆହତ ହୋଇଛନ୍ତି।

# ଟ୍ରମ୍ପ୍ ଆସୁଛନ୍ତି ବୋଲି...


ଅହମଦାବାଦରେ ଓଟରେ ବସି ବିଏସ୍ଏଫ ଯବାନମାନେ ପାଟ୍ରୋଲିଂ କରୁଛନ୍ତି।



ଅମୃତସରରେ ଜଗମୋହନ କନୋଜିଆ ନାମକ ଜଣେ ବ୍ୟକ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ଗୁଡ଼ି ପ୍ରସ୍ତୁତ କରିଛନ୍ତି।




ଆଗ୍ରାର ତାଜମହଲ ନିକଟରେ ଉତ୍ତରପ୍ରଦେଶର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) କମାଣ୍ଡୋମାନେ ପାଟ୍ରୋଲିଂ କରୁଛନ୍ତି।

# ସମ୍ପର୍କରେ ଯୋଡ଼ିହେବ ନୂଆ ଅଧ୍ୟାୟ

ୱାଶିଂଟନ/ନୂଆଦିଲ୍ଲୀ,୨୩।୨


ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ୍ ଓ ଫାଷ୍ଟ ଲେଡି ମେଲାନିଆ ଟ୍ରମ୍ପ୍ ।



ସ୍ୱାମୀ ଜାରେଡ୍ କୁଶନରଙ୍କ ସହ ଟ୍ରମ୍ପ୍ଙ୍କ ଝିଅ ଇଭାଙ୍କା।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଗୁଜରାଟର ଅହମଦାବାଦ ଆସୁଛନ୍ତି। ଟ୍ରମ୍ପ୍ଙ୍କ ସହ ତାଙ୍କ ସ୍ତ୍ରୀ ତଥା ଫାଷ୍ଟ ଲେଡି ମାଲେନିଆ, ଝିଅ ଇଭାଙ୍କା ଟ୍ରମ୍ପ୍ ଓ ଜ୍ୱାଇଁ ଜାରେଡ୍ କୁଶନର ମଧ୍ୟ ଆସୁଛନ୍ତି। ଟ୍ରମ୍ପ୍ ଦମ୍ପତି ଓ ଆମେରିକାର ଏକ ବିଶିଷ୍ଟ ପ୍ରତିନିଧି ଦଳ ରବିବାର ହ୍ୱାଇଟ୍ ହାଉସ୍ ଛାଡ଼ି ଏକ ସ୍ୱତନ୍ତ୍ର ବିମାନରେ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ଜର୍ମାନୀରେ କିଛି ସମୟ ବିତାଇବା ପରେ ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଯାତ୍ରା କରିବେ। ଟ୍ରମ୍ପ୍ ପରିବାରର ଏହି ଗସ୍ତ ଭାରତ-ଆମେରିକା ସମ୍ପର୍କରେ ନୂଆ ଅଧ୍ୟାୟ ସୃଷ୍ଟି କରିବବୋଲି କୂଟନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଟ୍ରମ୍ପ୍ ପରିବାରକୁ ସ୍ୱାଗତ କରିବା ପାଇଁ ଅହମଦାବାଦରେ ବ୍ୟାପକ ଆୟୋଜନ କରାଯାଇଛି। ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିବାବେଳେ ଟ୍ରମ୍ପ୍ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ବିମାନବନ୍ଦରକୁ ସ୍ୱାଗତ କରିବାକୁ ଯିବେ। ଟ୍ରମ୍ପ୍ ପରିବାର ପ୍ରଥମେ ସାବରମତୀ ଆଶ୍ରମ ପରିଦର୍ଶନ କରିବେ। ସ୍ୱାଧୀନତା ସଂଗ୍ରାମ ବେଳେ (୧୯୧୭-୧୯୩୦) ମହାତ୍ମା ଗାନ୍ଧୀଙ୍କ ସାଧନା ଭୂଇଁ ପାଲଟିଥିବା ଏହି ଆଶ୍ରମରେ କିଛି ସମୟ ବିତାଇବା ପରେ ଟ୍ରମ୍ପ୍ ପରିବାର ମୋଟେରା ଷ୍ଟାଡ଼ିୟମକୁ ଯିବେ। ସେଠାରେ 'ହାଓ୍ୱଡି ମୋଦି' ଭଳି

### ଭାରତ ଅଭିମୁଖେ ଆମେରିକା ରାଷ୍ଟ୍ରପତି

'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅପରାହ୍ନ ୧ଟା ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟ୍ରମ୍ପ୍ ୧ ଲକ୍ଷ ଲୋକଙ୍କୁ ସମ୍ବୋଧନ କରିବେ। ଟ୍ରମ୍ପ୍ଙ୍କ ସହ ଆମେରିକୀୟ ପ୍ରତିନିଧି ଦଳରେ ଟ୍ରେଜେରି ସେକ୍ରେଟାରି ଷ୍ଟିଭେନ୍ ମୁଚିନ, କମର୍ସ ସେକ୍ରେଟାରି ୱିଲବର ରୋସ୍, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ରବର୍ଟ ଓ'ବ୍ରିଏନ୍ ଏବଂ ଶକ୍ତି ସଚିବ ଡାନ୍ ବ୍ରୋଉଲିଏଟେ ମଧ୍ୟ ଆସୁଛନ୍ତି। ରାଷ୍ଟ୍ରପତି, ଟ୍ରମ୍ପ୍ ପରିବାର ଓ ପ୍ରଶାସନ ଭାରତରେ ୩୬ ଘଣ୍ଟା ବିତାଇବା ପରେ ଆମେରିକା ଫେରିଯିବେ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ଆସନ୍ତା ନଭେମ୍ବରରେ ହେବ। ଟ୍ରମ୍ପ୍ ପୁନର୍ବାର ରାଷ୍ଟ୍ରପତି ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଆମେରିକାରେ ଥିବା ଭାରତୀୟ ଭୋଟର ବିଶେଷକରି ଗୁଜରାଟୀ ମତଦାତାଙ୍କୁ ପ୍ରଭାବିତ କରିବା ଲାଗି ତାଙ୍କ ଗସ୍ତ ବେଳେ ଉଦ୍ୟମ କରିବେ ବୋଲି କୁହାଯାଉଛି।


ନୂଆଦିଲ୍ଲୀର ରାଇସିନା ହିଲ୍ସ୍ଥିତ ରାଷ୍ଟ୍ରପତି ଭବନକୁ ଭାରତ ଓ ଆମେରିକାର ଜାତୀୟ ପତାକାରେ ସଜ୍ଜିତ କରାଯାଇଛି।

## ନମସ୍ତେ ଟ୍ରମ୍ପ୍

"ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ପ୍ରଥମ ଭାରତ ଗସ୍ତକୁ ନେଇ ଦେଶ ଆଶାବାଦୀ। ତାଙ୍କୁ ଆମ ଗହଣରେ ପାଇବା ଏକ ସମ୍ମାନର ବିଷୟ। ଅହମଦାବାଦରେ ଐତିହାସିକ କାର୍ଯ୍ୟକ୍ରମ ପାଇଁ ଟ୍ରମ୍ପ୍ଙ୍କୁ ସ୍ୱାଗତ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

"ଦୀର୍ଘଦିନ ପରେ ଭାରତ ଗସ୍ତ କରୁଛି। ପ୍ରଧାନମନ୍ତ୍ରୀ ମୋଦି ମୋର ଜଣେ ଭଲ ବନ୍ଧୁ । ଏବେ କୋଟି କୋଟି ଭାରତୀୟଙ୍କ ସହ ଏକ ନୂଆ ସମ୍ପର୍କ ପ୍ରତିଷ୍ଠା ପାଇଁ ପ୍ରତିଶ୍ରୁତିବଦ୍ଧ।

–ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି

# ମୋଦିଙ୍କୁ କଂଗ୍ରେସର ୫ ପ୍ରଶ୍ନ

ନୂଆଦିଲ୍ଲୀ,୨୩।୨




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କ ଭାରତ ଗସ୍ତକୁ ନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ୫ଟି ପ୍ରଶ୍ନର ଉତ୍ତର ଚାହିଁଛି। ଭାରତ-ଆମେରିକା ବାଣିଜ୍ୟ, ଏଚ୍-୧ବି ଭିଜା, ଜାତୀୟ ନିରାପତ୍ତା, ତୈଳ ଦର ଏବଂ ଇସ୍ପାତ ରପ୍ତାନିକୁ ନେଇ ବରିଷ୍ଠ କଂଗ୍ରେସ ନେତା ରଣଦୀପ୍ ସୁର୍ଜେଓ୍ୱାଲା ନିମ୍ନୋକ୍ତ ପ୍ରଶ୍ନ ପଚାରିଛନ୍ତି।

**୧.** ଟ୍ରମ୍ପ୍ ପ୍ରଶାସନ ଭିଜା ନୀତିରେ କଟକଣା ଲଗାଇବାରୁ ଭାରତୀୟଙ୍କୁ ୮୫୦୦୦ ଏଚ୍-୧ବି ଭିଜାର ୭୦ ପ୍ରତିଶତ ମିଳୁଛି। ଆଇଟି ପେସାଦାରଙ୍କ କ୍ଷେତ୍ରରେ ଭାରତ ପାଇଁ ଖାରଜ ହାର ୨୦୧୫ରେ ୬ % ଥିବାବେଳେ ତାହା ୨୪ %କୁ ବଢ଼ିଛି। ଭିଜା ନୀତି କୋହଳ କରିବା ପାଇଁ ଟ୍ରମ୍ପ୍ଙ୍କୁ ମୋଦି କହିବେ କି?

**୨.** ଟ୍ରମ୍ପ୍ ପ୍ରଶାସନ ୨୯ରେ ତାଲିବାନ ସହ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି। ଆତଙ୍କବାଦୀ ମାସୁଦ ଆଝାରଙ୍କ ମୁକ୍ତି ପାଇଁ ଭାରତୀୟ ବିମାନକୁ କାନ୍ଦାହାର ଅପହରଣ, ପାର୍ଲାମେଣ୍ଟ ଓ ପୁଲ୍ୱାମା ଆକ୍ରମଣ ଆଦିକୁ ଭୁଲିଯିବା ଉଚିତ ନୁହେଁ। ଭାରତର ସୁରକ୍ଷା ପ୍ରସଙ୍ଗ ମୋଦି ଆମେରିକା ରାଷ୍ଟ୍ରପତିଙ୍କ ପାଖରେ ଉଠାଇବେ କି?

**୩.** ଆମେରିକାରେ ଭାରତର ୫.୬ ବିଲିୟନ ଡଲାର ମୂଲ୍ୟର ରପ୍ତାନି ସାମଗ୍ରୀ ପାଇଁ ଶୁଳ୍କମୁକ୍ତ ପ୍ରବେଶ ଅନୁମତି ମିଳିବ କି? ପୂର୍ବରୁ ଥିବା ଏହି ସୁବିଧାକୁ ଟ୍ରମ୍ପ୍ ପ୍ରଶାସନ ଗତବର୍ଷ ଜୁନ୍ରେ ଉଠାଇଦେଇଥିଲା।

**୪.** ଇରାନର ତେଲ ବିକ୍ରି ଉପରେ ଆମେରିକା କଟକଣା ଲଗାଇଥିବାରୁ ଭାରତ ପାଇଁ ମୋଦି ଶସ୍ତାରେ ତେଲ ଆଣିବାକୁ ସକ୍ଷମ ହେବେ କି?

**୫.** ଭାରତ ଆମେରିକାକୁ ୭୬୧ ନିୟୁତ ଡଲାର ମୂଲ୍ୟର ଇସ୍ପାତ ରପ୍ତାନି କରୁଥିଲା। ଟ୍ରମ୍ପ୍ ସରକାର ଆମଦାନି ଶୁଳ୍କ ୨୫ ପ୍ରତିଶତ ବଢ଼ାଇବାରୁ ଇସ୍ପାତ ରପ୍ତାନି ୫୦ ପ୍ରତିଶତ ହ୍ରାସ ପାଇଛି। ଇସ୍ପାତ ରପ୍ତାନି ବଢ଼ାଇବା ଦିଗରେ ଟ୍ରମ୍ପ୍ଙ୍କ ସହ ମୋଦି ଆଲୋଚନା କରିବେ କି?


## ୬୦ ବର୍ଷରେ ଆସିଛନ୍ତି ୬ ରାଷ୍ଟ୍ରପତି


**ଡ୍ୱିଟ୍ ଡି. ଐସେନୋୟର:** ଭାରତ ଗସ୍ତରେ ଆସିବାରେ ଡ୍ୱିଟ୍ ଡି. ଐସେନୋୟର ଆମେରିକାର ପ୍ରଥମ ରାଷ୍ଟ୍ରପତି। ୧୯୫୯ ଡିସେମ୍ବର ୯ରେ ଦିଲ୍ଲୀରେ ପହଞ୍ଚିବାବେଳେ ତାଙ୍କୁ ୨୧ ତୋପ ସଲାମୀ ଦିଆଯାଇଥିଲା। ସେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ସହ ଆଲୋଚନା କରିବା ସହ ରାମଲୀଳା ମଇଦାନରେ ସାଧାରଣ ସଭା ଏବଂ ପାର୍ଲାମେଣ୍ଟରେ ଉଦ୍ବୋଧନ ଦେଇଥିଲେ।


**ରିଚାର୍ଡ ନିକ୍ସନ:** ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ୧୯୬୯ ଜୁଲାଇ ୩୧ରେ ଭାରତ ଗସ୍ତରେ ଆସିଥିଲେ ରିଚାର୍ଡ ନିକ୍ସନ। ତାଙ୍କ ଗସ୍ତର ସେପରି ପ୍ରଭାବ ନ ଥିଲା। ୧୯୭୧ ବାଂଲାଦେଶ ଯୁଦ୍ଧବେଳେ ସେ ପାକିସ୍ତାନ ପକ୍ଷ ନେଇଥିଲେ।


**ଜିମ୍ମି କାର୍ଟର:** ମୋରାରଜୀ ଦେଶାଇ ସରକାର କ୍ଷମତାକୁ ଆସିବା ପରେ ୧୯୭୮ ଜାନୁୟାରୀ ୧ରେ ଆମେରିକା ରାଷ୍ଟ୍ରପତି ଜିମ୍ମି କାର୍ଟର ଭାରତ ଗସ୍ତରେ ଆସି ପାର୍ଲାମେଣ୍ଟରେ ଉଦ୍ବୋଧନ ଦେଇଥିଲେ। ବାଂଲାଦେଶ ଯୁଦ୍ଧ, ୧୯୭୪ ପୋଖରାନ ଆଣବିକ ପରୀକ୍ଷା ପରେ ଭାରତ ସହ ହ୍ରାସ ପାଇଥିବା ସମ୍ପର୍କ ବଢ଼ାଇବା ତାଙ୍କ ଗସ୍ତର ଉଦ୍ଦେଶ୍ୟ ଥିଲା।


**ବିଲ୍ କ୍ଲିଣ୍ଟନ:** ଦୁଇଦଶନ୍ଧି ବ୍ୟବଧାନରେ ୨୦୦୦ ମାର୍ଚ୍ଚ ୧୯ରେ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଭାରତ ଗସ୍ତରେ ଆସିଥିଲେ। ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ କ୍ଲିଣ୍ଟନଙ୍କ ଏହି ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ନୂଆ ମୋଡ଼ ଦେଇଥିଲା। ସେ ୬ ଦିନ ରହି ଦିଲ୍ଲୀ ସମେତ ଆଗ୍ରା, ଜୟପୁର, ହାଇଦ୍ରାବାଦ, ମୁମ୍ବାଇର ପର୍ଯ୍ୟଟନ ସ୍ଥଳୀ ବୁଲିଥିଲେ।


**ଜର୍ଜ ଡବ୍ଲୁ ବୁଶ୍:** ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ୨୦୦୬ ମାର୍ଚ୍ଚ ୧ରେ ଜର୍ଜ ଡବ୍ଲୁ ବୁଶ୍ ଓ ତାଙ୍କ ସ୍ତ୍ରୀ ଲାଉରା ଭାରତ ଗସ୍ତରେ ଆସିଥିଲେ। ଦୁଇଦେଶ ମଧ୍ୟରେ ଆଣବିକ ଚୁକ୍ତି ଚୂଡାନ୍ତ ହୋଇଥିବାରୁ ବୁଶଙ୍କ ଏହି ଗସ୍ତ ସ୍ମରଣୀୟ।


**ବାରାକ ଓବାମା:** ୨୦୧୦ ନଭେମ୍ବର ୬ରେ ଆମେରିକା ରାଷ୍ଟ୍ରପତି ବାରାକ ଓବାମା ଭାରତ ଗସ୍ତରେ ଆସି ମୁମ୍ବାଇରେ ପହଞ୍ଚିଥିଲେ। ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ଓ ୨୬/୧୧ ମୁମ୍ବାଇ ଆକ୍ରମଣର କ୍ଷତିଗ୍ରସ୍ତଙ୍କୁ ସମବେଦନା ଜଣାଇବା ଏହି ଗସ୍ତର ଉଦ୍ଦେଶ୍ୟ ଥିଲା। ତାଙ୍କ ସହ ଫାଷ୍ଟ ଲେଡି ମିଚେଲ ଓବାମା ଆସିଥିଲେ। ଓବାମା ୨୦୧୫ ଜାନୁୟାରୀ ୨୪ରେ ଦ୍ୱିତୀୟ ଥର ପାଇଁ ଆସିଥିଲେ। ଦୁଇଥର ଭାରତ ଆସିବାରେ ସେ ଥିଲେ ଆମେରିକାର ପ୍ରଥମ ରାଷ୍ଟ୍ରପତି। ସେ ଭାରତରସାଧାରଣତନ୍ତ୍ରଦିବସରେମୁଖ୍ୟଅତିଥିହୋଇଥିଲେ।ରାଷ୍ଟ୍ରପତିପ୍ରଣବମୁଖାର୍ଜୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଜୈବ ବିବିଧତାର ସୁରକ୍ଷା ଲାଗି ଆହ୍ୱାନ

ନୂଆଦିଲ୍ଲୀ,୨୩।୨(ପି.ଟି.)

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍' ରେଡିଓ କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେଇ ଭାରତର ଜୈବ ବିବିଧତା ସମଗ୍ର ମାନବଜାତି ପାଇଁ ଅନନ୍ୟ ସମ୍ପଦ ବୋଲି କହିବା ସହ ଏହାର ସୁରକ୍ଷା ଓ ସଂରକ୍ଷଣ ଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ତାମିଲ କବି ଅଭାୟାରଙ୍କ ପଙ୍କ୍ତିକୁ ମନେ ପକାଇ ମୋଦି କହିଥିଲେ, ଆମେ ଯାହା ଜାଣିଛେ ତାହା ମୁଠାଏ ବାଲି ସଦୃଶ ଏବଂ ଯାହା ଜାଣିନାହୁଁ ତାହା ବିଶ୍ୱବ୍ରହ୍ମାଣ୍ଡ ଭଳି ବିଶାଳ। ଯେତେ ଆମେ ଅଧିକ ଜାଣିବା, ଆମର ଅଜ୍ଞତା ସେତେ ଅଧିକ ଆମେ ଜାଣିପାରିବା। ଠିକ୍ ସେହିପରି ଆମ ଦେଶର ଜୈବ ବିବିଧତା। ଆମକୁ ଏହାର ସଂରକ୍ଷଣ ଓ ସୁରକ୍ଷା କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଲକ୍ଷ୍ୟ ହାସଲ କ୍ଷେତ୍ରରେ ବୟସ ଓ ଶାରୀରିକ ଅକ୍ଷମତା ବାଧକ ହୋଇପାରିବ ନାହିଁ। ଏହାର ଉଦାହରଣ ଦେବାକୁ ଯାଇ ପ୍ରଧାନମନ୍ତ୍ରୀ କେରଳର ୧୦୫ ବର୍ଷୀୟା ମହିଳା 'ଲେବଲ୍ ୪' ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓ ୧୨ ବର୍ଷର ଝିଅ ଦକ୍ଷିଣ ଆମେରିକାର ୭୦୦୦ ମିଟର ଉଚ୍ଚ ଆକୋନ୍କାଗୁଆ ପର୍ବତ ଶୃଙ୍ଗ ଆରୋହଣ କରିଥିବା କହିଥିଲେ। ସେହିପରି ଉତ୍ତରପ୍ରଦେଶରେ ଜଣେ ଦିବ୍ୟାଙ୍ଗ ଯୁବକ ନିଜର ଚପଲ କାରଖାନା ଚଳାଉଛନ୍ତି। ଆମେ ଜୀବନରେ ପ୍ରଗତି କରିବାକୁ ଚାହିଁଲେ ନିଜକୁ ବିକଶିତ କରିପାରିବା। ଜୀବନରେ କିଛି ହାସଲ କରିବାକୁ ହେଲେ ଆମ ଭିତରେ ଥିବା ଛାତ୍ର ମାନସିକତା କଦାପି ମରିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆଜିର ମହିଳା ସଫଳତାର ଶୀର୍ଷରେ ପହଞ୍ଚିଲେଣି। ଏଥିପାଇଁ ଫିଟ୍ନେସ୍ ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଇଥିଲେ। ନିଜକୁ ଫିଟ୍ ରଖିବା ପାଇଁ ଦୁଃସାହସିକ କାର୍ଯ୍ୟରେ ସାମିଲ ହେବାକୁ ସେ ପରାମର୍ଶ ଦେଇଥିଲେ।

## ଇତିହାସର ଆଇନାରେ

### ଫେବୃୟାରୀ ୨୪ର ପ୍ରମୁଖ ଘଟଣା

୧୯୪୮ ଫେବୃୟାରୀ ୨୪ରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍କେ ସାଧାରଣ ସମ୍ପାଦିକା ଜେ. ଜୟଲଳିଥାଙ୍କର ଜନ୍ମ ହୋଇଥିଲା। ଅଭିନେତ୍ରୀରୁ ରାଜନେତ୍ରୀ ହୋଇଥିବା ଜୟଲଳିଥା ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ।

୨୦୦୮ ଫେବୃୟାରୀ ୨୪ରେ ଫିଡେଲ୍ କାଷ୍ଟ୍ରୋ କ୍ୟୁବା ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ସେ ୩୨ ବର୍ଷ କ୍ୟୁବାକୁ ଶାସନ କରିଥିଲେ। ଏହା ପରେ ସେ ପୁଣି ୩ ବର୍ଷ କମ୍ୟୁନିଷ୍ଟ ପାର୍ଟି ମୁଖ୍ୟ ହୋଇ ରହିଥିଲେ।

# ଗ୍ୟାଙ୍ଗଷ୍ଟର ରବି ପୂଜାରୀ ଗିରଫ

**ବେଙ୍ଗାଲୁରୁ,୨୩।୨(ପି.ଟି.):** ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ରବି ପୂଜାରୀଙ୍କୁ ଦକ୍ଷିଣ ଆଫ୍ରିକାରେ ଗିରଫ କରାଯିବା ପରେ ଭାରତ ଅଣାଯାଉଛି। ଗ୍ୟାଙ୍ଗଷ୍ଟରଙ୍କୁ ଆଣିବା ପାଇଁ କର୍ନାଟକର ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କର ଏକ ଟିମ୍ ଯାଇଥିଲା। ଦେଶର ବିଭିନ୍ନ ଅଞ୍ଚଳରେ ହତ୍ୟା, ବଳପୂର୍ବକ ଚାନ୍ଦା ଆଦାୟ ଭଳି ୨୦୦ରୁ ଊର୍ଦ୍ଧ୍ୱ ଅପରାଧ ମାମଲାରେ ସମ୍ପୃକ୍ତ ରବି ପୋଲିସ୍ର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ସେ ୧୫ବର୍ଷ ହେଲା ଫେରାର ଥିଲେ।

### ଦକ୍ଷିଣ ଆଫ୍ରିକାରୁ ଆଣୁଛି କର୍ନାଟକ ପୋଲିସ

# କମ୍ ବିକ୍ରି, ସରକାରଙ୍କୁ ଦେବେ ଅଧିକ

ଯୋଡ଼ା,୨୩।୨(ଡି.ଏନ୍.ଏ.)

ରାଜ୍ୟର ବିଭିନ୍ନ ଖଣି ମଣ୍ଡଳରେ ଥିବା ୧୯ଟି ଖଣିର ନିଲାମ ପ୍ରକ୍ରିୟା ଜାରି ରହିଛି। ଯୋଡ଼ା ଖଣି ମଣ୍ଡଳରେ ଥିବା ଲୁହାପଥର ଓ ମାଙ୍ଗାନିଜ୍ ପଥର ଖଣିଗୁଡ଼ିକର ନିଲାମରେ ସର୍ବାଧିକ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଅନେକ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ଖଣି କମ୍ପାନୀ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ନିଲାମ ଡାକ ୧୦୦ ପ୍ରତିଶତଠାରୁ ବହୁ ଗୁଣା ଅଧିକ ମୂଲ୍ୟ ଦେଇ ଖଣି ହାତେଇଛନ୍ତି। ଏପରି କି କିଛି କମ୍ପାନୀ ସର୍ବାଧିକ ୧୫୦ପ୍ରତିଶତରୁ ଊର୍ଦ୍ଧ୍ୱ ଡାକ ଦେଇ ଖଣି ହାତେଇଥିବା ଜଣାପଡ଼ିଛି। କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ସିଲ୍‌ଜୋଡ଼ା କାଲିମାଟି ଲୁହାପଥର ଓ ମାଙ୍ଗାନିଜ ଖଣି ସର୍ବାଧିକ ୧୫୪ ପ୍ରତିଶତରେ ନିଲାମ ହୋଇଛି।

ପ୍ରକାଶ ଯେ, ୨୦୨୦ ମାର୍ଚ୍ଚ ୩୧ରେ ଲିଜ୍ ଅବଧି ଶେଷ ହେଉଥିବା ୧୯ଟି ଖଣିର ନିଲାମ ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ସହିତ ଅନୁବନ୍ଧିତ କେନ୍ଦ୍ର ସରକାରଙ୍କ ଏମ୍ଏସ୍‌ଟିସି (ମେଟାଲ ସ୍କ୍ରାପ୍ ଟ୍ରେଡ୍ କର୍ପୋରେଶନ ଲିମିଟେଡ୍) ଅନ୍‌ଲାଇନ୍ ମାଧ୍ୟମରେ ନିୟନ୍ତ୍ରଣ କରୁଛି। ଗତ ମାସ ୩୧ଠାରୁ ଆରମ୍ଭ ହୋଇ ଚଳିତ ୧୮ତାରିଖରେ ଶେଷହୋଇଥିବା ନିଲାମ ଡାକରାରେ କିଛି ଖଣି କମ୍ପାନୀ ଏକାଧିକ ଖଣି ହାତେଇଥିବାବେଳେ ଅନ୍ୟକିଛି ବଡ଼ କମ୍ପାନୀ ମଧ୍ୟ ନିରାଶ ହୋଇଛନ୍ତି। ଏଠାରେ ପ୍ରଶ୍ନଉଠେ

ଖଣି ନିଲାମ



ଯେ, ଖଣିଜ ପଦାର୍ଥକୁ ବ୍ୟବସାୟୀମାନେ ୧୦୦ଟଙ୍କାରେ ବିକି ସରକାରଙ୍କୁ କିପରି ୧୫୦ଟଙ୍କା ରାଜସ୍ୱ ଦେବେ। ନିଲାମ ପ୍ରକ୍ରିୟାବେଳେ ସରକାରଙ୍କ ଦ୍ୱାରା କରାଯାଇଥିବା ନିୟମ ଅନୁଯାୟୀ ଯେଉଁ ଖଣି କମ୍ପାନୀ ସଫଳତା ହାସଲ କରିଥିବେ ସେମାନେ ସରକାରଙ୍କୁ ଶତକଡ଼ା ୧୦ପ୍ରତିଶତ ଅପ୍ ଫ୍ରଣ୍ଟ ପେମେଣ୍ଟ ଦାଖଲ କରିବା ପରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଲେଟର ଅଫ୍ ଇଣ୍ଟେଣ୍ଟ ଦିଆଯିବ। ଏହା ମିଳିବା ପରେ ଖଣି ଲିଜ୍‌ଧାରୀମାନେ ୯୦ଦିନ ମଧ୍ୟରେ ଖଣି ଚାଲୁ କରିବା ପାଇଁ ଆନୁଷଙ୍ଗିକ ବୈଧାନିକ ଅନୁମୋଦନ (ଷ୍ଟାଚ୍ୟୁଟାରୀ କ୍ଲିୟରାନ୍ସ) ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିବେ। ୨ବର୍ଷ ମଧ୍ୟରେ ପୁରୁଣା ଲିଜ୍‌ଧାରୀଙ୍କଠାରୁ ନୂଆ ଲିଜ୍‌ଧାରୀଙ୍କ ନାମ ପରିବର୍ତ୍ତନ କରିବା ପାଇଁ ସମୟସୀମା ରହିଥିବାରୁ ଏହି ସମୟ ମଧ୍ୟରେ ନୂଆ ଲିଜ୍‌ଧାରୀଙ୍କୁ ଏକ ଲିଜ୍ ଡିଡ୍ ଏକ୍‌ଜିକ୍ୟୁଶନ କରି ଖଣି କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ। ଏଥିସହିତ ଖଣି ବ୍ୟବସାୟୀଙ୍କୁ ମିଳିଥିବା ପରିବେଶୀୟ ଅନୁମୋଦନ ଅନୁଯାୟୀ ଧାର୍ଯ୍ୟ ଉତ୍ତୋଳନ କ୍ଷମତାର ଶତକଡ଼ା ୮୦ପ୍ରତିଶତ ଖଣିଜ ଉତ୍ତୋଳନ କରିବାର ବାଧ୍ୟତାମୂଳକ ରହିଛି। ଏହା କରି ନ ପାରିଲେ ସରକାରଙ୍କ ପକ୍ଷରୁ ଖଣି ଲିଜ୍‌ଧାରୀଙ୍କୁ ଜରିମାନା ପଇଠ କରିବାର ନିୟମ ରହିଛି। ତେବେ ଏପରି ବ୍ୟୟବହୁଳ ଖଣି ବ୍ୟବସାୟକୁ ହାତେଇଥିବା ଖଣି ବ୍ୟବସାୟୀମାନେ ସରକାରଙ୍କ ଉକ୍ତ ନିୟମକୁ ପାଳନ କରି ଖଣି ଚଳାଇବା ଏକପ୍ରକାର କଷ୍ଟକର ବ୍ୟବସାୟ ହେବ। ତେଣୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁବନ୍ଧିତ ଏମ୍ଏସ୍‌ଟିସି ନିଲାମ ପ୍ରକ୍ରିୟା ପୂର୍ବରୁ ନିଲାମର ସର୍ବାଧିକ ଡାକ ମୂଲ୍ୟ ଧାର୍ଯ୍ୟ କରିବା ଉଚିତ୍ ଥିଲା ବୋଲି ଖଣି ବିଶାରଦମାନେ ମତ ଦେଉଛନ୍ତି। ଯଦି ଖଣି ହାତେଇଥିବା କମ୍ପାନୀଗୁଡ଼ିକ ଖଣିଜ ପଦାର୍ଥକୁ ନିଜ କାରଖାନାରେ ବ୍ୟବହାର କରିବେ ସେହିମାନେ ନିଲାମ ପ୍ରକ୍ରିୟାରେ ସରକାରଙ୍କୁ ଡାକ ଦେଇଥିବା ମୂଲ୍ୟକୁ କିଛିକାଂଶରେ ଦେଇପାରିବେ ଏବଂ ସମନ୍ୱିତ ଇସ୍ପାତ କାରଖାନା(ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ) ଥିବା କମ୍ପାନୀଗୁଡ଼ିକ କିଛିକାଂଶରେ ସମର୍ଥ ହେବେ। ଅନ୍ୟପକ୍ଷରେ ଯେଉଁ ଖଣିଲିଜ୍‌ଧାରୀମାନେ କେବଳ ଉତ୍ତୋଳିତ ଖଣିଜକୁ ବିକ୍ରି କରିବା ଲକ୍ଷ୍ୟ ରଖିବେ ସେମାନେ ସରକାରଙ୍କୁ ଡାକ ଦେଇଥିବା ମୂଲ୍ୟକୁ ପଇଠ କରିବା ପାଇଁ ଅସମର୍ଥ ହେବାର ଆଶଙ୍କା ଯଥେଷ୍ଟ ରହିଛି ବୋଲି ଖଣି ବିଶାରଦମାନେ କହିଛନ୍ତି। ଏପରି କି ବର୍ଦ୍ଧିତ ନିଲାମ ମୂଲ୍ୟ ନ ଦେଇପାରିଲେ ଲିଜ୍‌ଧାରୀମାନେ ବିଭିନ୍ନ ପ୍ରକାରର ଅସାଧୁ ଉପାୟ ଅବଲମ୍ବନ କରି ରାଜସ୍ୱ ପ୍ରଦାନରେ ବିଭିନ୍ନ କୌଶଳ କରି ଠକିବାର ସମ୍ଭାବନା ରହିଛି। ଫଳରେ ଆଉ ଏକ ଖଣି ଦୁର୍ନୀତି ମୁଣ୍ଡ ଟେକିବ ବୋଲି ଏବେଠୁ ଜଳଜଳ ହୋଇ ଦିଶିଲାଣି।

### ୧୫୦% ଡାକ କ'ଣ

ନିକଟରେ କିଛି କମ୍ପାନୀ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଶତ ଡାକ ଦେଇ ଖଣି ହାତେଇଛନ୍ତି। ଏପରି କି ୧୫୪ ପ୍ରତିଶତ ପଇଠ କରିବାର ମଧ୍ୟ ଡାକ ଦିଆଯାଇଛି। ନିୟମ ଅନୁସାରେ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଲୁହା ପଥର ବିକ୍ରି ପାଇଁ ଯେଉଁ ମୂଲ୍ୟ ଧାର୍ଯ୍ୟ କରିଥାଏ, ସେହି ଅନୁସାରେ ଖଣି କମ୍ପାନୀଗୁଡ଼ିକ ଲୁହାପଥର ବିକ୍ରି କରିଥାନ୍ତି। ମାତ୍ର ଏବେ ଶତପ୍ରତିଶତରୁ ଊର୍ଦ୍ଧ୍ୱ ଡାକରେ ନେଇଥିବା ଖଣି କମ୍ପାନୀଗୁଡ଼କ ଲୁହାପଥର ବିକ୍ରି ମୂଲ୍ୟ ଠାରୁ ଅଧିକ ଅର୍ଥ ସରକାରଙ୍କୁ ପଇଠ କରିବେ। ଉଦାହରଣ ସ୍ୱରୂପ ବର୍ତ୍ତମାନ ଉନ୍ନତମାନର ଲୁହାପଥରର ମୂଲ୍ୟ ଟନ୍ ପିଛା ୫ହଜାର ଟଙ୍କା ରହିଛି। ଯେଉଁ ଖଣି କମ୍ପାନୀ ୧୫୦ପ୍ରତିଶତରେ ଖଣି ନିଲାମ ନେଇଛି, ସେ ଟନ୍ ପିଛା ୭,୫୦୦ଟଙ୍କା ସରକାରଙ୍କ ନିକଟରେ ପଇଠ କରିବ। ଏପରି କି ଯେଉଁ କମ୍ପାନୀ ୧୨୦%ରେ ଖଣି ହାତେଇଛନ୍ତି ସେମାନେ ୫ହଜାରରେ ବିକି ୬ହଜାର ଟଙ୍କା ସରକାରଙ୍କୁ ଦେବେ।

# ଶାରୀଶୁଆ ପଥର ଖଣିରେ ଏସ୍‌ଟିଏଫ୍ ଚଢ଼ାଉ

ଖଇରା, ୨୩।୨ / ଭୁବନେଶ୍ୱର,(ବ୍ୟୁରୋ)

### ଧରାପଡ଼ିଲା ମାଫିଆ-ନେତା-ଅଧିକାରୀଙ୍କ ମଧୁଚନ୍ଦ୍ରିକା

- ୫ ଗିରଫ, ୩ ଗାଡ଼ି ଜବତ
- ପାହାଡ଼ରେ ଲୁଚିଗଲେ ଖଣିମାଫିଆ
- ୧୪୪ ଧାରା ଲାଗୁ ସତ୍ତ୍ୱେ ଚାଲିଥିଲା ବେଆଇନ ଖନନ

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ରୋକ୍ ପରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଥିଲା। ଏହାସତ୍ତ୍ୱେ ବାଲେଶ୍ୱର ଜିଲା ଖଇରା ତହସିଲ୍ ଅଧୀନ ଶାରୀଶୁଆ ପାହାଡ଼ରେ ଥିବା ଏକାଧିକ ପଥର ଖଣିରେ ଚାଲିଥିଲା ବେଆଇନ ଖନନ। ପ୍ରଶାସନିକ ଅଧିକାରୀମାନେ ଚେଇଁ ଶୋଇଥିବାବେଳେ ନେତାଙ୍କ ଛତ୍ରଛାୟା ତଳେ ରହି ପାହାଡ଼ରେ ବିସ୍ଫୋରଣ କରି ଦିନରାତି ତାଡ଼ି ଚାଲିଥିଲେ ମାଫିଆ। ଏନେଇ ଖବର ପାଇବା ପରେ ରବିବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଉକ୍ତ ପାହାଡ଼ର ୭୭ ନମ୍ବର ଖଣିରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିବା ସହ ପଥର ଚାଲାଣରେ ବ୍ୟବହୃତ ୩ ଗାଡ଼ି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଇଥଗଡ଼ିଆ ଗ୍ରାମର ଟ୍ରାକ୍ଟର ମାଲିକ ବାସୁଦେବ ରାଉତ, ବାବୁରାମ ଜେନା ଏବଂ ଡ୍ରାଇଭର ଜୟନ୍ତ ଜେନା, ଭାଗୀରଥି ସୋରେନ ଓ ଚୁନା ଜେନା। ଏନେଇ ଏସ୍‌ଟିଏଫ୍ କେସ୍ ନଂ.୪୧/୨୦ ଦଫା ୪୪୭, ୩୭୯, ୫୧୧, ୧୨୦(ବି)/୩୪ ଲଗାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଚଢ଼ାଉ ଦେଖି ଖଣି ମାଫିଆମାନେ ପାହାଡ଼ରେ ଲୁଚି ଯାଇଛନ୍ତି। ସେମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଶାରୀଶୁଆ ପାହାଡ଼ରେ ଖଣି ମାଫିଆମାନେ ବିସ୍ଫୋରଣ କରିବା ପରେ ଜେସିବି ଓ ଟ୍ରାକ୍ଟର ସହାୟତାରେ ପଥର ଖନନ କରି ଚାଲାଣ କରିଥାନ୍ତି। ବିସ୍ଫୋରଣ ଯୋଗୁ ଆଖପାଖରେ ଥିବା ଘର ଫାଟିଯିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏନେଇ ତହସିଲ୍‌ଠାରୁ ଜିଲା ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ଖଣି ନିଲାମ ନେଇଥିବା କହି ନାଲିଆଖି ଦେଖାଇ ଖଣି ମାଫିଆମାନେ ଖୋଳି ଚାଲିଥିଲେ। ଶେଷରେ ୯୭ ଖଣି ବେଆଇନ ଭାବେ ନିଲାମ ଦିଆଯାଇଥିବା ନେଇ ୨ ସ୍ୱେଚ୍ଛାସେବୀ ସଂଗଠନ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ହାତୀ ଚଲାପଥ ବାଧାପ୍ରାପ୍ତ ହେବା ସହ ପରିବେଶ ନଷ୍ଟ ହେଉଥିବାରୁ ବେଆଇନ ଖଣିକୁ ବନ୍ଦ କରିବାକୁ ଦାବି କରିଥିଲେ। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉକ୍ତ ଅନିୟମିତତାକୁ ହୃଦୟଙ୍ଗମ କରି ଖଣି ଖନନ ଉପରେ ରହିତାଦେଶ ଲଗାଇଥିଲେ। ଟ୍ରିବ୍ୟୁନାଲଙ୍କ ରାୟକୁ ସମ୍ମାନ ଦେବାକୁ ଯାଇ ପ୍ରଶାସନ ସମସ୍ତ ଖଣିରେ ୧୪୪ ଧାରା ଲଗାଇଥିଲେ ସତ, କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ଥିଲା। ପୂର୍ବଭଳି ଖଣି ମାଫିଆମାନେ ସରକାରୀ ଅଧିକାରୀ, ପୋଲିସ ଓ ନେତାଙ୍କୁ ହାତଗୁଞ୍ଜା ଦେଇ ଖୁଲମ୍‌ଖୁଲା ଦୈନିକ ଟନ୍ ଟନ୍ ପଥର ଖନନ କରି ଚାଲାଣ କରୁଥିଲେ।

# ଆଜିଠୁ ଦୁଇଦିନ ବର୍ଷିବ

- ସୋମବାର ୨ ଜିଲାରେ ପ୍ରବଳ ବର୍ଷା
- ଦୁଇଦିନ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି

ଭୁବନେଶ୍ୱର, ୨୩।୨(ବ୍ୟୁରୋ)

ସୋମବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ସହ ଝଡ଼ତୋଫାନ ଓ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ୨୪ ଓ ୨୫ ତାରିଖରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ୨୬ରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର-ଉପକୂଳ ଓଡ଼ିଶା, ଖୋର୍ଦ୍ଧା, ପୁରୀ, ନୟାଗଡ଼, ବୌଦ୍ଧ, ସୋନପୁର ଆଦି ସ୍ଥାନରେ ବର୍ଷା ସହ ଝଡ଼ତୋଫାନ ହୋଇପାରେ। ତେବେ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶା, କଟକ, ସୋନପୁର ଓ ବୌଦ୍ଧରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ସ୍ଥାନରେ ପବନର ବେଗ ଘଣ୍ଟାକୁ ୩୦ରୁ ୪୦ କିଲୋମିଟର ରହିବ। ସେହିପରି ସୋମବାର ସମ୍ବଲପୁର ଓ ଦେବଗଡ଼ରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ମଙ୍ଗଳବାର ଉପକୂଳ ଓଡ଼ିଶା ଓ ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନ ଏବଂ ପଶ୍ଚିମ-ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ପୁରୀ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା ଓ ଯାଜପୁରରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ସେହିପରି ମଙ୍ଗଳବାର ଉପକୂଳ ଓଡ଼ିଶା, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ ଓ ବୌଦ୍ଧରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ ବୋଲି ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ସବୁ ସ୍ଥାନରେ ଘଣ୍ଟାକୁ ୩୦ରୁ ୪୦କିଲୋମିଟର ବେଗରେ ପବନ ବହିବ।

ଅନ୍ୟପଟେ ୨୬ ଓ ୨୭ତାରିଖ ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ୨୬ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ କେନ୍ଦୁଝରରେ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଦିନ ଉପକୂଳ ଓଡ଼ିଶା, ମୟୂରଭଞ୍ଜ ଓ ରାୟଗଡ଼ାରେ ସ୍ୱଳ୍ପ ପରିମାଣର ବର୍ଷା ହୋଇପାରେ। ୨୭ରେ ପାଗ ଶୁଖିଲା ରହିବ। ତେବେ ସେହିଦିନ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନ ସହିତ ସୁନ୍ଦରଗଡ଼, ଅନୁଗୋଳ ଓ ଢେଙ୍କାନାଳରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ଏନେଇ ଏହି ସବୁ ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାତ୍ରିର ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଅନ୍ୟପଟେ ଖରା ମଧ୍ୟ ଅସମ୍ଭାଳ କରୁଛି। ରବିବାର ୨୫ ସ୍ଥାନରେ ତାପମାତ୍ରା ୩୦ଡିଗ୍ରୀ ଉପରେ ରହିଥିବାବେଳେ ୯ ସ୍ଥାନରେ ପାରଦ ୩୩ ଡିଗ୍ରୀ ଟପିଛି। ରବିବାର ମାଲକାନଗିରିରେ ସର୍ବାଧିକ ୩୫.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଭୁବନେଶ୍ୱରରେ ୩୨.୮ ଡିଗ୍ରୀ ଥିବାବେଳେ କଟକରେ ୩୨ ଡିଗ୍ରୀ ତାପମାତ୍ରା ରହିଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ଫେବୃୟାରୀ, ୨୦୨୦

**କିଛି ତଥ୍ୟ**
ଚଳିତ ମାସ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାରରେ ୨୩,୧୦୨ କୋଟି ଟଙ୍କାର ନିବେଶ କରିଛନ୍ତି। – ରିଜର୍ଭ ବ୍ୟାଙ୍କ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ସଜଲ୍ ପରିବାରବର୍ଗ


ତନୁଶ୍ରୀ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ପିଲାଖେଳ...

### ମାସକରେ ୩ ବଡ଼ ଦୁର୍ଘଟଣା

ଗଞ୍ଜାମ ଜିଲାରେ ଏକ ମାସ ନ ପୂରୁଣୁ ୩ ବଡ଼ ଦୁର୍ଘଟଣା ଘଟିଯାଇଛି। ଗତ ଜାନୁୟାରୀ ୨୮ରେ ତପ୍ତପାଣି ଘାଟିରେ ବସ୍ ଓଲଟି ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଗତ ୯ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜପୁର ବସ୍ ଟ୍ରାଜେଡି ନେଇଥିଲା ୧୧ ଜୀବନ। ଏହିସବୁ ଦୁଃଖ ଲୋକଙ୍କ ମନରୁ ନ ଲିଭୁଣୁ ରବିବାର ୪ ଜଣ ଶିଶୁ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇବା କେବଳ ଅଞ୍ଚଳବାସୀଙ୍କୁ ନୁହେଁ, ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଦେଇଛି।

ଥିବା ଏକ ଅର୍ଦ୍ଧନିର୍ମିତ ଶୌଚାଳୟରେ ୪ ଜଣ ଶିଶୁ ଖେଳୁଥିଲେ। ସେଠାରେ ସେମାନେ ପାଳ ଜାଳି ମିଛିମିଛିକା ରୋଷେଇ କରୁଥିଲେ। ଏହି ସମୟରେ ହଠାତ୍ ନିଆଁ ହୁତୁହୁତୁ ହୋଇ ଜଳିଥିଲା। ସେଥିରୁ ରକ୍ଷା ପାଇବା ପାଇଁ ସମସ୍ତେ ବାହାରି ଆସିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁରେ ପଡ଼ି ଯାଇଥିଲେ। ଦେହ ପୋଡ଼ିଯିବାରୁ ୪ ଜଣ ଶିଶୁ ଚିତ୍କାର କରିବାକୁ ଲାଗିଲେ। ଏହା ଶୁଣି ନିକଟରେ ଥିବା ଗ୍ରାମର କେତେକ ଲୋକ ସେଠାରେ ପହଞ୍ଚି ସେମାନଙ୍କୁ ନିଆଁରୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସକୁ ଫୋନ୍ କରାଯିବା ପରେ ଅର୍ଦ୍ଧଦଗ୍ଧ ଶିଶୁମାନଙ୍କୁ ପ୍ରଥମେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ସି)ରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଏମ୍କେସିଜି ମେଡିକାଲକୁ ନିଆଯାଇଥିଲା। ପ୍ରତ୍ୟେକଙ୍କ ଶରୀରର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିବାରୁ ଏମ୍କେସିଜି ମେଡିକାଲ ନେବା ବାଟରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ତେବେ ଆଲୋକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ବୋଲି ଏମ୍କେସିଜି ମେଡିକାଲ ଅଧୀକ୍ଷକ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଥିଲେ। ହେଲେ କଟକ ବଡ଼ ମେଡିକାଲରେ ଆଲୋକ ଆଖି ବୁଜିଛନ୍ତି।

କୁନି ପିଲାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଖଇରଚଟା ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେମାନଙ୍କ ମାତାପିତା ଓ ଆତ୍ମୀୟ ସ୍ୱଜନଙ୍କ ବୁକୁଫଟା କ୍ରନ୍ଦନ ଗାଁକୁ ଶୋକରେ ବୁଡ଼ାଇ ଦେଇଛି। ସ୍ଥାନୀୟ ବିଧାୟକ ଶ୍ରୀକାନ୍ତ ସାହୁ, ଭାଜପା ନେତା ନିରଞ୍ଜନ ପ୍ରଧାନ, ସାମାଜିକ କର୍ମୀ ପ୍ରଭାକର ପଣ୍ଡା ପ୍ରମୁଖ ସେମାନଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରଙ୍କୁ ଆଶ୍ୱାସନା ଦେଇଛନ୍ତି।

## ଦନ୍ତା ନେଲା...

ସୂଚନାନୁଯାୟୀ, ଦନ୍ତାହାତୀଟି ଗତ କିଛିଦିନ ହେଲା ଖୋର୍ଦ୍ଧା ଅଞ୍ଚଳରୁ ଆସି କଣାସ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଶନିବାର ରାତିରେ ହାତୀଟି କଣାସରେ ଥିବା ଲୋକ ଦେଖିଥିବାବେଳେ ରବିବାର ଭୋର ସମୟରେ ଡେଲାଙ୍ଗ ହୋଇ ବଳଙ୍ଗା ପରେ ପିପିଲି ଅଞ୍ଚଳକୁ ପଶି ଆସିଥିଲା। ସକାଳ ପ୍ରାୟ ୬ଟାରେ ହାତୀଟି ପ୍ରଥମେ ଗୋପୀନାଥପୁର ଗ୍ରାମ ଗହିରକୁ ପ୍ରବେଶ କରିଥିଲା। ଏହି ସମୟରେ ଗ୍ରାମର ଯୁଗଳକିଶୋରଙ୍କ ସମେତ ବାବନ ପୃଷ୍ଟି (୬୦), ହାଡ଼ିବନ୍ଧୁ ସାହୁ (୪୦) ଭାର୍ଗବୀ ନଦୀପଠାକୁ ଶୌଚ ହେବା ପାଇଁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଗୋଡ଼େଇ ଗୋଡ଼େଇ କଚାଡ଼ି ଦେବାରୁ ଘଟଣାସ୍ଥଳରେ ଯୁଗଳ କିଶୋରଙ୍କ ମୃତ୍ୟୁ ହୋଇଥିଲା। କିନ୍ତୁ ଅଳ୍ପକେ ବର୍ତ୍ତିଯାଇଥିଲେ ବାବନ ଏବଂ ହାଡିବନ୍ଧୁ। ସେମାନେ ଆହତ ହୋଇଛନ୍ତି। ଏହାପରେ ହାତୀ ନଦୀ କୂଳେ କୂଳେ ଯାଇ ନିକଟସ୍ଥ ତେରହଳ ଗ୍ରାମର କେତେଜଣଙ୍କୁ ଗୋଡ଼େଇ ଥିଲା। ସମସ୍ତେ ଜୀବନ ବିକଳରେ ଦୌଡ଼ିଥିଲେ। ହେଲେ ଗ୍ରାମର ଛବି ଦେଇ(୪୭)ଙ୍କୁ ହାତୀ ଟେକି ଛେଚି ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଏହାପରେ ହାତୀ ଭାର୍ଗବୀ ନଦୀ ଅପରପାର୍ଶ୍ୱ କେନାଲ ବନ୍ଧ ନିକଟ ଚନ୍ଦ୍ରାଦେଈପୁର ଗ୍ରାମରେ ପଶିଥିଲା। ଗ୍ରାମର ମାଟିଘର ସାହିର ମକର ପଲେଇ (୭୨) ପନିପରିବା ତୋଳୁଥିବା ସମୟରେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ଫଳରେ ପେଟରୁ ଅନ୍ତବୁଜୁଳା ବାହାରି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ବଳିଆ ବେହେରା (୪୫)ଙ୍କୁ ଶୁଣ୍ଢରେ ବାଡ଼େଇ ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଗାଁଲୋକେ ହୋହଲ୍ଲା କରିବାରୁ ହାତୀଟି ନିକଟସ୍ଥ ପିପିଲି ଥାନା ଅଧୀନ ତଥା ସଂପୁର ପଞ୍ଚାୟତର ରାଜତେଇ ଗ୍ରାମକୁ ପଳାଇ ଯାଇଥିଲା। ସେଠାରେ ହାତୀଟି ଅଧିକ ଉଗ୍ର ହୋଇପଡ଼ିଥିଲା। ଏହି ସମୟରେ ଶୌଚ ପାଇଁ ଯାଇଥିବା ଚୈତନ୍ୟ ସାହୁ ହାତୀକୁ ଦେଖି ଏକ ନଡ଼ିଆ ଗଛ ଉପରକୁ ଚଢ଼ି ଯାଇଥିଲେ। କିନ୍ତୁ ହାତୀଟି ନଡ଼ିଆ ଗଛକୁ ଭାଙ୍ଗି ଚୈତନ୍ୟଙ୍କୁ କଚାଡ଼ି ମାରି ଦେଇଥିଲା। ଏହାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇପଡ଼ିବା ସହ ବନବିଭାଗକୁ ଦାୟୀ କରିଥିଲେ। ହାତୀ ଉପରେ ନଜର ରଖି ଲୋକଙ୍କୁ ସଚେତନ କରିଥିଲେ ମୃତାହତ ପରିସ୍ଥିତି ଉପୁଜି ନ ଥାଆନ୍ତା ବୋଲି ସେମାନେ କହିଥିଲେ। ଖବରପାଇ ନିମାପଡ଼ା, ବଳଙ୍ଗା, ପିପିଲି ଥାନା ପୋଲିସ ଓ ପିପିଲି ତହସିଲଦାର ସପନ କୁମାର ନନ୍ଦ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ପୂର୍ବାହ୍ନ ୬ଟାରୁ ୧୧ଟା ମଧ୍ୟରେ ହାତୀଟି ୩ଜଣଙ୍କୁ ମାରିବା ପରେ ଦିନସାରା ରାଜତେଇ ଗହୀର ମଧ୍ୟରେ ରହିଥିଲା। ପୋଲିସ, ବନବିଭାଗ କର୍ମଚାରୀ ଲୋକଙ୍କୁ ହୋହଲ୍ଲା ନ କରିବା, ଟେକା ନ ଫିଙ୍ଗିବା ଏବଂ ହାତୀ ନିକଟକୁ ନ ଯିବାକୁ ସଚେତନ କରିଥିଲେ। ଅପରାହ୍ନ ୫ଟା ୪୦ରେ ହାତୀକୁ ଜଙ୍ଗଲ ଆଡକୁ ଘଉଡାଇବା ପାଇଁ ଉଦ୍ୟମ କରାଯାଇଥିଲା। ଏହି ସମୟରେ ରାଜତେଇକୁ ଯାଇଥିବା ଜମାଲପୁରର ଅଜୟ କୁମାର ନାୟକ ମୋବାଇଲ ଫୋନରେ ଫଟୋ ଉଠାଉଥିବାବେଳେ ହାତୀ ହାବୁଡ଼ରେ ପଡି ପ୍ରାଣ ହରାଇଥିଲେ। ଶେଷରେ ରାତି ୯ଟାରେ ପିପିଲି ବଜାର ଅଞ୍ଚଳରେ ଆତଙ୍କ ଖେଳାଇଥିଲା।

# ଧାରଣାରୁ ଓହରିଲେ ଅନୁପଙ୍କ ପରିବାରବର୍ଗ


ଝାରସୁଗୁଡ଼ା ଜିଲାପାଳ ସରୋଜ ସାମଲ ରବିବାର ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

- ସୁରକ୍ଷା ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨୪ ଘଣ୍ଟା ବସିଲେ
- ମାମଲାର ସିବିଆଇ ତଦନ୍ତ ନିମନ୍ତେ ଗୃହ ବିଭାଗକୁ ଲେଖାଯିବ: ଜିଲାପାଳ

**ଝାରସୁଗୁଡା, ୨୩।୨**

କଳ୍ପନା ଦାଶ ଓ ବବ୍ଲି ହତ୍ୟାକାଣ୍ଡ ମାମଲାରେ ଛତିଶଗଡ଼ ପୋଲିସ ମାନସିକ ନିର୍ଯାତନା ଦେଉଛି। ଏବେ ଆମେ ଘରେ ନିଜକୁ ସୁରକ୍ଷିତ ମଣୁନାହୁଁ। ଆମକୁ ସୁରକ୍ଷା ଦିଆଯିବା ସହ ଘଟଣାର ସିବିଆଇ ତଦନ୍ତ ଦାବିରେ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ପରିବାର ଲୋକେ ଶନିବାର ଅପରାହ୍ନ ପ୍ରାୟ ୫ଟାରୁ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଝାରସୁଗୁଡ଼ା ଉପଜିଲାପାଳ ଶିବା ଟପ୍ପୋ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଆସି ସେମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଚାହିଁଥିଲେ। ଏପରି ଭାବେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୨୪ ଘଣ୍ଟା ବିତାଇଥିଲେ। ରବିବାର ଜିଲାପାଳ ସରୋଜ ସାମଲ ଆସି ଅନୁପଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ପରେ ସେମାନେ ଅପରାହ୍ନ ପ୍ରାୟ ୫ଟାରେ ଘରକୁ ଫେରିଥିଲେ। ଜିଲାପାଳଙ୍କ ସହ ଆଲୋଚନା ବେଳେ ଅନୁପଙ୍କ ବଡଭାଇ ପ୍ରମୋଦ ସାଏ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଲିଖିତ ଭାବେ ଦାବି କରିଥିଲେ। ଛତିଶଗଡ ପୋଲିସ ତାଙ୍କ ସଫଳତା ପ୍ରମାଣ କରିବାକୁ ଯେନତେନ ପ୍ରକାରେ ଉଦ୍ୟମ କରୁଛି। ଏହି ମାମଲାରେ ଅନୁପଙ୍କୁ ମିଛରେ ଛନ୍ଦି ଦିଆଯାଇଥିବାବେଳେ ପରିବାରର ସମସ୍ତଙ୍କୁ ହଇରାଣ ହରକତ କରାଯାଉଛି। ଏଣୁ ଜିଲା ପ୍ରଶାସନ ସେମାନଙ୍କୁ ସୁରକ୍ଷା ଦେବାକୁ ପ୍ରମୋଦ କହିଥିଲେ। ସେହିପରି ଅନୁପଙ୍କ ପରିବାର ବର୍ଗ କରିଥିବା ଅଭିଯୋଗ ଓ ଦାବିକୁ ରାଜ୍ୟ ଗୃହ ବିଭାଗ ନିକଟକୁ ପଠାଇବେ ବୋଲି ଜିଲାପାଳ ସାମଲ କହିଛନ୍ତି। ଏହି ଘଟଣା ଛତିଶଗଡ ରାଜ୍ୟରେ ହୋଇଥିବା ଏକ ଫୌଜଦାରି ମାମଲା। ଏଥିରେ ପ୍ରଶାସନିକ ହସ୍ତକ୍ଷେପ କରିବା ସମ୍ଭବ ନୁହେଁ। ଅନୁପଙ୍କ ପରିବାର ଚାହିଁଲେ କୋର୍ଟର ଆଶ୍ରୟ ନେଇପାରିବେ। ତେବେ ସେମାନଙ୍କୁ ବୁଝାସୁଝା କରି ଫେରାଇ ଦିଆଯାଇଛି ବୋଲି ଜିଲାପାଳ ସାମଲ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ମତ ରଖି ରାୟଗଡ ଏଏସପି ଅଭିଷେକ ବର୍ମା କହିଛନ୍ତି ଯେ, ପୋଲିସ ପକ୍ଷରୁ ତଥ୍ୟ ଓ ପ୍ରମାଣକୁ ଭିତ୍ତିକରି କିଛି ଲୋକଙ୍କୁ ନୋଟିସ ପଠାଯାଉଛି। ପୋଲିସକୁ ତଦନ୍ତରେ ସହଯୋଗ କରିବାକୁ ସେମାନଙ୍କୁ କୁହାଯାଉଛି। ଏହି ମାମଲାରେ ଅନାବଶ୍ୟକ ଭାବେ କାହାରିକୁ ଅତ୍ୟାଚାର କିମ୍ବା ହଇରାଣ କରାଯାଉନାହିଁ।

## ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି କଲା କଂଗ୍ରେସ

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ନୟାଗଡ଼ ଜିଲା ସରଣକୁଳ ଅନ୍ତର୍ଗତ କୋଟରମ, ଖଲିପାଟଣା ଗ୍ରାମର ୧୫ ପରିବାର ୧୪ ବର୍ଷ ହେଲା କଙ୍ଗାରୁ କୋର୍ଟର ଶିକାର ହୋଇ ନିଜ ଗ୍ରାମକୁ ଫେରିପାରୁନାହାନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏଭଳି ପ୍ରଥା ପ୍ରଚଳନ ନେଇ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ସିଧାସଳଖ କଂଗ୍ରେସ ଟାର୍ଗେଟ କରିଛି। ୨୦୧୫ ସେପ୍ଟେମ୍ବର ୧୧ରେ ପ୍ରଧାନମନ୍ତ୍ରୀ ଏବଂ ସେହିମାସ ୧୫ ତାରିଖରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଘଟଣାର ସମାଧାନ ପାଇଁ ଆସିଥିବା ନିର୍ଦ୍ଦେଶକୁ ଚାପିରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହାସହ ଗୃହରେ ବାରମ୍ବାର ମିଥ୍ୟା ତଥ୍ୟଦେଇ ଭ୍ରମିତ କରିବା ଏବଂ ରାଜ୍ୟବାସୀଙ୍କୁ ବାସ୍ତବିକ ତଥ୍ୟଠାରୁ ଦୂରେଇ ରଖାଯାଉଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଗୃହରେ ଉପସ୍ଥାପିତ ନ କରି ବାରମ୍ବାର ମିଥ୍ୟା ତଥ୍ୟ ଦେଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି କଂଗ୍ରେସ ନେତା ନିଶିକାନ୍ତ ମିଶ୍ର ଦାବି କରିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିଶିକାନ୍ତ କହିଛନ୍ତି ଯେ, ଗ୍ରାମରୁ ବିତାଡିତ ପରିବାରଙ୍କୁ ନେଇ ଗୃହମନ୍ତ୍ରୀ ବିଧାନସଭାରେ ଯେଉଁ ତଥ୍ୟ ରଖିଛନ୍ତି ତାହା ଭୁଲ୍। ଜିଲା ପ୍ରଶାସନ, ରାଜ୍ୟ ପ୍ରଶାସନ ଥରେ ହେଲେ ମଧ୍ୟ ଆମ ସହ ଯୋଗାଯୋଗ କରିନାହାନ୍ତି ବୋଲି ଗ୍ରାମରୁ ୧୫ ବର୍ଷ ହେଲା ବିତାଡିତ ହୋଇଥିବା ଯୁଧିଷ୍ଠିର କରଣ କହିଛନ୍ତି। କାହା ଇଙ୍ଗିତରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ସରକାର ଚାପି ରଖିଥିଲେ। ଶାନ୍ତି କମିଟି ଗଠନ ପାଇଁ ମାନବାଧିକାର ଡିଜିଙ୍କ ନିର୍ଦ୍ଦେଶକୁ ସରକାର କାହିଁକି ଚାପି ରଖିଛନ୍ତି। ନୟାଗଡ଼ ଜିଲାପାଳ,ଏସପିଙ୍କୁ ଶାନ୍ତି କମିଟି ଗଠନ କରି ଗାଁ ଛାଡିଥିବା ପରିବାରଙ୍କୁ ଥଇଥାନ କରିବା ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଘଟଣାରେ ସରଣକୁଳ ଥାନାରେ ୧୬ରୁ ଅଧିକ ମାମଲା ରୁଜୁ ହେଇଥିବାସ୍ଥଳେ ମାତ୍ର ୧୦ ମାମଲା ରୁଜୁ ହେଇଥିବା କଥା କେମିତି ଗୃହମନ୍ତ୍ରୀ ବିଧାନସଭାରେ କହିଲେ ବୋଲି ନିଶିକାନ୍ତ ପ୍ରଶ୍ନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରି ସଫଳତା ହାସଲ କରିବେ। ସୀମା ନିର୍ଦ୍ଧାରଣକୁ କେନ୍ଦ୍ରକରି ବିବାଦ ହେତୁ ନିର୍ମାଣାଧୀନ କାମଗୁଡ଼ିକ ବାଧାପ୍ରାପ୍ତ ହୋଇପାରେ। ବ୍ୟବସାୟରେ ଟେନସନ୍ ଲାଗି ରହିବ, କିନ୍ତୁ କ୍ଷତିର ପ୍ରଶ୍ନ ରହିବ ନାହିଁ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ**

ପୂର୍ବାଲୋଚନାକ୍ରମେ ଆଜି କୌଣସି ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ପରିବାରର ଅପବ୍ୟୟ ସୀମା ଟପିଯିବାରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ବନ୍ଧୁଙ୍କ ପାରିବାରିକ କଥାରେ କୌତୂହଳ ହୋଇ କଳହକୁ ନିମନ୍ତ୍ରଣ କରିପାରନ୍ତି। ଯିବା ରାସ୍ତାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ।

**ମିଥୁନ**

ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। କର୍ମକ୍ଷେତ୍ର କିମ୍ବା ସାମାଜିକ ସ୍ତରରେ ସହକର୍ମୀମାନଙ୍କର ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ବାକି ପଡିଥିବା ବହୁତ ଦିନର ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କର୍କଟ**

ଗତକାଲିଠାରୁ କର୍ମକ୍ଷେତ୍ରର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନୂତନ କର୍ମସଂସ୍ଥାନ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ**

ସାଧାରଣ କଥାକୁ କେନ୍ଦ୍ରକରି ଆଜି ମାନସିକ ସ୍ଥିତି ଠିକ୍ ରହି ନ ପାରେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପ୍ରଶଂସିତ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁମାନଙ୍କର ଛୋଟ ଛୋଟ କଥାକୁ ଧରି ବସନ୍ତୁ ନାହିଁ।

**କନ୍ୟା**

ଆଜିର କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତ୍ତର ହେବ କିନ୍ତୁ ଶୀଘ୍ର ପାଇବା ଆଶା ନିରର୍ଥକ ହୋଇପାରେ। ସଭାସମିତିରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା**

କର୍ମକ୍ଷେତ୍ରରେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। ଅଫିସ୍‌ରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ସାହିତ୍ୟଚର୍ଚ୍ଚା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା**

ଶୃଙ୍ଖଳିତ ଦିନଚର୍ଯ୍ୟାରେ ପରିବର୍ତ୍ତନ ଜନିତ ଦୀର୍ଘଦିନର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ,ଏଣୁ ସତର୍କ ରହିବା ଭଲ। ପରିବହନ ଓ ବାଣିଜ୍ୟରେ ଉନ୍ନତି ଘଟିବା ସହ ପଡ଼ୋଶୀଙ୍କ ସବୁକଥାକୁ ହାଲକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ଧନୁ**

କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି ଅବଶ୍ୟ ସେଥିପାଇଁ ଉଦ୍‌ବେଗର କୌଣସି କାରଣ ନାହିଁ। ଆତ୍ମୀୟମାନଙ୍କ ନିକଟରୁ ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗି ରହିବେ କିନ୍ତୁ କିଛି ବି କ୍ଷତି ଘଟାଇ ପାରିବେ ନାହିଁ।

**ମକର**

ପରିବାରରେ ଅଯଥା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ଅର୍ଥନୈତିକ ଅଭିବୃଦ୍ଧି ସହ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଖୁସି ହେବେ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**

ଆଜି ଯେଉଁ କାମରେ ହାତ ଦେଲେ ମଧ୍ୟ ସହଜ ଓ ସୁବିଧାରେ କାମ ହାସଲ କରିବେ। ବ୍ୟବସାୟିକ କ୍ଷେତ୍ରରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ। କଠୋର ପରିଶ୍ରମ କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଅସମର୍ଥିତ ସୂତ୍ରରୁ କୌଣସି କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ।

**ମୀନ**

କର୍ମକ୍ଷେତ୍ରରେ ଆକସ୍ମିକ ତର୍କ ଓ ବିବାଦ ବୃଦ୍ଧି ପାଇବାରୁ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି। ପାରସ୍ପରିକ ମତଭେଦ କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

ଆଜି ଫାଲଗୁନ ଶୁକ୍ଳ ପ୍ରତିପଦା ସୋମବାର, ଫେବୃୟାରୀ ୨୪ ତାରିଖ, ଜାତୀୟ ଉତ୍ପାଦନ ଶୁଳ୍କଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ମିଥୁନ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୭।୪୬ମି. ମଧ୍ୟେ, ଘ୧୦।୫୦ମି. ଗତେ ଘ୧।୦୮ମି. ମଧ୍ୟେ ଅମୃତବେଳା । ଦିବା ଘ୯।୦୬ମି. ଗତେ ଘ୧୦।୩୨ମି. ମଧ୍ୟେ. ମାହେନ୍ଦ୍ରବେଳା। ସକାଳ ଘ୭।୪୦ମି. ଗତେ ଘ୯।୦୭ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302




**SALE**

Volkswagen Vento, Passat, Skoda Superb, Loura, Pajero port, Coralla altis, Lancer- 7077731532, 7381091234. D-68498




**SALE**

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130. D-68480

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ sqft-185/-, SC plot sqft-120/-, ନଖରା SC plot sqft-390/- IIT ଅରଗୁଳ sqft-120/-, immediate possession/ registration, 8144706560, 7750909843. D-68488

ଭୁବନେଶ୍ୱର ବାଳକାଟି ବଜାରରୁ 2km sqft.-550/-, (ଘରବାରି) ଜଟଣୀଗେଟ୍‌ଠାରେ sqft.-200/-, କଟକ ତ୍ରିଶୁଳିଆରୁ 4km sqft.-300/- ପ୍ଲଟ୍ ମିଳୁଅଛି। 7978939440, 9178004547. D-68489

2400sqft. corner plot with boundary wall, electricity near Infocity-2 7008818121, 9938770157. D-68493

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452. D-68791

Duplex for sale at patia, Ragunathpur, Bhubaneswar. Contact to.-7735412646. D-68683




ଅଫିସ ଓ ଗୋଦାମ ଘର ଭଡ଼ା ଦିଆଯିବ। ଚାରିନଳା, ଜଗନ୍ନାଥ ବିହାର, ପୁରୀ। ମୋବାଇଲ: ୭୭୩୫୬୮୫୬୪୮ ଧ-୧୬୭୭୪

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Ayurvedic full body massage ladies/gents smart experts therapist:- 8480939300. D-68790

Full body herbal massage with refreshment expert therapist. 7381239385, 06742540855. D-69213

Newly open full body massage by ladies, gents therapist. 8018656899 D-60872

Ayurvedic full body massage by ladies, gents therapist. 7008773793 D-60873

Experience full body massage with us (expert). Call: 7377048581, 06742597822. D-69214

Sai herbal spa refresh your body with smart, expert therapist. 7608062524. D-69222

Herbal full body massage by smart / expert therapist. Contact: 8338067247. D-69215

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# କାମରେ ଲାଗୁନି ଭାରିଯାନ ପାର୍କିଂ କଟକଣା

**ପାରାଦୀପ,୨୩।୨(ସ୍ୱ.ପ୍ର.)**


ରାସ୍ତାକଡ଼ରେ ଭାରିଯାନ ପାର୍କିଂ କରାଯାଇଛି।

■ରାସ୍ତାର ଉଭୟ ପାର୍ଶ୍ୱରେ ରହୁଛି ଶତାଧିକ ଭାରିଯାନ
■ଖୁବ୍‌ଶୀଘ୍ର ରାସ୍ତା ପାର୍ଶ୍ୱ ଯାଞ୍ଚ କରିବୁ: ତହସିଲଦାର

ପାରାଦୀପ ଶିଳ୍ପ ସହରର ଅଠରବାଙ୍କୀ ଗୋଲେଇଛକରୁ ଦୋଛକି ପର୍ଯ୍ୟନ୍ତ ରାସ୍ତା ସବୁଠାରୁ ବ୍ୟସ୍ତବହୁଳ। ଏହି ୪.୫ କିମି ରାସ୍ତାରେ ଅଧିକାଂଶ ସମୟ ଭିଡ଼ ହୋଇଥାଏ। ଏଥିଯୋଗୁ ପ୍ରଦୂଷଣ ବଢ଼ିବା ସହିତ ଦୁର୍ଘଟଣା ମଧ ଘଟିଥାଏ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏହି ରାସ୍ତାରେ ଭାରିଯାନ ପାର୍କିଂ ଉପରେ କଟକଣା ଲାଗୁ କରାଯାଇଛି। ଜିଲାପାଳ ଚଳିତବର୍ଷ ଫେବୃୟାରୀ ୧୧ରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଏହି ପାର୍କିଂ କଟକଣା ଜାରି କରିଛନ୍ତି। ମାତ୍ର ଉକ୍ତ ରାସ୍ତାରେ କଟକଣାର କୌଣସି ସଙ୍କେତ ଦେଖିବାକୁ ମିଳୁନାହିଁ। ୩ ଥାକିଆ ଏହି ରାସ୍ତାର ଦୁଇ ପାର୍ଶ୍ୱରେ ସବୁବେଳେ ଶତାଧିକ ଭାରିଯାନ ରହୁଛି। ୫ନଂ(କ) ଜାତୀୟ ରାଜପଥକୁ ଲାଗି ବିଭିନ୍ନ ବେପାର ଚାଲିଛି। ଯଥା: ବାଉଁଶ, ସ୍କାବ୍, ଉଠାଦୋକାନ, ଶୁଖୁଆବସ୍ତା, ବାଲି, ଗୋଡ଼ି, ଇଟା, ସିମେଣ୍ଟ, ଲୁହାରଡ୍ ଅଦି ଗଚ୍ଛିତ ରଖାଯାଉଛି। ଏପରି କି ରାଜପଥକୁ ଲାଗି ସ୍ଥାୟୀ/ଅସ୍ଥାୟୀ ଘର ନିର୍ମାଣ ଚାଲିଛି। ୨୦୧୩ ମସିହାରେ ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସମସ୍ତ ହୋଟେଲ, ଘର ଆଦି ଉଚ୍ଛେଦ କରାଯାଇଥିଲା। ଭୂତମୁଣ୍ଡାଇଠାରୁ ଦୋଛକି ଉଦୟବିହାର ପର୍ଯ୍ୟନ୍ତ ସ୍ଥାୟୀ ଘରକୁ ଭଙ୍ଗାଯାଇଥିଲା। ସେତେବେଳେ କାହିଁକି କେଜାଣି ପିପିଏଲ୍ ଛକରୁ ଲାଗି ଥିବା ବଡ଼ ହୋଟେଲ, ତେଲଟାଙ୍କି, କପଡ଼ା ଶୋ'ରୁମ୍, ଗୋଦାମଘରକୁ ଛାଡ଼ି ଦିଆଯାଇଥିଲା। ସେତେବେଳେ ଏହି ପ୍ରସଙ୍ଗରେ ତତ୍କାଳୀନ ତହସିଲଦାରଙ୍କୁ ପଚାରିବାରେ ଉତ୍ତର ମିଳିଥିଲା ପରେ ଭଙ୍ଗାଯିବ। ୨୦୧୭ରେ ଯେତିକି ଘର ରାଜପଥ ପାର୍ଶ୍ୱରୁ ଭଙ୍ଗାଯାଇଥିଲା ଏବେ ସେହି ସ୍ଥାନରେ ପୂର୍ବଠାରୁ ଅଧିକ ଘର, ଦୋକାନ ନିର୍ମାଣ ହୋଇସାରିଛି। ଯେଉଁଥିପାଇଁ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି।

ଅପରପକ୍ଷେ ଦିନକୁ ଦିନ ଭାରିଯାନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବନ୍ଦର ଭିତରକୁ ପ୍ରବେଶ ପୂର୍ବରୁ ଟ୍ରକ୍‌ଗୁଡ଼ିକ ଅଠରବାଙ୍କୀଠାରୁ କେନ୍ଦ୍ରାପଡ଼ା ଜିଲାର ଦୁହୁରିଆ ପର୍ଯ୍ୟନ୍ତ ଗୋଟିଏ ଲାଇନ୍‌ରେ ରହିଥାନ୍ତି। ବନ୍ଦରରୁ ବାହାରୁଥିବା ଗାଡ଼ି ଯିବା ପୂର୍ବରୁ ଚାଲାଣ ଦେବା, ସଂଘରେ ତେଲ କୁପନ ନେବା, ମରାମତି ପାଇଁ ଅପେକ୍ଷା କରିବାକୁ ପଡ଼େ। ଟ୍ରକ୍ ସଂଘଗୁଡ଼ିକ ରାଜପଥ କଡ଼ରେ ଥିବାରୁ ପ୍ରସ୍ଥାନ ରସ୍ତାରେ ମଧ ଗାଡ଼ିଗୁଡ଼ିକ ପାର୍କିଂ କରି ରହିଥାଏ। ପାରାଦୀପ ବନ୍ଦର ପକ୍ଷରୁ ହେବାକୁ ଥିବା ସ୍ୱତନ୍ତ୍ର ଟର୍ମିନାଲ ପ୍ରକଳ୍ପ ଲୋକଙ୍କ ବିରୋଧ ଯୋଗୁ ଅଟକି ରହିଛି, ଯେଉଁଥିପାଇଁ ବନ୍ଦର ଏବଂ ଶିଳ୍ପକୁ ଦୈନିକ ୧୦ରୁ ୧୨ ହଜାର ଭାରିଯାନ ଅଠରବାଙ୍କୀ-ଦୋଛକି ରାସ୍ତାରେ କୌଣସି ନା କୌଣସି କାରଣରୁ ଅଟକି ରହୁଛନ୍ତି। ତେଣୁ ସେହି ସ୍ଥାନରେ ପ୍ରଶାସନ କେବଳ କାଗଜକଲମରେ କଟକଣା ଲାଗୁ କରୁଛନ୍ତି ବୋଲି ଅଠରବାଙ୍କୀ ବାସିନ୍ଦା ଦେବବ୍ରତ ସାହୁ ଅଭିଯୋଗ କରିଛନ୍ତି। ପାର୍କିଂ ଓ ଦୁର୍ଘଟଣା ପ୍ରସଙ୍ଗରେ ଏକାଧିକ ଥର ଜିଲା ପ୍ରଶାସନକୁ ଚିଠି ଲେଖିଲାଣି ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ। ହେଲେ ଏହାର କୌଣସି ପ୍ରତିକାର ହେଉନାହିଁ। ଏହିପରି ଇଫ୍‌କୋ କର୍ତ୍ତୃପକ୍ଷ ମଧ ତାଙ୍କ କାରଖାନା ଓ ଏସାର ଷ୍ଟିଲ୍ ସଂଯୋଗସ୍ଥଳରେ ଏକ ଗୋଲେଇ ଟ୍ରାଫିକ୍ ପୋଷ୍ଟ ପାଇଁ ୪ ବର୍ଷ ହେଲା ଚିଠି ଲେଖୁଥିଲେ ହେଁ ତାଙ୍କୁ ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରୁ କ୍ଲିୟରାନ୍ସ ମିଳୁନାହିଁ। ପାର୍କିଂ କଟକଣା କାମରେ ନ ଲାଗିବା ପ୍ରସଙ୍ଗରେ କୁଜଙ୍ଗ ତହସିଲଦାର ପ୍ରଭାସ ବେଉରାଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶମତେ ଆମ୍ଭେ ଖୁବ୍‌ଶୀଘ୍ର ରାସ୍ତା ପାର୍ଶ୍ୱ ଯାଞ୍ଚ କରିବୁ। ଏହି ସମୟରେ ଯଦି କେହି ଜବରଦଖଲ କରିଥାନ୍ତି କିମ୍ବା ଗାଡ଼ି ପାର୍କିଂ କରିଥାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ କାର୍ଯ୍ୟାନୁଷ୍ଠାନ ହେଉଛି।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ତନୁଶ୍ରୀ ମହାପାତ୍ର**
ଠିକଣା: କଟକ (ଖାନ୍‌ନଗର)
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ଏତିକି କାମନା ତୋତେ ଦୀର୍ଘାୟୁ କରନ୍ତୁ, ସଦାସର୍ବଦା ଖୁସିରେ ରଖନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ ବାପା, ଜେଜି ମା', ପିତା: ସନ୍ତୋଷ କୁମାର ମହାପାତ୍ର, ମାତା: ସୁନିତା ମହାପାତ୍ର ଓ ବନ୍ଧୁ ପରିବାରବର୍ଗ।
ଧ-୧୬୮୬୦

## Birthday Wish



**Sajal (Guddu)**
**London**
Happy Birthday dear Guddu. May god always bless you with lots of happiness and success and make all your wishes come true. Love you From: Papa, Mummy, Mamu, Main, Dada, Dadi, Sonu, Loraine and all near and dear one. Best Wishes From Aja: Surendra, Aai: Jyoshnarani, Balianta (Som Vihar), Bhubaneswar.
D-46279

## ଡି.ଏ.ଭି. ଶିକ୍ଷୟିତ୍ରୀଙ୍କୁ ଡକ୍ଟରେଟ୍ ଉପାଧି



ଶ୍ରୀମତୀ ଇତିଶ୍ରୀ ଗିରି, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ତାଙ୍କର ସମସ୍ତ ମହାବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣକରି ଓଡ଼ିଆ ଭାଷା ଓ ସାହିତ୍ୟରେ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଏଗାରତମ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଇତିଶ୍ରୀ ଗିରିଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି। ତାଙ୍କ ସନ୍ଦର୍ଭର ଶୀର୍ଷକ ''ଭକ୍ତକବି ବନମାଳୀ ଦାସ''। ଗବେଷଣାର ଆଦ୍ୟ ଦିଗ୍‌ଦର୍ଶକ ପ୍ରଫେସର ଡକ୍ଟର ସୁଧୀର ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସନ୍ଦର୍ଭ କାର୍ଯ୍ୟ ଆରମ୍ଭକରି ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କ ଅଧୀନରେ କାର୍ଯ୍ୟ ଶେଷ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ୍ ଅନ୍ତର୍ଗତ ଧନୀରାମପୁର ଗ୍ରାମର ଶ୍ରୀଯୁକ୍ତ ପର୍ଶୁରାମ ଗିରି ଓ ନିର୍ମଳାପ୍ରଭା ଗିରିଙ୍କର ସେ ସର୍ବକନିଷ୍ଠା କନ୍ୟା ଏବଂ କେନ୍ଦ୍ରାପଡ଼ା ଆଳି ବ୍ଲକ ନମୌଜାର କଳଦିଆ ଗ୍ରାମର ସ୍ୱର୍ଗତ ଧରଣୀଧର ପଣ୍ଡା ଓ ବେଲରାଣୀ ପଣ୍ଡାଙ୍କର ସେ ପୁତ୍ରବଧୂ, ବିଜୟ ପଣ୍ଡା ଓ ଅକ୍ଷୟ ପଣ୍ଡାଙ୍କର ସେ ଭ୍ରାତୃବଧୂ ଏବଂ ଅଶୋକ କୁମାର ପଣ୍ଡାଙ୍କର ଧର୍ମପତ୍ନୀ। ଶ୍ରୀମତୀ ଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମହାନଦୀବିହାରର ପ୍ରାକ୍ତନ ଆଚାର୍ଯ୍ୟା, ଇଣ୍ଡିଗୋ କଳା ଓ ବାଣିଜ୍ୟ ଆବାସିକ ମହାବିଦ୍ୟାଳୟ ସିଡିଏ, କଟକର ପୂର୍ବତନ ଅଧ୍ୟାପିକା। ବର୍ତ୍ତମାନ ସେ ଡି.ଏ.ଭି. ପବ୍ଲିକ ସ୍କୁଲ, କଳିଙ୍ଗନଗର ଭୁବନେଶ୍ୱରରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ। କାର୍ଯ୍ୟର ଶ୍ରେୟ ପୂଜ୍ୟ ବୁଢ଼ାବାପାଙ୍କୁ ଦେବା ସହିତ ପ୍ରଫେସର ଡକ୍ଟର ନଟବର ଶତପଥୀ, ଡକ୍ଟର ଆଶୁତୋଷ ମଲ୍ଲିକ ଓ ସମସ୍ତ ଶୁଭଚିନ୍ତକମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୧୬୮୫୯


# ଦୋଳଯାତ୍ରା ପ୍ରସ୍ତୁତି ବୈଠକ

**ବିରିଡି,୨୩।୨(ଡି.ଏନ.ଏ)**

ବିରିଡି ବ୍ଲକ ଅନ୍ତର୍ଗତ ୨୨ମୌଜା ମହାଭୋଇ ଉନ୍ନୟନ ସମିତି ପକ୍ଷରୁ ଶ୍ରୀଶ୍ରୀ ରାଧାମାଧବ ଜୀଉଙ୍କ ଦୋଳଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀଖଣ୍ଡ ମନ୍ଦିର ପ୍ରାଙ୍ଗଣରେ ଭାସ୍କର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୨ମୌଜା ଭୋଇ ସମାଜର ମହନ୍ତ ସଦର ବେହେରା, ଡଗର ବେହେରା, ପଣ ବେହେରା ପ୍ରମୁଖ ମୁରବୀ, ଗୁରୁଜନ, ଯୁବକ ଯୋଗ ଦେଇଥିଲେ। ଆଗାମୀ ଦୋଳଯାତ୍ରାକୁ ପ୍ରତି ମୌଜାରେ କମିଟି ନୀତି ନିୟମ ଅନୁଯାୟୀ ଶାନ୍ତିଶୃଙ୍ଖଳା ସହ ଭାଇଚାରା ଭାବରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମହନ୍ତ ବାସୁଦେବ ଦାସ, ବସନ୍ତ ଭୋଇ, ବାବାଜି ଭୋଇ, ସୁଦର୍ଶନ ଦାସ, ନିରଞ୍ଜନ ଭୋଇ, ବିପ୍ରଚରଣ ଭୋଇ, ଧୀରେନ୍ଦ୍ର ଭୋଇ, ସୂର୍ଯ୍ୟମଣି ଭୋଇ, ନରେନ୍ଦ୍ର ଭୋଇ, ଶରତ ଭୋଇ, ଶୁଭେନ୍ଦୁ ଭୋଇ, ରାଜେନ୍ଦ୍ର ଭୋଇ, ଶୁକଦେବ ଭୋଇ, ବିଭୂତି ଭୂଷଣ ଭୋଇ, ସିଦ୍ଧାର୍ଥ ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦୋଳଯାତ୍ରା ପରେ ସମିତିର ଆୟବ୍ୟୟ ଓ ସାଙ୍ଗଠନିକ ନିର୍ବାଚନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଆୟୋଜକ ରମାକାନ୍ତ ଭୋଇ ଧନ୍ୟବାଦ ଦେଇଥିଲେ।

# ସୋମନାଥ ବ୍ଲକ ଭାଜପା ଯୁବ ମୋର୍ଚ୍ଚା ସଭାପତି ମନୋନୀତ



**ନାଉଗାଁ,୨୩।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ୧ନଂ ଜୋନର ଭାଜପା ଯୁବ ମୋର୍ଚ୍ଚା ସଭାପତି ଭାବେ ନୂଆଗାଁ ପଞ୍ଚାୟତ ଶୁଦ୍ଧକଣ୍ଠି ଗ୍ରାମର ସୋମନାଥ ରାଉତଙ୍କୁ ମନୋନୀତ କରାଯାଇଛି। ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜୋନର ବିଭିନ୍ନ ପଦ ପଦବୀରେ ୨୧ କର୍ମୀଙ୍କୁ ମନୋନୀତ କରାଯାଇଥିଲା। ସେଥିରୁ ସୋମନାଥଙ୍କୁ ଯୁବ ମୋର୍ଚ୍ଚା ଦାୟିତ୍ୱ ଦିଆଯାଇଥିବା ଜିଲା ସଭାପତି ମହାପାତ୍ର ପ୍ରକାଶ କରିଛନ୍ତି। ଭାଜପାକୁ ସୁଦୃଢ଼ କରିବା ସହିତ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି ସେମାନାଥ ପ୍ରକାଶ କରିଛନ୍ତ। ସୋମନାଥ ଛାତ୍ର ବିଜୁ ଜନତା ଦଳର ସକ୍ରିୟ କର୍ମୀ ଭାବେ ପୂର୍ବରୁ କାର୍ଯ୍ୟ କରୁଥିଲେ।


**ଭଦ୍ରକ ମୁକାମ ସିଭିଲ ଜଜ୍ ସିନିୟର୍ ଡିଭିଜନ୍‌ଙ୍କ ଅଦାଲତ**
ମୂଳ ମୋକଦ୍ଦମା ନଂ- ୧୬୧/୨୦୧୮-।
ନିରାକାର ବାରିକ ..... ବାଦୀ ବନାମ୍
ମଞ୍ଜୁଲତା ପରିଡ଼ା ଓଗେର ..... ବିବାଦୀମାନେ
ଦେୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ ୨୦ ମୁତାବିକ ସମନ

୧. ମଞ୍ଜୁଲତା ପରିଡ଼ା, ବ୫୮ର୍ଷ, ସ୍ୱା- ୰ଚୌଧୁରୀ ପରିଡ଼ା
୨. ସୂର୍ଯ୍ୟକାନ୍ତ ପରିଡ଼ା, ବ୪୦ର୍ଷ
୩. ଚନ୍ଦ୍ରକାନ୍ତ ପରିଡ଼ା, ବ୩୮ର୍ଷ
ଉଭୟଙ୍କ ପିତା- ୰ ଚୌଧୁରୀ ପରିଡ଼ା
୪. ଉଜ୍ଜ୍ୱଳ କାନ୍ତ ପରିଡ଼ା, ବ୩୦ର୍ଷ, ପିତା- ୰ବନମାଳୀ ପରିଡ଼ା
ସମସ୍ତଙ୍କ ସା- ଶ୍ରୀରାମପୁର, ପୋ/ଥା- ମଙ୍ଗଳପୁର, ଜି- ଯାଜପୁର

ଏହିକି ଅତ୍ର ମୋକଦ୍ଦମାର ବାଦୀ ବିରୋଧୀୟ ବୃତ୍ତି ପକ୍ଷେ ନିଜକୁ ବିଦ୍ୟାଧର ବାରିକଙ୍କର ପୋଷ୍ୟପୁତ୍ର ହିସାବେ ବଣ୍ଟନ ଦାବିରେ ଅତ୍ର ମୋକଦ୍ଦମା ଆଗତ କରିଅଛନ୍ତି । ଆପଣ ବିବାଦୀମାନଙ୍କୁ ବାରମ୍ବାର ସମନ ପଠାଇବା ସତ୍ତ୍ୱେ ଆପଣ ତାହା ଗ୍ରହଣ କରୁନାହାନ୍ତି । ଉପରୋକ୍ତ ମୋକଦ୍ଦମା ତା୨୭।୩।୨୦୨୦ରିଖକୁ ଧାର୍ଯ୍ୟ ହୋଇଅଛି ।

ଏତଦ୍ୱାରା ଆପଣ ବିବାଦୀମାନଙ୍କୁ ଜଣାଇ ଦିଆଯାଉଅଛିକି, ତା୨୭।୩।୨୦୨୦ରିଖେ ଦିବା ୧୦ଘଟିକା ୩୦ମିନିଟ ସମୟେ ଆପଣ ନିଜେ ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ହାଜର ହୋଇ ଆପଣଙ୍କର ପକ୍ଷ ଉପସ୍ଥାପନ କରିବେ । ନଚେତ ଆପଣଙ୍କ ଅନୁପସ୍ଥିତିରେ ମୋକଦ୍ଦମା ବିଚାର ହେବ ।
ଇତି
ସ୍ୱା./- ସିଭିଲ ଜଜ୍ ସିନିୟର ଡିଭିଜନ, ଭଦ୍ରକ
ତାରିଖ- ୦୬।୦୨।୨୦୨୦


# ନ୍ୟୁଷ୍ଟାର କ୍ରିକେଟ: ଫକୀରପଡ଼ା ଚାମ୍ପିୟନ


ଅତିଥି ଚାମ୍ପିୟନ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ବିରିଡି/ବାଲିଆ, ୨୩।୨(ଡି.ଏନ.ଏ.)**

ବିରିଡ଼ି ବ୍ଲକ ୨୨ମୌଜା ଶଙ୍ଖାରିସାହି ନ୍ୟୁଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶଙ୍ଖାରିସାହିସ୍ଥିତ ବିଲୁଆଖାଇ ନଦୀପଠା ପଡିଆରେ ଚାଲିଥିବା ନ୍ୟୁଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଏହି ୧୫ ଓଭର ବିଶିଷ୍ଟ କ୍ରିକେଟ ଖେଳରେ ବିଭିନ୍ନ ଅଞ୍ଚଳରୁ ୮ ଟିମ ଭାଗନେଇ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ଖେଳ ଫକୀରପଡା ଓ ଗୋବିନ୍ଦପୁର ମଧ୍ୟରେ ହୋଇଥିଲା। ପ୍ରଥମେ ଗୋବିନ୍ଦପୁର ଟିମ ଖେଳି ୧୫ ଓଭରରେ ୬ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିଥିଲା। ଜବାବରେ ଫକୀପରପଡା ଟିମ ୧୫ ଓଭରରେ ୭ ଉଇକେଟ ହରାଇ ୧୫୦ ରନ୍ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସଭାରେ ଗ୍ରାମର ବରିଷ୍ଠ ବ୍ୟକ୍ତ ଶ୍ୟାମସୁନ୍ଦର ପାଇକରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ମଙ୍ଗୁଲି ସରପଞ୍ଚ ତୃପ୍ତିମଞ୍ଜରୀ ପରିଜା, ସମ୍ମାନିତ ଅତିଥି ସୁବାସ ନାୟକ, ରବୀନ୍ଦ୍ର ସାହୁ, ସାମାଜିକ କର୍ମୀ କେଦାରନାଥ ସାହୁ ଯୋଗଦେଇ ଖେଳୁଆଡ ମନୋବୃତ୍ତି ରଖି ଖେଳିଲେ ନିଶ୍ଚିତ ବିଜୟ ହୋଇଥାଏ ବୋଲି କହିଥିଲେ। ବିଜୟୀ ଫକିରପଡା ଟିମର ଅଧିନାୟକ ଜଗନନ୍ଦନ ଅତିଥିଙ୍କଠାରୁ ବିଜୟ ଟ୍ରଫି ଗ୍ରହଣ କରିଥିଲେ। ଖେଳକୁ ଅମ୍ପାୟାର ସୌମ୍ୟରଞ୍ଜନ ସାହୁ ଓ ଗୋବିନ୍ଦ ସାମନ୍ତରାୟ ପରିଚାଳନା କରିଥିଲେ। ନ୍ୟୁଷ୍ଟାରର ସଭାପତି ସୋମନାଥ ନାୟକ, ସମ୍ପାଦକ ସଚିନ ବେହେରା, ମ୍ୟାନେଜର ଦିପ୍ତୀରଞ୍ଜନ ସାହୁ, ଭାବନା ମହାନ୍ତି, ଅନୁରାଗ ବାରିକ, ପରେଶ ନାୟକଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଏଥର ଦୁଇ ଦିନ ହେବ ସଭା

**ଜଗତ୍‌ସିଂହପୁର ଅଫିସ, ୨୩।୨**

## ଜିଲା ମହୋତ୍ସବ କଲ୍ଲୋଳ ନିମନ୍ତେ ପ୍ରାଥମିକ ପ୍ରସ୍ତୁତି ବୈଠକ


ବୈଠକରେ ଜିଲାପଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

■ବ୍ୟୟ ଅଟକଳ ୩୦ ଲକ୍ଷକୁ ବଢ଼ିଲା

ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉଦ୍ୟମ ହେଉଛି। ଏନେଇ ରବିବାର ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ପରିଷଦର ସଭ୍ୟଠାରୁ ଆରମ୍ଭ କରି ସବ୍‌କମିଟି ପର୍ଯ୍ୟନ୍ତ ଆମୂଳଚୂଳ ପରିବର୍ତ୍ତନ ହେବା ନେଇ ନିଷ୍ପତ୍ତି ହୋଇଛି। ବିଗତବର୍ଷଗୁଡ଼ିକରେ ୫ଦିନ ସଭା ହେଉଥିବାବେଳେ ଚଳିତବର୍ଷ କେବଳ ୨ଦିନ ଅର୍ଥାତ୍ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଦିନ ସଭା କରାଯିବ। ତାହା ପୁଣି କମ ସମୟ ଭିତରେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟର ସୁନାମଧନ୍ୟ କଳାକାର, କଣ୍ଠଶିଳ୍ପୀଙ୍କୁ ମହୋତ୍ସବରେ ଦେଖିବାକୁ ମିଳିବ। ଚଳିତବର୍ଷ ନୂଆକରି ୫ ଦିନ ପର୍ଯ୍ୟନ୍ତ ଫୁଟବଲ୍ ଟୁର୍ନାମେଣ୍ଟ, ସେଲ୍‌ଫି କର୍ନର, ଫୁଡ୍ କୋର୍ଟ, ବାଲୁକା କଳା ଆଦି ଆକର୍ଷଣ ସୃଷ୍ଟି କରିବ ବୋଲି ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ଗତବର୍ଷରେ ୬/୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଚଳିତବର୍ଷ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ନେଇ ବ୍ୟୟ ଅଟକଳ କରାଯାଇଥିବା ଜିଲାପାଳ ଘୋଷଣା କରିଥିଲେ।

ବୈଠକରେ ପୌରୋହିତ୍ୟ କରି ଜିଲାପାଳ କହିଥିଲେ, ଉତ୍କଳ ଦିବସ ଓ ଜିଲା ମହୋତ୍ସବକୁ ସରସବୁନ୍ଦର କରିବା ପାଇଁ ପ୍ରତ୍ୟେକଙ୍କ ସହଯୋଗ ଆବଶ୍ୟକ। ଉତ୍କଳ ଦିବସ ଦିନ ପ୍ରାତଃ ୪ଟାରେ ଉତ୍କଳ ବନ୍ଦନା ଗାନ, ୬ଟା ପ୍ରଭାତ ଫେରୀ ହେବ। ସକାଳ ୮ଟାରେ ଗାନ୍ଧୀ ଛକଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ। ଏହାପରେ ବିଦ୍ୟାଳୟସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ ଆଦିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ। ଏସବୁ ପ୍ରତିଯୋଗିତା ମାର୍ଚ୍ଚ ୨୩ରେ ବ୍ଲକସ୍ତରରେ ଏବଂ ୨୫ରେ ଜିଲାସ୍ତରରେ ଅନୁଷ୍ଠିତ ହେବ। ଜିଲାର ପ୍ରତିଷ୍ଠା ଦିବସ ପାଳନ ହେଉଥିବା ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନ ଓ ସମସ୍ତ କାର୍ଯ୍ୟାଳୟରେ ଲେଖାଯିବା ପାଇଁ ବ୍ୟବସ୍ଥା ହେବ। ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଫୁଟବଲ ଟୁର୍ନାମେଣ୍ଟ କରାଯିବ। ସଂସ୍କୃତି ଭବନ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରଥମ ଥର ପାଇଁ ସେଲ୍ଫି କର୍ନର ରହିବ। ତା' ସାମ୍ନାରେ ଫୁଡ କୋର୍ଟ ରହିବ। ପ୍ରଥମ କରି ଚଳିତବର୍ଷ ଓଟିଡିସି ଷ୍ଟଲ କରିବାକୁ ଯାଉଛି। ଏହି ଷ୍ଟଲରେ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ। ଓମ୍‌ଫେଡ୍ ମଧ ପ୍ରଥମ କରି ଷ୍ଟଲ କରିବ। ଜିଲା ମହୋତ୍ସବରେ ବାଲୁକାକଳା ଆକର୍ଷଣୀୟ ହେବ। ଜିଲାର ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାବାଦ୍ ପିଠା, ଶଙ୍ଖ, ଝୋଟି ଓ ହୁଳହୁଳି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସଂସ୍କୃତି ଭବନ ପରିସରରେ ମେଜିକ୍ କରାଯିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ, ଜିଲାସ୍ତରୀୟ ଅଧିକାରୀ, ଭାରପ୍ରାପ୍ତ ଉପଜିଲାପାଳ ମାନସ ରଞ୍ଜନ ଭୋଇ, ବିଡିଓ, ତହସିଲଦାର, ଜିଲା ପରିଷଦ ଉପସଭାପତି ଲିଙ୍ଗରାଜ ସ୍ୱାଇଁ, ଡିଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ବୁଦ୍ଧିଜୀବୀ, ଆଇନଜୀବୀ, ପଞ୍ଚାୟତିରାଜ ପ୍ରତିନିଧି, ବରିଷ୍ଠ ନାଗରିକ, ଜିଲା ସଂସ୍କୃତି ପରିଷଦର ସଭ୍ୟାସଭ୍ୟ, କ୍ଷେତ୍ରୀୟ ଅଧିକାରୀ ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଶେଷରେ ଜିଲାପାଳ ଧନ୍ୟବାଦ ଦେଇଥିଲେ।

# ଅଲକା ବୁଡ଼ି ଅଞ୍ଚଳ କୃଷକ ସଂଗ୍ରାମ ସମିତିର ବାର୍ଷିକ ସମ୍ମିଳନୀ


ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

**ବାଲିକୁଦା, ୨୩।୨(ସ୍ୱ.ପ୍ର.)**

ଅଲକା ବୁଡି କୃଷକ ସଂଗ୍ରାମ ସମିତିର ଚତୁର୍ଦ୍ଦଶ ବାର୍ଷିକ ସମ୍ମିଳନୀ ଜଏଗାଁସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଧର୍ମାନନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଚାଷୀ ଓ ଚାଷର ଉନ୍ନତି ପାଇଁ ରାଜ୍ୟ ସରାକର ସର୍ବଦା ଆଗଭର ବୋଲି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସ୍ତମ୍ଭକାର ତଥା ସମିତି ଉପଦେଷ୍ଟା ସୁଦର୍ଶନ ଦାସ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଅଞ୍ଚଳର ପୁଅ ହୋଇ ଥିବାରୁ ସମସ୍ୟା ଦୂର ହେବା ଏକ ପ୍ରକାର ନିଶ୍ଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ବାଲିକୁଦା ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଅଧିକାରୀ ନଟବର ଦାସ ଯୋଗଦେଇ ସୁପ୍ତ ଅଲକାର ପୁନରୁଦ୍ଧାର କରାଯାଇ ବୁଡି ଅଞ୍ଚଳର ସମସ୍ୟା ସମାଧାନ କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥଲେ। ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ପୃଷ୍ଟି, ସରୋଜିନୀ ଦାସ, ବାହାରଣା ସରପଞ୍ଚ ବନ୍ଦିତା ପଟ୍ଟାୟତ, ସମିତିସଭ୍ୟ ନୀଳମଣି ବେହେରା, ଅଲାଭର ସରପଞ୍ଚ ଅଶୋକ ବିଶ୍ୱାଳ, ଥାଇଲୋ ସରପଞ୍ଚ ଯତୀନ ପରିଡା, ସମିତିର ସଙ୍ଗଠନ ସମ୍ପାଦକ ମନ୍ମଥ ପରିଡା ପ୍ରମୁଖ ଯୋଗଦେଇ ବୁଡି ଅଞ୍ଚଳ ଭାବେ ପରିଗଣିତ ବାଲିକୁଦା ବ୍ଲକର ୭ ପଞ୍ଚାୟତ ଓ ଏରସମା ବ୍ଲକର ଗୋଟିଏ ପଞ୍ଚାୟତର ଜଳ ନିଷ୍କାସନ ସମସ୍ୟା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀ ବିବରଣୀ ପାଠ କରିଥିବା ବେଳେ ପଣ୍ଡିତ ଅଜୟ ଶତପଥୀ ବେଦପାଠ କରିଥିଲେ। ପ୍ରଶାନ୍ତ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ରୁଦ୍ରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଚେଷ୍ଟାରେ ଅଞ୍ଚଳର ପାନୀୟ ଜଳ ସମସ୍ୟା ସମାଧାନ ଦିଗରେ ୧୩୭ କୋଟିର ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରା ଯାଉଥିବାରୁ ମନ୍ତ୍ରୀ ଦାସ ତାଙ୍କୁ ପ୍ରଶଂସା କରିଥିଲେ। ଶିକ୍ଷାବିତ୍ ଚୈତନ୍ୟ ପରିଡା, କୃଷ୍ଣଚନ୍ଦ୍ର ବାରିକ, କେଳୁଚରଣ ସାହୁ, ସୁଶ୍ରୀ ରୀତା ପରିଡା, ନରେନ୍ଦ୍ର ପରିଡା, ରବୀନ୍ଦ୍ର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ଜିନୁପ୍ରିୟା ପ୍ରଧାନ, ରୋଜାଲିନ ଦାସ, ନିଳିମା ପରିଡା ପ୍ରମୁଖ ସହଯୋଗ କରିଥିଲେ।


# ମନେ ପଡ଼ନ୍ତି

## ଏକାଦଶାହ ସ୍ମୃତିରେ



**ସ୍ୱର୍ଗତା ନିରୁପମା ନାୟକ (ଝୁନା)**
ଜୟ ଜଗନ୍ନାଥ ହୋଟେଲ୍,
ସାରଦା ଦେବୀ ରୋଡ, ପୁରୀ
ଆବିର୍ଭାବ: ୦୫।୧୦।୧୯୭୮
ତିରୋଧାନ: ୧୪।୦୨।୨୦୨୦
ଏ ଧରାପୃଷ୍ଠରୁ ତୁମର ଅଚାନକ ପ୍ରସ୍ଥାନରେ ଆମ୍ଭେ ଅତ୍ୟନ୍ତ ମର୍ମାହତ। ତୁମ ଅବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ସବୁଦିନ ପାଇଁ ଅପୂରଣୀୟ ହୋଇ ରହିଗଲା। ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ୱାମୀ: ଗୋବର୍ଦ୍ଧନ ନାୟକ, ପୁଅ: ଭାଗ୍ୟବର୍ଦ୍ଧନ ଓ ହର୍ଷବର୍ଦ୍ଧନ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୪୧୯

## ସପ୍ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ର**
ଆବିର୍ଭାବ: ୧୧।୦୩।୧୯୮୨
ତିରୋଧାନ: ୨୪।୦୨।୨୦୧୩
ତୁ ଜିବାର ସାତବର୍ଷ ହେଲାଣି, ତୋର ସେହି ଅପାସୋରା ସ୍ମୃତି ଆମର ସନ୍ତକ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ନାନୀ, ଭାଇନା, ଭଣଜା (ବାବା), ପରିବାରବର୍ଗ ।
ଧ-୧୬୮୬୨

## ତୃତୀୟ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇନ୍ଦ୍ରମଣି ଜେନା**
ଲକ୍ଷ୍ମୀସାଗର, ତଳସାହି, ଭୁବନେଶ୍ୱର
ଆବିର୍ଭାବ: ୧୨।୦୪।୧୯୩୩
ତିରୋଧାନ: ୨୭।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଆପଣଙ୍କର ପୁଅ,ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୬୮୨

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱାଦଶାହ ଉପଲକ୍ଷେ



**୰ ଅର୍ଜୁନ ମହାନ୍ତି**
ଆବିର୍ଭାବ-୨୦.୧୧.୧୯୩୪
ତିରୋଧାନ-୧୩.୦୨.୨୦୨୦
ଦୁର୍ଗାବଜାର, ଢେଙ୍କାନାଳ
ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲ । ଚାହୁଁ ଚାହୁଁ ୧୨ଦିନ ବିତିଗଲା । ତୁମର କର୍ତ୍ତବ୍ୟନିଷ୍ଠ, ଚାଲିଚଳନ, ତ୍ୟାଗ, ଆଦର, ସବୁଦିନ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଢେଙ୍କାନାଳ ଅଧିଷ୍ଠାତା ଦେବତା ପ୍ରଭୁ ଶ୍ରୀ ବଳରାମ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କ ଶୋକସନ୍ତପ୍ତ ପରିବାର ବର୍ଗ- ପୁତ୍ର- ବିନୋଦ, ପ୍ରଶାନ୍ତ, ବୋହୂ ରଜନୀ, ବୁବୁଲି, ସବିତା, ରୁବି, ଝିଅ-ପ୍ରଭାତୀ, ସଂଯୁକ୍ତା, ପଦ୍ମିନୀ, ଜ୍ୱାଇଁ-ପ୍ରାଣବନ୍ଧୁ, ବିଳାସ, ସ୍ମାରକ, ନାତି-ଦେବ, ପିନ୍ଟୁ, ଗୁଲୁ, ବବ୍‌ଲୁ, ମିଲା, ମୁନ୍ନ, ଲିଲନ୍, ସୋମ୍, ଗୁଗୁଲା, ଗୁଗ୍ଗୁ, ନାତୁଣୀ-ପୁଷି, ପୂଜା, ଲିଜା, ମୁନି, ମାମୁନି, ନାତୁଣୀ ବୋହୂ-ମାନୁ, ଦୀପା, ସୁରେଖା, ମାମାଲି, ଅଣନାତି, ସାଇ, ଓମ୍, ଛୋଟୁ, ଅଣନାତୁଣୀ, ଟିକି, ମିକି, ପିକୁ, କିଟିଙ୍କ ସମେତ ଭାଇ ଦେିତାରୀ, ପୁତୁରା, ପୁତୁରା ବୋହୂ ଓ ମହାନ୍ତି ପରିବାରବର୍ଗ।
ଧ-୬୬୮୫୪

## ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରଫେସର ତ୍ରିଲୋଚନ ମିଶ୍ର**
ପୂର୍ବତନ କୁଳପତି
ମିଶ୍ର ପରିବାର, ୩୧୬-ଏ, ସହିଦନଗର
ଆବିର୍ଭାବ: ୨୩।୧୧।୧୯୨୪
ତିରୋଧାନ: ୦୯।୦୩।୨୦୧୬
ଜୀବନର ପଥ ଅତିକ୍ରମ କଲ
ନିର୍ଭୀକ ସୈନିକ ପରି
ଅନାବିଳ ସ୍ନେହ ବିତରଣ କଲ
ବିଶାଳ ହୃଦୟେ ଭରି
ସଦା ଲଭୁଥାଉ ତୁମରି ଆଶିଷ
ଜୀବନ ପଥରେ ଆମ
ଅମର ଆତ୍ମାର ସଦ୍‌ଗତି ହେଉ
ମୁକତି ପଥର ଧାମ
ଧ-୧୬୮୬୧

ତୁମେ ତୁମ ହୃଦୟ ମନକୁ ଶୁଦ୍ଧ କରିବା ଲାଗି କାର୍ଯ୍ୟ କରିବା ଉଚିତ। ଅନ୍ୟମାନେ କ'ଣ କରୁଛନ୍ତି, ନ କରୁଛନ୍ତି- ସେ ସମ୍ବନ୍ଧେ ମୁଣ୍ଡଖେଳାଇ ସମୟ ନଷ୍ଟ କରିବା ଅନାବଶ୍ୟକ।
ଶ୍ରୀମା

# ଟ୍ରମ୍ପଙ୍କ ଗସ୍ତ



ଆକାର ପଟେଲ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସି ସୋମବାର ଓ ମଙ୍ଗଳବାର ଅହମଦାବାଦ, ଆଗ୍ରା ଓ ଦିଲ୍ଲୀ ଯିବେ। ସେ ୨୦ଟି ଦେଶ ବୁଲିଛନ୍ତି, ଯେଉଁଗୁଡ଼ିକ ମଧ୍ୟରୁ ଅଧିକାଂଶ ହେଉଛି ୟୁରୋପୀୟ ଦେଶ। ସେ ଫ୍ରାନ୍ସ ଚାରିଥର ଯାଇଛନ୍ତି। ସେ ବିକାଶଶୀଳ ଦେଶଗୁଡ଼ିକୁ ପସନ୍ଦ କରନ୍ତି ନାହିଁ, ଯାହାକୁ ସେ କୁହନ୍ତି 'shit-hole country' ଏବଂ ଭାରତ ସେଥିମଧ୍ୟରୁ ଅନ୍ୟତମ। ସେ ଆଫଗାନିସ୍ତାନ ଯାଇଛନ୍ତି, ମାତ୍ର କେବଳ ସେଠାରେ ଥିବା ଆମେରିକୀୟ ମିଲିଟାରୀ ବେସ୍ ଛଡ଼ା ଅନ୍ୟତ୍ର ଯାଇନାହାନ୍ତି। ତାଙ୍କର ଭାରତ ଗସ୍ତ ନିଶ୍ଚିତଭାବେ କୌତୂହଳଜନକ କାରଣ ତାଙ୍କର ଗୋଟିଏ ଦୋଷ ହେଉଛି ସେ ଅପ୍ରିୟ କଟୁକଥା କହିବାକୁ ଆଦୌ କୁଣ୍ଠାବୋଧ କରନ୍ତି ନାହିଁ। ମୋ ହିସାବ ଅନୁସାରେ ଆନୁଷ୍ଠାନିକଭାବେ ଭାରତ ଗସ୍ତ କରିବାରେ ସେ ହେଉଛନ୍ତି ଷଷ୍ଠ ଆମେରିକୀୟ ରାଷ୍ଟ୍ରପତି। ପ୍ରଥମ ହେଉଛନ୍ତି ଡ୍ୱାଇଟ ଡି. ଆଇଜେନ୍‌ହାୱାର, ଯେ କି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେନାଧକ୍ଷ ଥିଲେ ଏବଂ ପରେ ରାଷ୍ଟ୍ରପତି ହୋଇଥିଲେ। ସେ ଭାରତରେ ମହାତ୍ମା ଗାନ୍ଧୀଙ୍କ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଜମହଲ ଦର୍ଶନ କରିଥିଲେ ଏବଂ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇଥିଲେ। ତା'ପରେ ଦିଲ୍ଲୀର ରାମଲୀଳା ମୈଦାନରେ ତାଙ୍କ ଭାଷଣ ଶୁଣିବା ପାଇଁ ୧୦ ଲକ୍ଷ ଲୋକ ଏକତ୍ରିତ ହୋଇଥିଲେ। ଭାରତ ଗସ୍ତ କରିଥିବା ଅନ୍ୟ ସମସ୍ତ ଆମେରିକୀୟ ରାଷ୍ଟ୍ରପତି ତାଙ୍କରି ପଦାଙ୍କ ଅନୁସରଣ କରିଆସିଛନ୍ତି। ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଭାରତ ଗସ୍ତ ଅବସରରେ ପାର୍ଲାମେଣ୍ଟରେ ତାଙ୍କ ଭାଷଣ ଦେବା ବେଳର କଥା ମୋର ମନେଅଛି। ଭାଷଣ ସରିବା ପରେ ତାଙ୍କୁ ଦେଖାକରିବା ପାଇଁ ଜଣେ ଏମ୍‌ପି, ବୋଧହୁଏ ରାମଦାସ ଅଠାୱାଲେ ଟେବୁଲ ଉପରେ ଚଢ଼ି ତାଙ୍କ ପାଖରେ ପହଞ୍ଚିଯାଇଥିଲେ। ଭାରତର ପରମାଣୁ ଉଚ୍ଚାଭିଳାଷ ଓ ପାକିସ୍ତାନ ସହ ଉତ୍ତେଜନାକୁ ନେଇ ସେତେବେଳେ କ୍ଲିଣ୍ଟନ କିଛି କଡ଼ାଭାଷା ପ୍ରୟୋଗ କରିଥିଲେ। ତେବେ ସେତେବେଳେ ବାଜପେୟୀଙ୍କ ନେତୃତ୍ୱାଧୀନ ହିନ୍ଦୁତ୍ୱବାଦୀ ସରକାର ଚାଲିଥିବା ସତ୍ତ୍ୱେ ସବୁକିଛି ମୋଟାମୋଟି ଭଲରେ ସମାପ୍ତ ହୋଇଥିଲା। ଏହାପରେ କ୍ଲିଣ୍ଟନ ମଧ୍ୟ ପାକିସ୍ତାନକୁ ଅଳ୍ପ ସମୟ ପାଇଁ ଗସ୍ତ କରିଥିଲେ, ଯାହା ସେତେବେଳର ପରମ୍ପରା ଥିଲା, କାରଣ ତାହାଦ୍ୱାରା ସେମାନେ କିଛି ଖରାପ ଭାବିବେ ନାହିଁ। କିନ୍ତୁ ମନମୋହନ ସିଂ ସରକାର ଅମଳରେ ଜର୍ଜ ଡବ୍ଲ୍ୟୁ. ବୁଶ୍‌ଙ୍କ ଗସ୍ତ ସମୟରେ ଠିକ୍ ଓଲଟା ଘଟିଥିଲା। ତାହା ମଧ୍ୟ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଗସ୍ତ ଥିଲା କିନ୍ତୁ ବୁଶ୍ କ୍ଲିଣ୍ଟନଙ୍କ ପରି ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ ନ ଥିବାରୁ ତାହା ଭାରତ ପାଇଁ ଆଣବିକ ଚୁକ୍ତି ଦୃଷ୍ଟିରୁ ସେତେ ଫଳପ୍ରଦ ନ ଥିଲା। ବାରାକ ଓବାମା ଦୁଇଥର ଭାରତ ଗସ୍ତରେ ଆସିଛନ୍ତି। ଥରେ ସେ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆସିଥିଲେ। ତା'ପରେ ମୋଦିଙ୍କ ସମୟରେ ଆସିଥିଲେ ଯେତେବେଳେ ମୋଦି ତାଙ୍କ ନାଁ ଲେଖାଥିବା ଏକ ସୁଟ୍ ପିନ୍ଧି ଓବାମାଙ୍କୁ ଚା ପରଷିଥିଲେ। ଓବାମା ଜଣେ ମଧ୍ୟବିତ୍ତ ଶ୍ରେଣୀର ମଣିଷ ଏବଂ ସେ ଯେଉଁ ଜୋତା ପିନ୍ଧନ୍ତି, ତାକୁ ଅନେକବାର ମରାମତି କରାଯାଇଥାଏ। ମୁଁ ଆଶ୍ଚର୍ଯ୍ୟ ହେଉଛି ଏପରି ସୁଟ୍ ପିନ୍ଧି ତାଙ୍କୁ ସ୍ୱାଗତ କରିବା ବେଳେ ସେ କ'ଣ ଭାବିଥିବେ। ଓବାମା ଜଣେ ବୁଦ୍ଧିଜୀବୀ ଏବଂ ମନମୋହନଙ୍କୁ ତାଙ୍କ ଗୁରୁ ମାନନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଟ୍ରମ୍ପ ଓ ମୋଦି ହେଉଛନ୍ତି ଅନୁରୂପ। ଉଭୟେ ରାଲିଗୁଡ଼ିକରେ ଉଦ୍‌ବୋଧନ ଦେବାକୁ ଭଲ ପାଆନ୍ତି, ଉଭୟେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଏବଂ ଉଭୟେ ହେଉଛନ୍ତି ଅହଂକାରୀ। ଉଭୟେ ହେଉଛନ୍ତି ଆପ୍ରବାସୀ-ବିରୋଧୀ। ଟ୍ରମ୍ପ କେତେକ ଦେଶର ମୁସଲମାନଙ୍କୁ ତାଙ୍କ ଦେଶରେ ପ୍ରବେଶ କରିବାକୁ ବାରଣ କରିଥିବା ବେଳେ ମୋଦି ନାଗରିକ ସଂଶୋଧନ ଆଇନରେ ଆପ୍ରବାସୀ ମୁସଲମାନଙ୍କୁ ବାଦ୍ ଦେଇଛନ୍ତି। ଟ୍ରମ୍ପଙ୍କ ଭାରତ ଆଗମନର ସେମିତି କିଛି ବିଶେଷ ଉଦ୍ଦେଶ୍ୟ ନାହିଁ। ଏବେ ସାଧାରଣତନ୍ତ୍ର ଦିବସ ନାହିଁ ଯେ, ସେଥିରେ ଯୋଗଦେବା ପାଇଁ ତାଙ୍କୁ ନିମନ୍ତ୍ରଣ କରାଯିବାର ସୁଯୋଗ ଥାନ୍ତା। ସେ ଅହମଦାବାଦରେ ମୋଦିଙ୍କ ସହ ଏକ ରାଲିରେ ଉଦ୍‌ବୋଧନ ଦେବେ, ତାଜମହଲ ଦର୍ଶନ କରିବେ ଏବଂ ତା'ପରେ ଫେରିଯିବେ। କୌଣସି ବାଣିଜ୍ୟିକ ଚୁକ୍ତି ବି ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ନାହିଁ। ଟ୍ରମ୍ପ ଚାହାନ୍ତି ଆମେରିକାର ଚାଷୀମାନଙ୍କ ପାଇଁ ଭାରତର ବଜାର ଖୋଲି ଦିଆଯାଉ, ଯେଉଁଥିରେ ରାଜିହେବା ମୋଦିଙ୍କ ପାଇଁ କଷ୍ଟକର। ମୋଦି ଆମେରିକୀୟ ଦ୍ରବ୍ୟଗୁଡ଼ିକ ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି କରି ବାଣିଜ୍ୟ କାରବାରକୁ ଅଧିକ ଜଟିଳ କରିଦେଇଛନ୍ତି। ଭାରତ ଚାହେଁ ପୋଷାକ ପ୍ରଭୃତି ରପ୍ତାନି କ୍ଷେତ୍ରରେ ଆମେରିକା ଭାରତକୁ ଅଗ୍ରାଧିକାର ଦେଉ, କିନ୍ତୁ ତାହା ହେବାର ନାହିଁ। ନିକଟରେ ବାଣିଜ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ପାଉଥିବା ଦେଶ ତାଲିକାରୁ ଆମେରିକା ଭାରତକୁ ବାଦ୍ ଦେଇଛି। ଆମେ ଚାହୁଁଛୁ ଆମକୁ ଏକ ବିଶ୍ୱଶକ୍ତି ଭାବେ ବିଶ୍ୱ ଦେଖୁ, କିନ୍ତୁ ଆମେ ତାହା ନୁହଁ।

ବାଙ୍ଗାଲୋରରେ ଥିବା ଭାରତୀୟ କମ୍ପାନୀଗୁଡ଼ିକ ଚାହାନ୍ତି ଆମେରିକା ଭିଜା ବ୍ୟବସ୍ଥା କୋହଳ କରୁ। କିନ୍ତୁ ତାହା ବି ହେବାର ନାହିଁ କାରଣ ଟ୍ରମ୍ପ ହେଉଛନ୍ତି ଆପ୍ରବାସନ-ବିରୋଧୀ ଏବଂ ବିଶେଷତଃ କଳା ଲୋକମାନଙ୍କୁ ସେ ପସନ୍ଦ କରନ୍ତି ନାହିଁ। ତେଣୁ ଟ୍ରମ୍ପଙ୍କ ଗସ୍ତର ଅନ୍ତିମ ଫଳାଫଳ କ'ଣ ମିଳିବ ? ଏହା କେତେକଙ୍କ ପାଇଁ ଆମୋଦକର ହୋଇପାରେ। ଟ୍ରମ୍ପଙ୍କର ଭାରତ ପ୍ରତି ଶ୍ରଦ୍ଧା ଓ ଆନ୍ତରିକତା ନାହିଁ ଏବଂ ଭାରତ ବିଷୟରେ ସେ ବେଶି କିଛି ଜାଣନ୍ତି ନାହିଁ। ଆସନ୍ତା ବର୍ଷକୁ ସେ ଆମେରିକାର ରାଷ୍ଟ୍ରପତି ଥିବେ କି ନାହିଁ ସନ୍ଦେହଜନକ, କାରଣ ଆସନ୍ତା ନଭେମ୍ବରରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବ ଏବଂ ସେତେବେଳେ ଜଣେ ଡେମୋକ୍ରାଟ ରାଷ୍ଟ୍ରପତି ହୋଇପାରନ୍ତି। ଏବେ ଟ୍ରମ୍ପଙ୍କ ଗସ୍ତ ପାଇଁ ଯେଉଁ ଖର୍ଚ୍ଚ କରାଯାଉଛି, ସେତେବେଳେ ତାହାର କିଛି ମୂଲ୍ୟ ରହିବ ନାହିଁ। ଜଣେ ଡେମୋକ୍ରାଟ କଶ୍ମୀର, ସିଏଏ ଓ ଏନ୍‌ଆର୍‌ସି ଉପରେ ପ୍ରଶ୍ନ କରିପାରନ୍ତି। ତେବେ ମୋଦି ଏତିକି କରିପାରନ୍ତି, ଆମେରିକାରେ ଥିବା ଭାରତୀୟମାନଙ୍କୁ ଟ୍ରମ୍ପଙ୍କୁ ଭୋଟ ଦେଇ ଜିତାଇବା ପାଇଁ ଉତ୍ସାହିତ କରିପାରନ୍ତି।

Email: aakar.patel@gmail.com

# ପ୍ରତିମୂର୍ତ୍ତି ଓ ପ୍ରେରଣା



ଡ. ପ୍ରଫୁଲ୍ଲ କୁମାର ସାହୁ

ପ୍ରତିମୂର୍ତ୍ତି ପ୍ରେରଣାର ଆଧାର। ଏକ ନିର୍ଦ୍ଦିଷ୍ଟ ଆଦର୍ଶ ଓ ଦର୍ଶନର ପ୍ରତିଫଳନ। ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ସମାଜ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରି ଯାଇଥିବା ପ୍ରଣମ୍ୟ ପୁରୁଷମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତିମୂର୍ତ୍ତି ଗଢାଯାଏ ଏବଂ ସେଥିରୁ ଗ୍ରହଣ କରାଯାଏ ମହନୀୟତାର ପ୍ରେରଣା। ବିଶ୍ୱବ୍ୟାପୀ ଏହା ହିଁ ବୋଧହୁଏ ପ୍ରତିମୂର୍ତ୍ତି ପଛର କାହାଣୀ। ମାନବ ସଭ୍ୟତାରେ ପ୍ରତିମୂର୍ତ୍ତିର ଇତିହାସ ଖୁବ୍ ପୁରୁଣା ହେଲେ ବି ପ୍ରାଚୀନ ଭାରତ ବର୍ଷ ନ ଥିଲା ପ୍ରତିମୂର୍ତ୍ତିର ଦେଶ। ବରଂ ଇତିହାସ ପୁରୁଷଙ୍କ ନୀତି, ନିୟମ, ଭାବ, ଆଦର୍ଶ ଥିଲା ଆଗକୁ ବଢିବାର ପାଥେୟ। ପରବର୍ତ୍ତୀ ସମୟରେ ଇତିହାସ ପୁରୁଷଙ୍କ ପ୍ରେରଣା ଲାଭ ପାଇଁ ପ୍ରତିମୂର୍ତ୍ତି ନିର୍ମାଣ ଉପରେ ଦେଶ ଗୁରୁତ୍ୱାରୋପ କଲା, ଯାହା ଫଳରେ ଆଜି ମୂର୍ତ୍ତିମୟ ଦେଶରେ ପରିଣତ ହୋଇଛି ଭାରତୀୟ ଗଣତନ୍ତ୍ର। ମାତ୍ର ବିଡ଼ମ୍ବନାର ବିଷୟ, ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ଏଠି ପ୍ରତିମୂର୍ତ୍ତି ସ୍ଥାପନ ହୁଏ, ସେ ଉଦ୍ଦେଶ୍ୟ ଚରିତାର୍ଥ ଦିଗରେ ପ୍ରକାଶ ପାଏନି ତତ୍ପରତା।

ମଣିଷ ଯେତେବେଳେ ମଣିଷପଣିଆର ଚରମ ସୀମାରେ ପହଞ୍ଚେ, ସେତେବେଳେ ଲୋକେ ତାକୁ ପୂଜା କରନ୍ତି ଦେବତା ଭଳି। ଓଡ଼ିଶା ମାଟିରେ ଠିକ୍ ସେହିଭଳି ଜଣେ ଦେବତା ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ। ତାଙ୍କର ପ୍ରେରଣା ହାସଲ ପାଇଁ ସାର୍ବଜନୀନ ଭାବେ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଗଢାହୋଇଥିଲା ଦାସେ ଆପଣେଙ୍କ ପ୍ରତିମୂର୍ତ୍ତି। ୧୯୩୪ ମସିହା ମେ ଆଠ ତାରିଖ ନିଜର ଐତିହାସିକ ହରିଜନ ଯାତ୍ରା ଆରମ୍ଭ କରିବାର ଠିକ୍ ଗୋଟିଏ ଦିନ ପୂର୍ବରୁ ଏହାକୁ ଅନାବରଣ କରିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ। ତାଙ୍କ ସେବାଧର୍ମରେ ଅନୁପ୍ରାଣିତ ହେବା ପାଇଁ ପାଳନ ହେଲା ସେବା ଦିବସ। ମାତ୍ର ଏହା ସତ୍ତ୍ୱେ ପ୍ରାୟତଃ କେହି ଗ୍ରହଣ କରିପାରିଲେନି ତାଙ୍କ ସେବା ଓ ତ୍ୟାଗର ମହନୀୟ ପ୍ରେରଣା। କାହା ପାଖରେ ଆଉ ଦେଖିବାକୁ ମିଳିଲାନି ଗୋପବନ୍ଧୁଙ୍କର ଉତ୍ସର୍ଗୀକୃତ ଭାବନା। ସାରା ଭାରତବର୍ଷରେ ଗୌତମ ବୁଦ୍ଧ ହେଉଛନ୍ତି ସର୍ବାଧିକ ଓ ସର୍ବଶ୍ରେଷ୍ଠ ପ୍ରତିମୂର୍ତ୍ତି-ପ୍ରେରିତ-ବ୍ୟକ୍ତିତ୍ୱ ଭାବରେ ପରିଚିତ ଏବଂ ତାଙ୍କ ପରେ ଯଦି କୌଣସି ଭାରତୀୟ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି ଗଢିବା ଲାଗି ବିଶ୍ୱ ସମୁଦାୟର ଆଗ୍ରହ ଜାଗତିଆର ରହିଛି, ତେବେ ସେ ହେଉଛନ୍ତି ମହାତ୍ମା ଗାନ୍ଧୀ। ଆଜି ସାରା ପୃଥିବୀରେ ଭାରତର ମୁହଁ ପ୍ରତିଫଳିତ କେବଳ ଗାନ୍ଧିଜୀଙ୍କ ବିଚାର, ଆଦର୍ଶ, ଫଟୋଚିତ୍ର ଓ ପ୍ରତିମୂର୍ତ୍ତି ମାଧ୍ୟମରେ। ଗଣ ଭିତରେ ପ୍ରଚାରିତ ଏକ ତଥ୍ୟ ଅନୁସାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା, ରୁଷିଆ ଓ କାନାଡ଼ା ଆଦି ବିଭିନ୍ନ ଦେଶରୁ ବରାଦ ଆସି ପହଞ୍ଚୁଛି ପଛକୁ ପଛ। ଏହାର କାରଣ ଗାନ୍ଧିଜୀ ଥିଲେ ମାନବୀୟ ଗୁଣର ଏକ ପ୍ରେରଣାଦାୟୀ ଉଦାହରଣ। ତେଣୁ ପୃଥିବୀ ଏବେ ଲୋଡୁଛି ଗାନ୍ଧୀ ଆଦର୍ଶର ମହନୀୟ ପ୍ରେରଣା। ସାରା ପୃଥିବୀ ଏକଥା ଜାଣେ ଯେ ଗାନ୍ଧିଜୀ ଥିଲେ ବିଲାତୀୟ କୁଶାସନର ପ୍ରଚଣ୍ଡ ବିରୋଧୀ। ଇଂରେଜମାନଙ୍କୁ ଏ ଦେଶରୁ ତଡ଼ିବା ପାଇଁ ଦେଶବାସୀଙ୍କ ହାତରେ ସେ ଧରେଇ ଦେଇଥିଲେ ସତ୍ୟାଗ୍ରହ ରୂପକ ଅମୋଘ ଅସ୍ତ୍ର। ସେହି ଅସ୍ତ୍ର ଆଗରେ ହାର ମାନିଲା ପ୍ରଚଣ୍ଡ ଶକ୍ତିଶାଳୀ ଇଂରେଜ ଜାତି। ଅଥଚ ସେ ଇଂରେଜ ଜାତି ଆଜି ଅତି ଆଗ୍ରହର ସହିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନ ଦେଇଛି ଲଣ୍ଡନ ପାର୍ଲାମେଣ୍ଟ ଛକରେ। ନଅଫୁଟ ଉଚ୍ଚତା ବିଶିଷ୍ଟ ଏହି ବ୍ରୋଞ୍ଜ ପ୍ରତିମୂର୍ତ୍ତି ଛିଡ଼ା ହୋଇଛି ଠିକ୍ ୱିନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କ ପ୍ରତିମୂର୍ତ୍ତି ପାଖରେ, ଯେଉଁ ଚର୍ଚ୍ଚିଲ ଦିନେ ଗାନ୍ଧିଜୀଙ୍କୁ ଲଙ୍ଗଳା ଫକୀର କହି କଟୁ ବାକ୍ୟବାଣ ପ୍ରୟୋଗ କରିଥିଲେ ଅତି ଅସୌଜନ୍ୟ ଭାବରେ। ସେ କଥା ଭୁଲିଯାଇ ସର୍ବପୁରାତନ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଗାନ୍ଧିଜୀଙ୍କ ସାର୍ବଜନୀନ ବାର୍ତ୍ତା ଭିତରେ ଥିବା ବିରଳ ବନ୍ଧୁତ୍ୱକୁ ଚିରକାଳ ଉଜ୍ଜୀବିତ କରି ରଖିବା ପାଇଁ ସେମାନେ ସ୍ଥାପନ କଲେ (ମାର୍ଚ୍ଚ ୨୦୧୫) ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି। ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଡାଭିଡ୍ କାମେରନଙ୍କ ବକ୍ତବ୍ୟ ଅନୁସାରେ ଇତିହାସର ଜଣେ ଏଭଳି ଅତୁଳନୀୟ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଏ ପ୍ରସିଦ୍ଧ ସ୍ଥାନରେ ସ୍ଥାନିତ କରି ଆମେ ତାଙ୍କୁ ନିଜର କରିନେଇଛୁ ଚିରଦିନ ପାଇଁ।

ଗାନ୍ଧିଜୀଙ୍କ ବ୍ୟତୀତ ଭାରତରେ ସ୍ୱାମୀ ବିବେକାନନ୍ଦ, ରବୀନ୍ଦ୍ରନାଥ ଠାକୁର, ଭୀମରାଓ ଆମ୍ବେଡ୍‌କର, ଲାଲବାହାଦୁର ଶାସ୍ତ୍ରୀ, ଏପିଜେ ଅବଦୁଲ୍ କଲାମ ପ୍ରମୁଖ ଇତିହାସ ପୁରୁଷଙ୍କ ପାଖରେ ରହିଛି ଦେଶ ଭିତରେ ଓ ବାହାରେ ପ୍ରତିମୂର୍ତ୍ତି ମାଧ୍ୟମରେ ପ୍ରେରଣା ପ୍ରଦାନ କରିବାର ଅମାପ ଶକ୍ତି। କେବଳ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ନୁହେଁ, ଆଞ୍ଚଳିକ ସ୍ତରରେ ସମାଜ ପ୍ରତି ବିଶେଷ ଅବଦାନ ରଖିଥିବା ବ୍ୟକ୍ତିତ୍ୱଙ୍କ ସ୍ମୃତିରକ୍ଷା ପାଇଁ ମଧ୍ୟ ଦେଶରେ ତିଆରି ହୋଇଛି ଅସୁମାରି ପ୍ରତିମୂର୍ତ୍ତି। ଯେଉଁମାନଙ୍କ ସହିତ ଲୋକଙ୍କର ଭାବଗତ ସମ୍ପର୍କ ଅଛି ଏବଂ ତାଙ୍କର ଅବଦାନ ଯୋଗୁ ସମାଜ ଉପକୃତ ହୋଇଛି, ସେମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ କେବେ ପ୍ରଶ୍ନ କରାଯାଇ ନ ପାରେ। ମାତ୍ର ସେଭଳି ପ୍ରତିମୂର୍ତ୍ତି ନ ଗଢିବା ଭଲ, ଯଦି ଆମ ଭିତରେ ପ୍ରକାଶ ପାଉନି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ମାନସିକତା। ଏକଥା କହିବାର ଉଦ୍ଦେଶ୍ୟ ହେଉଛି ଆମେ ପ୍ରତିମୂର୍ତ୍ତି ଗଢିବା ନିମନ୍ତେ ଯେତିକି ତତ୍ପର, ତାକୁ ସୁରକ୍ଷା ଓ ସମ୍ମାନ ଦେବାରେ ସେତିକି ଉଦାସୀନ। ସାଧାରଣତଃ ଆମେ ରାସ୍ତା କଡ଼ରେ ଓ ଛକ ଜାଗାରେ ପ୍ରତିମୂର୍ତ୍ତି ସ୍ଥାପନ କରୁ ଏବଂ ପ୍ରାୟତଃ ତାଙ୍କୁ ସ୍ମରଣ କରୁ ଜୟନ୍ତୀ ଓ ଶ୍ରାଦ୍ଧ ଅବସରରେ। କେବଳ ସେହିଦିନ ପ୍ରତିମୂର୍ତ୍ତି ଓ ତା'ର ଚତୁଃପାର୍ଶ୍ୱ ସଫାସୁତୁରା ହୁଏ ଏବଂ ନିମନ୍ତ୍ରିତ ନେତା ସେଥିରେ ମାଲ୍ୟାର୍ପଣ କରି ଅନର୍ଗଳ ବକ୍ତୃତା ଦିଅନ୍ତି ସେମାନଙ୍କ ସେବା, ତ୍ୟାଗ, ପ୍ରତିଭା ଓ ସାଧନା ସମ୍ପର୍କରେ। ସେହି ଗୋଟିଏ ଦୁଇଟି ଦିନକୁ ଛାଡ଼ିଦେଲେ ବର୍ଷର ଅବଶିଷ୍ଟ ଦିନ ଅଲୋଡ଼ା, ଅଖୋଜା, ବର୍ଜ୍ୟବସ୍ତୁ ଭଳି ପଡ଼ିରହେ ପ୍ରତିମୂର୍ତ୍ତି। ଖରାବର୍ଷା, ଶୀତକାକରରେ ପଡ଼ିରହିଥିବା ଏହି ପ୍ରତିମୂର୍ତ୍ତି ଉପରେ ଧୂଳି ଜମେ, ଚଢେଇ ହଗେ ଓ ବେଳେବେଳେ ଦୁର୍ବୃତ୍ତଙ୍କ ଦ୍ୱାରା ଅପହୃତ ହୋଇଯାଏ ସେଥିରୁ ଚଷମା ଓ ବାଡ଼ି ଇତ୍ୟାଦି। ରାଜନୈତିକ ଆକ୍ରୋଶର ଶିକାର ହୋଇ ବି କେବେ କେବେ ପ୍ରତିମୂର୍ତ୍ତିରୁ ବିଚ୍ଛିନ୍ନ ହୁଏ ଅଙ୍ଗ ପ୍ରତ୍ୟଙ୍ଗ। ଯେଉଁଠି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଥାଇ ସ୍ୱଚ୍ଛ ଭାରତ ଲେଖାଯାଇଥାଏ, ସେଇଠି ପଡ଼େ ମେଞ୍ଚା ମେଞ୍ଚା ପାନଛେପ। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରେ ମଦଦୋକାନ ଖୋଲିବା ପାଇଁ ସରକାର ଯେମିତି ଅନୁମତି ପ୍ରଦାନ କରନ୍ତି, ଲୋକେ ସେମିତି ମଦପିଇ ବୋତଲ ଫିଙ୍ଗନ୍ତି ପ୍ରତିମୂର୍ତ୍ତି ପାଖରେ। ବିଧାନସଭା ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିତଳେ ଧାରଣା ଦେଉଥିବା ନେତା, ମନ୍ତ୍ରୀମାନେ ଗାନ୍ଧିଜୀଙ୍କ ଅହିଂସା ଆଚରଣ କଥା ସେତେବେଳେ ଭୁଲି ଯାଆନ୍ତି, ଯେତେବେଳେ ପରସ୍ପର ମୁଥ ମରାମରି ହୁଅନ୍ତି ବିଧାନସଭା ଭିତରେ। ଅର୍ଥାତ୍ ଆମେ ପ୍ରତିମୂର୍ତ୍ତି ଗଢି ବାହାବା ନେବା ପାଇଁ ଯେତିକି ଉଦ୍‌ବିଗ୍ନ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଦିଗରେ ସେତିକି ବୀତସ୍ପୃହ।

ଦେଶରେ କିଛି ରାଜନୈତିକ ଦଳ କ୍ଷମତାରେ ଥାଇ ନିଜ ନିଜ ଆଦର୍ଶ ଭିତ୍ତିରେ ସ୍ଥାପନ କରନ୍ତି ଅନେକ ପ୍ରତିମୂର୍ତ୍ତି। ସବୁ ନୀତିନିୟମକୁ ଉଲ୍ଲଂଘନ କରି ଏଥିପାଇଁ ରାଜକୋଷରୁ ବ୍ୟୟ କରନ୍ତି ବିପୁଳ ଅର୍ଥ। ସେ ମୂର୍ତ୍ତିମାନଙ୍କ ଉପସ୍ଥିତି ସହିତ ଦଳମନସ୍କତା ଥାଏ ସତ, କିନ୍ତୁ ଅନୁବନ୍ଧିତ ନ ଥାଏ ଜନଜୀବନର ଭାବନା। ଗଣତନ୍ତ୍ରରେ କେଉଁ ବ୍ୟକ୍ତିତ୍ୱର ସ୍ମୃତିରକ୍ଷା ପାଇଁ କ'ଣ କରାଯିବ ବା କେଉଁଠି ପ୍ରତିମୂର୍ତ୍ତି ସ୍ଥାପନ ହେବ ସେ ନିଷ୍ପତ୍ତି ସରକାର ନୁହେଁ, ଜନସାଧାରଣ ନେବା ଉଚିତ। କୌଣସି ରାଷ୍ଟ୍ରପୁରୁଷଙ୍କ ମୂର୍ତ୍ତିକୁ ଅତି ବଡ଼ କରି ଦେଖାଇବା ମଧ୍ୟ ନିର୍ଦ୍ଦିଷ୍ଟ ରାଜନୈତିକ ଆଦର୍ଶକୁ ଆଧାର କରିଥିବା ଏକ ସଂକୀର୍ଣ୍ଣତା, ଯାହାକୁ ଅନ୍ୟ ରାଜନୈତିକ ଦଳ ବିରୋଧ କରିପାରେନି ଭୋଟ ହରାଇବା ଭୟରେ। ମାତ୍ର ଏହା ମହାପୁରୁଷଙ୍କ ପ୍ରତି ସମ୍ମାନ ନୁହେଁ ବରଂ ତାଙ୍କ ଆଦର୍ଶର ଅମର୍ଯ୍ୟାଦା। ଏହି ଦୃଷ୍ଟିରୁ ମୂର୍ତ୍ତି ନିର୍ମାଣ ପୂର୍ବରୁ ବ୍ୟକ୍ତିତ୍ୱର ଅନ୍ତଃସ୍ୱରକୁ ଭେଦିବା ନିତାନ୍ତ ପ୍ରୟୋଜନ। ବିଶେଷକରି ଏ ଦିଗରେ ଆବଶ୍ୟକ ଅର୍ଥ ରାଜକୋଷରୁ ଖର୍ଚ୍ଚ ନ ହୋଇ ସର୍ବସାଧାରଣଙ୍କ ଦାନ ବା ଚାନ୍ଦାରେ ସମ୍ପାଦିତ ହେବା ଉଚିତ। ଏହାଦ୍ୱାରା ଏଥିପାଇଁ ଉଦ୍ଦିଷ୍ଟ ଅର୍ଥକୁ ସରକାର ବିନିଯୋଗ କରିପାରନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କିମ୍ବା ଅନ୍ୟ କୌଣସି ଜନହିତକର କାର୍ଯ୍ୟରେ।

pks88a1962@gmail.com

# ବିଚାରର ଦୁଇଟି ମାର୍ଗ



ଡ. ବାସୁଦେବ ମିଶ୍ର

ପ୍ରବୃତ୍ତି ଆଉ ନିବୃତ୍ତି: ବିଚାରର ମାର୍ଗ ଦୁଇଟି- ଜୀବନକୁ ସୁନ୍ଦର ସୁଠାମ କରି ଗଢି ତୋଳିବା ପାଇଁ। ମନୁଷ୍ୟତାର ମହକକୁ ଚତୁର୍ଦ୍ଦିଗରେ ପ୍ରସାରିତ କରିବା ପାଇଁ। ତା'ର ଉଚ୍ଚତା ଓ ମହନୀୟତାକୁ ଅନୁଭବରେ ଆଣିବା ନିମନ୍ତେ। ମନୁଷ୍ୟର ନିଜସ୍ୱ ଭାବନା ଓ ବିଚାର ଉପରେ ଏହି ଦୁଇଟି ଅବଶ୍ୟ ନିର୍ଭରଶୀଳ। ବିଚାର ଯେତିକି ଉନ୍ନତ ଓ ଋଦ୍ଧିମନ୍ତ, ପ୍ରବୃତ୍ତି ଓ ନିବୃତ୍ତିର ସହାୟତାରେ ଜୀବନ ସେତିକି ଦୀପ୍ତିମନ୍ତ ହୋଇଯାଏ।

ପ୍ରବୃତ୍ତି ହେଲା କୌଣସି କାର୍ଯ୍ୟରେ ପ୍ରବୃତ୍ତ ହେବା, ନିଜକୁ ନିୟୋଜିତ କରିବା। ନିବୃତ୍ତି- କୌଣସି କାର୍ଯ୍ୟରୁ ନିଜକୁ ଅପସାରିତ କରିବା। ଏହି ଦୁଇଟି ଭାବନା ଭଲ ମନ୍ଦ, ହାନିଲାଭ, ଶୁଭ ଅଶୁଭାଦି ବିଚାର ଦ୍ୱାରା ପରିଚାଳିତ ଏବଂ ନିୟନ୍ତ୍ରିତ ହୋଇଥାଏ। ବେଳେବେଳେ ଦେଖାଯାଏ, ସାଧାରଣ ଲୋକଟି ନିଜର ବିଚାରଶକ୍ତି ଦ୍ୱାରା ପ୍ରବୃତ୍ତି ନିବୃତ୍ତିର ନିଶୁଣି ଚଢି କାହିଁ କେତେ ଊର୍ଦ୍ଧ୍ୱକୁ ଚାଲିଯାଏ। ପୁଣି କେତେ ଇନ୍ଦ୍ରିୟସଂଯମୀ ଋଷି ପ୍ରବୃତ୍ତି ନିବୃତ୍ତିର ଶିଡ଼ିକୁ ଆଶ୍ରୟ କରି ଅତଳ ରସାତଳଗାମୀ ହୁଅନ୍ତି। ମହାଭାରତରେ ପାଣ୍ଡବମାନଙ୍କର ବନବାସ କାଳରେ ଦୁର୍ଯ୍ୟୋଧନ ଥିଲେ ହସ୍ତିନାପୁର ରାଜ୍ୟର ଅଧିପତି। ହିଂସାଦ୍ୱେଷାଦି ଅନେକ ଦୁର୍ଗୁଣ ଥିଲେ ମଧ୍ୟ ଦୁର୍ଯ୍ୟୋଧନ ଥିଲେ ଜଣେ ଉତ୍ତମ ଶାସକ। ଏକଥା ପ୍ରମାଣିତ ହୋଇଥିଲା ତାଙ୍କର ଏହି ରାଜ୍ୟଶାସନ କାଳରେ। ସୁଶାସନରେ ସେ ପ୍ରଜାମାନଙ୍କର ମନ ଏପରି ମୋହିଥିଲେ ଯେ ସେମାନେ ପାଣ୍ଡବମାନଙ୍କୁ ଆଉ ମନେ ରଖି ନ ଥିଲେ। ମହାକବି ଭାରବୀଙ୍କର କିରାତାର୍ଜ୍ଜୁନୀୟ କାବ୍ୟରେ ଏହାର ସୁନ୍ଦର ବର୍ଣ୍ଣନା ମିଳେ। ଧର୍ମ କାର୍ଯ୍ୟରେ ପ୍ରବୃତ୍ତ ହେବା ଏବଂ ଅଧର୍ମ କାର୍ଯ୍ୟରୁ ନିବୃତ୍ତ ହେବା ଜଣେ ସୁପୁରୁଷର କର୍ତ୍ତବ୍ୟ- ଏ ସୁମହାନ ଜ୍ଞାନ ଦୁର୍ଯ୍ୟୋଧନଙ୍କର ଥିଲା। କିନ୍ତୁ ପାଣ୍ଡବମାନଙ୍କ କ୍ଷେତ୍ରରେ ସେ ଏହି ଜ୍ଞାନର ପ୍ରୟୋଗ କରି ନ ଥିଲେ। ବନବାସରୁ ଫେରିବା ପରେ ପାଞ୍ଚଭାଇଙ୍କୁ ପାଞ୍ଚଖଣ୍ଡ ପଡା ଦେବା ପରିବର୍ତ୍ତେ ସେ ସେମାନଙ୍କୁ ଯୁଦ୍ଧ ମାଗିଥିଲେ। ହସ୍ତିନାପୁରକୁ ଶାନ୍ତିଦୂତ ହୋଇ ଆସିଥିବା ଶ୍ରୀକୃଷ୍ଣଙ୍କର ପ୍ରଶ୍ନର ଉତ୍ତରରେ କହିଥିଲେ- ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତିର୍ଜାନାମ୍ୟଧର୍ମଂ ନ ଚ ମେ ନିବୃତ୍ତିଃ। ଅର୍ଥାତ୍ ହେ କୃଷ୍ଣ ! ଧର୍ମ କ'ଣ ତାହା ମୋତେ ଅଜଣା ନାହିଁ। କେବଳ ପାଞ୍ଚଖଣ୍ଡ ପଡା କାହିଁକି, ଏ ସମଗ୍ର ହସ୍ତିନାପୁର ରାଜ୍ୟ ବଡଭାଇ ଯୁଧିଷ୍ଠିରଙ୍କର ପ୍ରାପ୍ୟ, କିନ୍ତୁ ମୋର ମନ ସେପରି ଧର୍ମରେ ପ୍ରବୃତ୍ତ ହେଉନାହିଁ। ସେହିପରି ଅଧର୍ମ କ'ଣ ମୁଁ ତାହା ମଧ୍ୟ ଜାଣେ। ନିଜର ଭ୍ରାତାମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବା ଏବଂ ସେମାନଙ୍କୁ ବାରମ୍ବାର ବିପଦ ମୁହଁକୁ ଠେଲିଦେବା, ଏହା ଆଦୌ ଉଚିତ ନୁହେଁ, କିନ୍ତୁ ସେଥିରୁ ମୁଁ ନିଜକୁ ନିବୃତ୍ତ କରି ପାରୁନାହିଁ।

ଅନେକ ସମୟରେ ଏମିତି ହୁଏ, ଉଚିତ ଅନୁଚିତ ଠିକ୍‌ରୂପେ ଜାଣିଥିଲେ ମଧ୍ୟ ଅନୁଚିତରେ ପ୍ରବୃତ୍ତ ହେବା ଏବଂ ଉଚିତରୁ ନିବୃତ୍ତ ହେବାପାଇଁ ମନୁଷ୍ୟ ପରିସ୍ଥିତିକ୍ରମେ ବାଧ୍ୟ ହୋଇଥାଏ। ଅର୍ଥାତ୍ ତା' ବ୍ୟତୀତ ଆଉ ତା'ର ଗତ୍ୟନ୍ତର ନ ଥାଏ। ସମୟ ସମୟରେ ନିଜେ ବୁଣିଥିବା ଜାଲରେ ଛନ୍ଦିହୋଇ ଭୁଲକୁ ଠିକ୍ ଏବଂ ଠିକ୍‌କୁ ଭୁଲ୍ ବୋଲି ମାନିନିଏ। ଖୁବ୍ କମ୍ ଲୋକଙ୍କୁ ଛାଡିଦେଲେ କେତେ ବିଚାରବନ୍ତ, ଜ୍ଞାନୀ, ଗୁଣୀ, ପ୍ରାଜ୍ଞ, ରାଜନେତା ଏପରି ଖାଲରେ ପଡି କଲବଲ ହୁଅନ୍ତି।

ଅସଲ କଥାଟା ହେଲା ପ୍ରବୃତ୍ତିମାର୍ଗରେ ହାତପାହାନ୍ତାରେ ଯେତିକି ସୁଖ ଆମେ ପାଉ, ନିବୃତ୍ତିମାର୍ଗରେ ସେତିକି ମିଳେନା। ଯାହା ବା ମିଳେ ତାହା କାଳାନ୍ତରରେ ମିଳେ, ଯେଉଁଥିପାଇଁ ଆମର ଧୈର୍ଯ୍ୟ ନ ଥାଏ। ନିଶାରେ ଥିବା ଲୋକଟି ନିଶାରେ ଥିବା ସମୟରେ ଅଧିକ ସୁଖ ପାଉଥିବା ଦାବି କରେ। ସମସ୍ତ ପ୍ରାଣୀ ପ୍ରବୃତ୍ତିର ଆବେଶରେ ଯେମିତି ଝୁମି ରହିଥାଆନ୍ତି ନିଶାଗ୍ରସ୍ତଟିଏ ନିଶାର ଆବେଶରେ ରହିଥିବା ପରି। ଚାଳଘରେ ବାସ କରୁଥିବା ଲୋକଟିର ପ୍ରବଳ ଆକାଙ୍କ୍ଷା ସେ କୋଠାଘର କରି ତହିଁରେ ବାସ କରିବ। ଏକତାଲା କୋଠାଘରେ ରହୁଥିବା ଲୋକଟିର ସ୍ୱପ୍ନ- ସେ ତା'ର ଘରଟିକୁ ଦ୍ୱିତଳ ପ୍ରାସାଦରେ ପରିଣତ କରିବ। ସାଇକେଲରେ ଯା'ଆସ କରୁଥିବା ଲୋକଟି ମୋଟର ବାଇକରେ ଯାଉଥିବା ଲୋକଟିକୁ ଦେଖି ବିହ୍ୱଳିତ ହୁଏ। ଏପରି କ୍ଷେତ୍ରରେ ନିବୃତ୍ତିର ମାର୍ଗକୁ ଆପଣେଇବା ଭାବ ଲୋକଙ୍କଠାରେ ପ୍ରାୟ ଦେଖାଯାଏ ନାହିଁ। ଭୋଗର ଆକର୍ଷଣରେ ସମସ୍ତେ ବଶୀଭୂତ। ସୁଦୃଶ୍ୟ ଆମୋଦପୂର୍ଣ୍ଣ ରାଜପ୍ରାସାଦ, ସୁଶୀଳା ମନୋରମା ପତ୍ନୀ ଯଶୋଧାରା ଏବଂ ଶିଶୁପୁତ୍ର ରାହୁଲଙ୍କୁ ଛାଡି ସେଦିନ ରାଜପୁତ୍ର ସିଦ୍ଧାର୍ଥ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କଲେ। ରୋଗ, ବାର୍ଦ୍ଧକ୍ୟ ଏବଂ ମୃତ୍ୟୁ ଯେ ପ୍ରାଣୀକୁ ନିବୃତ୍ତ ହେବାକୁ ବାଧ୍ୟ କରେ, ଏକଥା ସେ ବୁଝିଥିଲେ। ସେମାନଙ୍କର ବାଧ୍ୟତା ପୂର୍ବରୁ ସେ ନିଜେ ନିବୃତ୍ତିର ମାର୍ଗକୁ ଆପଣାଇ ନେଲେ।

ବିଧାତାଙ୍କର ନିୟମ ଦୁଇଗୋଟି- ପ୍ରବୃତ୍ତି ଓ ନିବୃତ୍ତି। ଏହି ଦୁଇଟି ନିୟମ ଦ୍ୱାରା ସେ ସମଗ୍ର ସଂସାରକୁ ପରିଚାଳିତ କରିଥାଆନ୍ତି। ତୁମେ ପ୍ରବୃତ୍ତ ହୁଅ ବା ନ ହୁଅ, ବିଧି ଜୋର କରି ତୁମକୁ ପ୍ରବୃତ୍ତ କରାଏ ପୁଣି ନିବୃତ୍ତ ହୁଅ ବା ନ ହୁଅ ଜୋର କରି ସେ ତୁମକୁ ନିବୃତ୍ତ କରାଏ। ଶୈଶବରୁ କୈଶୋର ଅବସ୍ଥା ପ୍ରାପ୍ତ ହେବାରେ ବିଧି ତୁମର ଅନୁମତି ଅଥବା ଅନୁରୋଧକୁ ଅପେକ୍ଷା କରେନାହିଁ। କୈଶୋରରୁ ନିବୃତ୍ତ ହୋଇ ତୁମେ ଯୌବନରେ ପାଦଥାପ, ସେଥିରେ ତୁମର ଇଚ୍ଛାକୁ ସେ ଅପେକ୍ଷା କରେନାହିଁ। କାଳାନ୍ତରେ ସେ ତୁମକୁ ଯୌବନର ଉଦ୍ଦାମତାରୁ ନିବୃତ୍ତ କରାଇ ବାର୍ଦ୍ଧକ୍ୟର ସ୍ଥବିରତାରେ ପ୍ରବେଶ କରାଏ। ସେଥିରେ ତୁମେ ଦୁଃଖ ପାଇପାର, କିନ୍ତୁ ସେ ସେଥିକୁ ଖାତିର କରେନାହିଁ। ପୁଣି ବହୁଦିନ ଧରି ଭୋଗର ମାଧ୍ୟମ ସାଜିଥିବା ଏହି ଶରୀରରୁ ନିବୃତ୍ତ ହେବାକୁ ଇଚ୍ଛା ନ ଥିଲେ ବି ଦିନେ ଜୋର କରି ତୁମଠାରୁ ଏହି ଶରୀରକୁ ଛଡାଇ ନିଏ। ସେଥିରେ ତୁମେ ଦୁଃଖ କଲ କି ସୁଖ, ତୁମେ ଆତ୍ମୀୟସ୍ୱଜନ ବୋଲି ଭାବୁଥିବା ଅନ୍ୟମାନେ ସେଥିରେ ହସିଲେ କି କାନ୍ଦିଲେ ସେଥିକି ତା'ର ଖାତିରି ନ ଥାଏ।

ଦଶରଥପୁର, ଯାଜପୁର,
ମୋ- ୯୪୩୮୩୨୮୭୫୫

## ଏଇ ଭାରତରେ

ମାନବିକତା ଏକ ଶବ୍ଦ , କିନ୍ତୁ ଏହାର ଗଭୀରତା ଏତେ ଅଧିକ ଯେ ତାହାକୁ ଶବ୍ଦରେ ବ୍ୟାଖ୍ୟା କରାଯାଇପାରେନା। ଏଭଳି ମାନବିକତାର ଛବି ଦେଖିବାକୁ ମିଳିଛି ପଞ୍ଜାବର ମାଲେରକୋଟ୍‌ଲାରେ। ଏହି ସହରର ପୁରୁଣା କିଲ୍ଲା ବସ୍ତିର ଜଣେ ଶିଖ୍ ମହିଳାଙ୍କ ମୃତ୍ୟୁ ହେବା ପରେ ମୁସଲମାନ୍‌ମାନେ ଅନ୍ତିମ ସଂସ୍କାର କରି ମାନବିକତା ତଥା ଭାଇଚାରାର ପରିଚୟ ଦେଇଛନ୍ତି। ଏହି କାର୍ଯ୍ୟରେ କେତେ ଜଣ ଶିଖ୍ ମଧ୍ୟ ସହଯୋଗ କରିଛନ୍ତି। ବସ୍ତିରେ ଝୁମ୍ପୁଡି ଘରେ ରହୁଥିବା ୫୯ ବର୍ଷୀୟା ଦବିନ୍ଦରଜିତ୍ କୌରଙ୍କର ମାଲେରକୋଟଲାର ଶ୍ମଶାନଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ଦବିନ୍ଦରଜିତ୍ ବସ୍ତିରେ ରାଣୀ ଆଣ୍ଟି ନାମରେ ପରିଚିତ ଥିଲେ। ଅମରଗଡ ନିକଟସ୍ଥ ଏକ ଗାଁରେ ତାଙ୍କ ଘର। ସେଠାରେ ତାଙ୍କ ସ୍ୱାମୀ, ଝିଅ ଓ ପୁଅ ରହୁଥିଲେ ବି ରାଣୀ ବସ୍ତିରେ ରହି ମଜୁରି ଲାଗି ପେଟ ପୋଷୁଥିଲେ। ତାଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର କରିବା ପାଇଁ ସେମାନେ ରାଜି ହୋଇ ନ ଥିଲେ। ତେବେ ରାଣୀଙ୍କ ଅନ୍ତିମ ସଂସ୍କାର ପରେ ଗୁରୁଦ୍ୱାର ସାହିବରେ ତାଙ୍କ ଆତ୍ମାର ଶାନ୍ତି ପାଇଁ ପୂଜାପାଠ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି।

## ଚିରନ୍ତନୀ

ଆସ ତୁମେ ଆସ ପାଶେ,
ଗଭୀର ନୀରବଭାଷେ
ପରଶ ଏ କ୍ଷୁବ୍‌ଧ ମୋର ତନୁ,
ଶୀତଳ ବିଦ୍ୟୁତ୍ ସମ
ସେ ପରଶ ଲାଗି ମମ
ଘୁଞ୍ଚାଉ ବିଷାଦଛାୟା ମନୁଁ।
(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଫେବୃୟାରୀ ୧୯୯୫

- ଆସନ୍ତା ୩ ବର୍ଷ ପାଇଁ ସାଂସ୍କୃତିକ ସହଯୋଗ ଲାଗି ଚାଇନା ଓ ବାଂଲାଦେଶ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।
- ଚାଇନା ତାହାର ବଜେଟ ନିଅଣ୍ଟକୁ ସୁଧାରିବା ପାଇଁ ଆଗାମୀ ମାର୍ଚ୍ଚ ୧ ତାରିଖରୁ ୩ ବର୍ଷିଆ ଟ୍ରେଜେରି ବଣ୍ଡ ପ୍ରଚଳନ କରିବା ନେଇ ନିଷ୍ପତ୍ତି।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୧୬- ଆମ୍ ଆଦ୍‌ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍‌ରିୱାଲ ୬ ମନ୍ତ୍ରୀଙ୍କ ସହ ଦିଲ୍ଲୀର ରାମଲୀଳା ମଇଦାନରେ ତୃତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରଛନ୍ତି।

୧୭- ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କୁ ମାର୍ଚ୍ଚ ୩ ତାରିଖ ସକାଳ ୬ଟାରେ ଫାଶୀ ଦିଆଯିବ ବୋଲି ଦିଲ୍ଲୀର ପଟିଆଲା ହାଉସ କୋର୍ଟ ସାନି ଡେଥ୍ ୱାରେଣ୍ଟ ଜାରି କରିଛନ୍ତି।

୧୮- ଗତ ୩ ବର୍ଷରେ ବିଭିନ୍ନ କାରଣରୁ ୨୪୬ ହାତୀଙ୍କ ମୃତ୍ୟୁ ହୋଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

୧୯- ରାଷ୍ଟ୍ରପତିଙ୍କ ସଚିବ ଥିବା ସଞ୍ଜୟ କୋଠାରୀ ଦେଶର ପରବର୍ତ୍ତୀ ମୁଖ୍ୟ ଭିଜିଲାନ୍ସ କମିଶନର ହେବାକୁ ଯାଉଛନ୍ତି।

୨୦- ଉତ୍ତର-ପୂର୍ବାଞ୍ଚଳକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୧କୁ ହଟାଯିବ ନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି।

୨୧- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ଦୁଇଜଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଭାସ୍କର ଖୁଲ୍‌ବେ ଓ ଅମରଜିତ୍ ସିହ୍ନା ନିଯୁକ୍ତ ହୋଇଛନ୍ତି।

## ଆମ ସମସ୍ୟା

### ନଷ୍ଟ କରୁଛି ଲଟି ଗଛ

ମହାଶୟ,

ପୂର୍ବ ସତ୍ୟବାଦୀ ଅଞ୍ଚଳରେ ଏକ ଲଟି ଗତ ମହାବାତ୍ୟାଠାରୁ ଅନେକ ସଂଖ୍ୟାରେ ବାଡି ବଗିଚା ଏପରିକି ଘରେ ଉଠି ଗଛରେ ମାଡି ଗଛକୁ ଏକରକମ କବଳିତ କରିଦେବାରୁ ଗଛ ମରଣୋନ୍ମୁଖୀ ହୋଇଯାଉଛି। ଏହି ଲଟି ସବୁଜ ପତ୍ରରେ ପୂର୍ଣ୍ଣ ଓ ଅତି ନରମ, ଫୁଲଗୁଡ଼ିକ ଛୋଟ। ଶିମିଳିଫଳ ଫାଟି ବୀଜବିକ୍ଷେପ ହେବା ପରି ଏହି ଲଟିର ମଞ୍ଜି ଏତେ ସୂକ୍ଷ୍ମ ଯେ ପବନରେ ଏହା ଅଞ୍ଚଳ ଅଞ୍ଚଳକୁ ଉଡି ବଂଶବିସ୍ତାର କରିବାରୁ ଲୋକେ ଘାସପୋଡା/ମୂଳଶଢା ଔଷଧ ସିଞ୍ଚନ କରି ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ଲଟି ଛିଡାଇବା ବେଳେ ତା'ର ସୂକ୍ଷ୍ମ ମଞ୍ଜି ମଣିଷଙ୍କ ଶ୍ୱାସରେ ଚାଲିଯାଉଛି। କୃଷି ବିଶେଷଜ୍ଞ ଅବଗୁଣକାରୀ ଗାଜର ଘାସକୁ ନିପାତ କରି କମ୍ପୋଷ୍ଟ ଖତ କରିବାକୁ ପରାମର୍ଶ ଦେଉଥିଲେ। ବର୍ତ୍ତମାନ କୃଷି ବିଶେଷଜ୍ଞ ଏହି ଲଟିକୁ ପରୀକ୍ଷା କରି କିପରି ନିପାତ ହେବ ଏହାର ଉପାୟ ବତାଇବା ନିମନ୍ତେ ଦାବି ହେଉଛି।

ଶ୍ରୀରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

### ପଞ୍ଚୁପାଣ୍ଡବ ସଡ଼କ ଅତ୍ୟନ୍ତ ଶୋଚନୀୟ

ପାରାଦୀପଠାରୁ ଚଣ୍ଡିଖୋଲ ସହର, ଜାତୀୟ ରାଜପଥର ବାମପାର୍ଶ୍ୱର ମଧ୍ୟମସ୍ଥଳୀରେ ଥିବା ପଞ୍ଚୁପାଣ୍ଡବ ଛକ ଯାତ୍ରୀବାହୀ ଯାନଗୁଡ଼ିକର ରହଣି ସ୍ଥଳ। ଉକ୍ତ ସ୍ଥାନଟି ଏକ ଗୁରୁତ୍ୱପୂର୍ଣ୍ଣ ଛକ। ନିକଟସ୍ଥ ଇଟା, ମୁଣ୍ଡୁଳି ବୀର ହନୁମାନଜୀଙ୍କ ବିଜେସ୍ଥଳୀ ଓ ଓଳାଶୁଣୀ ଗୁମ୍ଫା ବିଖ୍ୟାତ ଧର୍ମପୀଠ। ଏଭଳି ପୌରାଣିକ ଓ ଐତିହାସିକ କୀର୍ତ୍ତିରାଜି ଥିବା ସ୍ଥାନଗୁଡ଼ିକର ସଡକଟି ବିପର୍ଯ୍ୟସ୍ତ। ବାମ ପାର୍ଶ୍ୱ ଶାଖା ସଡକକୁ ନୂତନ ଭାବରେ ସମ୍ପ୍ରସାରଣ କରାଯିବା ସହିତ ପୁନଃନିର୍ମାଣ କରାଯିବା ନିତାନ୍ତ ଆବଶ୍ୟକ। ଏ ଦିଗରେ ପ୍ରଶାସନ, ରାଜ୍ୟ ସରକାର ଧ୍ୟାନ ଦେଲେ ହଜାର ହଜାର ଜନସାଧାରଣ ଉପକୃତ ହୁଅନ୍ତେ।

ଆଦିକନ୍ଦ ସାହୁ, ସାନ୍ତସାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 6 | 4 | 2 | D | | 8 | E | | | | | |
| | | | 7 | | | | | 1 | 8 | B | 9 | | E | |
| | | | | | 1 | | 6 | 2 | | | | | 8 | |
| | | 3 | | | 9 | | | C | A | | | | | 0 |
| E | 1 | B | D | | | | 7 | 0 | | | | | | |
| | C | | | 2 | | | | 6 | | | 8 | 3 | | D |
| A | 2 | 1 | 4 | | | 5 | | | | | | | 7 | |
| | | | 5 | | | 2 | | | | | | B | | |
| | B | 7 | | C | | | | 3 | 2 | | 6 | | 5 | E |
| | | | | D | 0 | | A | 9 | | | | | 4 | C |
| | | | B | | 8 | | | 5 | C | | 7 | | | |
| 4 | 8 | 0 | A | | 7 | | | E | | | | | 9 | |
| | | | | 1 | 5 | 6 | | | | | 0 | D | | |
| | E | C | | 6 | | | 9 | | | | | | | |
| | 3 | | | | | | | | | D | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 1 | 7 | 5 | 8 | E | 4 | 0 | A | 3 | 6 | C | B | 2 |
| 8 | 0 | E | 9 | 1 | A | B | 2 | 7 | D | C | 5 | 3 | 6 | 4 |
| A | C | 3 | D | 2 | 4 | 8 | 6 | 1 | B | 9 | E | 0 | 5 | 7 |
| 4 | 6 | B | E | 0 | C | 5 | A | 3 | 7 | 1 | 2 | D | 9 | 8 |
| 5 | 7 | 2 | B | 3 | 6 | 9 | D | C | 4 | 8 | 0 | E | 1 | A |
| 1 | 2 | 8 | 4 | C | E | 6 | 9 | B | 5 | 0 | 7 | A | D | 3 |
| 9 | A | 7 | 8 | 6 | 0 | 2 | 3 | D | E | B | C | 5 | 4 | 1 |
| C | E | D | 2 | A | B | 4 | 1 | 5 | 9 | 6 | 3 | 8 | 7 | 0 |
| 3 | B | 0 | 1 | 9 | 5 | A | 7 | E | 8 | D | 4 | 6 | 2 | C |
| 6 | 5 | 4 | 3 | D | 7 | C | 0 | 8 | 1 | 2 | A | 9 | E | B |
| B | 8 | A | 5 | 4 | 2 | 7 | C | 9 | 3 | E | D | 1 | 0 | 6 |
| E | D | 6 | 0 | B | 1 | 3 | 5 | 2 | C | 4 | 8 | 7 | A | 9 |
| 7 | 4 | 9 | C | E | D | 0 | 8 | 6 | 2 | A | 1 | B | 3 | 5 |
| 0 | 1 | C | A | 7 | 3 | D | B | 4 | 6 | 5 | 9 | 2 | 8 | E |
| 2 | 3 | 5 | 6 | 8 | 9 | 1 | E | A | 0 | 7 | B | 4 | C | D |

ଗତକାଲିର ଉତ୍ତର

ବିଜେଡି ସଭାପତି ନିର୍ବାଚନ

# ଏକାକୀ ନାମାଙ୍କନ ଭରିଲେ ନବୀନ

ଭୁବନେଶ୍ୱର,୨୩।୨(ବ୍ୟୁରୋ)


ଦଳୀୟ କାର୍ଯ୍ୟାଳୟରେ ସଭାପତି ପଦ ପାଇଁ ନାମାଙ୍କପତ୍ର ଭରୁଛନ୍ତି ନବୀନ ପଟ୍ଟନାୟକ।

- ୨୬ରେ ଆନୁଷ୍ଠାନିକ ଘୋଷଣା
- ୮ମ ଥର ପାଇଁ ନେବେ ଦଳୀୟ ଦାୟିତ୍ୱ
- ୮୦ କାର୍ଯ୍ୟକାରିଣୀ ସଦସ୍ୟଙ୍କ ମଧ ନାମାଙ୍କନ ଦାଖଲ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବିଜେଡି ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଲଗାତର ୮ମ ଥର ଭାବେ ସେ ପୁନର୍ବାର ବିଜେଡିର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ମନୋନୀତ ହେବାକୁ ଯାଉଛନ୍ତି। ପ୍ରଥମଥର ୧୯୯୭ ଡିସେମ୍ବର ୨୬ରେ ନବୀନ ପଟ୍ଟନାୟକ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପରେ ଲଗାତର ୭ଥର ଦଳୀୟ ସାଙ୍ଗଠନିକ ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବାକୁ ଯାଉଛନ୍ତି।

ବିଜେଡି ପକ୍ଷରୁ ଜାରି ରହିଥିବା ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିବା ପାଇଁ ପ୍ରତାପ ଦେବଙ୍କୁ ରିଟର୍ନିଂ ଅଫିସର ଦାୟିତ୍ୱ ଦିଆଯାଇଥିଲା। ଭୁବନେଶ୍ୱରସ୍ଥିତ ଦଳୀୟ ମୁଖ୍ୟାଳୟରେ ନବୀନ ୧୦ ଜଣ ପ୍ରସ୍ତାବକଙ୍କ ସ୍ୱାକ୍ଷର ସହ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନବୀନଙ୍କ ନାମାଙ୍କନ ପତ୍ରରେ ସାଧାରଣ ସମ୍ପାଦକ(ସଙ୍ଗଠନ) ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା, ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାନସଭାରେ ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ପ୍ରସ୍ତାବକ ରହିଥିବା ଜଣାପଡ଼ିଛି। ୧୦ ଜଣିଆ ପ୍ରସ୍ତାବକଙ୍କ ମଧ୍ୟରେ ୨ ମହିଳାଙ୍କ ସମେତ ରାଜ୍ୟର ୪ଟି ପ୍ରାନ୍ତର ଜଣେ ଜଣେ ପ୍ରମୁଖ ସଦସ୍ୟଙ୍କ ନାଁ ରହିଛି। ସେହିଭଳି ରିଟର୍ନିଂ ଅଫିସର ପ୍ରତାପଙ୍କ ନିକଟରେ ଦଳୀୟ କାର୍ଯ୍ୟକାରିଣୀ ସଦସ୍ୟ ପାଇଁ ୮୦ ଜଣ ବ୍ୟକ୍ତିବିଶେଷ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିସହିତ ବିଜେଡି ରାଜ୍ୟ ପରିଷଦ ତାଲିକାରେ ୩୫୫ଜଣଙ୍କ ନାମ ରହିଛି। ଏହି ତାଲିକାରେ ସମସ୍ତ ବର୍ଗ, ଅଞ୍ଚଳ ସହ ଲୋକସଭା/ବିଧାନସଭାୱାରି ପ୍ରତିନିଧିତ୍ୱ ରହିଛି। ସୋମବାର ରାଜ୍ୟ ସଭାପତି ଏବଂ କାର୍ଯ୍ୟକାରିଣୀ ପଦବୀ ସମ୍ପର୍କିତ ଯାଞ୍ଚ ଏବଂ ମଙ୍ଗଳବାର ପ୍ରତ୍ୟାହାର ଦିବସ ରଖାଯାଇଛି। ୨୬ରେ ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ପରିଷଦର ବୈଠକ ବସିବାକୁ ଯାଉଛି। ଏହି ଦିନ ସଭାପତି ନବୀନ ପଟ୍ଟନାୟକ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ତାଲିକା ଆନୁଷ୍ଠାନିକ ଭାବେ ଘୋଷଣା ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଦଳର ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଲଗାତର ସଭାପତି ଭାବେ ରହି ଆସିଛନ୍ତି। ୨୦୦୦ରୁ ମଧ ଓଡ଼ିଶାବାସୀଙ୍କ ଜନସମର୍ଥନରେ ମୁଖ୍ୟମନ୍ତ୍ରୀ ଭାବେ ସେବା ଦେଇ ଆସୁଛନ୍ତି। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଉଭୟ ଦଳ ଏବଂ ରାଜ୍ୟ ପ୍ରଶାସନର ମଙ୍ଗ ଧରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଉଭୟ ସଙ୍ଗଠନ ଏବଂ ସରକାରଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିଛି। ଦେଶର ଅନ୍ୟ ଆଞ୍ଚଳିକ ଦଳରେ ଆଭ୍ୟନ୍ତରୀଣ ବିବାଦ, ଲୋକପ୍ରିୟତା ହ୍ରାସ, ପରିବାରବାଦ ଦେଖିବାକୁ ମିଳିଥିବା ବେଳେ ବିଜେଡିରେ ଏସବୁ ନାହିଁ। ଏହା କେବଳ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଏବଂ ଜନକଲ୍ୟାଣକାରୀ ପଦକ୍ଷେପ ଯୋଗୁ ସମ୍ଭବ ହୋଇଥିବା ସଞ୍ଜୟ କହିଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ନିର୍ବାଚନ ପ୍ରକ୍ରିୟା ସମୟରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ନବ କିଶୋର ଦାସ, ଅଶୋକ ପଣ୍ଡା, ସୁଶାନ୍ତ ସିଂ, ପଦ୍ମିନୀ ଦିଆନ୍, ରଘୁନନ୍ଦନ ଦାସ, ଟୁକୁନି ସାହୁ, ଜ୍ୟୋତି ପାଣିଗ୍ରାହୀ, ବିଧାୟକ ପ୍ରୀତିରଞ୍ଜନ ଘଡେଇ, ସୁଧୀର ସାମଲ, ମୀନାକ୍ଷୀ ମହନ୍ତ, ପ୍ରଦୀପ ପାଣିଗ୍ରାହୀ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ, ପୂର୍ବତନ ଏମ୍‌ପି କଳିକେଶ ସିଂଦେଓ, ଅନଙ୍ଗ ଉଦୟ ସିଂଦେଓ, ଯୁବ ସଙ୍ଗଠକ ବିଜୟ ନାୟକ, ଦୁର୍ଗା ସାମନ୍ତରାୟ, ଅମରେଶ ଜେନା, ମୁନା ଖାଁ, ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ରବି ନାରାୟଣ ନନ୍ଦ, ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ, ଏମ୍‌ପି ଅମର ପଟ୍ଟନାୟକ, ପ୍ରମିଳା ବିଶୋଇ, ମହେଶ ସାହୁ, ପିନାକୀ ମିଶ୍ର, ଚନ୍ଦ୍ରଶେଖର ସାହୁ, ସରୋଜିନୀ ହେମ୍ବ୍ରମ୍, ଏନ୍. ଭାସ୍କର ରାଓ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା।

# ‘ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ହତାଦର’

## ଏମ୍‌ସରେ ହିନ୍ଦୀ ଭାଷା ପ୍ରଚଳନ ପ୍ରସଙ୍ଗରେ ବର୍ଷିଲେ ନିରଞ୍ଜନ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଭାରତ ବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ ଯାହା ସ୍ୱତନ୍ତ୍ରଭାବେ ୧ ଏପ୍ରିଲ ୧୯୩୬ ମସିହାରେ ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ପାଇଛି। ମାତ୍ର ଅତି କ୍ଷୋଭ ଏବଂ ବିଡ଼ମ୍ବନାର ବିଷୟ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ଭୁବନେଶ୍ୱରଠାରେ ପ୍ରତିଷ୍ଠିତ କେନ୍ଦ୍ରୀୟ ଅନୁଷ୍ଠାନ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ)ରେ ସମସ୍ତ କର୍ମଚାରୀ, ରୋଗୀ ଏବଂ ରୋଗୀମାନଙ୍କ ସମ୍ପର୍କୀୟ ସମସ୍ତ କଥା ହିନ୍ଦୀ ଭାଷାରେ ଲେଖିବେ। ଏହାସହ ହିନ୍ଦୀଭାଷା ଅଧିକ ବ୍ୟବହାର କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହା କେନ୍ଦ୍ର ସରକାରଙ୍କ ଓଡ଼ିଶା ଏବଂ ଓଡ଼ିଆ ଭାଷା ପ୍ରତି ହିନମନ୍ୟତା। ଓଡ଼ିଶା କେନ୍ଦ୍ର ସରକାରଙ୍କ ଦ୍ୱାରା ହତାଦର ଏଥିରୁ ସ୍ପଷ୍ଟ ପ୍ରତ୍ୟୟମାନ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ନିରଞ୍ଜନ ଆହୁରି କହିଛନ୍ତି ଯେ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏଭଳି ନିର୍ଦ୍ଦେଶନାମାକୁ ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ କାର୍ଯ୍ୟକାରୀ ନ କରିବା ପାଇଁ ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ଓଡ଼ିଶା ରୋଗୀ ଏବଂ ସେମାନଙ୍କ ପରିବାର ବର୍ଗ, କର୍ମଚାରୀମାନେ ଯଦି ଓଡ଼ିଆରେ କଥା ହେବେନି, ଓଡ଼ିଆରେ ଲେଖିବେ ନାହିଁ ଏବଂ ଦସ୍ତଖତଟିଏ କଲେ ଚଳିବନି ତେବେ ଓଡ଼ିଆ ଭାଷା ଏକ ଭାଷା ହୋଇ କିପରି ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଳତଃ ଏହି ନିର୍ଦ୍ଦେଶନାମା ରୋଗୀ ଓ ସେମାନଙ୍କ ପରିବାର ବର୍ଗକୁ ବହୁ ଅସୁବିଧାରେ ପକାଇବ। କେନ୍ଦ୍ର ସରକାରଙ୍କ ଏହି ହୀନ ଉଦ୍ୟମ ଓଡ଼ିଆ ଭାଷାକୁ କେବେହେଲେ ନ୍ୟୂନ କରିପାରିବ ନାହିଁ। କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ନିରଞ୍ଜନ ଦାବି କରିଛନ୍ତି।

# ଲୁଟି ନେଲେ ୩୦ ଭରି ଅଳଙ୍କାର

କଟକ ଅଫିସ,୨୩।୨

ଜଗତପୁରରେ ବଡ଼ ଧରଣର ଡକାୟତି

- ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କଲେ
- ୪୨ ହଜାର ଟଙ୍କା ମଧ ନେଇଗଲେ
- ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ

କଟକ ଜିଲା ଜଗତପୁର ଥାନା ଅନ୍ତର୍ଗତ ତରୋଳ କେନାଲ୍ ରୋଡ୍ ଅଞ୍ଚଳର ଏକ ଘରେ ଶନିବାର ବିଳମ୍ବିତ ରାତିରେ ବଡଧରଣର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଉକ୍ତ ଘରେ ପଶି ସୁଧାଂଶୁ କୁମାର ନାୟକ ନାମକ ବ୍ୟକ୍ତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୩୦ ଭରି ଓଜନର ସୁନା ଅଳଙ୍କାର ସହ ୪୨ ହଜାର ଟଙ୍କା ଲୁଟିନେଇ ଥିବା ଜଗତପୁର ଥାନାରେ ଅଭିଯୋଗ ହୋଇଛି। ସୁଧାଂଶୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୭୬/୨୦) ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ସାଢେ ୨ଟାରୁ ୩ଟା ମଧ୍ୟରେ ୪/୫ ଜଣ ଦୁର୍ବୃତ୍ତ ସୁଧାଂଶୁଙ୍କ ଘରର କବାଟ ଭାଙ୍ଗି ଭିତରେ ପଶିଥିଲେ। ସେମାନଙ୍କ ହାତରେ ଭୁଜାଲି, ଫାର୍ସା ଓ ବନ୍ଧୁକ ଥିଲା। ସେମାନେ ସୁଧାଂଶୁଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିବା ସହ ତାଙ୍କ ପୁଅଙ୍କୁ ମାଡ଼ ମାରିଥିଲେ। ପରେ ପରିବାର ସଦସ୍ୟଙ୍କୁ ଗୋଟିଏ ରୁମ୍‌ରେ ବନ୍ଦ କରି ଘରର ଆଲମିରା ଏବଂ ଅନ୍ୟ ସ୍ଥାନରେ ଖୋଜାଖୋଜି କରିଥିଲେ। କିଛିଦିନ ତଳେ ସୁଧାଂଶୁଙ୍କ ପୁଅଙ୍କ ବିବାହ ହୋଇଥିବା ଯୋଗୁ ସମସ୍ତେ ଅଳଙ୍କାର ପିନ୍ଧିଥିଲେ। ଫଳରେ ଦୁର୍ବୃତ୍ତମାନେ ତାଙ୍କ ସ୍ତ୍ରୀ, ପୁଅ ଓ ବୋହୂ ପିନ୍ଧିଥିବା ସବୁ ଅଳଙ୍କାର କାଢି ନେଇଥିଲେ। ଏହା ମଧ୍ୟରେ ରହିଛି ଗୋଟିଏ ସୁନାଚେନ, ହାର, ବାଲା, ୧୦ଟି କାନଫୁଲ, ୬ ହଳ ସୁନାଚୁଡି ଓ ୧୫ଟି ସୁନାମୁଦି। ଏଥିସହ ସେମାନେ ଘରର ଆଲମିରା ଭାଙ୍ଗି ଭିତରେ ଥିବା ୪୦ ହଜାର ଟଙ୍କା, କିଛି ସୁନାଅଳଙ୍କାର, ସୁଧାଂଶୁଙ୍କ ପୁଅଙ୍କ ପକେଟରେ ଥିବା ଗୋଟିଏ ଏଟିଏମ୍ କାର୍ଡ ସହ ୨ହଜାର ଟଙ୍କା ମଧ ନେଇଯାଇଥିଲେ। ଏ ସମ୍ପର୍କରେ ସୁଧାଂଶୁ କହିଛନ୍ତି, ପ୍ରାୟ ୧ ଘଣ୍ଟା ଧରି ଏହି ଲୁଟ୍‌ପାଟ୍ ଚାଲିଥିଲା। ଘର ଭିତରକୁ ଯେତିକି ଦୁର୍ବୃତ୍ତ ପଶିଥିଲେ, ସେତିକି ଘର ବାହାରେ ଜଗି ରହିଥିଲେ। ସମସ୍ତଙ୍କ ବୟସ ପ୍ରାୟ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେମାନେ ଓଡ଼ିଆରେ କଥା ହେଉଥିଲେ ବୋଲି ସୁଧାଂଶୁ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ରବିବାର ସକାଳେ ଜଗତପୁର ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚିଥିଲା। ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ସଂଗ୍ରହ କରି ତଦନ୍ତ ଚଳାଇଛି। ଏହି ଡକାୟତି ପଛରେ ରାଜ୍ୟ ବାହାରର ଦୁର୍ବୃତ୍ତଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରୁଛି।

# ୨ ଆକାଂକ୍ଷା ଜିଲା ପାଇଁ ବ୍ୟବହୃତ ହେବ ଡିଏମ୍‌ଏଫ୍ ପାଣ୍ଠି

- ରାଜ୍ୟକୁ ନୀତି ଆୟୋଗର ପରାମର୍ଶ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଓଡ଼ିଶାର କୋରାପୁଟ ଏବଂ ରାୟଗଡ଼ା ପଛୁଆ ଜିଲା ଭାବେ ପରିଚିତ। ତେଣୁ ଏହି ଜିଲାଗୁଡ଼ିକର ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥାନ୍ତି। ଏହି ୨ ଜିଲାକୁ କେନ୍ଦ୍ର ସରକାରଙ୍କ ଆକାଂକ୍ଷା ଜିଲା ଭାବେ ମଧ ଚିହ୍ନଟ କରାଯିବା ସହ ଜିଲାରେ ବିକାଶ ସମ୍ପର୍କିତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ହେଲେ ବିଭିନ୍ନ ପ୍ରକଳ୍ପରେ ଅଧିକ ଅର୍ଥ ଆବଶ୍ୟକ ହେଉଥିବାରୁ ଏହି ଜିଲା ପାଇଁ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ)ରୁ ଅର୍ଥ ଯୋଗାଇ ଦିଆଯାଉ ବୋଲି ନୀତି ଆୟୋଗ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଏହି ମର୍ମରେ କେନ୍ଦ୍ର ପକ୍ଷରୁ ରାଜ୍ୟକୁ ପତ୍ର ଲେଖାଯାଇଛି। ଏହି ପ୍ରକ୍ରିୟାକୁ ପ୍ରକଳ୍ପ ପରିଚାଳନା ୟୁନିଟ୍(ପିଏମ୍‌ୟୁ) ଦ୍ୱାରା ପରିଚାଳନା କରାଯିବ।

ନିକଟରେ ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ଡେଲ୍‌ଟା ରାଙ୍କିଙ୍ଗ୍‌ରେ ଏହି ଦୁଇ ଜିଲା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏସୀୟ ଉନ୍ନୟନ ବ୍ୟାଙ୍କ୍(ଏଡିବି) ଏବଂ ୟୁଏନ୍‌ଡିପି ଏହି ୨ ଜିଲାକୁ ବିଶେଷ ସହାୟତା ଯୋଗାଇ ଦେବ ବୋଲି ଜଣାପଡିଛି। ପ୍ରଶାସନିକ ଅଧିକାରୀ ସତ୍ୟବ୍ରତ ସାହୁ ରାୟଗଡା ଏବଂ ଉଷା ପାଢୀ କୋରାପୁଟ ଜିଲା ପାଇଁ ପ୍ରଭାରୀ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଏହି ଦୁଇ ଅଧିକାରୀ ଜିଲାଗୁଡ଼ିକୁ ନିୟମିତ ଗସ୍ତ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ସାରା ଦେଶର ୧୧୨ଟି ଜିଲା ଆକାଂକ୍ଷା ଯୋଜନା ଅଧୀନରେ ରହିଛି। ତନ୍ମଧ୍ୟରୁ ଓଡ଼ିଶାର ୧୦ଟି ଜିଲା ରହିଛି।

# ସମବାୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରନ୍ତୁ ସରକାର: ଭାଜପା



ରାଜ୍ୟ କାର୍ଯ୍ୟାଳୟର କୁଷାଭାଉ ଠାକ୍‌ରେ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଭାଜପା ସମବାୟ ସେଲ୍ ପକ୍ଷରୁ ଦଳର ରାଜ୍ୟ କାର୍ଯ୍ୟାଳୟର କୁଷାଭାଉ ଠାକ୍‌ରେ ପ୍ରକୋଷ୍ଠରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ସମବାୟର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ସମବାୟ ନିର୍ବାଚନର ଅବଧି ପାର ହୋଇଥିଲେ ସୁଦ୍ଧା ପୁନଃ ନିର୍ବାଚନ ନ କରିବା ପାଇଁ ଏକପ୍ରକାର ମସୁଧା ଚାଲିଛି ବୋଲି ରାଜ୍ୟ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଅବସରରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସମବାୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି କହିଛନ୍ତି। ଏହାସହ କେନ୍ଦ୍ରର ସମବାୟ ଉପଯୋଗୀ ଯୋଜନାଗୁଡିକ ଉପରେ ଆଲୋଚନା କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ସମବାୟ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିର ଆର୍ଥିକ ବିକାଶ ଘଟି ପାରିବ। ଓଡ଼ିଶାର ସମବାୟ ସଂସ୍ଥାଗୁଡିକରେ ଚାଲିଥିବା ଦୁର୍ନୀତି ଉପରେ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଳର ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ ଏବଂ ସଙ୍ଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି ପ୍ରମୁଖ କହିଛନ୍ତି, ସରକାର ଜାଣିଶୁଣି ସମବାୟ ନିର୍ବାଚନକୁ ବିଳମ୍ବ କରୁଛନ୍ତି। ସରକାର ଏଥିପାଇଁ ଯେଉଁ ମସୁଧା କରୁଛନ୍ତି ସେଥିରୁ ବିରତ ରହି ତୁରନ୍ତ ନିର୍ବାଚନ କରାନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଅପରପକ୍ଷରେ ପ୍ରତ୍ୟେକ ସମବାୟ ସଂସ୍ଥାର ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସମବାୟ ସେଲ୍ ସଂଯୋଜକ ଗୋଲକ ମହାପାତ୍ର କହିଛନ୍ତି।

ଜିଲା ଟିଠି

ମୟୂରଭଞ୍ଜ

# ଭୟଶୂନ୍ୟ ପୋଲିସ

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ କେତେଜଣ ପୋଲିସ କର୍ମଚାରୀ ଓ ଯବାନ କିଛିଦିନ ହେବ ଭୟଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ସେମାନେ ନିଜ ଉଚ୍ଚପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ବି ଖାତିର କରୁ ନାହାନ୍ତି। ବରଂ ସେମାନେ ନିଜ କର୍ତ୍ତବ୍ୟ ଭୁଲି ଉଗ୍ର ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏପରି କି ସେମାନେ ଜନସାଧାରଣଙ୍କୁ ସୁରକ୍ଷା ଦେବା ବଦଳରେ ନିଶାସକ୍ତ ଅବସ୍ଥାରେ କେଉଁଠି ଗଡୁଛନ୍ତି ତ ଆଉ କେଉଁଠି ଲୋକମାନଙ୍କୁ ଖରାପ ବ୍ୟବହାର କରିବାକୁ ପଛାଉ ନାହାନ୍ତି। କେତେଜଣ ବିଶୃଙ୍ଖଳିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁ ପୂରା ଜିଲା ପୋଲିସ ବଦ୍‌ନାମର ବୋଝ ମୁଣ୍ଡାଉଛି। ଏ ନେଇ ନିଲମ୍ବନର ଛାଟ ବାଜୁଥିଲେ ମଧ କେହି ଚେତୁ ନ ଥିବା ଦେଖିବାକୁ ମିଳୁଛି। ଗତ ସେପ୍ଟେମ୍ବର ୮ର ଘଟଣା। ରିଜର୍ଭ ଅଫିସରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣେ ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରି ନିଲମ୍ବିତ ହୋଇଥିଲେ। ଏପରି କି ଲୋକେ ତାଙ୍କୁ ବାନ୍ଧି ପିଟିବାକୁ ପଛାଇ ନ ଥିଲେ। ଏହି ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ସେପ୍ଟେମ୍ବର ୨୨ରେ କପ୍ତିପଦା ଥାନାର ଜଣେ ଏଏସ୍‌ଆଇ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ନଭେମ୍ବର ୫ରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଗତ ୬ ତାରିଖରେ ବେତନଟୀ ଥାନାର ଜଣେ ଏସ୍‌ଆଇ ଥାନା ଛକରେ ନିଶାସକ୍ତ ଅବସ୍ଥାରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓ ଦେଖିବା ପରେ ଏସ୍‌ପି ତାଙ୍କୁ ନିଲମ୍ବିତ କରିଥିଲେ। ସେହିପରି କିଛି ଦିନ ତଳେ ବଡ଼ସାହିରେ ଅନୁଷ୍ଠିତ ହୋଇଥିଲା ହିଙ୍ଗୁଳା ଯାତ୍ରା। ଡ୍ୟୁଟି କରୁଥିବା ଓଏପିଏଫ୍‌ର ଯବାନ ସୁରକ୍ଷା ଦେବା ବଦଳରେ ନିଶାସକ୍ତ ଅବସ୍ଥାରେ ସାର୍ଟ ଖୋଲି ଜନସାଧାରଣଙ୍କୁ ଗାଳିଗୁଲଜ କରିଥିଲେ। ଏହାର ଭିଡିଓ ଭାଇରାଲ୍ ହେବା ପରେ ଏସ୍‌ପି ତାଙ୍କୁ ମଧ୍ୟ ନିଲମ୍ବିତ କରିଥିଲେ। ଉଚ୍ଚପଦସ୍ଥ ଅଧିକାରୀଙ୍କ ଏପରି କଡ଼ା ଆଭିମୁଖ୍ୟ ପରେ ବି ଅଧିକାଂଶ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମନରେ ସେଭଳି କିଛି ଭୟ ଦେଖିବାକୁ ମିଳୁନାହିଁ। ପୋଲିସ ଜନସାଧାରଣଙ୍କ ସହ ଉତ୍ତମ ବ୍ୟବହାର କରିବା ବଦଳରେ ଦିନକୁ ଦିନ ଖରାପ ଆଚରଣ କରୁଛି। ଏହାକୁ ନେଇ ପୋଲିସ ପ୍ରତି ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ପୋଲିସ ପ୍ରଶାସନ ଏ ଦିଗରେ ଦୃଢ଼ ତଥା ଯତ୍ନବାନ ହେବା ପାଇଁ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

– ରଞ୍ଜନ କୁମାର ପ୍ରଧାନ

# ସିଏସିର କାର୍ଯ୍ୟବନ୍ଦ ଆନ୍ଦୋଳନ କୋହଳ



ସମ୍ବଲପୁର ଓକିଲ ସଂଘ ସମ୍ମିଳନୀ କକ୍ଷରେ ସିଏସି ସଦସ୍ୟମାନେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

ସମ୍ବଲପୁର,୨୩।୨(ବ୍ୟୁରୋ)

- ମାର୍ଚ୍ଚ ୩୧ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ ଦାବି
- ସୁପ୍ରିମକୋର୍ଟ ଆଦେଶକୁ ପାଳନ
- ମାର୍ଚ୍ଚ ୨୩ରେ ହେବ ପରବର୍ତ୍ତୀ ଶୁଣାଣି

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ କୋହଳ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଣିକି ଓକିଲମାନେ କୋର୍ଟ କାର୍ଯ୍ୟରେ ନିୟମିତ ଯୋଗଦାନ କରିବେ। ସମସ୍ତ କୋର୍ଟ ଓ ଅଦାଲତ ଶୁଣାଣିରେ ଅଂଶଗ୍ରହଣ କରିବେ ବୋଲି ପଶ୍ଚିମ ଓଡ଼ିଶା ଓକିଲ ସମୂହ କ୍ରିୟାନୁଷ୍ଠାନ କମିଟି (ସିଏସି) ନିଷ୍ପତ୍ତି ନେଇଛି। ଏ ନେଇ ଫେବୃୟାରୀ ୧୭ ତାରିଖରେ ସିଏସି ପକ୍ଷରୁ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏହାକୁ ଗ୍ରହଣ କରି ମାର୍ଚ୍ଚ ୨୩ ତାରିଖରେ ପରବର୍ତ୍ତୀ ଶୁଣାଣି କରାଯିବ। ଏହା ପୂର୍ବରୁ ଅଦାଲତ କାର୍ଯ୍ୟରେ ଯୋଗ ଦେବାକୁ ଆଦେଶ ରହିଥିଲା। ତେଣୁ ଓକିଲମାନେ ସମସ୍ତ ଅଦାଲତ କାର୍ଯ୍ୟରେ ନିୟମିତ ଯୋଗଦେବେ ବୋଲି ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସିଏସି ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷେ ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ଉପରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରନ୍ତୁ। ରାଜ୍ୟ ସରକାର ଗଠନ କରିଥିବା ଉଚ୍ଚସ୍ତରୀୟ କମିଟି ଶୀତଳ ଭଣ୍ଡାରରେ ନ ରହି ଦାୟିତ୍ୱର ସହ କାର୍ଯ୍ୟ କରନ୍ତୁ। ହାଇକୋର୍ଟ ମଧ ନିଜ ମତାମତ ଦିଅନ୍ତୁ ବୋଲି ଜିଲା ବାର୍ ସମ୍ମିଳନୀ କକ୍ଷରେ ସିଏସି ଆବାହକ ଆଶୋକ ଦାସ କହିଛନ୍ତି। ସିଏସି ସଦସ୍ୟ ସୁରେଶ୍ୱର ମିଶ୍ର କହିଛନ୍ତି, ସୁପ୍ରିମକୋର୍ଟଙ୍କ ଆଦେଶ ପାଳନ କରାଯିବ। ଆନ୍ଦୋଳନକୁ କିଛି ଦିନ ପାଇଁ କୋହଳ କରାଯାଇଛି। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ କରାଯାଉଥିଲା। ଏହାକୁ ଆମେ ନିନ୍ଦା କରୁଛୁ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ। ବିଭିନ୍ନ ଜିଲାର ଓକିଲ ସଂଘମାନେ ନିଜ ପ୍ରକ୍ରିୟାରେ ଆନ୍ଦୋଳନ ଜାରି ରଖିବେ। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ପଶ୍ଚିମ ଓଡ଼ିଶାବାସୀଙ୍କ ହକ୍ ବୋଲି ମିଶ୍ର କହିଥିଲେ। ଖବରଦାତା ସମ୍ମିଳନୀ ପୂର୍ବରୁ ଜିଲା ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ହୋଇଥିଲା। ଏହି ବୈଠକରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରି ଏହି ଘୋଷଣା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡା ଜିଲା ଓକିଲ ସଂଘ ସଭାପତି ସନ୍ଦୀପ ଅଗସ୍ତି, ରଘୁମଣି ପଟେଲ, ଦିନେଶ ଜୈନ, ଦେବଗଡ଼ ଜିଲା ସଭାପତି ରାଜୀବ ଲୋଚନ ପ୍ରଧାନ, ଉପସଭାପତି ବିକାଶ ପ୍ରଧାନ, ସୁନ୍ଦରଗଡ଼ ଜିଲା ସଭାପତି ଦୁଷ୍ମନ୍ତ ନାଏକ, ଆଶୋକ ସ୍ୱାଇଁ, ସୁକାନ୍ତ ମହାପାତ୍ର, ଅତାବିରା ଓକିଲ ସଂଘ ରଜେଶ ପାଢୀ, ତ୍ରିଲୋଚନ ବେହେରା, ଉନ୍ନି ନାୟାର ପ୍ରମୁଖ ଉପସ୍ଥିତ ଥିଲେ।

# ‘ମହିଳା ସଶକ୍ତୀକରଣରେ ଦୃଢ଼ ବିଶ୍ୱାସ କରନ୍ତି ରାଜ୍ୟ ସରକାର’

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଓଡ଼ିଶା ସରକାର ମହିଳା ସଶକ୍ତୀକରଣରେ ବିଶ୍ୱାସ କରନ୍ତି। ସ୍ୱର୍ଗତ ବିଜୁ ପଟ୍ଟନାୟକ ସର୍ବପ୍ରଥମେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ନାମ ଓ ଆଦର୍ଶରେ ଗଠିତ ହୋଇଥିବା ଦଳର ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ପ୍ରତିଟି କ୍ଷେତ୍ରରେ ମହିଳାଙ୍କୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଇଂଲିଶ ଦୈନିକ ‘ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍’ ପକ୍ଷରୁ ରବିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜେଡି ଗତ ଲୋକ ସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେଇଥିଲା। ରାଜ୍ୟ ଦ୍ୱାରା ମହିଳାଙ୍କ ପାଇଁ ଦୁଇଟି ଫ୍ଲାଗ୍‌ସିପ୍ ଯୋଜନା କାର୍ଯ୍ୟକାରୀ କରାଯାଉଛି। ‘ମିଶନ୍ ଶକ୍ତି’ ଯୋଜନାରେ ସଶକ୍ତୀକରଣ ଓ ଆର୍ଥିକ ଉନ୍ନତି ପାଇଁ ଲକ୍ଷ ଲକ୍ଷ ମହିଳା ଯୋଡ଼ି ହୋଇଛନ୍ତି। ସେହିପରି ଗର୍ଭବତୀଙ୍କ ପାଇଁ ଉଦ୍ଦିଷ୍ଟ ‘ମମତା’ ଯୋଜନାରେ ମହିଳାମାନେ ଉପକୃତ ହୋଇପାରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ପାର୍ଲାମେଣ୍ଟରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ପାଇଁ ବିଜେଡି ଚାପ ପକାଇବ କି ବୋଲି ‘ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍’ର ସମ୍ପାଦକୀୟ ନିର୍ଦ୍ଦେଶକ ପ୍ରଭୁ ଚାୱଲା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜେଡି ମହିଳା ସଶକ୍ତୀକରଣ ଦିଗରେ କ୍ରମାଗତ ଭାବେ କାର୍ଯ୍ୟ କରୁଛି। ମହିଳାଙ୍କ ଅର୍ଥନୈତିକ ଅଧିକାର ଏବଂ ସାମାଜିକ ଉନ୍ନତିକୁ ଦଳ ସର୍ବଦା ଗୁରୁତ୍ୱ ଦେଇ ଆସୁଛି। ତେଣୁ ଆଗାମୀ ଦିନରେ ମହିଳା ସଂରକ୍ଷଣ ବିଲ୍ ଗୃହୀତ ହେବା ନେଇ ସେ ଆଶାବାଦୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ୧୨ ମହିଳା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେହି ପ୍ରତିଭାମାନେ ହେଉଛନ୍ତି– ପ୍ରତିଭା ରାୟ, ଦୂତୀ ଚାନ୍ଦ, ଶଶୀ ପ୍ରଧାନ, ଶୁଭଲକ୍ଷ୍ମୀ ସୁବୁଦ୍ଧି, ଶ୍ରୁତି ମହାପାତ୍ର, ଅଂଶୁପ୍ରଜ୍ଞା ଦାସ, ସୀତା ବେହେରା, ଭିଦ୍ୟା ଦାସ, ଡ. ସଂଘମିତ୍ରା ପତି, ଝୁଲିମା ମଲ୍ଲିକ, ଡ. ସୁଜାତା କର, ସୋନାଲି ମିଶ୍ର। ମୁଖ୍ୟମନ୍ତ୍ରୀ ଏହି ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଅଧିକ ମହିଳାଙ୍କୁ ସାମିଲ କରାଇଲେ ଦଳ ସୁଦୃଢ଼ ହେବ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ପ୍ରଦେଶ ମହିଳା କଂଗ୍ରେସ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କଂଗ୍ରେସ ଭବନଠାରେ ଦଳର କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସୁସ୍ମିତା ଦେବ ଯୋଗଦେଇ ଆସନ୍ତା ଦିନରେ ମହିଳା କଂଗ୍ରେସ ସୁଦୃଢ଼ କରିବା ପାଇଁ ଯେଉଁସବୁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ ସେନେଇ ଆଲୋକପାତ କରିଛନ୍ତି। ଅଧିକରୁ ଅଧିକ ମହିଳାଙ୍କୁ କଂଗ୍ରେସରେ ସାମିଲ କରାଇପାରିଲେ ଦଳ ଅଧିକ ସୁଦୃଢ଼ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ନାରୀ ନିର୍ଯାତନା, ଚୋରି, ଡକାୟତି, ଅପପୁଷ୍ଟି ରୋକିବାରେ ଯେପରି ବିଫଳ ହୋଇଛନ୍ତି ତାହାର ପ୍ରତିବାଦ କରିବା ସହିତ ଜନସଚେତନତା ସୃଷ୍ଟି କରିବା ପାଇଁ ସୁଶ୍ରୀ ବୈଠକରେ ଉପସ୍ଥିତ ରାଜ୍ୟ ଓ ଜିଲା କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ଅଖିଳ ଭାରତ ମହିଳା କଂଗ୍ରେସର ସମ୍ପାଦିକା ତଥା ଓଡ଼ିଶା ପ୍ରଭାରୀ ସନ୍ଧ୍ୟା ସାୱଲ୍‌ଖେ କହିଛନ୍ତି ଯେ, ପଞ୍ଚାୟତସ୍ତରରୁ ଆରମ୍ଭ କରି ବ୍ଲକ ତଥା ରାଜ୍ୟ ପର୍ଯ୍ୟନ୍ତ ମହିଳାମାନଙ୍କୁ ଏକତ୍ରିତ କରି ସଙ୍ଗଠନକୁ ସୁଦୃଢ଼ କରିବାରେ ମହିଳା କଂଗ୍ରେସ କର୍ମକର୍ତ୍ତା ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି।



କଂଗ୍ରେସ ଭବନଠାରେ ଦଳର କାର୍ଯ୍ୟକାରୀ ସଭାପତି ବନ୍ଦିତା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ଫେବୃୟାରୀ ,୨୦୨୦



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।
- ଗୁରୁ ନାନକ

# ନିଯୁକ୍ତି ପାଇଁ ବିଧାନସଭା ଘେରିବେ ଛାତ୍ରୀଛାତ୍ର

**ଯାଜପୁର ଅଫିସ,୨୩।୨**

ଯାଜପୁର ଜିଲାର ରଗଡିସ୍ଥିତ ଏକମାତ୍ର ସରକାରୀ ପଲିଟେକନିକ (ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନ)ର ଛାତ୍ରୀଛାତ୍ରମାନେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ନିଯୁକ୍ତି ନ ପାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମର୍ମରେ ଛାତ୍ରୀଛାତ୍ରମାନେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନସଚିବ, କେନ୍ଦ୍ରାଞ୍ଚଳ ଆରଡିସି, ମୁଖ୍ୟମନ୍ତ୍ରୀ, ଶିଳ୍ପ ବିଭାଗ ସଚିବ ପ୍ରମୁଖଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨୦୧୪ରୁ ୨୦୨୦ ମଧ୍ୟରେ ସରକାରୀ ପଲିଟେକନିକରେ କଳିଙ୍ଗନଗର ଟାଟାଷ୍ଟିଲ କୌଣସି କ୍ୟାମ୍ପସ କରୁ ନ ଥିବା ଅଭିଯୋଗ କରି ଆଗାମୀ ଦିନରେ ଟାଟା ଷ୍ଟିଲ ଓ ବିଧାନସଭା ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସ୍ମାରକପତ୍ରରେ ଆହୁରି ଦର୍ଶାଯାଇଛି ଯେ, ଯୁବପିଢିଙ୍କ ମଧ୍ୟରେ ପ୍ରଯୁକ୍ତି ଓ ଯାନ୍ତ୍ରିକ ବିଦ୍ୟାରେ




ଦକ୍ଷତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯାଜପୁର ଜିଲା ପାଣିକୋଇଲି-ରାଜାମୁଣ୍ଡା ଜାତୀୟ ରାଜପଥ କଡ଼ ରଗଡି ନିକଟରେ ୨୦୧୪ ମସିହାରେ ସରକାରୀ ପଲିଟେକନିକ ପ୍ରତିଷ୍ଠା ହୋଇଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଆଖି ଆଗରେ ରଖି ୧୦ଏକର ଜମିରେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି। ତେବେ ଆରମ୍ଭରୁ ଟାଟା ଷ୍ଟିଲ ଏହି ସରକାରୀ କଲେଜର ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେଉନାହିଁ। ଅନ୍ୟ କେତେକ କମ୍ପାନୀ ଏଠାରେ କ୍ୟାମ୍ପସ ପକାଇ ନିଯୁକ୍ତି ଦେଉଥିଲେ ହେଁ ଟାଟା ଭଳି ବୃହତ କମ୍ପାନୀ ଏଥିପ୍ରତି ଆଖିବୁଜି ଦେଇଛି। ଯାହାକି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ବିଚଳିତ କରିଛି। ତେଣୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା ବୋଲି ଛାତ୍ରୀଛାତ୍ର ଗ୍ରହଣ କରି ନେଇଛନ୍ତି।

**ସରକାରୀ ପଲିଟେକ୍‌ନିକ୍, ରଗଡ଼ି**
- ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ
- ୨୦୧୪ରୁ ୨୦୨୦ ମଧ୍ୟରେ କରାଯାଇନି କ୍ୟାମ୍ପସ

ଏନେଇ ପୂର୍ବରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳିନାହିଁ ବୋଲି ଛାତ୍ରୀଛାତ୍ରମାନେ ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ଦ୍ରୁତ ବିକାଶ ଆଳରେ ରାଜ୍ୟ ସରକାର ଶିଳ୍ପାୟନ ପ୍ରତି ଗୁରୁତ୍ୱାରୋପ କରୁଛନ୍ତି। ଏହାର ଫଇଦା ଉଠାଇବାକୁ ଯାଇ କମ୍ପାନୀ କର୍ତ୍ତୃପକ୍ଷ କୃଷି ଓ ସ୍ଥାନୀୟ ନିଯୁକ୍ତି ପ୍ରତି ଅବହେଳା କରିବାରେ ଲାଗିଛନ୍ତି। ତାହାର ପ୍ରଭାବ ରାଜ୍ୟର ଅନ୍ୟ କୌଣସି ଅଞ୍ଚଳରେ ଯାହା ହେଉନା କାହିଁକି ଶିଳ୍ପ କବଳିତ ଯାଜପୁର ଜିଲାରେ କିନ୍ତୁ ଏହାର ଗଭୀର ପ୍ରଭାବ ଦେଖିବାକୁ ମିଳିଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ଏହି ମନମାନିକୁ ବିରୋଧ କରିବାର ସାହାସ ଜୁଟାଇ ପାରୁ ନ ଥିବା ଶାସକ ଦଳ ବିଜେଡି ସମେତ ଭାଜପା ଓ କଂଗ୍ରେସ ଦଳର ନେତାଏ ଏବେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ଆସ୍ଥା ଓ ବିଶ୍ୱାସ ହରାଇବାକୁ ବସିଛନ୍ତି। ବିଶେଷ କରି ସରକାରଙ୍କ ଶିଳ୍ପପ୍ରୀତିକୁ ନେଇ ବିଭିନ୍ନ କମ୍ପାନୀ ବିରୋଧରେ ଦେଖାଦେଇଥିବା ସରକାର ବିରୋଧୀ ଆଭିମୁଖ୍ୟ ଆଗାମୀ ଦିନରେ ଏହି ଅଞ୍ଚଳର ରାଜନୀତିକୁ ବହୁଳ ଭାବେ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ ବୋଲି ସରକାରୀ ପଲିଟେକନିକର ଛାତ୍ରୀଛାତ୍ରଙ୍କ ଆଭିମୁଖ୍ୟରୁ ସ୍ପଷ୍ଟ ବାରି ହେଉଛି। ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଜିଲାପାଳ ନିରଞ୍ଜନ ନାୟକଙ୍କୁ ପଚାରିବାରେ, ସରକାରୀ ପଲିଟେକନିକ୍‌ର ପ୍ରିନ୍ସିପାଲଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଛାତ୍ରୀଛାତ୍ରଙ୍କ ନିଯୁକ୍ତି ପାଇଁ କ୍ୟାମ୍ପସ କରାଯିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯିବ ବୋଲି ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲୁକୁ ଚାହାନ୍ତି ନାହିଁ ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡ଼ୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆଁକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି ।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

**କାଳିଆପାଣି,୨୩।୨(ଡିଏନଏ):** ସୁକିନ୍ଦା ଥାନା ଅନ୍ତର୍ଗତ ବନ୍ଧଗାଁ ଗ୍ରାମର ଜଣେ ବିବାହିତ ମହିଳାଙ୍କୁ ଡୁବୁରୀ -ଅନୁଗୁଳ ରେଳପଥ ନିର୍ମାଣରେ ନିୟୋଜିତ ଏକ ଠିକାସଂସ୍ଥାର ପରିଚାଳକ ବଳାତ୍କାର କରିଥିବା ରବିବାର ରାତିରେ ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏତଲା ଆନୁଯାୟୀ, ପିଡିତା ମହିଳା ଉକ୍ତ ଠିକାସଂସ୍ଥାର ଗେଷ୍ଟ ହାଉସ୍‌ରେ ଝାଡୁଦାର ଏବଂ ଉଚ୍ଚ ଅଧିକାରୀଙ୍କ ପୋଷାକ, ବାସନ ଆଦି ସଫା କରିଥାନ୍ତି। ମହିଳାଙ୍କୁ ଚାକିରିରୁ ବାହାର କରିଦେବାର ଧମକ ଦେଇ ସମ୍ପୃକ୍ତ ଅଧିକାରୀଜଣକ ତାଙ୍କୁ ଗେଷ୍ଟହାଉସ୍‌ରେ ବାରମ୍ବାର ବଳାତ୍କାର କରିଥିବା ସେ ଅଭିଯୋଗ କରିଛନ୍ତି। ଏତଲା ପରେ ଥାନା ଏସଆଇ ଇନାମୁନ୍ ହକ୍ ତଦନ୍ତ ଆରମ୍ଭ କରିଛନ୍ତି।

### ଦୁଇ ମୃତ ଖୁରୀଙ୍ଗ ଉଦ୍ଧାର

**ଚଣ୍ଡିଖୋଲ,୨୩।୨(ଡିଏନଏ):** ଚଣ୍ଡିଖୋଲ ଡାଲିଯୋଡ଼ା ଫରେଷ୍ଟ ଅଧୀନ ବାରୁଣାବନ୍ତ ପାହାଡ଼ ପାଦ ଦେଶରେ ଥିବା ସୁଙ୍ଗୁଡ଼ା ପଞ୍ଚାୟତର କୁମାର ସାହି ନିକଟରୁ ରବିବାର ଭୋର ସମୟରୁ ୨ଟି ମୃତ ଖୁରୀଙ୍ଗଙ୍କୁ ବନବିଭାଗ ଉଦ୍ଧାର କରିଛି। ବଡ଼ଚଣା ବ୍ଲକ ଧାନମଣ୍ଡଳ- ଖୋସାଲିପୁର ରେଳଧାରଣା କଡ଼ରେ ୨ଟି ଖୁରୀଙ୍ଗ ମରି ପଡ଼ିଥିବା ରବିବାର ଭୋରୁ ଲୋକମାନେ ଦେଖି ବନବିଭାଗକୁ ଖବର ଦେଇଥିଲେ। ବନପାଳ ଶଶିକାନ୍ତ ବେହେରା ଓ ତାଙ୍କ ସହଯୋଗୀମାନେ ପହଞ୍ଚି ୨ଟି ମୃତ ଖୁରିଙ୍ଗଙ୍କୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ କରାଇ ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିଲେ। ତେବେ ଖୁରୀଙ୍ଗ ୨ଟି ଶନିବାର ରାତିରେ ନିକଟସ୍ଥ ହାଇଲେବୁଲ କେନାଲକୁ ପାଣି ପିଇବାକୁ ଆସି କୌଣସି ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ିଥିବା ବନ ବିଭାଗ ତରଫରୁ ଅନୁମାନ କରାଯାଇଛି।

### ଜମିବାଡ଼ିକୁ କେନ୍ଦ୍ରକରି ମାରପିଟ, ଜଣେ ଗୁରୁତର

**କୋରେଇ,୨୩ ।୨(ସ୍ୱ.ପ୍ର):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜମିବାଡ଼ିକୁ ଗଣ୍ଡଗୋଳ ଓ ହଣାକଟା ହୋଇ ଜଣେ ଗୁରୁତର ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଉକ୍ତ ଗ୍ରାମର କାଳନ୍ଦୀ ଦାସ ଓ ଈଶ୍ୱର ଦାସଙ୍କ ପରିବାର ମଧ୍ୟରେ ଦୀର୍ଘ ୧୪ ବର୍ଷ ହେବ ଜମିବାଡ଼ି ଗଣ୍ଡଗୋଳ ଲାଗି ରହିଥିଲା। ଶନିବାର ରାତିରେ କାଳନ୍ଦୀ ଦାସଙ୍କ ସମ୍ପର୍କୀୟ ନାରାୟଣ ପଣ୍ଡା ପାଣିକୋଇଲି ବଜାରରୁ ବାଇକରେ ଘରକୁ ଫେରୁଥିବାବେଳେ ସୋତି ଗ୍ରାମର ସ୍କୁଲ ନିକଟରେ ଥିବା ନିଛାଟିଆ ବରଗଛ ନିକଟରେ ପୂର୍ବରୁ ଛକି ରହିଥିବା ଭବାନୀ ଶଙ୍କର ଦାସ ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ନାରାୟଣ ଏନେଇ ଥାନାରେ ଅଭିଯୋଗ କରିବା ସହ ନାରାୟଣଙ୍କ ପୁଅ ଅଧିର ଓ ଭାଇ ସତ୍ୟାନନ୍ଦ ଭବାନୀଙ୍କୁ ଧରି ଥାନାକୁ ଜିମା ଦେବାକୁ ନେଉଥିଲେ। ଏହି ସମୟରେ ଭବାନୀଙ୍କ ବାପା ପରମେଶ୍ୱର ଏକ କତାରେ ସତ୍ୟାନନ୍ଦଙ୍କୁ ଆକ୍ରମଣ କରିଥିଲେ। ଫଳରେ ସତ୍ୟାନନ୍ଦ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ସତ୍ୟାନନ୍ଦଙ୍କ ପୁଅ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଭବାନୀଙ୍କ ମା' ତାଙ୍କ ପୁଅ ଓ ସ୍ୱାମୀଙ୍କୁ ସତ୍ୟାନନ୍ଦ ଓ ତାଙ୍କ ପରିବାର ବର୍ଗ ମାଡ଼ ମାରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଉଭୟ ଏତଲାକୁ ରଖି ତଦନ୍ତ ଜାରି ରଖିଛି।

# ସ୍ୱର୍ଗୀୟ ଚିନ୍ତନ ଆଧ୍ୟାତ୍ମିକଧର୍ମୀ ପତ୍ରିକା ଉନ୍ମୋଚନ



ଅତିଥିମାନେ ସ୍ୱର୍ଗୀୟ ଚିନ୍ତନ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୨୩।୨(ଡିଏନ୍ଏ)**

ଧର୍ମଶାଳା ବ୍ଲକ ଶଙ୍ଖାରିଡିହସ୍ଥିତ ପୂର୍ଣ୍ଣଯୋଗ ସାଧନା ପୀଠ ଓ ଦିବ୍ୟମାନବ ଶ୍ରୀଗିରିନାଥ ଆଶ୍ରମ ଡୁବୁରୀ ପରିସରରେ ସ୍ୱର୍ଗୀୟ ଚିନ୍ତନ ଆଧ୍ୟାତ୍ମିକଧର୍ମୀ ପତ୍ରିକା ଉନ୍ମୋଚନ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟରେ ଆଧ୍ୟାତ୍ମିକ ସମ୍ପର୍କିତ ତଥ୍ୟ ରହିଲେ ତାହା ସମାଜର ହିତ ସାଧନ କରିଥାଏ ଓ ମଣିଷକୁ ଠିକ ବାଟରେ ଚାଲିବା ପାଇଁ ପ୍ରେରଣା ଦେଇଥାଏ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ସାହିତ୍ୟକାର କାହ୍ନୁଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିବା ସହିତ ସ୍ୱର୍ଗୀୟ ଚିନ୍ତନ ପତ୍ରିକାକୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ସାମାଜିକ ଜୀବନରେ ନୈତିକତାର ଅଧପତନ ଘଟିଛି। ପତ୍ରିକା ମାଧ୍ୟମରେ ଆଧ୍ୟାତ୍ମିକ ସଚେତନତା ସୃଷ୍ଟି କରିପାରିଲେ ଅବକ୍ଷୟମୁଖୀ ସମାଜର ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଗିରିନାଥ ଟ୍ରଷ୍ଟର ପରିଚାଳକ ବୈକୁଣ୍ଠ ନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ପତ୍ରିକା ସମ୍ପାଦକ ବୀର କିଶୋର ପ୍ରଧାନ ବିବରଣୀ ପାଠ କରି ପତ୍ରିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ବକ୍ତାଭାବେ ବରିଷ୍ଠ କବି ଭୋଳାନାଥ ରାଉତ ଓ ଡକ୍ଟର ରାଜକିଶୋର ପାଢୀ ଯୋଗ ଦେଇଥିଲେ। ଜାରକା ହାଇସ୍କୁଲର ପ୍ରଧାନ ଶିକ୍ଷକ ବୀରବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ କବିତା ପାଠ ଉତ୍ସବରେ ନରେନ୍ଦ୍ର ପ୍ରତାପ, ପ୍ରମିଳା ପ୍ରତାପ, ଅର୍ଜୁନ ପୃଷ୍ଟି, ଶିବରାମ ସାହୁ, ଗଗନ ବିହାରୀ ଦାଶ, ଗୋବିନ୍ଦ ଚନ୍ଦ୍ର ଗୁଟ୍ଟୁ, ଶ୍ୟାମସୁନ୍ଦର ବରାଳ, ବିନୟ କୁମାର ସାହୁ, ଶ୍ରୀମତି ରାଉତ, ରଘୁନାଥ ଦାସ୍, ସୀତାରାମ ପାଣି, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ କବିତା ପାଠ କରିଥିଲେ।

**'ପତ୍ରିକା ମାଧ୍ୟମରେ ଆଧ୍ୟାତ୍ମିକ ସଚେତନତା ସୃଷ୍ଟି କରିବା ଉଚିତ'**

## ମା' ତାରିଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କୋରେଇ,୨୩।୨(ସ୍ୱ.ପ୍ର)**

ପାଣିକୋଇଲି ମା' ତାରିଣୀ ଫୁଟବଲ ଆସୋସିଏଶନ ପକ୍ଷରୁ କଲେଜ ଖେଳ ପଡିଆରେ ୧୯ତମ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ୩ ଦିନ ଧରି ଏହି ଟୁର୍ନାମେଣ୍ଟରେ ୪ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଏହା ମଙ୍ଗଳବାର ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ମ୍ୟାଚ ମର୍ଣ୍ଣିଙ୍ଗ କ୍ଲବ ଯାଜପୁରରୋଡ ବନାମ ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା, ସମ୍ମାନିତ ଅତିଥିଭାବେ ବରିଷ୍ଠ ଖବରଦାତା ସୁବାସ ଧଳ, ସାମାଜିକ କର୍ମୀ ଭରତ ଭୂଷଣ ଧଳ, କ୍ରୀଡାବିତ୍ କେଶବ ରାଓ ଭୁକ୍ତା, ପଡିଆ ସୁରକ୍ଷା ମଞ୍ଚ ଆବାହକ ରଘୁନାଥ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ୧/୧ ଗୋଲ ଉଭୟ ଦେବାରୁ ଟ୍ରାଇବେକର ମାଧ୍ୟମରେ ୭/୮ରେ ଧର୍ମଶାଳା ବିଜୟ ଲାଭ କରିଥିଲା। ଜିତେନ୍ଦ୍ର ପ୍ରସାଦ ବାରିକ, ମନୋରଞ୍ଜନ ବାରିକ ଓ ମାନସ କୁମାର ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ଆନନ୍ଦ କୁମାର ରଣା ଓ ଅଜୟ ଧଳ, ସ୍କୋରର ଭାବେ ଟିକନ ଦାସ ଯୋଗଦାନ କରିଥିଲେ।

# ୫ମ ବାର୍ଷିକ ମହାଗିରି କପ୍: କାଙ୍କଡ଼ପାଳ ବିଜୟୀ

**କାଳିଆପାଣି,୨୩।୨(ଡିଏନଏ)**

ଖଣି ନିଗମ କଲୋନୀ ପରିସରରେ ରବିବାର ଅନୁଷ୍ଠିତ ୫ମ ବାର୍ଷିକ ମହାଗିରି କ୍ରିକେଟ୍ କପ୍ ଟୁର୍ନାମେଣ୍ଟର ପ୍ରଥମ ଦିନରେ ଓଏମସି କାଳିଆପାଣିକୁ ହରାଇ କାଙ୍କଡ଼ପାଳ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ସୁକିନ୍ଦା ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ଖବରଦାତା ବିଶ୍ୱଜିତ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟ ୮ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ରବିବାର ପ୍ରଥମ ମ୍ୟାଚ କାଙ୍କଡ଼ପାଳ ଓ କାଳିଆପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାଙ୍କଡ଼ପାଳ କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୨ ଉଇକେଟ ହରାଇ ୨୬୬ ରନ କରିଥିଲା। ଜବାବରେ ଓଏମସି କାଳିଆପାଣି ଦଳ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୯ କରି ପରାସ୍ତ ହୋଇଥିଲା। ୫୬ ବଲରେ ୧୦୨ରନ କରିଥିବାରୁ ମ୍ୟାନ ଅଫ ମ୍ୟାଚଭାବେ କାଙ୍କଡ଼ପାଳ ଦଳର ଲିଙ୍ଗରାଜ ବେହେରା ବିବେଚିତ ହୋଇଥିଲେ। ଅମ୍ପେୟାରଭାବେ ବାଦଲ ମଲିକ, ମଦନ ମୋହନ ମଲିକ ପରିଚାଳନା କରିଥିବାବେଳେ ଅଶୋକ ଥାଟୋଇ, ଅମ୍ବିକା ପଣ୍ଡା ଧାରାବିବରଣୀ ଦେଇଥିଲେ।



ବିଜୟୀ ଖେଳାଳିଙ୍କ ଗହଣରେ ଅତିଥିମାନେ।

# 'ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଜନପ୍ରତିନିଧିଙ୍କ ଦାୟିତ୍ୱ'

**ଚଣ୍ଡିଖୋଲ,୨୩।୨(ଡିଏନଏ)**

ବଡ଼ଚଣା ବ୍ଲକରେ ସରପଞ୍ଚଙ୍କର ଏକ ବୈଠକ ପ୍ରସିଦ୍ଧ ଓଲାଶୁଣୀ ପାହାଡ଼ ଶୀର୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣାର ସମୁଦାୟ ୪୩ଟି ପଞ୍ଚାୟତରୁ ବିଜୁ ଜନତା ଦଳ ସମର୍ଥିତ ୩୫ଟି ପଞ୍ଚାୟତର ସରପଞ୍ଚମାନେ ଯୋଗ ଦେଇଥିଲେ। ବାଲିଚନ୍ଦ୍ରପୁର ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ମୁଖ୍ୟ ଅତିଥିଭାବେ ଯୋଗଦେଇ ସରକାରଙ୍କର ଜନହିତକର ଯୋଜନାଗୁଡ଼ିକୁ ସ୍ୱଚ୍ଛତାର ସହ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଜନପ୍ରତିନିଧିଙ୍କ ଦାୟିତ୍ୱ ବୋଲି ମତ ରଖିଥିଲେ। ସରପଞ୍ଚମାନେ ବ୍ଲକରେ ହେଉଥିବା ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ସୂଚନା ଦେଇଥିଲେ। ଏହାସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅଧିକାରୀଙ୍କର ଅସହଯୋଗ ଓ ପିସି କାରବାର ନେଇ ପଞ୍ଚାୟତ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ ସରପଞ୍ଚ ସଂଘ ଗଠନ କରାଯାଇ ଏହାର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ରାଧାଦେଇପୁର ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ସାଧାରଣ ସମ୍ପାଦକଭାବେ ବାଲିଚନ୍ଦ୍ରପୁର ସରପଞ୍ଚ ଫନୀନ୍ଦ୍ରନାଥ ପଣ୍ଡା, ଉପସଭାପତି ଭାବେ ହରପ୍ରିୟା ବରାଳ ଓ ସମରେନ୍ଦ୍ର ମହାପାତ୍ର, ସହସମ୍ପାଦକ ଭାବେ ଯଯାତୀ କେଶରୀ ରାଉତ ଓ କୋଷାଧକ୍ଷ ଭାବେ ସ୍ନେହଲତା ସ୍ୱାଇଁଙ୍କୁ ସର୍ବସମ୍ମତି କ୍ରମେ ମନୋନୟନ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ସଦସ୍ୟଭାବେ ଯଦୁମଣି ଦାସ, ଶରତ କୁମାର ସାମଲ, ସ୍ୱାଗତିକା ପଣ୍ଡା, ଗଗନ ବିହାରୀ ସ୍ୱାଇଁ, ସରସ୍ୱତୀ ବେହେରା, ନୟନା ବେହେରା ଓ ମୋମିନ ଅଲି ଖାନଙ୍କୁ ମନୋନୀତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ତାପସ ରାୟ, ଅନନ୍ତ ଜେନା, ଖଗେଶ୍ୱର ସେଠୀ, ଅନୀଲ ପରିଡ଼ା, ନିବେଦିତା ସାହୁ, ମିନାକ୍ଷୀ ମିଶ୍ର ପ୍ରମୁଖଙ୍କ ସମେତ ୩୫ଟି ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବିଧାୟକ ଶତପଥୀ ସରପଞ୍ଚ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

**ବଡ଼ଚଣା ସରପଞ୍ଚ ସଂଘ ବୈଠକ, କର୍ମକର୍ତ୍ତା ନିର୍ବାଚନ**

# ଆଜି ଆନ୍ଦୋଳନ କରିବେ ଜମିହରା

**କଳିଙ୍ଗନଗର,୨୩।୨(ଡି.ଏନ.ଏ)**

ଟାଟା କାରଖାନା ପାଇଁ ବିସ୍ଥାପିତ ହୋଇଥିବା ସ୍ଥାନୀୟ ଚାନ୍ଦିଆ, ବାଲିଗୋଠ, ଗୋବରଘାଟି, କଳାମାଟିଆ, ବାଇଡୁବୁରୀ, ଗାଡପୁର, ଚମ୍ପାକୋଇଲି, ବାନ୍ଦରଗାଡିଆ, ବାମିୟା ଗୋଠ, ମାନିଆପାତଳ, ଅମ୍ବଗଡିଆ ପ୍ରମୁଖ ଗ୍ରାମର ବାସିନ୍ଦା ବିସ୍ଥାପିତ ହୋଇ ମଧ୍ୟ ସେମାନଙ୍କ ନାମ ବିସ୍ଥାପିତ ତାଲିକାରେ ଅର୍ନ୍ତଭୁକ୍ତ ହୋଇନାହିଁ। ଉକ୍ତ ଜମିହରାମାନେ ଅନେକ ଥର ପ୍ରଶାସନକୁ ଭେଟି ନିଜ ଦାବି ରଖିଥିଲେ ହେଁ କେବଳ ତାରିଖ ପରେ ତାରିଖ ଗଡ଼ାଯାଇ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ସେମାନଙ୍କ ସମସ୍ୟାର ସମାଧାନ ହୋଇ ନ ଥିଲା। ଫଳରେ ଗତ ୧୦ତାରିଖ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ୧୫ରୁ ଉର୍ଦ୍ଧ୍ୱ ଜମିହରା ଆଦିବାସୀ ପହଞ୍ଚି ୨୪ରେ ସେମାନଙ୍କ ଦାବି ପୂରଣ ନ ହେଲେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନ୍ଦୋଳନ କରିବେ ବୋଲି ଅତିରିକ୍ତ ଜିଲାପାଳଙ୍କ ମାଧ୍ୟମରେ ଆରଡିସିଙ୍କୁ ଦାବିପତ୍ର ଦେଇଥିଲେ। ଏନେଇ ଶନିବାର ଡୁବୁରୀଠାରେ ଜମିହରାଙ୍କ ପକ୍ଷରୁ ଏକ ବୈଠକ ବସି ୨୪ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେଇଥିଲେ। ବୈଠକରେ ସମ୍ଭୁନାଥ ମହନ୍ତ, ଜିତେନ୍ଦ୍ର କାମାଡି, ଇନ୍ଦୁରାମ ତନସଏ, ସନାତନ ଗାଗରାଇ, ବାବୁଲି ସୋରେନ ଶିବ ସଏ, ମାଣିକ ଦରା, ଲାଷ୍ଟୁ ବାରଲା, ରଞ୍ଜିତ ବାର୍ଲା, ରଞ୍ଜିତ କୁମାର ଜାମୁଦା ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ସାହିତ୍ୟ ପରିବାରର ସ୍ୱନକ୍ଷତ୍ର ଉତ୍ସବ

**ଯାଜପୁର ଅଫିସ,୨୩।୨:** ବ୍ୟାସନଗର ଆମ ସାହିତ୍ୟ ପରିବାରର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ବ୍ୟାସଦେବ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସମ୍ପାଦକ ସୁଜିତ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବୈଷ୍ଣବଚରଣ ସାମଲ ଉଦଘାଟନ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ନିରଞ୍ଜନ ପାଢୀ ମୁଖ୍ୟଅତିଥି, ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ସରୋଜ ଶତପଥି, ଅକ୍ଷୟ ଦାଶ, ସଙ୍ଗଠନ ସଭାପତି ଅଲେଖ ପ୍ରସାଦ ମହାରଣା ଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ସହାୟକ ହେଲା ଭଳି ଲେଖା ଲେଖିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ରିଙ୍କୀ ଚାଳକ କବି କୈଳାସ ପାତ୍ରଙ୍କ କବିତା ସଙ୍କଳନ ସନ୍ଧ୍ୟାତାରା ଉନ୍ମୋଚିତ ହୋଇଥିଲା। ଏଥିସହ ଆମ ସାହିତ୍ୟ ପରିବାରର ସ୍ମରଣିକା ଉଭବକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଙ୍ଗଠନ କାର୍ଯ୍ୟନିର୍ବାହୀ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ରୀନା ମହାପାତ୍ର ଅତିଥି ପରିଚୟ ଓ କବି ସନ୍ଧ୍ୟାରାଣୀ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ୨୦୦ରୁ ଉର୍ଦ୍ଧ୍ୱ କବି ତାଙ୍କ କବିତା ପାଠ କରିଥିଲେ।



ସ୍ୱନକ୍ଷେତ୍ର ଉତ୍ସବରେ ମଞ୍ଚାସୀନ ଅତିଥି।

# ନାମୀଦାମୀ ବ୍ରାଣ୍ଡ ଅଖାରେ ଚାଲିଛି ବ୍ୟବସାୟ

**ଯାଜପୁର ଅଫିସ,୨୩।୨**

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ନନ୍ଦିପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିଗୋଳ ହାଟ ନିକଟରେ ଏକ ନକଲି ସିମେଣ୍ଟ କାରଖାନା ଚାଲିଛି। ଏହି ନକଲି ସିମେଣ୍ଟ କାରଖାନା ଦୀର୍ଘବର୍ଷ ଧରି ଚାଲୁଥିବା ସମ୍ପର୍କରେ ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଥିଲେ ମଧ୍ୟ ପ୍ରଶାସନ ସବୁ ଜାଣି ନ ଜାଣିଲା ଭଳି ଅଭିନୟ କରୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ନାମୀଦାମୀ ବ୍ରାଣ୍ଡ କମ୍ପାନୀର ଅଖାରେ ଭର୍ତ୍ତି କରାଯାଇ ଏହି ନକଲି ସିମେଣ୍ଟ ବଜାରକୁ ଛଡାଯାଉଛି। ଯାହାକୁ କିଛି ଅସାଧୁ ବ୍ୟବସାୟୀଙ୍କ ମାଧ୍ୟମରେ ଏହି ସିମେଣ୍ଟ ଶସ୍ତାରେ ସ୍ଥାନୀୟ ଜନସାଧାରଣ, ଠିକାଦାର ଓ ଆଖପାଖ ଅଞ୍ଚଳରେ ଆବାସ ଯୋଜନାର ଘର ପାଇଥିବା ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଛି। ଫଳରେ ଏହି ସିମେଣ୍ଟରେ ନିର୍ମାଣ କରାଯାଉଥିବା ଘର, ରାସ୍ତାଘାଟର ସ୍ଥାୟୀତ୍ୱ ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ। ପକ୍କାଘର ଖଣ୍ଡେ କରିବା ସବୁଲୋକଙ୍କ ପାଇଁ ସ୍ୱପ୍ନ ହୋଇଥିବାବେଳେ ଅନେକ ଗରିବ ଏହି ନକଲି ସିମେଣ୍ଟ କିଣି ଅସୁବିଧାରେ ପଡିବାକୁ ଯାଉଛନ୍ତି ତାହା ସହଜେ ଅନୁମେୟ। ସ୍ଥାନୀୟ କିଛି ରାଜନେତା, ସରକାରୀ ଅଧିକାରୀ ଓ ମାଫିଆଙ୍କ ସହାୟତାରେ ଏହି ବ୍ୟବସାୟ ଚାଲି ଆସୁଥିଲେ ମଧ୍ୟ ଏହାକୁ ରୋକିବା ନିମନ୍ତେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାଯାଇଛି। ତେଣୁ ଜିଲାପାଳ ଓ ଏସ୍‌ପି ଏହି ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଉକ୍ତ ବେଆଇନ କାରଖାନାକୁ ସିଲ କରିବା ସହିତ ଏହାସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରିବା ନିମନ୍ତେ ଜନସାଧାରଣଙ୍କ ତରଫରୁ ଦାବି ହେଉଛି। ଏ ସଂକ୍ରାନ୍ତରେ ମଙ୍ଗଳପୁର ଥାନା ଆଇଆଇସି ଅସିତ କୁମାର ମହାନ୍ତିଙ୍କୁ ପଚାରିବାରୁ, ଏ ବିଷୟରେ ସେ କିଛି ଜାଣି ନାହାନ୍ତି କି ତାଙ୍କ ନିକଟରେ କେହି ଅଭିଯୋଗ କରି ନାହାନ୍ତି। ଯଦି ଘଟଣାରେ ସତ୍ୟାସତ୍ୟ ଥାଏ ତେବେ ଏହା ଉପରେ ତଦନ୍ତ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।




**ଦଶରଥପୁରରେ ନକଲି ସିମେଣ୍ଟ କାରଖାନା**



ଅନ୍ୟର ଆନୁଗତ୍ୟରେ ରହିଥିବା ଦେଶ ବା ଜାତି କେବେ ବି ଆଗେଇ ପାରିବ ନାହିଁ।
- ନେତାଜୀ ସୁଭାଷ ବୋଷ



# ବିକାଶରେ ବାଧକ ଫଳକ ରାଜନୀତି

**ଯାଜପୁର ଅଫିସ,୨୩।୨**

ପର୍ଯ୍ୟଟନ ମାନଚିତ୍ରରେ ଯାଜପୁରର ପରିଚୟ ସ୍ୱତନ୍ତ୍ର। ଜିଲାର ବୈଭବମୟ, ଗୌରବମୟ ଐତିହ୍ୟରାଜି ଓ ପର୍ଯ୍ୟଟନକ୍ଷେତ୍ର ବିଶ୍ୱବାସୀଙ୍କୁ ଚମତ୍କୃତ କରିଛି। ଏହି ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ଓ ବିକାଶ ପାଇଁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଆଗାମୀ ଦିନରେ ଜିଲାକୁ ଏକ ସାଂସ୍କୃତିକ ଓ ପର୍ଯ୍ୟଟନ ପ୍ରାଣକେନ୍ଦ୍ରରେ ପରିଗଣିତ କରିବ ବୋଲି ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ ବକ୍ତବ୍ୟ ଦେଇଆସୁଛନ୍ତି। କିନ୍ତୁ ବିଡମ୍ବନା ଯେ, କେବଳ ଫଳକ ରାଜନୀତି ଜିଲାର ଏକ ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବରର ବିକାଶରେ ଅନ୍ତରାୟ ସୃଷ୍ଟି କରିଛି।

୨୦୧୧ରେ ସେତେବେଳର ରାଷ୍ଟ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ କରକମଳରେ ବ୍ୟାସ ଜଗନ୍ନାଥ ଉଦ୍ୟାନ, ୨୦୧୩ରେ ତତ୍କାଳୀନ ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ହାତରେ ବ୍ୟାସ ଜଗନ୍ନାଥ ଉଦ୍ୟାନର ନବୀକରଣ କାର୍ଯ୍ୟକ୍ରମ ଓ ୨୦୧୬ରେ ଆକାଶ ଦାସନାୟକଙ୍କ ଦ୍ୱାରା ବ୍ୟାସସରୋବର ଉନ୍ନତୀକରଣର ଶୁଭାରମ୍ଭ ପାଇଁ ଫଳକ ସ୍ଥାପନ ହୋଇଥିଲା। କିନ୍ତୁ କାର୍ଯ୍ୟରେ ନୁହେଁ, ନିୟମିତ ବ୍ୟବଧାନରେ ଫଳକର ଉନ୍ନତୀକରଣ ହୋଇଛି ବୋଲି ସହରବାସୀ ବିଭିନ୍ନ ସୋସିଆଲ ମିଡିଆରେ ମତପ୍ରକାଶ କରୁଛନ୍ତି। ତେବେ ତତ୍କାଳୀନ ପୌରାଧକ୍ଷା ସବିତା ରାଉତ ପର୍ଯ୍ୟଟନ ବିଭାଗ ପକ୍ଷରୁ ବ୍ୟାସସରୋବରର ଉନ୍ନତୀକରଣ ସକାଶେ ୫କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ମାତ୍ର ୧କୋଟି ଟଙ୍କା ମଞ୍ଜୁର ହୋଇ ପୂର୍ତ୍ତ ବିଭାଗ ଦ୍ୱାରା କିଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇଥିଲାବେଳେ ଆଉ ୪କୋଟି ଟଙ୍କା ପଡି ରହିଛି। ସେହିପରି ମ୍ୟୁନିସିପାଲଟି ଫଣ୍ଡରୁ ୨୦ ଲକ୍ଷ ଟଙ୍କାର ପୋଖରୀ କାର୍ଯ୍ୟ ହେଉଥିଲା। ମାତ୍ର ୪/୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପରେ ଜିଲାପାଳ ସେହି କାର୍ଯ୍ୟକୁ କୌଣସି କାରଣରୁ ବନ୍ଦ କରି ଦେଇଛନ୍ତି। ପୌରପରିଷଦର କାର୍ଯ୍ୟକାଳ ଶେଷ ହେବା ପରେ ଏବେ ଏହି ପର୍ଯ୍ୟଟନସ୍ଥଳୀର ଉନ୍ନୟନ ଠପ୍ ହୋଇପଡିଛି। ଏଭଳି ଅଧାପନ୍ତରିଆ କାର୍ଯ୍ୟ ଓ ସୌନ୍ଦର୍ଯ୍ୟକରଣକୁ ସହରବାସୀ ଏକ ହାସ୍ୟାସ୍ପଦ ପଦକ୍ଷେପଭାବେ ଗ୍ରହଣ କରିଛନ୍ତି। ନିକଟରେ ପ୍ରସିଦ୍ଧ ବ୍ୟାସସରୋବର ମେଳା ସମ୍ପନ୍ନ ହୋଇଛି। ୧୦ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ହଜାରହଜାର ଶ୍ରଦ୍ଧାଳୁ ବ୍ୟାସ ସରୋବରକୁ

**ପର୍ଯ୍ୟଟନସ୍ଥଳୀ ବ୍ୟାସ ସରୋବର**



- ୩ ଫଳକରେ ସୀମିତ ରହିଛି ଉନ୍ନତିକରଣ
- ମୁହଁ ଖୋଲୁନାହାନ୍ତି ନିର୍ବାଚିତ ପ୍ରତିନିଧି
- ପଡି ରହିଛି ୪ କୋଟି ଟଙ୍କାର ଅନୁଦାନ

ଆସିଛନ୍ତି। କିନ୍ତୁ ଭଲ ରାସ୍ତାଟିଏ ନାହିଁ। ଖାଲଖମାର ରାସ୍ତାରେ ଶ୍ରଦ୍ଧାଳୁ ପଡିଉଠି ଯାତାୟାତ କରିଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ମନ୍ତ୍ରୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ବ୍ୟାସସରୋବର ମେଳାର ଉଦଘାଟନ ଓ ଉଦଯାପନୀ ଦିବସରେ ଯାଇଛନ୍ତି। ହେଲେ ଭାଷଣ ଛଡା କେବେ କିଛି ହୋଇନାହିଁ। ସରୋବରର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ ଦାବି ଉପସ୍ଥାପନ କଲେ ହୁଏତ ଆଗାମୀ ଦିନରେ ଟିକେଟ ନ ମିଳିବାର ଭୟ ନିର୍ବାଚିତ ପ୍ରତିନିଧିଙ୍କୁ ନୀରବଦ୍ରଷ୍ଟା ସଜେଇଛି ବୋଲି ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ଅଞ୍ଚଳର ବିକାଶ ଓ ବିଭିନ୍ନ ସମସ୍ୟା ନେଇ ଗତ ଦୁଇ ବିଧାନସଭାରେ ସମ୍ପୃକ୍ତ ନିର୍ବାଚିତ ପ୍ରତିନିଧି ମୁହଁ ଖୋଲି ନାହାନ୍ତି। କୌଣସି ଆଲୋଚନାରେ ସେମାନଙ୍କୁ ଭାଗ ନେବାର ଦେଖାଯାଏ ନାହିଁ। ଜିଲାରେ ବିଭିନ୍ନ ସମସ୍ୟା ରହିଥିଲେ ହେଁ ସମ୍ପୃକ୍ତ ଲୋକ ପ୍ରତିନିଧି କାହା ଭୟରେ ହାତଟେକି ରହୁଛନ୍ତି ତାହା ମଧ୍ୟ ସହରବାସୀଙ୍କୁ ସନ୍ଦେହରେ ପକାଇଛି। ଜିଲାର ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀର ଆଶାନୁରୂପକ ବିକାଶ ହେଉଥିବାବେଳେ ବ୍ୟାସସରୋବରର କାହିଁକି ଅବହେଳିତ ବୋଲି ଅନେକେ ପ୍ରଶ୍ନ କରୁଛନ୍ତି। ଏଥିଯୋଗୁ ସୁପ୍ରାଚୀନ ଐତିହ୍ୟ ଏବଂ ପ୍ରାକୃତିକ ବିଭବର ସହର ବ୍ୟାସସରୋବରର ସୌନ୍ଦର୍ଯ୍ୟ ବଳି ପଡୁଛି। ଏ ସଂକ୍ରାନ୍ତରେ ପୂର୍ବତନ ପୌରାଧକ୍ଷା ସବିତା ରାଉତ କହିଛନ୍ତି, ତାଙ୍କ ସମୟରେ ବ୍ୟାସରୋବରର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ଜିଲାପାଳ କଣ ପାଇଁ ପୋଖରୀ ଖନନ ଓ ଅନ୍ୟାନ୍ୟ କାର୍ଯ୍ୟକୁ ବନ୍ଦ ରଖିଛନ୍ତି ତାହା ବୁଝାପଡୁ ନାହିଁ ବୋଲି କହୁଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲାପାଳ ନିରଞ୍ଜନ ନାୟକଙ୍କୁ ପଚାରିବାରୁ, ବ୍ୟାସସରୋବରରର ସର୍ବାଙ୍ଗ ସୁନ୍ଦର କରିବାକୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଏଥିପାଇଁ ସେ ନିଜେ ବ୍ୟାସସରୋବର ବୁଲି ନୀରିକ୍ଷଣ କରିଛନ୍ତି। ଏନେଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ଜିଲାପାଳ ଫେରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ୬ମାସରେ ୧୭ ଗୋରୁ ନିଖୋଜ
# ହତ୍ୟା ଅଭିଯୋଗ ପରେ ମାମଲା ରୁଜୁ

**ଯାଜପୁର ଟାଉନ,୨୩।୨(ଡିଏନଏ)**

ଯାଜପୁର ସହର ନିକଟସ୍ଥ ଆଙ୍କୁଲା ଅଞ୍ଚଳରୁ ୬ମାସ ମଧ୍ୟରେ ପ୍ରାୟ ୧୭ଟି ଗୋରୁ ନିଖୋଜ ହୋଇଥିବା ଜଣାପଡିଛି। ଏହି ଗୋରୁଗୁଡିକୁ ହତ୍ୟାକରି ଫୋପଡା ଯାଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଗତ ଶନିବାର ଆଙ୍କୁଲା ଅଞ୍ଚଳର ଚଉବନହଡା ଗ୍ରାମର ସୁକୁମାର ମୁଣ୍ଡାଙ୍କ ଗୋରୁକୁ ତାଙ୍କ ଗୁହାଳରୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଅନେକ ଖୋଜାଖୋଜି କରିବା ପରେ ଉକ୍ତ ଗ୍ରାମର ଗୋଟିଏ ପୋଖରୀ ନିକଟରୁ ଗୋରୁଟିକୁ ବନ୍ଧାଯାଇ ହତ୍ୟା କରାଯାଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ମୁଣ୍ଡା ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତ ଗୋରୁଟିକୁ ଉଦ୍ଧାର କରିବା ସହ ଏକ ମାମଲା (ନଂ.୮୫/୨୦୨୦) ରୁଜୁ କରି ତଦନ୍ତ କରୁଛି। ଗୋରୁର ମୃତଦେହ ବ୍ୟବଚ୍ଛେଦ ପାଇଁ ପ୍ରାଣୀ ଚିକିତ୍ସାଳୟକୁ ପଠାଯାଇଛି।

## ସଂକ୍ଷେପରେ

### ଆନ୍ତଃ ସିନିଅର କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଏମ୍‌ସିସି ଯାଜପୁର ଟାଉନ ବିଜୟୀ

**ଧର୍ମଶାଳା,୨୩।୨(ଡିଏନ୍ଏ):** ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଅନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ସିନିଅର ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଖେଳରେ ବିସିସି ପାଣିକୋଇଲିକୁ ୯ ଉଇକେଟରେ ପରାସ୍ତ କରି ଏମ୍‌ସିସି ଯାଜପୁର ଟାଉନ ବିଜୟୀ ହୋଇଛି। ଟସ୍ ଜିତି ପାଣିକୋଇଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରୁ ୪୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ଏମସିସି ଯାଜପୁର ବ୍ୟାଟିଂ କରି ୨୩.୩ ଓଭରରେ ୧ ଉଇକେଟ ହରାଇ ୧୫୯ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ନିଶିକାନ୍ତ ରାଉତ ୧୦୧ ଓ ଏମଡି ରିଚାଉଲ କରିମ ୩୮ ରନ କରିଥିଲେ। ବିପକ୍ଷ ପାଣିକୋଇଲି ପକ୍ଷରୁ ଅରୂପ ମହାନ୍ତି ଗୋଟିଏ ୱିକେଟ ନେଇଥିଲେ। ଆଜିର ଏହି ମ୍ୟାଚକୁ ଦିଲୀପ ସାମଲ ଓ ସୁବ୍ରତ ଜେନା ପରିଚାଳନା କରିଥିବା ବେଳେ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ଆସନ୍ତା କାଲି ଏସ୍‌ସିଏ ବାରଗାଡିଆ ଓ ଧର୍ମଶାଳା ସ୍ପୋର୍ଟସ୍ କାଉଁସିଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସମ୍ପାଦକ ଜ୍ଞାନଚାନ୍ଦ ଦାଶ ସୂଚନା ଦେଇଛନ୍ତି।

### ଗୋ-ମହାତୀର୍ଥ ସୁରଭି ମହାଯଜ୍ଞ ପାଇଁ ପ୍ରସ୍ତୁତି

**ରସୁଲପୁର,୨୩।୨(ଡିଏନଏ):** ରସୁଲପୁର ବ୍ଲକ ସୀମାନ୍ତବର୍ତ୍ତି ଅଞ୍ଚଳରେ ଅବସ୍ଥିତ ଯାଜପୁର ବ୍ଲକର ଝାଲପଡା ପଞ୍ଚାୟତର କାକୁଡିକୁଦ-ନୀଳକଣ୍ଠପୁର ଗ୍ରାମର ସତ୍ୟସାଇ ଖେଳପଡ଼ିଆରେ ପଞ୍ଚରାତ୍ର ଗୋ-ମହାତୀର୍ଥ ସୁରଭି ମହାଯଜ୍ଞ ଓ ଗୋ ମଙ୍ଗଳ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଗୋ-ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯଜ୍ଞ କାର୍ଯ୍ୟ ଚଳିତ ବର୍ଷ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ୯ରେ ଶେଷ ହେବ। ଉକ୍ତ ଯଜ୍ଞ ଉତ୍ସବ ଅନ୍ତର୍ଜାତୀୟ କ୍ରିୟାଯୋଗ ସଂସ୍ଥାର ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଙ୍କ ମାର୍ଗଦର୍ଶନରେ ଏହି ଯଜ୍ଞ କାର୍ଯ୍ୟ ପରିଚାଳିତ ହେବ। ଏହି ଅବସରରେ ଉତ୍ତରାଖଣ୍ଡ ରାଜ୍ୟରୁ ବିଶିଷ୍ଟ ବକ୍ତା ଭାବରେ ସ୍ୱାମୀ ରାମଶରଣ ପୁରୀ, କିଟ୍ ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱରର କୁଳପିତ ହରେକୃଷ୍ଣ ଶତପଥି ପ୍ରମୁଖ ଯୋଗଦେଇ ଗୋ-ଭକ୍ତଙ୍କୁ ମାର୍ଗଦର୍ଶନ କରିବେ। ଏହାଛଡା ଯଜ୍ଞ ଆରମ୍ଭ ଦିନ ସକାଳ ୭ଘଟିକାରେ କଳସ ଶୋଭାଯାତ୍ରା, ଅପରାହ୍ନରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ, ଗୋ-ପୂଜନ, ଗୋ-ବିଜ୍ଞାନ କର୍ମଶାଳା, ଗୋ-ପୂଜନ ଆରତୀ, ସୁରଭି ଯଜ୍ଞ ପାଇଁ ସପ୍ତସତୀ ଚଣ୍ଡୀପାଠ ଓ ଘୃତ ଯଜ୍ଞ, ମହାରୁଦ୍ର ଯଜ୍ଞ, ପୂର୍ଣ୍ଣାହୁତି ପର୍ବ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଛି। ଉକ୍ତ କାର୍ଯ୍ୟକ୍ରମ ସକାଶେ ଦାୟିତ୍ୱ ବଣ୍ଟନ କରାଯାଇଛି। ଉପରୋକ୍ତ କାର୍ଯ୍ୟକ୍ରମ ପାଇଁ ସମୟ ନିର୍ଘଣ୍ଟ ନିରୂପଣ କରାଯାଇଛି। ପ୍ରସ୍ତାବିତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସମୟାନୁଯାୟୀ ପାଳନ କରିବା ପାଇଁ ବୈଠକରେ ନିଷ୍ପତି ହୋଇଛି। ଏହି କାର୍ଯ୍ୟକ୍ରମକୁ ଉଭୟ ଗ୍ରାମର ଯୁବକଙ୍କ ସହଯୋଗରେ ପରିଚାଳନା କରାଯିବ। ଏ ଦିଗରେ ଜିଲାର ଗୋ-ସେବା ସମିତି ପକ୍ଷରୁ ଯୋଗଦେବାକୁ ଥିବା ସ୍ୱେଚ୍ଛାସେବୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ‘ଜଙ୍ଗଲରେ ନିଆଁ ଲଗାଇବା ଏକ ସଙ୍ଗିନ୍ ଅପରାଧ’

**କାଳିଆପାଣି,୨୩।୨(ଡିଏନଏ)**

**ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ**

ପର୍ଯ୍ୟଟନସ୍ଥଳ ଅଶୋକଝରଠାରେ ଜଙ୍ଗଲ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲରେ ନିଆଁ ଲାଗିଲେ କିପରି ବିଭିନ୍ନ ଉପାୟରେ ଏହାକୁ ରୋକାଯାଇ ପାରିବ ତାହା ଉପରେ ରବିବାର ସଚେତନତା କାର୍ଯ୍ୟକ୍ରମରେ ଅବଗତ କରାଯାଇଥିଲା। ସୁକିନ୍ଦା ରେଞ୍ଜର ବିପିନ୍ ବିହାରୀ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରାଜକିଶୋର ଦୋରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଙ୍ଗଲରେ ନିଆଁ ଲଗାଇବା ଏକ ସଙ୍ଗୀନ ଅପରାଧ ବୋଲି କହିଥିଲେ। ସେହିପରି କଟକ ଫରେଷ୍ଟ ଡିଭିଜନର ଏସିଏଫ୍ ସୌଭାଗ୍ୟ କୁମାର ସାହୁ, ସୁକିନ୍ଦା ପ୍ରେସ କ୍ଲବ ସଭାପତି ବିଶ୍ୱଜିତ ନାୟକ, ସମ୍ପାଦକ ନୀଳମାଧବ ନାୟକ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ସାମଲ, ଉପସଭାପତି ବିମଳେନ୍ଦୁ ବେହୁରା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଦୈତାରୀ ଡିପିଏଫ୍, ମହାଗିରି ଡିପିଏଫ୍, ସୁନାଝର, ପୁବଳ ଓ ବାରବାଟି ପ୍ରଭୃତି ଜଙ୍ଗଲ ଅଞ୍ଚଳର ୨୫ଟି ବନ ସୁରକ୍ଷା ସମିତି, ସ୍ଥାନୀୟ ଜନସାଧାରଣ, ଆଣ୍ଟିଡିପ୍ରେଡେସେନ ସ୍କ୍ୱାର୍ଡ, ବନାଗ୍ନିନିର୍ବାପକ ଦଳର ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ସାଧାରଣ ଲୋକଙ୍କ ଉପସ୍ଥିତିରେ ଘଞ୍ଚ ଜଙ୍ଗଲରେ ଶୁଖିଲା ପତ୍ରରେ ନିଆଁ ଲଗାଇ ତାହାକୁ କିପରି ଲିଭାଯାଇ ପାରିବ ତାହାର ପ୍ରଦର୍ଶନ କରାଯାଇଥିଲା। ନିୟମିତ ବ୍ୟବଧାନରେ ଦୁଇଟି ଗାଡି ମାଧ୍ୟମରେ ବିଭିନ୍ନ ଜଙ୍ଗଲ ସଂଲଗ୍ନ ଗ୍ରାମଗୁଡିକରେ ମାଇକ ପ୍ରଚାର ମାଧ୍ୟମରେ ଜଙ୍ଗଲରେ ନିଆଁ ନ ଲଗାଇବା ଓ ନିଆଁ ଲାଗିଥିଲେ ନିଜେ ଏହିପରି ପ୍ରଦର୍ଶନ ହୋଇଥିବା ପଦ୍ଧତିରେ ଲିଭାଇବା ତୁରନ୍ତ ସହିତ ସ୍ଥାନୀୟ ଅଞ୍ଚଳର ଭିଏସ୍ଏସ୍ ସ୍କ୍ୱାର୍ଡ ଓ ଜଙ୍ଗଲ ବିଭାଗ କାର୍ଯ୍ୟାଳୟକୁ ସୂଚନା ଦେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ପ୍ରେସ କ୍ଲବର ସତ୍ୟଜିତ ଦାଶ, ଅସିତ ମହାନ୍ତ, କପିଳେନ୍ଦ୍ର ମହାନ୍ତ, କୌଳାଶ ନାୟକ, ମନୋଜ ନାୟକ, ଅରୁଣ ଚକ୍ରବର୍ତ୍ତୀଙ୍କ ସମେତ ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସୁକିନ୍ଦା ଫରେଷ୍ଟର ନରେଶ କୁମାର ଟୁଡୁ, ରବୀନ୍ଦ୍ର ମହାନ୍ତି, ଅନୁପମା ସାହୁ, ପ୍ରଶାନ୍ତ ହେମ୍ବ୍ରମ, ସୁଶାନ୍ତ କୁମାର ନାୟକ, ସରୋଜ ମଲ୍ଲିକ ଓ ପାଟପୁର, କରାଡାଗାଡିଆ, ରାଙ୍କିଆ, ମହୁଲଖାଲ, ଅଶୋକଝର, ଗିରିଙ୍ଗାମାଳି, କାଦୁଅବନ୍ଦୀ ପ୍ରଭୃତି ଭିଏସ୍ଏସ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବିଜେଡି ପକ୍ଷରୁ ଜିଲା, ବ୍ଲକ, ପଞ୍ଚାୟତ ସଭାପତିଙ୍କୁ ସମ୍ବର୍ଦ୍ଧନା



ବିଜେଡି କର୍ମକର୍ତ୍ତାଙ୍କ ଗହଣରେ ସମ୍ବର୍ଦ୍ଧିତ ସଭାପତିମାନେ।

**ଧର୍ମଶାଳା,୨୩।୨(ଡିଏନ୍ଏ)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର୍ମଶାଳା ବିଜେଡି ପକ୍ଷରୁ ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ଧର୍ମଶାଳା ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ଓ ରସୁଲପୁର ବ୍ଲକ ବିଜେଡି ସଭାପତି ଅରୁଣ ରାଉତଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଜିଲା ମହିଳା ସଭାନେତ୍ରୀ ପୂଜାରିଣୀ ବଳ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଯୋଗଦେଇ ନବନିର୍ବାଚିତ ଜିଲା ସଭାପତି, ଧର୍ମଶାଳା ଓ ରସୁଲପୁର ବ୍ଲକ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ବ୍ଲକ ସଭାପତି ନିରଞ୍ଜନ ବଳ ଓ ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ ସ୍ୱାଗତ ଓ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ନିର୍ବାଚନ ଅଧିକାରୀ ନିର୍ମଳ ପ୍ରଧାନ ପଞ୍ଚାୟତ ସଭାପତିଙ୍କ ନାମ ଘୋଷଣା କରିବା ପରେ ୪୫ଜଣ ପଞ୍ଚାୟତ ସଭାପତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ୫ରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ କଟକରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଥିବାରୁ ଧର୍ମଶାଳା ବ୍ଲକର ଅଧିକ ବିଜେଡି କର୍ମୀ ଯୋଗଦେବା ପାଇଁ ବିଧାୟକ ବଳବନ୍ତରାୟ ସୂଚନା ଦେଇଥିଲେ। ଆସନ୍ତା ୮ରେ ଧର୍ମଶାଳା ବିଜେଡି ମହିଳା ସମାବେଶକୁ ସଫଳ କରିବା ପାଇଁ ଏମ୍‌ପି ସେଠୀ ଆହ୍ୱାନ ଦେଇଥିଲେ।

# ‘ବୁଥ୍‌ସ୍ତରୀୟ କମିଟି ଗଠନ ଉପରେ ଗୁରୁତ୍ୱାରୋପ’

**ରସୁଲପୁର,୨୩।୨(ଡିଏନଏ)**

**ହିଙ୍ଗୁଳା ମଣ୍ଡଳ ପକ୍ଷରୁ ସାଂଗଠନିକ ବୈଠକ**

କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହିଙ୍ଗୁଳା ମଣ୍ଡଳ ପକ୍ଷରୁ ଏକ ସାଂଗଠନିକ ବୈଠକ ରବିବାର ଭୋଟକା ପଞ୍ଚାୟତ ବଇଁଚି ପଡ଼ିଆ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୁଥ୍‌ସ୍ତରୀୟ କମିଟି ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଛି। ମଣ୍ଡଳ ସଭାପତି ମାୟାଧର ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରସୁଲପୁର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଶଶିଭୂଷଣ ସାହୁ, ପର୍ଯ୍ୟବେକ୍ଷକ ବିକ୍ରମ ବିଶ୍ୱାଳ, ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇ କର୍ମୀଙ୍କୁ ଦଳୀୟ ସଙ୍ଗଠନ ଉପରେ ମାର୍ଗଦର୍ଶନ କରିଥିଲେ। ବୈଠକରେ ଲକ୍ଷ୍ମୀନଗର, ପହଁଗା, ଟିକରପଡା, ବଡକଇଁଚି, ଗନ୍ଧଣ, ଭୋଟକା ଓ ବାହାଦଲାପୁର ପଞ୍ଚାୟତକୁ ନେଇ ଗଠିତ ଏହି ମଣ୍ଡଳର ପୂର୍ବତନ ସଭାପତି କାର୍ତ୍ତିକ ରାଉତ, ସୌମ୍ୟବ୍ରହ୍ମ, ଗୋପାଳ ସାହୁ, ତାପସ ପଣ୍ଡା, ଯଶୋବନ୍ତ ଦାସ, ଲକ୍ଷ୍ମଣ ସାହୁ ପ୍ରମୁଖ ପଞ୍ଚାୟତ ସଭାପତି ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ଦୃଢତା ସମ୍ପର୍କରେ ମତ ରଖିଥିଲେ। ଏଥିସହ ଆସନ୍ତା ୨୮ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଭୁବନେଶ୍ୱରର ଏକ ସମାବେଶରେ ଯୋଗଦେବେ। ଉକ୍ତ ସମାବେଶରେ ମଣ୍ଡଳରୁ ଶତାଧିକ କର୍ମୀ ଯୋଗଦେବା ସମ୍ପର୍କରେ ଆଲୋଚନାରେ ସ୍ଥାନ ପାଇଥିଲା।



ସାଙ୍ଗଠନିକ ବୈଠକରେ ଉପସ୍ଥିତ ଅତିଥିମାନେ।

# ଥାଲାସେମିଆ ସଚେତନତା ଶିବିର

**କଳିଙ୍ଗନଗର,୨୩।୨(ଡି.ଏନ.ଏ)**

ଯାଜପୁର ରୋଡ ସ୍ୱେଚ୍ଛାସେବୀ ସଙ୍ଗଠନ କ୍ଲବ ଦି ୟୁଥ ମାସ ଆନୁକୂଲ୍ୟରେ ଶନିବାର ଏକ ଥାଲାସେମିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବରିଷ୍ଠ ବିଶେଷଜ୍ଞ ହେମଲତା ଦାସ, ମୁଖ୍ୟବକ୍ତାଭାବେ ଚିତ୍ତରଞ୍ଜନ କର, ସମ୍ମାନିତ ଅତିଥିଭାବେ ରମେଶ ଚନ୍ଦ୍ର କାୟସ୍ଥ, ଧିରେନ୍ଦ୍ର କୁମାର ସାହୁ ଯୋଗଦେଇ ଥାଲାସେମିଆ ରୋଗର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିବାରର ସମ୍ପାଦକ ରାଜେଶ କୁମାର ରାଉତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଲବର ସଦସ୍ୟ ଉତ୍କଳ କେଶରୀ ଜେନା ପରିଚାଳନା କରିଥିଲାବେଳେ ପ୍ରକାଶ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫ରେ ଟମକା-ମଙ୍ଗଳପୁର ରାସ୍ତା ବନ୍ଦ କରିବେ ଅଭିଭାବକ

**କାଳିଆପାଣି,୨୩।୨(ଡିଏନଏ)**

**ସ୍କୁଲ, ଡାକ୍ତରଖାନା ବନ୍ଦ ନୋଟିସକୁ ବିରୋଧ**

ସୁକିନ୍ଦା ଖଣି ଅଞ୍ଚଳର ଟାଟା କମ୍ପାନୀ କଲୋନୀ ପରିସରରେ ଥିବା ଷ୍ଟିୱାର୍ଟ ସ୍କୁଲ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଓ ଡାକ୍ତରଖାନାକୁ ବନ୍ଦ ନୋଟିସ ହେବା ସହ ଟିସି ନେବାକୁ କର୍ତ୍ତୃପକ୍ଷ ବାଧ୍ୟ କରିଛନ୍ତି। ଏହାକୁ ବିରୋଧ କରି ଅଭିଭାବକମାନେ ଆସନ୍ତା ୨୫ ତାରିଖ ଟମକା-ମଙ୍ଗଳପୁର ରାସ୍ତା ଅବରୋଧ କରିବାକୁ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି। ପ୍ରକାଶ ଯେ, ୬ ଦଶନ୍ଧି ଧରି କାର୍ଯ୍ୟ କରି ଆସୁଥିବା ଟାଟା କମ୍ପାନୀର ଲିଜ ଅବଧି ମାର୍ଚ୍ଚ ୩୧ତାରିଖ ଶେଷ ହେବାକୁ ଥିବାବେଳେ ରାଜ୍ୟ ସରକାରଙ୍କ ସର୍ତ୍ତାବଳୀ ଅନୁଯାୟୀ ଟାଟାଷ୍ଟିଲ ସୁକିନ୍ଦା କ୍ରୋମାଇଟ ଖଣି ଲିଜ ନବୀକରଣ ଅଦ୍ୟାବଧି ହୋଇପାରି ନାହିଁ। ଫଳରେ ଟାଟା କମ୍ପାନୀ ପରିସରରେ ଗଢି ଉଠିଥିବା ଷ୍ଟିୱାର୍ଟ ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀରର ଭାଗ୍ୟ ଅନିଶ୍ଚିତତା ମଧ୍ୟରେ ରହିଛି। ସଂସ୍ଥାର ପରିଚାଳନା କମିଟି ଅନ୍ୟତ୍ର ସ୍କୁଲକୁ ସ୍ଥାନାନ୍ତର କରିବାକୁ ନୋଟିସ ଜାରି କରିଛନ୍ତି। ଅଚାନକ ବନ୍ଦ ନୋଟିସ ଯୋଗୁ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗାମୀ ୨୫ ତାରିଖ ଟମକା-ମଙ୍ଗଳପୁର ରାସ୍ତାରୁ ପରିବହନ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ରାସ୍ତା ବନ୍ଦ କରିବେ ବୋଲି କାଳିଆପାଣି ଥାନା ମାଧ୍ୟମରେ ଜିଲା ପ୍ରଶାସନର ସମସ୍ତ ବିଭାଗକୁ ବିଶ୍ୱଜିତ ମହାନ୍ତି, ଭଗବତି ମହାନ୍ତ, ମଦନମୋହନ ମହାନ୍ତ, ଧନେଶ୍ୱର ମହାନ୍ତ, ରବୀନ୍ଦ୍ର କୁମାର ଭଞ୍ଜ ପ୍ରମୁଖ ଶହଶହ ଅଭିଭାବକ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି।

# ମୃତକଙ୍କ ପରିବାରକୁ ଭେଟିଲା ଜିଲା ପ୍ରଶାସନ

**ରସୁଲପୁର,୨୩।୨(ଡିଏନଏ)**

ଯାଜପୁର ସଦର ଥାନା ଯମଧର ଗାଁରେ ଯାଜପୁର ଜିଲା ପ୍ରଶାସନ ପହଞ୍ଚିଛି। ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ, ଯାଜପୁର ବ୍ଲକ ବିଡିଓ ସୌରଭ ଚକ୍ରବର୍ତ୍ତି, ଯାଜପୁର ପୌରପରିଷଦର ଅଧ୍ୟକ୍ଷ ଭବପ୍ରକାଶ ଦାସଙ୍କ ସମେତ ଯାଜପୁର ତହସିଲ ପ୍ରଶାସନର କର୍ମଚାରୀ ପ୍ରମୁଖ ରବିବାର ପୂର୍ବାହ୍ନରେ ଗୁଜୁରାଟର ଅହମ୍ମଦାବାଦରେ ଜୀବନ୍ତ ଦଗ୍ଧ ହୋଇଥିବା ଓଡ଼ିଆ ଶ୍ରମିକଙ୍କ ଗାଁରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି। ଦୟାନିଧି ଖୁଣ୍ଟିଆ(୩୭), ଚିନ୍ମୟ ଖୁଣ୍ଟିଆ(୨୫) ଏବଂ କାମେଶ ସିଂ(୨୩)ଙ୍କ ମୃତଦେହ ଗାଁରେ କିପରି ପହଞ୍ଚିବ ସେ ନେଇ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ମୃତକଙ୍କ ପରିବାର ଲୋକଙ୍କୁ ରେଡକ୍ରସରୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏହାଛଡା ଆଉ କେଉଁ ଦିଗରୁ କ'ଣ ସୁବିଧା ଯୋଗାଇ ଦିଆଯାଇ ପାରିବ ସେ ନେଇ ଜିଲା ପ୍ରଶାସନ ଚିନ୍ତା କରୁଛି ବୋଲି ଭାରପ୍ରାପ୍ତ ଜିଲାପାଳ ନାୟକ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି, ଅହମ୍ମଦାବାଦର ଓଧାବ୍ ଜିଆଇଡିସି ଅଞ୍ଚଳରେ ଥିବା ଲୋଟସ କପଡ଼ା ଲେବଲ୍ କାରଖାନାରେ ଉକ୍ତ ୩ ଶ୍ରମିକ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ନାଇଟ ଡ୍ୟୁଟି ସାରି ସେମାନେ କାରଖାନାର ୩ୟ ମହଲାରେ ଥିବା ଏକ କୋଠରୀରେ ଶୋଇଥିଲେ। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ କୌଣସି କାରଣରୁ କାରଖାନାରେ ନିଆଁ ଲାଗିଯାଇଥିଲା। ନିଆଁ ସହ ଧୂଆଁର ମାତ୍ରା ଅତ୍ୟଧିକ ଥିବାରୁ ଦୟାନିଧି, ଚିନ୍ମୟ ଓ କାମେଶ କୋଠରୀରୁ ବାହାରକୁ ଆସି ପାରି ନ ଥିଲେ। ଅପରପକ୍ଷରେ ସେହି କମ୍ପାନୀରେ କାର୍ଯ୍ୟ କରୁଥିବା ରାଜେନ୍ଦ୍ର ଖୁଣ୍ଟିଆ, ଦୀପୁ ସାମଲ ଓ ଲିପୁ ସାମଲ ଛାତ ଉପରକୁ ଆସି ଅନ୍ୟମାନଙ୍କ ସହଯୋଗରେ ତଳକୁ ଆସିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରି ଦୟାନିଧି, ଚିନ୍ମୟ ଓ କାମେଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକ ୩ଜଣଙ୍କୁ ସ୍ଥାନୀୟ ପୋଲିସ ଜବତ କରି ମୃତଦେହ ବ୍ୟବଚ୍ଛେଦ କରିଛି। ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ତିନିଜଣଙ୍କ ମୃତଦେହକୁ ଗାଁକୁ ଅଣାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଏଣେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ମଧ୍ୟରୁ ଦୟାନିଧି ବିବାହ କରିଥିବାବେଳେ ତାଙ୍କର ୨ଟି ଶିଶୁକନ୍ୟା ଅଛି। ବୃଦ୍ଧ ମାବାପା, ବିଧବା ସ୍ତ୍ରୀଙ୍କ ଛାତିଫଟା କ୍ରନ୍ଦନ, ଦୁଇ ଝିଅଙ୍କ ଅସମ୍ଭବ ନିରବତା ପରିବେଶକୁ ଅଧିକ ଶୋକାକୂଳ କରିଛି। ଏହି ଖବରରେ ସମଗ୍ର ଜମଧର ଗାଁ ସ୍ତବ୍ଧ ହୋଇପଡିଛି। ରୋଜଗାରିଆ ପୁଅ ଆଉ ସ୍ୱାମୀକୁ ହରାଇଥିବା ପରିବାରର ଆର୍ଥିକ ସ୍ଥିତି ଭୁଶୁଡି ପଡିଛି। ଉକ୍ତ ପରିବାର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ସରକାର ଓ ପ୍ରଶାସନ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଛି।

**ଅହମଦାବାଦରେ ଓଡ଼ିଆ ଶ୍ରମିକ ଜୀବନ୍ତ ଦଗ୍ଧ ଘଟଣା**



- ମୃତଦେହ ଗାଁକୁ ଫେରାଇ ଆଣିବାକୁ ସରିଲାଣି ପ୍ରସ୍ତୁତି
- ପରିବାର ଲୋକଙ୍କ ଛାତିଫଟା କ୍ରନ୍ଦନରେ ଶୋକାକୁଳ ଗାଁ ପରିବେଶ




ଉତ୍ତରପ୍ରଦେଶ କାନପୁର ଆଇଆଇଟି ଏବଂ ଭାରତ ଇଲୋକ୍ଟ୍ରୋନିକ୍ସ ଲିମିଟେଡ୍‌ର ମିଳିତ ସହଯୋଗରେ ଅସରପା ଭଳି ଦେଖାଯାଉଥିବା କ୍ଷୁଦ୍ର ଡ୍ରୋନ୍ ପ୍ରସ୍ତୁତ କରାଯାଇଛି। ଏହା ସହଜରେ ଶତ୍ରୁ ଶିବିରରେ ପହଞ୍ଚି ଆବଶ୍ୟକ ତଥ୍ୟ ସଂଗ୍ରହ କରିବାକୁ ସକ୍ଷମ ହେବ। ୪୦ ଗ୍ରାମ୍ ଓଜନ ବିଶିଷ୍ଟ ଏହି ଡ୍ରୋନ୍‌କୁ ହାତ ପାପୁଲିରେ ମଧ ରଖିହେବ। ଏହାର ଏକ ୨୨ ଗ୍ରାମ ବିଶିଷ୍ଟ ବିକଶିତ ମଡେଲ ମଧ ତିଆରି କରାଯାଉଥିବା କାନପୁର ଆଇଆଇଟି ପକ୍ଷରୁ କୁହାଯାଉଛି। ଛୋଟ ହୋଇଥିବାରୁ ଏହି ଡ୍ରୋନ୍ ଦୃଶ୍ୟମାନ ହେବା କଷ୍ଟକର ହେବ। ମାତ୍ର ଏହାଦ୍ୱାରା ଶତ୍ରୁ ଶିବିରର ତଥ୍ୟ ସଂଗ୍ରହ କରାଯାଇପାରିବ ବୋଲି କୁହାଯାଉଛି।

# ୨୧୦୦ ବେଳକୁ ନ ଥିବ ପ୍ରବାଳ ପ୍ରାଚୀର

## ଜଳବାୟୁ ପରିବର୍ତ୍ତନ ପ୍ରଭାବ

**କାନବେରା:** ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀର ଜୈବ ବିବିଧତା ଉପରେ ପଡ଼ିବାରେ ଲାଗିଛି। ଏହାଯୋଗୁ ୨୧୦୦ ମସିହା ବେଳକୁ ସମୁଦ୍ରରେ ଥିବା ପ୍ରବାଳ ପ୍ରାଚୀର ସମ୍ପୂର୍ଣ୍ଣ ଲୋପ ପାଇଯିବ। ଏନେଇ ହାର୍ଭାଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ୭୦ରୁ ୮୦ ବର୍ଷ ମଧରେ ଏହା ନଷ୍ଟ ହୋଇଯିବାର ଆଶଙ୍କା ଦେଖାଦେଇଛି। ଆଗାମୀ ୨୦ ବର୍ଷ ବେଳକୁ ପ୍ରବାଳ ପ୍ରାଚୀରର ୭୦ରୁ ୯୦ ପ୍ରତିଶତ ଲୋପ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଆମେରିକାର ନ୍ୟାଶନାଲ୍ ଓସୋନିକ୍ ଆଣ୍ଡ୍ ଆଟମସ୍‌ଫେରିକ୍ ଆଡମିନିଷ୍ଟ୍ରେଶନ ପକ୍ଷରୁ କୁହାଯାଇଛି ଯେ, ୨୦୪୫ ବେଳକୁ ସମୁଦ୍ରର ପ୍ରବାଳ ପ୍ରାଚୀର ବହୁମାତ୍ରାରେ ନଷ୍ଟ ହୋଇଯିବ। ସମୁଦ୍ର ଜଳରେ ବୃଦ୍ଧି ପାଉଥିବା ବିଭିନ୍ନ ଅମ୍ଳ(ଏସିଡ୍)ର ପରିମାଣ ସହିତ ସମୁଦ୍ର ଜଳର ତାପମାତ୍ରା ବୃଦ୍ଧି, ପ୍ରଦୂଷଣ, ଜନସଂଖ୍ୟା ବୃଦ୍ଧି ତଥା ମାଛଧରା କାର୍ଯ୍ୟ ଯୋଗୁ ପ୍ରବାଳ ପ୍ରାଚୀରର ବିକାଶରେ ବାଧା ସୃଷ୍ଟି ହେଉଥିବା ରିପୋର୍ଟ ଉଲ୍ଲେଖ ରହିଛି। ଚଳିତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ କାଲିଫର୍ନିଆ ଲୋହିତ ସାଗରରେ ଥିବା ଲାଲ ପ୍ରବାଳ ରହିବାର ଆଶା ଥିବା କୁହାଯାଉଛି। ଅଷ୍ଟ୍ରେଲିଆରେ ଥିବା ଗ୍ରେଟ୍ ବାରିଅର ରିଫ୍‌ର ୨୩୦୦ କିମି ପ୍ରବାଳ ପ୍ରାଚୀର ନଷ୍ଟ ହେଉଥିବାରୁ ପରିବେଶବିତ୍‌ମାନେ ଚିନ୍ତିତ ରହିଛନ୍ତି। ୨୦୧୬-୧୭ରେ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି।



**ଷ୍ଟକହୋମ୍:** ପରିବେଶକର୍ମୀ ଭାବେ ୧୭ ବର୍ଷ ବୟସ୍କା ଗ୍ରେଟା ଥନବର୍ଗ ସାରା ବିଶ୍ୱରେ ପରିଚିତି ଲାଭ କରିପାରିଛନ୍ତି। ଗ୍ରେଟା ଜଳବାୟୁ ପରିବର୍ତ୍ତନ ବିରୋଧରେ ସଚେତନତା ସୃଷ୍ଟି ପାଇଁ ଅଭିଯାନ ଜାରି ରଖିଛନ୍ତି। ତେବେ ଗ୍ରେଟାଙ୍କୁ ୧୧ ବର୍ଷ ହୋଇଥିବାବେଳେ ସେ ୨ ମାସ ପର୍ଯ୍ୟନ୍ତ ଖାଇବାପିଇବା ଛାଡ଼ି ଦେଇଥିଲେ। ଏଥିଯୋଗୁ ତାଙ୍କ ଓଜନ ସାଢ଼େ ୯ କିଲୋ କମି ଯାଇଥିଲା। ସେ ଅଟିଜିମ୍‌ରେ ପୀଡ଼ିତ ହୋଇଥିବାରୁ ଏଭଳି ହୋଇଥିଲା। ସେ ଯେ ବିଶ୍ୱର ମଙ୍ଗଳ ପାଇଁ କାମ କରିବେ ତାହା ଏବେ ବିଶ୍ୱାସ ହେଉ ନ ଥିଲା ବୋଲି ତାଙ୍କ ମା'ମୈଲେନା ଇର୍ମାନ୍ କହିଛନ୍ତି। ଗ୍ରେଟାଙ୍କୁ ଜଣେ ପରିବେଶକର୍ମୀ କରାଇବା କେବେ ମଧ ସହଜ ନ ଥିଲା ବୋଲି ସେ କହିଛନ୍ତି।



# ସହଜ ନ ଥିଲା ଗ୍ରେଟାଙ୍କ ଅଭିଯାନ



# ଟ୍ରମ୍ପ୍ ଶେୟାର କଲେ 'ବାହୁବଲୀ' ଭିଡିଓ

**ୱାଶିଂଟନ୍:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଗସ୍ତରେ ଆସିବାର କିଛି ଘଣ୍ଟା ପୂର୍ବରୁ ଫିଲ୍ମ 'ବାହୁବଲୀ-୨'ର ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ନିଜକୁ ବାହୁବଳୀ ଭାବେ ଚିତ୍ରଣ କରିଥିବା ଦେଖିବାକୁ ମିଳୁଛି। ବାହୁବଲୀ ଭଳି ଟ୍ରମ୍ପ୍‌ଙ୍କ ଯୁଦ୍ଧ କରୁଥିବାର ମଧ ଏଥିରେ ଦେଖିବାକୁ ମିଳୁଛି। ଏହା ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଇତିମଧରେ ଏହି ଭିଡିଓକୁ ୧୮ଲକ୍ଷରୁ ଅଧିକ ୟୁଜର୍ସ ଦେଖିସାରିଛନ୍ତି। ଏକ ମିନିଟ୍ ୨୧ ସେକେଣ୍ଡର ଏହି ଭିଡିଓକୁ ଟ୍ରମ୍ପ୍ ନିଜର ଟୁଇଟର୍ ଆକାଉଣ୍ଟରେ ମଧ ଶେୟାର କରିଛନ୍ତି। ଏହାକୁ ୨୪ ହଜାର ୪୦୦ରୁ ଅଧିକ ୟୁଜର୍ସ ରିଟୁଇଟ୍ କରିଛନ୍ତି।

# ଡାକ୍ତରଙ୍କୁ ରାଗରେ ଚାହିଁଲା ନବଜାତକ

**ରିଓ ଡି ଜେନିରୋ:** ନବଜାତ ଶିଶୁ ରାଗିବା ବିଷୟ ଶୁଣିଲେ କାହାକୁ ବି ବିଶ୍ୱାସ ହେବନାହିଁ। ତେବେ ବ୍ରାଜିଲ୍‌ରେ ଏଭଳି ଏକ ଘଟଣା ଘଟିଛି। ଏହି ଘଟଣାର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ରିଓ ଡି ଜେନିରୋ ଏକ ହସ୍ପିଟାଲରେ ଜଣେ ମହିଳା ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ। ଫେବୃୟାରୀ ୧୩ରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଡାକ୍ତର ଶିଶୁ କନ୍ୟାର ନାହିନାଡ଼ କାଟିବା ସମୟରେ ସେ ରାଗମୁହଁରେ ଚାହିଁଥିଲା। ସତେଯେପରି ଶିଶୁଟି ଡାକ୍ତରଙ୍କ ଏଭଳି କାର୍ଯ୍ୟରେ ରାଗିଯାଇଥିଲା। ଏଭଳି ଘଟଣା ପୂର୍ବରୁ ଅନ୍ୟ କୌଣସି ଶିଶୁଙ୍କଠାରେ ଘଟି ନ ଥିବା ଡାକ୍ତର କହିଛନ୍ତି। ଡାକ୍ତର ଶିଶୁର ନାମ ଇସାବେଲ ପରେରା ଡି ଜିସସ୍ ରଖିଛନ୍ତି।





# ଆର୍ଥିକ ବିକାଶରେ ଉତ୍ପାଦ ଶୁଳ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭାରତରେ ପ୍ରତିବର୍ଷ ୨୪ ଫେବୃୟାରୀରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଦିବସ ପାଳନ କରାଯାଉଛି। ଏହିଦିନରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ତଥା ଲବଣ ଆଇନ, ୧୯୪୪କୁ ମଧ ସ୍ମରଣ କରାଯାଏ। କେନ୍ଦ୍ରୀୟ ଉତ୍ପାଦ ଏବଂ ସୀମା ଶୁଳ୍କ ବିଭାଗ ଦ୍ୱାରା ଏହିଦିବସ ପାଳନ କରାଯାଉଛି। ସାରା ଦେଶରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଲାଗୁ କରାଇବା ସହ ଏ ସମ୍ବନ୍ଧିତ ଆଇନ ବଳରେ ଉତ୍ପାଦନକାରୀ ବ୍ୟବସାୟରେ ଦୁର୍ନୀତି ରୋକିବା ଅଧିକ ଆୟ କରୁଥିବା ବ୍ୟକ୍ତିଙ୍କଠାରୁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆଇନ, ୧୯୪୪ ସର୍ତ୍ତ ଅନୁଯାୟୀ ଶୁଳ୍କ ଆଦାୟ କରିବାର ବିଭିନ୍ନ ଦିଗ ଉପରେ ମଧ ଆଲୋକପାତ କରାଯାଏ। ଶୁଳ୍କ ଦେୟ ହାର ସେଣ୍ଟ୍ରାଲ ଏକ୍ସାଇଜ ଟାରିଫ ଆକ୍ଟ, ୧୯୮୫ର ଅନୁସୂଚୀ ୧ଓ ୨ ଦ୍ୱାରା ସ୍ଥିର କରାଯାଏ। କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଦ୍ୱାରା ଦେଶର ବିଭିନ୍ନ ଅଞ୍ଚଳରେ ଥିବା ସେଣ୍ଟ୍ରାଲ ଏକ୍ସାଇଜ କମିଶନରେଟଗୁଡ଼ିକ ଶୁଳ୍କ ଆଦାୟ ପ୍ରକ୍ରିୟା ସଂଚାଳିତ କରିଥାନ୍ତି।



## କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଦିବସ

ଉଦ୍ଦେଶ୍ୟରେ ଏହି ଦିବସ ବିଭାଗୀୟ କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରିଥାଏ। ଦେଶର ସାମାଜିକ ,ଅର୍ଥନୈତିକ ବିକାଶରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଉକ୍ତ ବିଭାଗ ଦେଶରେ ଉତ୍ତମ ସେବା ଯୋଗାଇ ଦେବା ଯୋଗୁ ରାଜସ୍ୱରେ ଢ଼େର ସୁଧାର ଆସିଛି। ରାଜସ୍ୱ ଆଦାୟ ପୂର୍ବାପେକ୍ଷା ଦୁଇଗୁଣ ହୋଇପାରିଛି। ଏହିବିଭାଗ ଦ୍ୱାରା ଯେଉଁ ରାଜସ୍ୱ ଆଦାୟ ହେଉଛି ତାହା ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ବିନିଯୋଗ କରାଯାଉଛି। ଫଳରେ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଏହାର ଯଥେଷ୍ଟ ଅବଦାନ ରହିଛି।

ଏହି ଦିବସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ବିଭିନ୍ନ ଉତ୍ପାଦ ଓ ନିର୍ଦ୍ଧାରିତ ସୀମାଠାରୁ ସିବିଆଇସି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ରାଜସ୍ୱ ବିଭାଗ ଅଧୀନରେ କାର୍ଯ୍ୟ କରୁଛି। ଦେଶରେ କେତେ ଟିକସ ଦେବାକୁ ହେବ ଓ ତାହା କିପରି ଆଦାୟ କରାଯିବ ସେ ସଂକ୍ରାନ୍ତରେ ନିୟମ ପ୍ରଣୟନ କରିବା ଓ ତାହାକୁ କାର୍ଯ୍ୟକାରୀ କରିବାରେ ସିବିଆଇସି ପ୍ରମୁଖ ଭୂମିକା ନେଇଥାଏ। ଏଥିପାଇଁ ଦେଶକୁ ୧୦ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଜୋନ୍‌ରେ ଥିବା ସେଣ୍ଟ୍ରାଲ ଏକ୍ସାଇଜ କମିଶନରେଟରେ ମୁଖ୍ୟ ଜଣେ କମିଶନର ରହିଛନ୍ତି। ସବୁ ଜୋନରେ ପ୍ରାୟ ୬୧ଟି କମିଶନରେଟ କାର୍ଯ୍ୟ କରୁଛି। ଏହାଦ୍ୱାରା ବିଭିନ୍ନ ଆଇନକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା ସହ କେନ୍ଦ୍ରୀୟ ଶୁଳ୍କ ଆଦାୟ ସହଜ ହୋଇପାରିଛି।

**ମୁମ୍ବାଇ:** ବି-ଟାଉନର ସବୁଠାରୁ ଲୋକପ୍ରିୟ ଅଭିନେତାମାନଙ୍କ ମଧ୍ୟରୁ ଆୟୁଷ୍ମାନ୍ ଖୁରାନା ଅନ୍ୟତମ। ସେ ଯେଉଁ ଗୀତ ଗାଆନ୍ତି ଏବଂ ଯେଉଁ ଫିଲ୍ମରେ ଅଭିନୟ କରନ୍ତି ସବୁ ହିଟ୍ ହୋଇଯାଏ। ଆୟୁଷ୍ମାନ୍‌ଙ୍କ ଅଭିନୀତ ଫିଲ୍ମ 'ଅନ୍ଧାଧୁନ୍' ଏବଂ 'ବଧାଇ ହୋ'କୁ ଅନେକ ନ୍ୟାଶନାଲ୍ ଆୱାର୍ଡ ମିଳିଛି। ଏହାସହ ସେ ନିଜେ ମଧ ଶ୍ରେଷ୍ଠ ଅଭିନେତା ଭାବେ ନ୍ୟାଶନାଲ ଆୱାର୍ଡ ହାସଲ କରିଛନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବାର ଅଳ୍ପ ଦିନ ମଧରେ ଆୟୁଷ୍ମାନ୍ ନିଜର ନିଷ୍ଠା ଏବଂ ଉଚ୍ଚକୋଟୀର ଅଭିନୟ ପାଇଁ ହିନ୍ଦୀ ସିନେମା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି। କେବଳ ଏତିକି ନୁହେଁ, ସେ ଜଣେ ଲୋକପ୍ରିୟ ଗାୟକ ମଧ। ତେବେ ଅଧୁନା ଏତେ ସଫଳତା ଓ ଲୋକପ୍ରିୟତା ହାସଲ କରିଥିବା ଆୟୁଷ୍ମାନ୍‌ଙ୍କ ଷ୍ଟ୍ରଗଲ୍ ବିଷୟରେ ଆସନ୍ତୁ କିଛି ଜାଣିବା।

ନିକଟରେ ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତ୍‌କାରରେ ଆୟୁଷ୍ମାନ୍ ସଫଳତା ପାଇବା ପୂର୍ବରୁ ତାଙ୍କର ଷ୍ଟ୍ରଗଲ୍ ସମୟକୁ ନେଇ କିଛି ଖୁଲାସା କରିଥିଲେ। ସେ କହିଥିଲେ, ଯେତେବେଳେ ସେ ଥିଏଟର ଶୋ' କରିବାକୁ ଯାଉଥିଲେ, ସେ ଟ୍ରେନ୍‌ରେ ଗୀତ ଗାଇ ଟଙ୍କା ରୋଜଗାର କରୁଥିଲେ। ଏଭଳି କରିବା ଦ୍ୱାରା ସେ ଗୋଆ ଟ୍ରିପ୍ ପାଇଁ ଟଙ୍କା ଜମା କରିପାରୁଥିଲେ। ଏଇଥିପାଇଁ ସେ ଆଜି ଠିକ୍‌ଠାକ୍ ଗୀତ ଗାଇପାରୁଛନ୍ତି ବୋଲି ଆୟୁଷ୍ମାନ୍ କହିଛନ୍ତି।

ଏମିତିରେ ସମସ୍ତେ ଜାଣନ୍ତି କ୍ୟାରିୟରକୁ ନେଇ ଆୟୁଷ୍ମାନ୍ ଟିକେ ସିରିୟସ୍। ସେ ଯେକୌଣସି ଫିଲ୍ମରେ ଅଭିନୟ କରିବାକୁ ରାଜି ହୁଅନ୍ତି ନାହିଁ। ଭାବିଚିନ୍ତି ଫିଲ୍ମର ସ୍କ୍ରିପ୍ଟ ଚୟନ କରନ୍ତି। ତେବେ ବଲିଉଡ୍‌ରେ ନିଜର ଡେବ୍ୟୁ କରିବା ପୂର୍ବରୁ ପ୍ରାୟ ୫-୬ ଫିଲ୍ମ ଅଫର୍‌କୁ ମନା କରିଦେଇଥିଲେ। ଗୋଟିଏ ଭଲ ଫିଲ୍ମ କରିବାକୁ

## ସଫଳତା ପୂର୍ବରୁ ଟ୍ରେନ୍‌ରେ ଗୀତ ଗାଉଥିଲେ ଆୟୁଷ୍ମାନ୍

ସେ ଅନେକ ଫିଲ୍ମକୁ ମନାକରି ଦେଇଥିବା କହିଛନ୍ତି। ଆୟୁଷ୍ମାନ୍‌ଙ୍କ କହିବା ହେଲା, ପ୍ରଥମ ଫିଲ୍ମ ସବୁବେଳେ ସ୍ୱତନ୍ତ୍ର ହେବା ଉଚିତ୍। ତେବେ ୨-୩ଟି ଫିଲ୍ମ କରିବା ପରେ ସାମାଜିକ ପ୍ରସଙ୍ଗ ଓ ସମସ୍ୟାକୁ ନେଇ ଫିଲ୍ମ କରିବାକୁ ତାଙ୍କର ଇଚ୍ଛା ଥିଲା।

ସେହିଭଳି ବଲିଉଡ୍‌ରେ ଚାଲିଥିବା ନେପୋଟିଜମ୍ ବା ପରିବାରବାଦକୁ ନେଇ ମଧ ଆୟୁଷ୍ମାନ୍ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଷ୍ଟାର୍ କିଡ୍‌ମାନଙ୍କୁ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ତ ମିଳିଯାଏ। ହେଲେ ଆଗକୁ ସେମାନଙ୍କ ପାଇଁ ରାସ୍ତା ବହୁତ କଠିନ ହୋଇଥାଏ। ଷ୍ଟାର୍ କିଡ୍‌ମାନେ ନିଜର ଶତ ପ୍ରତିଶତ ପର୍‌ଫର୍ମାନ୍ସ ଦେବା ପରେ ମଧ ଦର୍ଶକେ ସନ୍ତୁଷ୍ଟ ହୁଅନ୍ତିନାହିଁ। ହେଲେ ମୁଁ ୫୦ ପ୍ରତିଶତ ପ୍ରଚେଷ୍ଟା କଲେ ମଧ ପରିଶ୍ରମ ବଳରେ ଏହା ହାସଲ କରିଛି ବୋଲି ଦର୍ଶକେ କୁହନ୍ତି ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ବିଲିକଣା ଘରପୋଡ଼ି ଘଟଣାରେ ଜଣେ ଗିରଫ

ଆଳି, ୨୩।୨ (ଡି.ଏନ୍.ଏ.): ଆଳି ଥାନା ଅଧୀନ ବିଲିକଣା ଗ୍ରାମରେ ଘଟିଥିବା ଘରପୋଡି ଘଟଣାରେ ପୋଲିସ ରବିବାର ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବିଲିକଣା ଗ୍ରାମର ସସ୍ମିତା ମଲ୍ଲିକ। ବିଲିକଣା ଗ୍ରାମର ସାରତୀ ମଲିକ ଓ ତାଙ୍କ ଦିଅର ବାବୁରାମ ମଲିକଙ୍କ ପରିବାର ମଧ୍ୟରେ ଜମିଜମା ବିବାଦକୁ ନେଇ ଶତ୍ରୁତା ଲାଗି ରହିଥିଲା। ଦୁଇ ସପ୍ତାହ ପୂର୍ବରୁ ଉଭୟ ପରିବାର ମଧ୍ୟରେ ସଂଘର୍ଷ ଘଟିଥିଲା, ଯାହାକୁ କେନ୍ଦ୍ରକରି ବାବୁରାମଙ୍କ ପରିବାର ଲୋକେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ସାରତୀଙ୍କ ଘରେ ନିଆଁ ଲଗାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଗ୍ନିକାଣ୍ଡରେ ସାରତୀଙ୍କ ୨ ବଖରା ଜଳି ଯିବା ସହ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ସାରତୀ ଏ ନେଇ ବାବୁରାମଙ୍କ ପରିବାର ବିରୋଧରେ ଥାନାରେ ଏତଲା ଦେଇଥିଲେ। ପୋଲିସ ବାବୁରାମଙ୍କ ପରିବାରର ସସ୍ମିତାଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ସଦସ୍ୟ ଫେରାର ଥିବା ଜଣାପଡ଼ିଛି।

### ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ, ୨୩।୨ (ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଆଲୁମ୍ନି କମିଟି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କମିଟି ସଭାପତି ପ୍ରଫେସର ଭରତ ଚନ୍ଦ୍ର ପାତ୍ର ପୌରୋହିତ୍ୟ କରିଥିଲେ। ସମ୍ପାଦକ ଗୋପୀନାଥ ତ୍ରିପାଠୀ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ୪୧ଜଣ ସଦସ୍ୟ ବିଶିଷ୍ଟ ଏକ ଜୟନ୍ତୀ କମିଟି ଗଠନ କରାଯାଇଥିଲା। ଆସନ୍ତା ମାର୍ଚ୍ଚ ୫ ତାରିଖରେ ମହାବିଦ୍ୟାଳୟ ପରିସରରେ ଏକ ପୂର୍ଣ୍ଣ ବୈଠକ କରାଯିବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ଚନ୍ଦ୍ରବତୀ ସ୍ୱାଇଁ, କସ୍ତୁରୀ ଚରଣ ସ୍ୱାଇଁ, ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, ଅଭିମନ୍ୟୁ ବରାଳ, ସର୍ବେଶ୍ୱର ମହାନ୍ତି, ପତିତପାବନ ଭଦ୍ର, ଡ. ପଦ୍ମଲୋଚନ ରାଉତ, ପ୍ରମୋଦ ସ୍ୱାଇଁ, କିରଣ କୁମାର ପାତ୍ର, ଅଭୟ ପରିଡା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।

### ବ୍ଲକ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

ରାଜନଗର, ୨୩।୨ (ଡି.ଏନ୍.ଏ.): ରାଜନଗର ବ୍ଲକ ବିଜେଡି ସଭାପତି ଭାବେ ଅଶୋକ କୁମାର ପ୍ରତିହାରୀଙ୍କୁ ମନୋନୀତ କରାଯାଇଛି। ଅଶୋକ ସଭାପତି ଭାବେ ଲଗାତାର ୩ୟ ଥର ପାଇଁ ମନୋନୀତ ହେବାପରେ ରବିବାର ବ୍ଲକ ବିଜେଡି କାର୍ଯ୍ୟାଳୟରେ ଏ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ସେଠୀ, ସବିତା ସେଠୀ, ସରପଞ୍ଚ କେଦାରନାଥ ସାହୁ, ନିମାଇଁ ରାଉତ, ଶ୍ରୀକାନ୍ତ କୁମାର ପ୍ରଧାନ, ଜୁମର କୁମାର ସ୍ୱାଇଁ, ସର୍ବେଶ୍ୱର ସାହୁ, ସପନ କୁମାର ପରିଡ଼ା, ରଶ୍ମିରେଖା ଦଳାଇ, ମୁକ୍ତି କୁମାର ପାତ୍ର, ରତିକାନ୍ତ ସେଠୀ, ପର୍ଶୁରାମ ବାରିକ, ସମିତିସଭ୍ୟ ପାରେଶ୍ୱର ନାୟକ, ଅନନ୍ତ କୁମାର ଦାସ, ଚିତ୍ତରଞ୍ଜନ ପଣ୍ଡା, ଲୋପାମୁଦ୍ରା ଜେନା, କବିତାରାଣୀ ମାଇତି, ମାଧବୀ ପ୍ରଧାନ, ରଶ୍ମିରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ନୂତନ ବ୍ଲକ ବିଜେଡି ସଭାପତି ଅଶୋକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଅନୁସୂଚିତ ଜାତି, ଜନଜାତି ସଙ୍ଗଠନ ପକ୍ଷରୁ ବିକ୍ଷୋଭ

## ଚାକିରି ଓ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ମୌଳିକ ଅଧିକାର ନୁହେଁ: ଉଚ୍ଚତମ ନ୍ୟାୟାଳୟ

କେନ୍ଦ୍ରାପଡା ଅଫିସ, ୨୩।୨

ସରକାରୀ ଚାକିରି ଓ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ଏକ ମୌଳିକ ଅଧିକାର ନୁହେଁ। ଏହା ରାଜ୍ୟ ସରକାରଙ୍କ ଇଚ୍ଛାଧୀନ ବିଷୟ। ତେଣୁ ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗର ଲୋକଙ୍କୁ ଚାକିରି ଦେବାପାଇଁ ରାଜ୍ୟ ସରକାରଙ୍କୁ କୌଣସି ଅଦାଲତ ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଗତ ୯ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ସ୍ପଷ୍ଟ କରିଛନ୍ତି। ଏହାକୁ ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ପକ୍ଷରୁ ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସଂଗଠନ ପକ୍ଷରୁ ରବିବାର ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ କେନ୍ଦ୍ରାପଡା ସହର ତିନିମୁହାଣି ଛକରେ ଏହି ବନ୍ଦ ଡାକରାକୁ ସମର୍ଥନ କରାଯାଇ ବିରୋଧ ପ୍ରଦର୍ଶନ ହୋଇଥିଲା। ଛକରେ କେନ୍ଦ୍ରାପଡ଼ା ଜିଲାର ଅନୁସୂଚିତ ଜାତି ଓ ଜନଜାତି ସେଲ୍‌ର କର୍ମୀମାନେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ଏହି ବିକ୍ଷୋଭ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ଏ ସମ୍ପର୍କରେ ଜିଲା ସଭାପତି ନଗେନ୍ଦ୍ର ଜେନା କହିଛନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟ ହେଉଛନ୍ତି ସମ୍ବିଧାନର ରକ୍ଷକ। ସମ୍ବିଧାନର ଉପଯୁକ୍ତ ବ୍ୟାଖ୍ୟା ଓ ପ୍ରୟୋଗ କରିବା ନ୍ୟାୟପାଳିକାଙ୍କ ଦାୟିତ୍ୱ। ସମ୍ବିଧାନର ଧାରା ୧୨ରୁ ଧାରା ୩୫ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ମୌଳିକ ଅଧିକାରକୁ ଦର୍ଶାଇଥାଏ। ତେବେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସର୍ବସାଧାରଣଙ୍କ ନ୍ୟାୟ ଓ ସମତା କ୍ଷେତ୍ରରେ ବିଚ୍ୟୁତି ଆଣିବ। ଏହାଦ୍ୱାରା ଓଡ଼ିଶା ସମେତ ଦେଶର ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ବ୍ୟକ୍ତିଙ୍କର ଅଧିକାର କ୍ଷୁଣ୍ଣ ହେବ। ଏହାକୁ କେନ୍ଦ୍ର ସରକାର ପୁନର୍ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଯାଚିକା ଦାଖଲ କରିବା ଆବଶ୍ୟକତା ଅଛି। ସେହିପରି ସଂରକ୍ଷଣ ଆଇନକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ସ୍ଥାନିତ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଥିବା ସେ ପ୍ରକାଶ କରିଛନ୍ତି। ବିକ୍ଷୋଭରେ ଦଳିତ ନେତ୍ରୀ ପ୍ରମିଳା ସେଠୀ, ଦିଲୀପ ନାୟକ, କିଶୋର ମଲ୍ଲିକ, ପପୁ ନାୟକ, ସହଦେବ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ।



କେନ୍ଦ୍ରାପଡ଼ା ସହରର ତିନିମୁହାଣି ଛକଠାରେ ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରାଜନଗରକୁ ହରାଇ ପଟ୍ଟାମୁଣ୍ଡାଇ ଚାମ୍ପିୟନ

## ଶିକ୍ଷାମଣ୍ଡଳସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

ରାଜନଗର, ୨୩।୨ (ଡି.ଏନ୍.ଏ.)

ରାଜନଗର ବ୍ଲକ ଅଧୀନ କେରେଡ଼ାଗଡ଼ସ୍ଥିତ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଖେଳପଡିଆଠାରେ ଶିକ୍ଷାମଣ୍ଡଳସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଖେଲୋ ଇଣ୍ଡିଆକୁ ପ୍ରୋତ୍ସାହିତ କରିବା ପାଇଁ ରାଜନଗର ବ୍ଲକ ସିଆରସିସି ଓ ପଟ୍ଟାମୁଣ୍ଡାଇ ବ୍ଲକ ସିଆରସିସିଙ୍କ ମଧ୍ୟରେ ଏହି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରାଜନଗର ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନନ୍ଦ କିଶୋର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ଯୁବନେତା ଅରୁଣ କୁମାର ସାହୁ, କେରେଡ଼ାଗଡ଼ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନିଲ କୁମାର ବଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପଟ୍ଟାମୁଣ୍ଡାଇ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ପଟ୍ଟାମୁଣ୍ଡାଇ ୧୮୧ ରନ୍ ସଂଗ୍ରହ କରିଥିଲା। ଦଳର ଅରକ୍ଷିତ ଜେନା ସର୍ବାଧିକ ୮୪ ରନ କରିଥିଲେ। ରାଜନଗରର ସୁଶାନ୍ତ ସେଠୀ ୪ ଉଇକେଟ ଅକ୍ତିଆର କରିଥିଲେ। ରାଜନଗର ଟିମ୍ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୩ ରନ୍ କରି ମ୍ୟାଚ୍ ହାରିଯାଇଥିଲା। ପଟ୍ଟାମୁଣ୍ଡାଇର ସୁଶାନ୍ତ ବେହେରା ୩ ଉଇକେଟ ନେଇଥିଲେ। ବୈକୁଣ୍ଠ ବାରିକ, ଆଲୋକ ବାରିକ ଅମ୍ପାୟାରିଂ କରିଥିବା ବେଳେ ଶିକ୍ଷକ ତ୍ରୈଲୋଚନ ଦାସ, ବରଦାକାନ୍ତ ଜେନା, ସଞ୍ଜୟ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସିଆର୍‌ସିସି ପ୍ରଶାନ୍ତ କୁମାର ଜେନା, ମଳୟ ଜେନା, ପ୍ରଦୀପ ତରାଇ ଖେଳ ପରିଚାଳନା କରିଥିଲେ।

■ ଗୋସେଇଁବନ୍ଧ ରେଳ ଲାଇନ୍ ଧସିବା ଘଟଣା

# କ୍ଷତିଗ୍ରସ୍ତଙ୍କୁ ସ୍ୱତନ୍ତ୍ର କ୍ଷତିପୂରଣ ଦାବି


ଗୋସେଇଁବନ୍ଧଠାରେ ବରିଷ୍ଠ ନେତା ବିଜୟ ମହାପାତ୍ର ଓ ଅନ୍ୟମାନେ।

କେନ୍ଦ୍ରାପଡା ଅଫିସ, ୨୩।୨

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ କେନାଲ୍ ବ୍ରିଜର ଗୋସେଇଁବନ୍ଧ ଗ୍ରାମ ନିକଟରେ ନିର୍ମାଣାଧୀନ ହରିଦାସପୁର-ପାରାଦୀପ ରେଳପଥ ଧସିବା ପ୍ରଭାବରେ କ୍ଷତିଗ୍ରସ୍ତ ୫ ପରିବାରଙ୍କୁ ରାଜ୍ୟସରକାର ସ୍ୱତନ୍ତ୍ର କ୍ଷତିପୂରଣ ପ୍ରଦାନ କରିବାକୁ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଶନିବାର ଦାବି ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ମହାପାତ୍ର କହିଛନ୍ତି ଯେ, ରେଳ ଲାଇନ୍ ଧସିବା ଘଟଣା ନେଇ ତଦନ୍ତ ହେବା ଆବଶ୍ୟକ। ଏଠାରେ ପ୍ରାୟ ୫ ମିଟର ମାଟି ତଳକୁ ଧସିଯାଇଥିବା ବେଳେ ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ରାସ୍ତା ଫାଟିଛି। ଏଥିସହିତ ୫୦ମିଟର ମଧ୍ୟରେ ଥିବା ଦୁଧୁକା ପଞ୍ଚାୟତ ଗୋସେଇଁବନ୍ଧ ଗ୍ରାମର ରବୀନ୍ଦ୍ରନାଥ ଦାସ, ଅରୁଣ କୁମାର ଦାସ, ଅଶୋକ କୁମାର ନାୟକ, ବିଜୟ କୁମାର ସ୍ୱାଇଁ ଓ ଜିତେନ୍ଦ୍ର ନାୟକଙ୍କ ଘରକୁ କ୍ଷତି ପହଞ୍ଚିଛି। ଏହି ଘଟଣାରେ ରବୀନ୍ଦ୍ରନାଥ ଓ ଅରୁଣଙ୍କ ଘର ଭାଙ୍ଗି ଯାଇଥିବାରୁ ସେମାନେ ନିକଟସ୍ଥ ସ୍କୁଲ ଘରେ ରହୁଛନ୍ତି। ଘରଗୁଡିକ କେଉଁ ସମୟରେ ଭାଙ୍ଗିଯିବା ଭୟରେ ଆତଙ୍କିତ ଅଛନ୍ତି। ଘଟଣାକୁ ଇତିମଧ୍ୟରେ ୧୦ଦିନ ବିତି ଯାଇଥିଲେ ବି ଜିଲା ପ୍ରଶାସନିକ ଅଧିକାରୀ ଓ ଆରଭିଏନ୍‌ଏଲ୍ ଅଧିକାରୀ ଘଟଣାସ୍ଥଳକୁ ଅନୁଧ୍ୟାନ ପାଇଁ ନ ଆସିବା ଦୁର୍ଭାଗ୍ୟଜନକ। ଗୋସେଇଁବନ୍ଧ ଦୁର୍ଘଟଣାସ୍ଥଳକୁ ବରିଷ୍ଠ ନେତା ମହାପାତ୍ରଙ୍କ ପରିଦର୍ଶନ ସମୟରେ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ପୂର୍ବତନ ଜିଲା ଭାଜପା ସଭାପତି ସୁକାନ୍ତ ଦ୍ୱିବେଦୀ, ସରପଞ୍ଚ ପ୍ରତାପ ରାଉତ, ବରିଷ୍ଠ ନେତା ଶାରଦା ପ୍ରସାଦ ବେଉରା ପ୍ରମୁଖ ସାମିଲ ହୋଇଥିଲେ।

# ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ପାଳନ ପ୍ରସ୍ତୁତି

ମାର୍ଶାଘାଇ, ୨୩।୨ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକସ୍ଥିତ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ସ୍କୁଲ ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଛାତ୍ର ସଂସଦର ନୂତନ କର୍ମକର୍ତ୍ତାଙ୍କୁ ବିଭିନ୍ନ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ସ୍କୁଲକୁ ୭୩ବର୍ଷ ପୂରଣ ହେଉଥିବା ବେଳେ ସ୍କୁଲର ପ୍ଲାଟିନମ୍ ଜୁବିଲି ପାଳନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ତେବେ ଏହାକୁ ତିନି ବର୍ଷ ଧରି ପାଳନ କରିବା ପାଇଁ ଆଲୋଚନା କରାଯାଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ସୁନାକର ସ୍ୱାଇଁ, ସୁବାସ ସାହୁ, ବିଚିତ୍ରାନନ୍ଦ ବେହେରା, ହିମାଂଶୁ ନାୟକ, ଦେବୀଦତ୍ତ ରଥ ପ୍ରମୁଖ ଏହି କାର୍ଯ୍ୟକ୍ରମ ପାଇଁ ସଭ୍ୟ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ। ପୁରାତନ ଛାତ୍ର ସଂସଦରେ ସମସ୍ତ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ସାମିଲ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ନିରଞ୍ଜନ ବସନ୍ତିଆ, ମଧୁସୂଦନ ବେହେରା, ଉମାକାନ୍ତ ଦାସ, ହୃଷୀକେଶ ଲେଙ୍କା, ବିପିନ ବିହାରୀ ସ୍ୱାଇଁ, ବିଚିତ୍ରାନନ୍ଦ ବେହେରା, ସୁବାସ ସାହୁ, ବିଦ୍ୟାଳୟ ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ଗୋପୀନାଥ ବେହେରା ଉପସ୍ଥିତ ଥିଲେ।

# 'ଭାରତୀୟଙ୍କ ଗଳ୍ପ, ଉପନ୍ୟାସ ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଛି'

## ଇଂଲିଶ ସମ୍ମାନ ବିଭାଗ ଆଲୋଚନା ଚକ୍ର

କେନ୍ଦ୍ରାପଡା ଅଫିସ, ୨୩।୨



ଆଲୋଚନାଚକ୍ରରେ ଉପସ୍ଥିତ ଆଲୋଚକଗଣ।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଇଂଲିଶ ସମ୍ମାନ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରର ଶୀର୍ଷକ ଥିଲା 'ଉପନିବେଶ ଯୁଗରୁ ଜଗତୀକରଣ ପର୍ଯ୍ୟନ୍ତ ଭାରତୀୟ ଇଂଲିଶ୍'। ଆଲୋଚକମାନେ ମତ ଦେଇଥିଲେ ଯେ, ଇଂଲିଶ୍ ସାହିତ୍ୟ ପ୍ରତି ଭାରତୀୟ ସାହିତ୍ୟିକଙ୍କ ଯଥେଷ୍ଟ ଅବଦାନ ରହିଛି। ଏଥିରେ ଶିକ୍ଷାବିତ୍ ଡ. ଶୁଭେନ୍ଦୁ ମୁଣ୍ଡ ଓ ଡ. ଶ୍ରୁତି ଦାଶ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ଭାରତୀୟ ଗଳ୍ପ, ଉପନ୍ୟାସ ଓ ଅନ୍ୟାନ୍ୟ ରଚନା ବିଶ୍ୱ ସାହିତ୍ୟକୁ ପ୍ରଭାବିତ ଓ ସମୃଦ୍ଧ କରିଛି। ଇଂଲିଶ ସାହିତ୍ୟର ଅନେକ ପୂର୍ବରୁ ଓଡିଆ ସାହିତ୍ୟକୁ ଶାରଳା ଦାସ ବୁଦ୍ଧିମନ୍ତ କରିଥିଲେ। ଭାରତୀୟ ସାହିତ୍ୟ କୌଣସି ସମୟରେ ପଛରେ ନଥିଲା। ଉପନିବେଶବାଦ ପରେ ଇଂଲିଶ୍‌ରେ ଭାରତୀୟ ଲେଖକ ରାଜା ରାଓ, ଆର. କେ. ନାରାୟଣ, ସରୋଜିନୀ ନାଇଡୁ, ଜୟନ୍ତ ମହାପାତ୍ର, ଅରବିନ୍ଦ ଆଡିଶା, ଅରୁନ୍ଧତି ରାୟ, ଅମିତ ଘୋଷ ପ୍ରମୁଖଙ୍କ ରଚନା ଇଂଲିଶ୍ ସାହିତ୍ୟର ଅଂଶ ହୋଇଥିବା ସେମାନେ ପ୍ରକାଶ କରିଥିଲେ। ବିଭାଗୀୟ ମୁଖ୍ୟ ସେକ୍ ସାହାବୁଦ୍ଦିନ ଅଲ୍ଲୀ ଆଲୋଚକଙ୍କୁ ସ୍ୱାଗତ କରିଥିବା ବେଳେ ଶୀର୍ଷକ ସମ୍ପର୍କରେ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ପୂର୍ବାଶା ପ୍ରିୟଦର୍ଶିନୀ, ମେଜର ମନୋରଞ୍ଜନ ମହାନ୍ତି, ଅଧ୍ୟାପିକା ପ୍ରଭାମୟୀ ସାମନ୍ତରାୟ, ପ୍ରାଧ୍ୟାପକ ତ୍ରିଲୋଚନ ପ୍ରଧାନ ପ୍ରମୁଖ ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ।

# ଜାତୀୟ ଉଦ୍ୟାନର ପ୍ରାକୃତିକ ସୌନ୍ଦର୍ଯ୍ୟ ବିରଳ

## ଭିତରକନିକା ସାରସ୍ୱତ ମହୋତ୍ସବ

ରାଜନଗର, ୨୩।୨ (ଡି.ଏନ୍.ଏ.)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲେଖାଲେଖି ମିଳିତ ସହଯୋଗରେ ଭିତରକନିକା ସାରସ୍ୱତ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାସୁଦେବ ଦାସଙ୍କ ପୌରୋହିତ୍ୟରେ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ଡାଙ୍ଗମାଳଠାରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ଉଦ୍ୟାନର ଜୈବ ବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ବିରଳ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ପ୍ରଫେସର ଆଦିକନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକୃତି ଓ ମଣିଷ ପରସ୍ପରର ପରିପୂରକ ବୋଲି ମତ ରଖିଥିଲେ। ଅତିଥି ଭାବେ ନିତ୍ୟାନନ୍ଦ ଶତପଥୀ ଯୋଗଦେଇ ଭିତରକନିକାର ସୌନ୍ଦର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି କବି ହରିହର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, କବି ଡ. ଦିଲ୍ଲୀପ କୁମାର ସ୍ୱାଇଁ, କବି ହେମନ୍ତ କୁମାର ରାଉତ ଯୋଗଦେଇଥିଲେ। କବି ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଲେଖାଲେଖି ପକ୍ଷରୁ ପ୍ରଥମ ଦିବାକର ବିଶ୍ୱାଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭିତରକନିକା ରେଞ୍ଜ ଅଫିସର ସୁଶ୍ରୀ ସ୍ୱାତୀ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଲେଖାଲେଖିର ସମ୍ପାଦକ ପ୍ରଦୀପ୍ତ କୁମାର ବେହୁରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଭ୍ରମଣ

ଡେରାବିଶ, ୨୩।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ରବିବାର ଶୈକ୍ଷିକ ଭ୍ରମଣ ପାଇଁ ଯାଜପୁର ଜିଲାର ମହାବିନାୟକ ପୀଠକୁ ନିଆଯାଇଥିଲା। ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏକ ବସ୍‌ରେ ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅଧୀନ ଫାଣ୍ଡିବରଠାରୁ ବାହାରିଥିଲେ। ବିଆରପି ଜୟନ୍ତ ପ୍ରସାଦ ସ୍ୱାଇଁ, ପୁଷ୍ପଲତା ସ୍ୱାଇଁ, ଆଲୋକ ବେହେରା ଓ ହିସାବ ନିରୀକ୍ଷକ ନୃସିଂହ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନ୍ତର୍ନିବେଶୀ ଭିନ୍ନକ୍ଷମ ସ୍ୱେଚ୍ଛାସେବୀ ଭବାନୀ ଶଙ୍କର ପଣ୍ଡା, ସୁରେନ୍ଦ୍ର କୁମାର ଶତପଥୀ, ସୁଶାନ୍ତ କୁମାର ନାୟକ, ପ୍ରଦ୍ୟୁମ୍ନ କୁମାର ଜେନା, ସଞ୍ଜିତ କୁମାର ସ୍ୱାଇଁ, ଅନ୍ନପୂର୍ଣ୍ଣା ସାମଲ, ରମେଶ ଚନ୍ଦ୍ର ନାୟକ, ଦୀପକ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ନାଗଣପୁର କ୍ରିକେଟ ଟିମ୍ ଚାମ୍ପିୟନ

■ ପ୍ରିୟବ୍ରତ ଆଣ୍ଡ ମାୟାଧର ମେମୋରିଆଲ୍ କପ୍

ଡେରାବିଶ, ୨୩।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ପଲେଇ ଖେଳପଡ଼ିଆଠାରେ ପଲେଇ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ପ୍ରିୟବ୍ରତ ଆଣ୍ଡ ମାୟାଧର ମେମୋରିଆଲ୍ ଚାଲେଞ୍ଜ କପ୍‌ର ଫାଇନାଲ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନାଗଣପୁର ଓ ଗରାମ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗରାମ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୭ ଉଇକେଟରେ ଗରାମ ଟିମ୍ ୧୯୩ ରନ୍ ସଂଗ୍ରହ କରିଥିଲା। ଜବାବରେ ନାଗଣପୁର ଟିମ୍ ସମସ୍ତ ଉଇକେଟ ହରାଇ ୧୯୩ ରନ୍ ସଂଗ୍ରହ କରି ମ୍ୟାଚ୍‌ଟିକୁ ଟାଇ ରଖିଥିଲେ। ଅମ୍ପାୟାରଙ୍କ ନିର୍ଦ୍ଦେଶ କ୍ରମେ ସୁପର ଓଭର ଖେଳାଯାଇଥିଲା। ଏଥିରେ ନାଗଣପୁର ୧୯ ରନ୍ ସଂଗ୍ରହ କରିଥିଲା ବେଳେ ଗରାମ ଟିମ୍ ୫ ରନ୍ ସଂଗ୍ରହ କରି ମ୍ୟାଚ୍ ହାରିଯାଇଥିଲା। ସାମାଜିକ କର୍ମୀ ପ୍ରଶାନ୍ତ ସାହୁ ମୁଖ୍ୟଅତିଥି, ପଲେଇ ୟୁଥ୍ କ୍ଲବ ମ୍ୟାନେଜର ସଞ୍ଜୟ ପରିଡ଼ା, କ୍ରୀଡ଼ାବିତ୍ ଚିତ୍ତରଞ୍ଜନ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଗରାମର ଓମ୍ ପ୍ରକାଶଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନାଗଣପୁରର ବିନୟ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ସାରଦା ଓଝା ଓ ରାଜେନ୍ଦ୍ର ଶର୍ମା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ସାମଲ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ପଲେଇ ୟୁଥ୍ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଏସିଏସ୍‌ସି ଆଳିକୁ ହରାଇଲା ଜିସିସି ଇନ୍ଦୁପୁର

## କେନ୍ଦ୍ରାପଡା ଆନ୍ତଃଜିଲା ସିନିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ଆଳି, ୨୩।୨ (ଡି.ଏନ୍.ଏ.)



ଟ୍ରଫି ସହ ବିଜେତା ଦଳର ଖେଳାଳି ଓ ଅନ୍ୟମାନେ।

ଓଡ଼ିଶା କ୍ରିକେଟ ଆସୋସିଏଶନ ଭିଜନ-୨୪ ପକ୍ଷରୁ ଆଳି ହାଇସ୍କୁଲ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ କେନ୍ଦ୍ରାପଡ଼ା ଆନ୍ତଃଜିଲା ସିନିୟର କ୍ଲବ କ୍ରିକେଟ ଲିଗ୍‌ର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜୋନ୍ ଟପର ଜିସିସି ଇନ୍ଦୁପୁର ଓ ଆଳି ଜୋନ୍‌ଟପର ଏସିଏସ୍‌ସି ଆଳି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ କାକର ଯୋଗୁ ୪୫ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତ ଜିସିସି ନିର୍ଦ୍ଧାରିତ ୪୫ ଓଭରରେ ୭ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ଦଳର ଅମିୟ କୁମାର ଦାସ ୧୦୪ ରନ କରି ନଟଆଉଟ ରହିଥିଲେ। ଏସିଏସସିର ମୁରଲିଲାଲ ନାୟକ ୨ ଉଇକେଟ ନେଇଥିଲେ। ଜବାବରେ ଏସଏସସି ୨୮.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୯୫ ରନ କରି ପରାଜିତ ହୋଇଥିଲା। ରାଜେଶ ପାତ୍ର ଓ ଗୌରବ ଚୌଧୁରୀ ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ରାପଡା ଡିସିଏ ସଭାପତି ଦେବେନ୍ଦ୍ର ଶର୍ମା ମୁଖ୍ୟଅତିଥି, ଡିସିଏ ସମ୍ପାଦକ ଶୁଭାଶିଷ ସେନାପତି, ସାମାଜିକ କର୍ମୀ ଚିରଞ୍ଜୀବୀ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, କ୍ରୀଡ଼ାବିତ ଅବଦୁଲ ସତାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓସିଏର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବେଷ୍ଟ ବୋଲର ଭାବେ ଜିସିସିର ରାଜେଶ ପାତ୍ର, ମ୍ୟାନ ଅଫ ଦି ମ୍ୟାଚ ଅମିୟ କୁମାର ଦାସ ଓ ମ୍ୟାନ ଅଫ ଦି ସିରିଜ ଭାବେ ଗୌରବ ଚୌଧୁରୀଙ୍କ ଟ୍ରଫି ପ୍ରଦାନ କରାଯାଇଥିଲା। ଏସ୍‌ଏସ୍‌ସି ଆଳିକୁ ରନର୍ସଅପ୍ ଟ୍ରଫି ଓ ଜିସିସି ଇନ୍ଦୁପୁରକୁ ଚାମ୍ପିୟନ ପ୍ରଦାନ କରାଯାଇଥିଲା। ସିଲେକ୍ଟର ଭାବେ ଡିସିସିର ଜ୍ୟୋତିରଞ୍ଜନ ଶତପଥୀ, ସୁରେଶ ସାହୁ, ଅକ୍ଷୟ ପରିଡ଼ା, ଅସିତ ଦାସ, ରଶ୍ମିରଞ୍ଜନ ସିଂ ଓ ଓସିଏ ଅବଜରଭର କେ. ଇନ୍ଦ୍ରଜିତ ପ୍ରସାଦ ଯୋଗଦେଇଥିଲେ।

# 'ସାହିତ୍ୟ କ୍ଷେତ୍ରରେ ଯୁବ ସ୍ୱର ସର୍ବଦା ଆଗରେ'

## କେନ୍ଦ୍ରାପଡା ସାହିତ୍ୟ ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା ଅଫିସ, ୨୩।୨



ସାହିତ୍ୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ସହରର ଗରାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଚାଲିଥିବା ଦୁଇଦିନିଆ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନ ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ଅମିତାଭ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଲେଖକ ଡ. ରବି ନାରାୟଣ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ତମ୍ଭକାର ଶ୍ରୀରାମ ଦାଶ ମୁଖ୍ୟବକ୍ତା, କବି ଅପର୍ଣ୍ଣା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଆ ସାହିତ୍ୟ ଜଗତକୁ କେନ୍ଦ୍ରାପଡ଼ାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ସୁସ୍ଥ ସମାଜ ଗଠନ ପାଇଁ ସାହିତ୍ୟର ଅବଦାନ ଯଥେଷ୍ଟ। ଏହି ଜିଲା ଅତୀତର ନୌବାଣିଜ୍ୟ ପରମ୍ପରାରେ ଥିଲେ ମଧ୍ୟ ଲୋକକଳା ଓ ସାହିତ୍ୟର ପ୍ରଚାର ପ୍ରସାରକୁ ସର୍ବଦା ଗୁରୁତ୍ୱ ଦେଇଛି। କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ସଭାପତି ଇଂ. ଅକ୍ଷୟ ପାଣି ଉଦ୍‌ଯାପନୀ ଉତ୍ସବରେ ସଂଯୋଜନା କରିଥିଲେ। ଉତ୍ସବର ପ୍ରଥମ ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ଅମରେଶ ବିଶ୍ୱାଳଙ୍କ ସଂଯୋଜନାରେ 'ସାହିତ୍ୟରେ ଯୁବ ସ୍ୱର- ବୃତ୍ତି ଓ ପ୍ରବୃତ୍ତି' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚକ ଭାବେ ରାଜେନ୍ଦ୍ର ରାଉଳ, ରଞ୍ଜନ ପ୍ରଧାନ, ଶୁଭ୍ରାଂଶୁ ପଣ୍ଡା, ମୌସୁମୀ ଦାସ, ପବିତ୍ର ବ୍ରହ୍ମପୁତ୍ର ନାୟକ ଯୋଗଦେଇଥିଲେ। ଆଲୋଚକମାନେ ସାହିତ୍ୟ କ୍ଷେତ୍ରରେ ଯୁବ ସ୍ୱର ସର୍ବଦା ଆଗରେ ଥିବା ପ୍ରକାଶ କରିଥିଲେ। ସେହିପରି ମଧ୍ୟାହ୍ନରେ 'ସାମ୍ପ୍ରତିକ ସାହିତ୍ୟରେ ନାରୀ ସ୍ୱର-ବାଧା ଓ ଉଡ଼ାଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୁନନ୍ଦା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନା ଚକ୍ରରେ ସରୋଜିନୀ ସାହୁ, ବାସନ୍ତୀ ମହାନ୍ତି, ଚିରଶ୍ରୀ ଇନ୍ଦ୍ରସିଂ, ହିରଣ୍ମୟୀ ମିଶ୍ର ଓ ସ୍ୱାଗତିକା ସ୍ୱାଇଁ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସେମାନେ ନାରୀ ସାହିତ୍ୟିକାଙ୍କ ସାହିତ୍ୟ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବର ଶେଷ ଅଧିବେଶନରେ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ କଳ୍ପନା ମଲ୍ଲିକଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ସ୍ୱରଚିତ କବିତା ପାଠ ହୋଇଥିଲା। କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେଶନ ଓ କେମ୍ ପକ୍ଷରୁ ଆୟୋଜିତ ଉତ୍ସବକୁ କେମ୍‌ର ଉପଦେଷ୍ଟା ଡ. ବିରଜା କୁମାର ରାଉତରାୟ, ସଭାପତି ଅକ୍ଷୟ କୁମାର ପାଣି, ସମ୍ପାଦକ ମହମ୍ମଦ ଜାହିଦ୍ ଖାନ୍‌ଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲେ।

## ମାନସିକତାକୁ ସକାରାତ୍ମକ କରେ ଭିଡିଓଗେମ୍

ଆଜିକାଲି ପିଲାମାନେ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ପ୍ରତି କେତେ ଆକର୍ଷିତ ହେଉଛନ୍ତି ତାହା କହିବା ବାହୁଲ୍ୟ। କେତେଜଣ ପିଲା ଅଧିକାଂଶ ସମୟ ଭିଡିଓଗେମ୍ ଖେଳିବାରେ ବ୍ୟସ୍ତ ରହୁଛନ୍ତି। ତେବେ ଏପରି ଅଭ୍ୟାସର ସମୟ ଅବଧି ରହିବା ନିହାତି ଜରୁରୀ। ନ ହେଲେ ତାହା ଏକ ଅଭ୍ୟାସରେ ପରିଣତ ହେବା ସହ ଏହାଦ୍ୱାରା ସେମାନଙ୍କର ପାଠପଢ଼ା ପ୍ରଭାବିତ ହୋଇଥାଏ। ନିକଟରେ ଶେଷ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ପିଲା ପ୍ରତିଦିନ କିଛି ସମୟ ଭିଡିଓଗେମ୍ ଖେଳୁଛି ତେବେ ଏହାଦ୍ୱାରା ତାହାର ମାନସିକତା ଅନେକାଂଶରେ ସକାରାତ୍ମକ ରହିଥାଏ। ପ୍ରତିଦିନ କିଛି ସମୟ ଭିଡିଓଗେମ୍ ଖେଳୁଥିବା କେତେଜଣ ପିଲାଙ୍କ ମାନସିକତା ଉପରେ ସର୍ଭେକରି ସେମାନେ ଏପରି କଥା ଜାଣିପାରିଛନ୍ତି।




## ସୁପର ର୍‍ୟାଟ୍

ବର୍ତ୍ତମାନ ଜଳବାୟୁରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ପ୍ରଦୂଷିତ ପରିବେଶର ପ୍ରଭାବ କେବଳ ମାନବ ସମାଜ ନୁହେଁ, ଜୀବଜନ୍ତୁ, ବୃକ୍ଷଲତା ଉପରେ ପଡୁଛି। ଏହି ସମୟରେ ଏକ ରୋଚକ କଥା ଆଲୋଚନାର ଶିରୋନାମା ପାଲଟିଛି। ଜଳବାୟୁ ଏବଂ ପରିବେଶ ପରିବର୍ତ୍ତନ ଦ୍ୱାରା ମୂଷାର ଶାରୀରିକ ଗଠନ ଏବଂ ଓଜନ ପ୍ରଭାବିତ ହେବା ଆଶଙ୍କା ରହିଛି। ଏକ ସଦ୍ୟତମ ଗବେଷଣା ପରେ ଲଣ୍ଡନସ୍ଥିତ ୟୁନିଭର୍ସିଟି ଅଫ୍ ଲିସେଷ୍ଟରର ବୈଜ୍ଞାନିକମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ସେମାନେ କିଛି ମୂଷାଙ୍କ ଶାରୀରିକ ଗଠନ ଉପରେ ତନ୍ନ ତନ୍ନ କରି ତର୍ଜମାକରି ଏଭଳି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ନିକଟରେ ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସମୟ ଆସିବ ମୂଷାମାନଙ୍କ ଆକାର ମେଣ୍ଢାଙ୍କ ପରି ହେବ। କେବଳ ସେତିକି ନୁହେଁ, ଏପରି ମୂଷାଙ୍କ ଓଜନ ପାଖାପାଖି ୮୦ କି.ଗ୍ରା. ହେବ ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି। ଏଭଳି ମୂଷାକୁ 'ସୁପର ର୍‍ୟାଟ୍' ନାମରେ ନାମିତ କରାଯାଇଛି।



## ଷ୍ଟ୍ରୋକ୍ ରୋଗୀ ଓ ରୋବୋ

ଚିକିତ୍ସା ବିଜ୍ଞାନରେ ରୋବୋର ବ୍ୟବହାର କିଛି ନୂଆ କଥା ନୁହେଁ। ଏବେ ଜଟିଳ ଅପରେଶନ ପାଇଁ ଏହାର ସହାୟତା ନିଆଯାଉଛି। ନିକଟରେ ଜାପାନର ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏପରି ଏକ ରୋବଟ୍ ପ୍ରସ୍ତୁତ କରିଛନ୍ତି ଯାହା ଅକ୍ଳେଶରେ ଜଣେ ଷ୍ଟ୍ରୋକ୍ ରୋଗୀର ଯତ୍ନ ନେଇପାରିବ। ଏହି ରୋଗୀକୁ ଠିକ୍ ସମୟରେ ଔଷଧ ଖୁଆଇବା ସହ ତାହାର ସ୍ୱାସ୍ଥ୍ୟ କିପରି ଅଛି ସେ ନେଇ ସୂଚନା ସଂଗ୍ରହ ମଧ୍ୟ କରିପାରିବ। ପରୀକ୍ଷାମୂଳକ ଭାବରେ ଏପରି ରୋବଟ୍‌କୁ ବ୍ୟବହାର କରି ସଫଳତା ମିଳିଛି ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଦର୍ଶାଇଛନ୍ତି।



# ସପ୍ତରଙ୍ଗୀ ଇନ୍ଦ୍ରଧନୁ ଓ ଗ୍ୟାସ୍‌ର ନୀଳଶିଖା



କମଳାକାନ୍ତ ଜେନା

"ଆକାର ଧନୁ ପରି ହୋଇଥିବାରୁ ଏହାର ନାମ ଇନ୍ଦ୍ରଧନୁ। କିନ୍ତୁ ପ୍ରକୃତ ଆକାର ଧନୁ ପରି ନୁହେଁ। ଆମେ ଭୂଇଁ ଉପରେ ଛିଡ଼ାହୋଇ ଦେଖୁ ବୋଲି ତାହା ଆମକୁ ଧନୁ ପରି ଦେଖାଯାଏ। ଯଦି ଜଣେ ଉଡ଼ାଜାହାଜରେ ଯାଇ ଉପରୁ ଦେଖିବ, ତା' ହେଲେ ଇନ୍ଦ୍ରଧନୁ ଗୋଲ ଦେଖାଯିବ। ତେଣୁ ଇନ୍ଦ୍ରଧନୁର ପ୍ରକୃତ ଆକାର ଚୂଡ଼ି ପରି ଗୋଲ।"





ରଙ୍ଗିନ ଆଲୁଅ ଓ ଛାଇର ସମାହାର ହେଉଛି ଇନ୍ଦ୍ରଧନୁ। ସକାଳେ କିମ୍ବା ଉପରଓଳି ଝିପିଝିପି ବର୍ଷା ହେଉଥିବା ସମୟରେ ଖରା ପଡ଼ିଲେ ନାଲି-ନେଳି-ସବୁଜ ରଙ୍ଗର ଏହି ଇନ୍ଦ୍ରଧନୁ ଫୁଲହାର ପରି ଆକାଶରୁ ଭୂଇଁକୁ ଲମ୍ବିଥାଏ। କିନ୍ତୁ ସୂର୍ଯ୍ୟ ମୁଣ୍ଡ ଉପରେ ଥିଲେ ଆମକୁ ଇନ୍ଦ୍ରଧନୁ ଦେଖାଯାଏ ନାହିଁ। ଏହାକୁ ବୃଷ୍ଟିଦେବତା ଇନ୍ଦ୍ରଙ୍କର 'ଧନୁ' ବୋଲି ଆମେ କହୁ। ଆକାର ଧନୁ ପରି ହୋଇଥିବାରୁ ଏହାର ନାମ ଇନ୍ଦ୍ରଧନୁ। କିନ୍ତୁ ପ୍ରକୃତ ଆକାର ଧନୁ ପରି ନୁହେଁ। ଆମେ ଭୂଇଁ ଉପରେ ଛିଡ଼ାହୋଇ ଦେଖୁ ବୋଲି ତାହା ଆମକୁ ଧନୁ ପରି ଦେଖାଯାଏ। ଯଦି ଜଣେ ଉଡ଼ାଜାହାଜରେ ଯାଇ ଉପରୁ ଦେଖିବ, ତା' ହେଲେ ଇନ୍ଦ୍ରଧନୁ ଗୋଲ ଦେଖାଯିବ। ତେଣୁ ଇନ୍ଦ୍ରଧନୁର ପ୍ରକୃତ ଆକାର ଚୂଡ଼ି ପରି ଗୋଲ। ଇନ୍ଦ୍ରଧନୁରେ ସାତଟି ରଙ୍ଗର ଆଲୋକ ଆମେ ଦେଖୁ। ସେହି ସାତଟି ରଙ୍ଗକୁ ଆମେ ସଂକ୍ଷେପରେ କହୁ 'ବା-ଘ-ନୀ-ସ-ହ-ନା-ଲା'। ଏହାର ପୂରା ଅର୍ଥ ବାଇଗଣି-ଘନନୀଳ-ନୀଳ-ସବୁଜ-ହଳଦିଆ-ନାରଙ୍ଗୀ-ଲାଲ। ଏଇ ସାତଟି ରଙ୍ଗ ତଳୁ ଉପରକୁ ସଜା ହୋଇ ରହିଥାଏ। ତଳେ ବାଇଗଣି ଓ ଉପରେ ଲାଲ୍ ଥାଏ। କିନ୍ତୁ ଲାଲ ରଙ୍ଗ ତଳକୁ ଥିବା ନାରଙ୍ଗୀ ରଙ୍ଗଟା ଠିକ୍ ଜଣାପଡ଼େନି। ସେହିପରି ବାଇଗଣି ଉପରକୁ ଥିବା ଘନନୀଳ ରଙ୍ଗ ଠିକ୍ ଜଣାପଡ଼େନି। ଆମେ ଦେଖୁଥିବା ଇନ୍ଦ୍ରଧନୁ ଉପରକୁ ଆଉ ଗୋଟେ ମଳିନ ଇନ୍ଦ୍ରଧନୁ ଥାଏ। ତାହା ଉଜ୍ଜ୍ୱଳ ନ ଥାଏ, ତେଣୁ ଜଣାପଡେ ନାହିଁ। ଉଜ୍ଜ୍ୱଳ ଇନ୍ଦ୍ରଧନୁକୁ 'ପ୍ରାଥମିକ ଇନ୍ଦ୍ରଧନୁ' କୁହାଯାଏ ଏବଂ ମଳିନ ଇନ୍ଦ୍ରଧନୁକୁ 'ଦ୍ୱିତୀୟକ ଇନ୍ଦ୍ରଧନୁ' କୁହାଯାଏ। ପ୍ରାଥମିକ ଇନ୍ଦ୍ରଧନୁରେ ସବା ଉପରେ ନାଲି ରଙ୍ଗ ଥାଏ, କିନ୍ତୁ ଦ୍ୱିତୀୟକ ଇନ୍ଦ୍ରଧନୁରେ ସବା ତଳେ ନାଲି ରଙ୍ଗ ଥାଏ। ତେଣୁ ସେମାନଙ୍କର ରଙ୍ଗସଜ୍ଜା ପରସ୍ପର ଓଲଟା ରହିଥାଏ।

ସୂର୍ଯ୍ୟର ଧଳା କିରଣ ଭିତରେ ୭ଟି ରଙ୍ଗର ଆଲୋକ ଥାଏ। ସମସ୍ତ ରଙ୍ଗ ମିଶି ଗୋଟିଏ ପଥରେ ଗତି କରୁଥାଆନ୍ତି। ତେଣୁ କିରଣ ଧଳା ଦିଶେ। କିନ୍ତୁ ଝିପିଝିପି ବର୍ଷା ବେଳେ ସେହି କିରଣ କ୍ଷୁଦ୍ର ଜଳକଣା ଭିତରେ ପଶି ବାହାରକୁ ଆସିବା ସମୟରେ ୭ଟି ରଙ୍ଗର ଆଲୋକ ୭ଟି ଅଲଗା ଅଲଗା ପଥରେ ଗତି କରନ୍ତି। ତେଣୁ ଆମେ ୭ଟି ରଙ୍ଗକୁ ଇନ୍ଦ୍ରଧନୁ ଭିତରେ ଅଲଗା ଅଲଗା ଦେଖିପାରୁ। ଆଲୋକର ଶକ୍ତି ଅଛି। ରଙ୍ଗ ଉପରେ ଶକ୍ତି ନିର୍ଭରକରେ। ଇନ୍ଦ୍ରଧନୁରେ ୭ଟି ରଙ୍ଗର ଆଲୋକ ଅଛି। ସବୁ ରଙ୍ଗ ଆଲୋକର ଶକ୍ତି ସମାନ ନୁହେଁ। 'ବା-ଘ-ନୀ-ସ-ହ-ନା-ଲା' ବର୍ଗରେ ବାଇଗଣି ଆଲୋକର ଶକ୍ତି ସବୁଠାରୁ ଅଧିକ। ତାହା ତଳକୁ ଘନନୀଳ, ନୀଳ ଇତ୍ୟାଦି ରଙ୍ଗର ଆଲୋକ ରହିବ। ଲାଲ ଆଲୋକର ଶକ୍ତି ସବୁଠାରୁ କମ୍।

ଆଲୋକର ରଙ୍ଗ ଓ ଶକ୍ତିର ସମ୍ପର୍କ ବିଷୟରେ ପଦାର୍ଥ ବିଜ୍ଞାନରେ ବିଶେଷ ଆଲୋଚନା କରାଯାଇଛି। ସତ କହିଲେ, ଆମର ଦୈନନ୍ଦିନ ଜୀବନକୁ ସରସ ସୁନ୍ଦର କରିବାରେ ପଦାର୍ଥ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ବିଶ୍ୱ ବ୍ରହ୍ମାଣ୍ଡରେ ଘଟୁଥିବା ଅଗଣିତ ଘଟଣା ପଛରେ ପଦାର୍ଥ ବିଜ୍ଞାନ ରହିଛି। ଆମେ ଆଲୋକର ରଙ୍ଗ ସହ ଏହାର ଶକ୍ତିର ସମ୍ପର୍କ ବିଷୟରେ ଆଲୋଚନା କରିବା ସମୟରେ ରୋଷେଇଘରର ରନ୍ଧନଗ୍ୟାସ୍ କଥା ମନେ ପଡ଼େ। ଗ୍ୟାସ୍ ବର୍ନର ଉପରେ ଜଳୁଥିବା ନୀଳଶିଖାର କଥା ମନେପଡ଼େ। ରୋଷେଇ ପାଇଁ ଘରେ ରନ୍ଧନଗ୍ୟାସ୍ (ଏଲ୍‌ପିଜି) ବ୍ୟବହାର କରାଯାଏ। ଏଲ୍‌ପିଜିର ପୂରା ଅର୍ଥ ଲିକ୍ୟୁଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍। ଲାଲ ଟାଙ୍କି ଭିତରେ ଏହି ଗ୍ୟାସ୍ ପ୍ରାୟତଃ ତରଳ ଅବସ୍ଥାରେ ରହିଥାଏ। କାହିଁକି ନା ଟାଙ୍କି ଭିତରର ଅଧିକ ଚାପ ଏହାକୁ ତରଳ ଅବସ୍ଥାରେ ରଖିଥାଏ। କିନ୍ତୁ ଜଳିବା ସମୟରେ ଏହା ଟାଙ୍କି ଭିତରୁ ବାହାରି ବର୍ନର ପାଖକୁ ଆସିଲେ ଚାପ କମିଯାଇଥାଏ। ତେଣୁ ତରଳ ଅବସ୍ଥାରେ ରହିଥିବା ଏଲ୍‌ପିଜି ନିଜର ଗ୍ୟାସୀୟ ଅବସ୍ଥା ଫେରିପାଏ ଓ ଜଳେ। ଜଳିଲେ ତାପ ଓ ଆଲୋକ ବାହାରେ।

ଟାଙ୍କିରୁ ଗ୍ୟାସ୍ ବାହାରି ଜଳିବା ସମୟରେ ଅଗ୍ନିଶିଖାର ରଙ୍ଗ ଗୁରୁତ୍ୱପୂର୍ଣ୍ଣ। ରନ୍ଧନଗ୍ୟାସ୍ ନୀଳ ଜଳିଲେ ଠିକ୍ ଅଛି ଏବଂ ଠିକ୍ ତାପ ଦେଉଛି ବୋଲି ଆମେ ଜାଣିଛୁ। କିନ୍ତୁ ଲାଲ ଜଳିଲେ ଠିକ୍ ନାହିଁ ବୋଲି କୁହାଯାଏ। ଏହା ପଛରେ ରହିଥିବା କାରଣକୁ ପଦାର୍ଥ ବିଜ୍ଞାନ ବୁଝେଇପାରିବ। ପଦାର୍ଥ ବିଜ୍ଞାନ ଅନୁସାରେ ୭ଟି ରଙ୍ଗର ଆଲୋକ ବା-ଘ-ନୀ-ସ-ହ-ନା-ଲା ମଧ୍ୟରୁ ବାଇଗଣି ଆଲୋକର ଶକ୍ତି ସବୁଠାରୁ ଅଧିକ ଓ ଲାଲ୍ ଆଲୋକର ଶକ୍ତି ସବୁଠାରୁ କମ୍। ତେଣୁ ଲାଲ୍ ଓ ନୀଳ ଶିଖା ମଧ୍ୟରେ ତୁଳନା କଲେ, ନୀଳ ଶିଖାର ତାପଶକ୍ତି ଅଧିକ ଓ ଲାଲ ଶିଖାର ତାପଶକ୍ତି କମ୍। ବର୍ନର ଠିକ୍ ଥିଲେ ଓ ବର୍ନର ଭିତରେ ମଇଳା ଜମି ନ ଥିଲେ ଗ୍ୟାସ୍ ଠିକ୍ ଭାବରେ ଆସିପାରେ ଓ ନୀଳଶିଖା ଜଳେ। କିନ୍ତୁ ବର୍ନର ଭିତରେ ମଇଳା ଜମିଗଲେ ନୀଳଶିଖା ଆସେ ନାହିଁ। ଶିଖାର ତାପମାତ୍ରା ବି କମିଯାଏ। ବର୍ନର ଉପରେ ବସିଥିବା କଡ଼େଇ ତଳେ କଳା ସୃଷ୍ଟି ହୁଏ।

ଟାଙ୍କି ଭିତରେ ରହିଥିବା ଗ୍ୟାସ୍‌ର ପରିମାଣ ଉପରେ ମଧ୍ୟ ଶିଖାର ରଙ୍ଗ ନିର୍ଭରକରେ। ଟାଙ୍କି ଭିତରେ ଯଥେଷ୍ଟ ପରିମାଣ ଗ୍ୟାସ୍ ରହିଥିଲେ ବର୍ନର ନିକଟରେ ଆବଶ୍ୟକ ପରିମାଣ ଗ୍ୟାସ୍ ପହଞ୍ଚିପାରେ ଓ ନୀଳଶିଖା ଜଳେ। ତାପମାତ୍ରା ବି ଅଧିକ ଥାଏ। କିନ୍ତୁ ଟାଙ୍କି ଭିତରେ ଗ୍ୟାସ୍ ଶେଷ ହେବା ସମୟ ହୋଇଗଲେ ଆବଶ୍ୟକ ପରିମାଣର ଗ୍ୟାସ୍ ବର୍ନର ପାଖକୁ ଆସିପାରେ ନାହିଁ। ତେଣୁ ଶିଖାର ତାପମାତ୍ରା କମିଯାଏ। ଗ୍ୟାସ୍ ସରିଆସିଲେ ଶିଖା ଲାଲ ଦିଶେ। ଘରେ ମାଆ ଜାଣିପାରନ୍ତି ଗ୍ୟାସ୍ ସରିବାକୁ ଯାଉଛି ବୋଲି। ସଙ୍ଗେ ସଙ୍ଗେ ଆମେ ଗ୍ୟାସ୍ ଏଜେନ୍ସିକୁ ଫୋନ୍ କରୁ ନୂଆ ଟାଙ୍କି ଆଣିଦେବା ପାଇଁ।

*-ଓଇଏସ୍(ଏ), କ୍ୱାର୍ଟର୍ସ ନଂ. ୧୭,*
*କଲେଜ କ୍ୟାମ୍ପସ,*
*ଭଦ୍ରକ ଅଟୋନୋମସ କଲେଜ, ଭଦ୍ରକ*
*ମୋ : ୯୪୩୯୫୦୧୭୫୧*

# ପ୍ରଦୂଷଣମୁକ୍ତ ଫଳ

"କଦଳୀ କାନ୍ଦି ଗଛରେ ଝୁଲୁଥିବା ଅବସ୍ଥାରେ କଦଳୀ ଶୀଘ୍ର ବଢ଼ି ପାକଳ ହେବା ପାଇଁ ଚାଷୀ କାନ୍ଦିରୁ ଭଣ୍ଡାକୁ ବାହାରକରି ସେ ସ୍ଥାନରେ କିଛି ୟୁରିଆ ସାରକୁ ପଲିଥିନ ବ୍ୟାଗ୍‌ରେ ରଖି ବାନ୍ଧନ୍ତି। ଏହାଦ୍ୱାରା ୟୁରିଆର ଆମାଇଡ୍ ନାମକ ଏକ ବିଷାକ୍ତ ତତ୍ତ୍ୱ କଞ୍ଚା କଦଳୀକୁ ପ୍ରଦୂଷିତକରେ। ଏହି ପ୍ରଦୂଷିତ କଦଳୀ ଖାଇଲେ ବିଭିନ୍ନ ପେଟ ରୋଗ ହୁଏ।"



ପ୍ର. ସୁବୋଧ କୁମାର ସାହୁ

ଫଳ ସୁଷମ ଖାଦ୍ୟର ଏକ ମୁଖ୍ୟ ଅଂଶ। ଫଳରେ ସ୍ନେହସାର ବ୍ୟତୀତ ଅନ୍ୟ ତିନିଗୋଟି ଖାଦ୍ୟ ଉପାଦାନ ଯଥା ପ୍ରୋଟିନ୍ ବା ପୁଷ୍ଟିସାର, କାର୍ବୋହାଇଡ୍ରେଟ୍ ବା ଚିନି ଜାତୀୟ ଖାଦ୍ୟ ଏବଂ ଭିଟାମିନ୍ ବା ଜୀବନିକା ଭରପୂର ଥାଏ। ଶରୀର ପାଇଁ ଆବଶ୍ୟକ ସମସ୍ତ ଧାତବ ଲବଣ ଯଥା ଆଇରନ୍ (ଲୌହ), ମାଙ୍ଗାନିଜ, କପର (ତମ୍ବା), ଜିଙ୍କ୍ (ଦସ୍ତା), କ୍ରୋମିୟମ, ସେଲେନିୟମ, ସୋଡିୟମ, ପଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଓ ସଲ୍‌ଫର ସହ ବହୁ ପରିମାଣର ଆଣ୍ଟି ଅକ୍ସିଡାଣ୍ଟ ଥାଏ। ବୟସ୍କ ଏବଂ ରୋଗୀମାନଙ୍କ ପାଇଁ ଫଳ ଏକ ଉତ୍ତମ ପଥ୍ୟ ସଦୃଶ। ତେଣୁ ଡାକ୍ତରମାନେ ଫଳକୁ ଦୈନନ୍ଦିନ ଖାଦ୍ୟର ଏକ ମୁଖ୍ୟ ଅଂଶ ଭାବରେ ପରାମର୍ଶ ଦେଇଥାଆନ୍ତି।

ବଜାରରେ ବିକ୍ରି ହେଉଥିବା ମୁଖ୍ୟ ଫଳ ମଧ୍ୟରେ ଆମ୍ବ, କଦଳୀ, ସେଓ, କମଳା, ସପେଟା, ଅମୃତଭଣ୍ଡା, ଆତ, ଅଙ୍ଗୁର, ପିଜୁଳି, ବେଦନା ଆଦି ମୁଖ୍ୟ। ଫଳ କଞ୍ଚାବେଳେ ଖଟା ଏବଂ ସ୍ୱାଦହୀନ ଥାଏ। ଏହା ପାଚିଲେ ଏହାର ରଙ୍ଗ ବଦଳେ, ସୁସ୍ୱାଦୁ ଏବଂ ନରମ ହୋଇ ଶରୀରର ଅଭିବୃଦ୍ଧି ପାଇଁ ସମସ୍ତ ଖାଦ୍ୟସାର ଯୋଗାଇଥାଏ। ବର୍ତ୍ତମାନ ବଜାରରେ ଅଜୈବ ବା ସିନ୍ଥେଟିକ୍ ଇଥରାଲ ମିଳିଲାଣି। ଉକ୍ତ ଇଥରାଲକୁ କଞ୍ଚାଫଳରେ ସିଞ୍ଚନ କଲେ ଫଳ ଶୀଘ୍ର ପାଚିଯାଏ। ଫଳରେ ଥିବା ଜଳୀୟ ଅଂଶ ଏବଂ ବ୍ୟାଗ୍‌ର ଅନ୍ତର୍ନିହିତ ଉତ୍ତାପରେ ଏସିଟିଲିନ୍ ନାମକ ଏକ ବିଷାକ୍ତ ରାସାୟନିକ ଗ୍ୟାସ୍ ବାହାରି ଫଳକୁ ପଚାଏ। କ୍ୟାଲସିୟମ କାର୍ବାଇଡରେ ଆରସେନିକ୍ ଭଳି ଏକ ବିଷାକ୍ତ ରାସାୟନିକ ପଦାର୍ଥ ଥାଏ। ଫଳ ପାଚି ନରମ ହେଲେ ଉକ୍ତ ବିଷାକ୍ତ ଗ୍ୟାସ୍ ଏବଂ ଆର୍‌ସେନିକର କିଛି ଅଂଶ ଫଳରେ ରହିଯାଏ। ଏହାଦ୍ୱାରା ଫଳ ପ୍ରଦୂଷିତ ହୁଏ।

ଜବରଦସ୍ତ ପାଚୁଥିବା ଫଳକୁ ଖାଇ ଆମେ ବିଭିନ୍ନ ପେଟରୋଗ ଏବଂ ମାରାତ୍ମକ ପାକସ୍ଥଳୀ ଏବଂ ଅନ୍ତନଳୀ କ୍ୟାନ୍‌ସରରେ ପୀଡ଼ିତ ହେବା ଆଶଙ୍କା ଥାଏ। କଦଳୀ କାନ୍ଦି ଗଛରେ ଝୁଲୁଥିବା ଅବସ୍ଥାରେ କଦଳୀ ଶୀଘ୍ର ବଢ଼ି ପାକଳ ହେବା ପାଇଁ ଚାଷୀ କାନ୍ଦିରୁ ଭଣ୍ଡାକୁ ବାହାରକରି ସେ ସ୍ଥାନରେ କିଛି ୟୁରିଆ ସାରକୁ ପଲିଥିନ ବ୍ୟାଗ୍‌ରେ ରଖି ବାନ୍ଧନ୍ତି। ଏହାଦ୍ୱାରା ୟୁରିଆର ଆମାଇଡ୍ ନାମକ ଏକ ବିଷାକ୍ତ ତତ୍ତ୍ୱ କଞ୍ଚା କଦଳୀକୁ ପ୍ରଦୂଷିତକରେ। ଏହି ପ୍ରଦୂଷିତ କଦଳୀ ଖାଇଲେ ବିଭିନ୍ନ ପେଟ ରୋଗ ହୁଏ। ସେଓ ଏବଂ କମଳା ଜାତୀୟ ଫଳକୁ ଅଧିକ ଦିନ ସାଇତି ରଖି ବିକ୍ରି ପାଇଁ କେତେଜଣ ବ୍ୟବସାୟୀ ଉକ୍ତ ଫଳକୁ ତରଳ ପାରାଫିନ୍ ବା ମହମର ଲେପ ଦିଅନ୍ତି। ତାରାଫିନ୍ ଲେପ ଦ୍ୱାରା ଫଳର ପ୍ରଶ୍ୱସନ ପ୍ରକ୍ରିୟା କମ୍ ହୁଏ। ଯାହାଦ୍ୱାରା ଫଳ ନ ପଚି ଅନେକ ଦିନ ରହେ ଏବଂ ଫଳ ବାହାରକୁ ଚିକ୍କଣ ଦେଖାଯାଏ। ପ୍ରଦୂଷିତ ଫଳ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଫଳ ଯେହେତୁ ଏକ ସୁଷମ ଖାଦ୍ୟ ଏହାକୁ ଆମେ ଅବଶ୍ୟ ଛାଡ଼ିପାରିବା ନାହିଁ। ତେଣୁ ଏଗୁଡ଼ିକୁ କିଣିବା ପରେ ବିଶୁଦ୍ଧ ପାଣିରେ ଭଲ ଭାବେ ଧୋଇ ଖାଇବା ଉଚିତ। ଏହାଛଡ଼ା ପରୀକ୍ଷାରୁ ଜଣାପଡ଼ିଛି



ଏହାଦ୍ୱାରା ଫଳର ରଙ୍ଗ ଅବଶ୍ୟ ବଦଳେ, କିନ୍ତୁ ଫଳର ଅମ୍ଳ ଅଂଶ ରହିବା ସହ ଏହା ପ୍ରଦୂଷିତ ହୁଏ। ଗୋଦାମରେ କଦଳୀଠାରୁ ଆରମ୍ଭକରି ସମସ୍ତ ପ୍ରକାର କଞ୍ଚାଫଳରେ ଫଳ ବ୍ୟବସାୟୀ ସିନ୍ଥେଟିକ ଇଥରାଲ ପ୍ରୟୋଗକରି ଫଳକୁ ଜବରଦସ୍ତ ପଚାଇ ବିକ୍ରି କରୁଛନ୍ତି। ଇଥରାଲ ବଦଳରେ ବହୁ ଫଳଚାଷୀ ଏବଂ ବ୍ୟବସାୟୀ ବଜାରରେ ସୁବିଧାରେ ମିଳୁଥିବା କ୍ୟାଲସିୟମ କାର୍ବାଇଡ ନାମକ ଏକ ଭଙ୍ଗୁର ରାସାୟନିକ ପଦାର୍ଥକୁ ଝୋଟ ବା ପଲିଥିନ ବ୍ୟାଗ୍‌ରେ କଞ୍ଚାଫଳ ପାଚିବା ପାଇଁ ବ୍ୟବହାର କରିଛନ୍ତି। ଉପରୋକ୍ତ ବ୍ୟାଗ୍‌ରେ କଞ୍ଚାଫଳକୁ ରଖି ଫଳ ମଝିରେ କିଛି କ୍ୟାଲସିୟମ କାର୍ବାଇଡ୍ ଥୋଇ ଦିଅନ୍ତି। ଏହା

ଯେ ପାଚିବାକୁ ଥିବା ଫଳକୁ ଏକ ବ୍ୟାଗ୍‌ରେ ରଖି ଫଳଗୁଡ଼ିକର ମଝିରେ କିଛି ଗଛ ପାଚିଲା କଦଳୀ ଥୋଇଲେ କଞ୍ଚାଫଳ ବିନା ପ୍ରଦୂଷଣରେ ପାଚିଥାଏ। କାରଣ ପାଚିଲା କଦଳୀରେ ଥିବା ଜୈବିକ ଇଥରାଲରୁ ଏହାର ଗ୍ୟାସ୍ ବାହାରି ଫଳକୁ ପଚାଏ। ବିନା ରାସାୟନିକ ଦ୍ରବ୍ୟ ପ୍ରୟୋଗରେ ଫଳକୁ ପଚାଇବା ପାଇଁ ବର୍ତ୍ତମାନ ଘୋଡ଼ଣୀ ଥିବା ଧାତୁ ନିର୍ମିତ ଏକ ପାତ୍ର ବଜାରରେ ବିକ୍ରି ହେବାକୁ ଯାଉଛି। ଅର୍ଦ୍ଧ ପାଚିବା ଫଳକୁ ଉକ୍ତ ପାତ୍ରରେ ଥୋଇ ଢାଙ୍କୁଣିକୁ ଘୋଡ଼ାଇଲେ ଫଳରୁ ଜୈବ ଇଥିଲିନ ଏବଂ ଅଙ୍ଗାରକାମ୍ଳ ଗ୍ୟାସ୍ ବାହାରି ଫଳକୁ କମ୍ ସମୟରେ ବିନା ପ୍ରଦୂଷଣରେ ପଚାଏ।

*-ଶୈଳଶ୍ରୀବିହାର, ଭୁବନେଶ୍ୱର*
*ମୋ : ୯୫୫୬୨୬୬୦୮୫*

## ସ୍ୱାସ୍ଥ୍ୟ ସୂଚନା

-ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ଘଟିଥାଏ।


-ଅସ୍ଥିକୁ ମଜଭୁତ କରିବାରେ ଭିଟାମିନ୍-ଡି'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାର ପ୍ରମୁଖ ଉତ୍ସ ହେଲା ସୂର୍ଯ୍ୟକିରଣ। ତେଣୁ ସକାଳୁ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବାକୁ ଚେଷ୍ଟା କରନ୍ତୁ।

-ସବୁବେଳେ ତଟକା ତଥା ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। କାରଣ ଏଗୁଡ଼ିକରେ ଭିଟାମିନ୍ ଭରି ରହିଛି।

-ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।

-ଖାଇବା ପୂର୍ବରୁ ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ।

-ନିଜକୁ ସୁସ୍ଥ ରଖିବା ପାଇଁ ନିଜ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଏଥିପାଇଁ ଖାଦ୍ୟପେୟ ପ୍ରତି ନଜର ଦେବା ସହ ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।



# ପିଠି ଯନ୍ତ୍ରଣା ପାଇଁ ନୂଆ ଇଞ୍ଜେକ୍‌ସନ

ପିଠିରେ ଯନ୍ତ୍ରଣା କେତେ କଷ୍ଟକର ତାହା ଅନୁଭବୀ ହିଁ ଜାଣେ। ଏଥିରୁ ଉପଶମ ପାଇବା ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ପଡ଼ିଥାଏ। ସେ ଲେଖିଥିବା ଔଷଧ ଖାଇବା ସହ ତାଙ୍କ ନିର୍ଦ୍ଦେଶରେ ଚିକିତ୍ସିତ ହେବାକୁ ପଡ଼ିଥାଏ। ନିକଟରେ ଏପରି ସମସ୍ୟାରୁ ଉପଶମ ପାଇବା ପାଇଁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ନୂଆ ଇଞ୍ଜେକସନ ପ୍ରସ୍ତୁତ କରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହି ଇଞ୍ଜେକସନର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ତା'ସହ ଏହାକୁ ନେଉଥିବା ବ୍ୟକ୍ତି ଯଦି ଡାଇବେଟିସ୍‌ରେ ଆକ୍ରାନ୍ତ ତେବେ ତାଙ୍କର ରକ୍ତରେ ସୁଗାର ପରିମାଣ ମଧ୍ୟ ଅସନ୍ତୁଳିତ ହେବ ନାହିଁ। ଅପରପକ୍ଷରେ ପରୀକ୍ଷାମୂଳକ ଭାବରେ ଏହି ଇଞ୍ଜେକସନରୁ ସଫଳତା ମିଳିଛି ବୋଲି ଏହାର ପ୍ରସ୍ତୁତକାରୀ ସଂସ୍ଥାର ମୁଖ୍ୟ ପ୍ରଫେସର ଷ୍ଟେଭିନ୍ ଲୋହାନ୍ ପ୍ରକାଶ କରିଛନ୍ତି।





“ରିଜର୍ଭ ବ୍ୟାଙ୍କ ଏକାକୀ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖି ପାରିବ ନାହିଁ। ଯୋଗାଣ ଭଳି ଅନ୍ୟ ଦିଗକୁ ଦେଖିବା ସରକାରଙ୍କ କାମ ।

– ସି. ରଙ୍ଗରାଜନ, ପୂର୍ବତନ ଗଭର୍ନର, ରିଜର୍ଭ ବ୍ୟାଙ୍କ



“ଖୁଚୁରା ମୁଦ୍ରାସ୍ଫୀତି ଧାର୍ଯ୍ୟ ଲକ୍ଷ୍ୟ ଫ୍ରେମଓ୍ୱାର୍କ ଉପରେ କେନ୍ଦ୍ରୀୟ ବ୍ୟାଙ୍କ ବର୍ତ୍ତମାନ ତର୍ଜମା କରୁଛି।

– ଶକ୍ତିକାନ୍ତ ଦାସ, ଗଭର୍ନର, ରିଜର୍ଭ ବ୍ୟାଙ୍କ

## ସଂକ୍ଷେପରେ

### ଆଜି ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ଅନଶନ

**ନୂଆଦିଲ୍ଲୀ, ୨୩-୨:** ରାଷ୍ଟ୍ରାୟତ୍ତ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) କର୍ମଚାରୀ ସଂଘ ପକ୍ଷରୁ ସୋମବାର ଦେଶବ୍ୟାପୀ ଅନଶନ କରାଯିବ। ସରକାର ଘୋଷଣା କରିଥିବା ୬୯ ହଜାର କୋଟି ଟଙ୍କାର ପୁନରୁଦ୍ଧାର ପ୍ୟାକେଜ କାର୍ଯ୍ୟକାରୀ କରାଇବାରେ ବିଳମ୍ବ ହେବାରୁ ସଂଘ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେନ୍ଦ୍ର କ୍ୟାବିନେଟର ପୁନରୁଦ୍ଧାର ପ୍ୟାକେଜର ତ୍ୱରିତ କାର୍ଯ୍ୟକାରିତା, କର୍ମଚାରୀଙ୍କ ଦାବି ସମାଧାନ ଲାଗି ଏଭଳି ଅନଶନ କରାଯିବ ବୋଲି ଅଲ୍ ୟୁନିୟନ୍ସ ଆଣ୍ଡ ଆସୋସିଏଶନ୍ସ ଅଫ୍ ବିଏସ୍‌ଏନ୍‌ଏଲ୍ (ଏୟୁଏବି) ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ୨୦୧୯ ଅକ୍ଟୋବରରେ କେନ୍ଦ୍ର କ୍ୟାବିନେଟ ପକ୍ଷରୁ ୬୮,୭୫୧ କୋଟି ଟଙ୍କାର ପୁନରୁଦ୍ଧାର ପ୍ୟାକେଜ ଘୋଷଣା କରାଯାଇଥିଲା। କ୍ଷତିରେ ଚାଲୁଥିବା ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍‌ରୁ ପୁନରୁଦ୍ଧାର ପ୍ୟାକେଜ, ୪ଜି ସ୍ପେକ୍ଟ୍ରମ ବଣ୍ଟନ, ଦୁଇ କମ୍ପାନୀର ମିଶ୍ରଣ ଏବଂ ସ୍ୱେଚ୍ଛାକୃତ ଅବସର ଯୋଜନା ଏହା ମଧ୍ୟରେ ସାମିଲ ରହିଥିଲା। ଏହା ମଧ୍ୟରେ କେବଳ ଭିଆର୍‌ଏସ୍ ସ୍କିମ ଲାଗୁ କରାଯାଇ ୭୮,୫୬୯ କର୍ମଚାରୀଙ୍କୁ ଅବସର ଦିଆଯାଇଛି। ୪ ମାସ ବିତି ଯାଇଥିଲେ ମଧ୍ୟ ବିଏସ୍‌ଏନ୍‌ଏଲ୍‌କୁ ଏବେ ଯାଏ ୪ଜି ସ୍ପେକ୍ଟ୍ରମ ବଣ୍ଟନ କରାଯାଇ ନାହିଁ ବୋଲି ସଂଘ ପକ୍ଷରୁ ସୂଚନା ରହିଛି।

### ମାର୍ଚ୍ଚ ପହିଲାରୁ ଲଟେରି ଉପରେ ୨୮% ଜିଏସ୍‌ଟି

**ନୂଆଦିଲ୍ଲୀ, ୨୩-୨:** ମାର୍ଚ୍ଚ ପହିଲାରୁ ଲଟେରି ଉପରେ ୨୮% ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କାର୍ଯ୍ୟକାରୀ ହେବ ବୋଲି ସରକାର ରବିବାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଗତ ଡିସେମ୍ବରରେ ରାଜ୍ୟ ପରିଚାଳିତ ଏବଂ ବୈଧ ଲଟେରି ଉପରେ ଏଭଳି ଟିକସ ଲାଗୁ ନେଇ ସରକାର ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଷ୍ଟେଟ ରନ୍ ଲଟେରି ଉପରେ ୧୨% ଜିଏସ୍‌ଟି ଲାଗୁଛି। ଏହା ବାଦ ଷ୍ଟେଟ ଅଥରାଇଜଡ ଲଟେରି ଉପରେ ୨୮% ଟିକସ ଲାଗୁଛି। ଜିଏସ୍‌ଟି ହାରକୁ ନେଇ ଆନ୍ତଃ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ଲଟେରି ଉପରେ ଏକକ ଟିକସ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ପରେ ଡିସେମ୍ବରରେ ଏହାକୁ ନେଇ ଭୋଟ କରାଯାଇଥିଲା।

### ଟେଲିକମ୍ ଶିଳ୍ପକୁ ଆଶ୍ୱସ୍ତି ଲାଗି ବରିଷ୍ଠ ଅଧିକାରୀଙ୍କ ବୈଠକ

**ନୂଆଦିଲ୍ଲୀ, ୨୩-୨:** ଆଡଜଷ୍ଟେଡ୍ ଗ୍ରସ ରେଭିନ୍ୟୁ(ଏଜିଆର୍) ବାବଦ ଦେୟ ପ୍ରଦାନ କରିବାକୁ ଟେଲିକମ କମ୍ପାନୀଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଶିଳ୍ପରେ ଏବେ ସମସ୍ୟା ବଢ଼ିଯାଇଛି। କମ୍ପାନୀଗୁଡ଼ିକ ଏବେ ସମସ୍ୟା ଦେଇ ଗତି କରୁଥିବା ବେଳେ ଅର୍ଥ ପଇଠ କରିବା ସେମାନଙ୍କ ପକ୍ଷେ କଷ୍ଟସାଧ୍ୟ ହେଉଛି। କମ୍ପାନୀଗୁଡିକୁ କିଭଳି କିଛି ରିହାତି ଦେଇ ହେବ ସେ ନେଇ ଟେଲିକମ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ପ୍ରମୁଖ ମନ୍ତ୍ରଣାଳୟଗୁଡିକର ଅଧିକାରୀମାନେ ରବିବାର ବୈଠକ କରିଛନ୍ତି। ଗତ ସପ୍ତାହରେ ଟେଲିକମ ଶିଳ୍ପର ସମସ୍ୟାକୁ ନେଇ ଏୟାରଟେଲ ଅଧ୍ୟକ୍ଷ ସୁନୀଲ ଭାରତୀ ମିତ୍ତଲ ସରକାରଙ୍କୁ ଅବଗତ କରାଇଥିଲେ। ରବିବାର ଅନୁଷ୍ଠିତ ହୋଇଥିବା ବୈଠକରେ ନୀତି ଆୟୋଗ ଏବଂ ଅର୍ଥ ମନ୍ତ୍ରଣାଳୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ କଣ ନିର୍ଯ୍ୟାସ ବାହାରିଲା ସେ ନେଇ ଟେଲିକମ ବିଭାଗ ସଚିବ ଅଂଶୁ ପ୍ରକାଶଙ୍କଠାରୁ ପ୍ରତିକ୍ରିୟା ଲୋଡା ଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରି ନାହିଁ।

### ରୁଡ଼ସେଟ୍ ପ୍ରତିଷ୍ଠାନ ପକ୍ଷରୁ ଦକ୍ଷତା ଶିବିର

**ଭୁବନେଶ୍ୱର, ୨୩-୨:** ସ୍ଥାନୀୟ ପାତ୍ରପଡା ରୁଡ଼ସେଟ ପ୍ରତିଷ୍ଠାନ ୩୦ ଦିନିଆ ବିୟୁଟି ପାର୍ଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ଏଥିରେ କାନାରା ବ୍ୟାଙ୍କ, ମଣ୍ଡଳ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ସୂର୍ଯ୍ୟ ନାରାୟଣ ପଣ୍ଡା ମଖ୍ୟ ଅତିଥି ରୂପେ ଯୋଗ ଦେଇ ସମସ୍ତ ୨୭ ଜଣ ପ୍ରଶିକ୍ଷାର୍ଥିନୀଙ୍କୁ ଅଧିକ ପରିଶ୍ରମ କରିବା ସହ ନିଜ ବ୍ୟବସାୟ କରିବାକୁ ଆରମ୍ଭ କରିବାକୁ ପ୍ରର୍ବାଇଥିଲେ। ତତ୍‌ସହିତ କାନାରା ବ୍ୟାଙ୍କ ଶାଖାରୁ ଋଣ ସୁବିଧା ମଧ୍ୟ ଉପଲବ୍ଧ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ରୁଡ଼ସେଟ ପ୍ରତିଷ୍ଠାନର ନିର୍ଦ୍ଦେଶକ ନିରୋଜ କୁମାର ଦୋରା ପ୍ରଶିକ୍ଷାର୍ଥୀନିମାନଙ୍କୁ ସଫଳ ଉଦ୍ୟୋଗୀ ହେବା ସହ ଅନ୍ୟ ବେରୋଜଗାରୀମାନଙ୍କୁ ନିଜ ଉଦ୍ୟୋଗରେ ରୋଜଗାର ଦେବା ପାଇଁ ସଚେତନ କରାଇଥିଲେ। ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ବିକ୍ରମ କେଶରୀ ରାଉତ, ପ୍ରଶିକ୍ଷକ ସୂର୍ଯ୍ୟ ପ୍ରସାଦ ମିଶ୍ର, ଦୀପକ ବ୍ରହ୍ମା ଓ ମଣ୍ଡଳ କାର୍ଯ୍ୟାଳୟ ପ୍ରଶିକ୍ଷକ ସ୍ୱରୂପ ରାଉତ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆମେରିକା ଭାରତର ଶୀର୍ଷ ବାଣିଜ୍ୟ ଅଂଶୀଦାର

**ନୂଆଦିଲ୍ଲୀ, ୨୩-୨**



ଚାଇନାକୁ ଟପି ଆମେରିକା ଭାରତର ଶୀର୍ଷ ବାଣିଜ୍ୟ ଅଂଶୀଦାର ହୋଇ ପାରିଛି। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ବୃହତ୍ ଅର୍ଥନୈତିକ ସମ୍ପର୍କ ସ୍ଥାପନ ହୋଇଥିବା ଜଣାପଡିଛି। ବାଣିଜ୍ୟ ମନ୍ତ୍ରଣାଳୟ ତଥ୍ୟ ମୁତାବକ ୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ-ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୮୭.୯୫ ବିଲିୟନ ଡଲାର ରହିଛି। ଏହି ସମୟରେ ଚାଇନା ସହ ଭାରତର ବାଣିଜ୍ୟ ୮୭.୦୭ ବିଲିୟନ ଡଲାର ଛୁଇଁଛି। ୨୦୧୯-୨୦ ଏପ୍ରିଲ ଡିସେମ୍ବର ସମୟରେ ଭାରତ ଆମେରିକା ମଧ୍ୟରେ ୬୮ ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଛି। ସମାନ ସମୟରେ ଚାଇନା ଭାରତ ମଧ୍ୟରେ ଦ୍ୱିପାକ୍ଷିକ କାରବାର ୬୪.୯୬ ବିଲିୟନ ଡଲାର ରହିଛି। ଓ୍ୱାଶିଂଟନ ଏବଂ ନୂଆଦିଲ୍ଲୀ ମଧ୍ୟରେ ଅର୍ଥନୈତିକ ଚୁକ୍ତି ସ୍ୱାକ୍ଷରିତ ହେଲେ ଏହି ଧାରା ଆହୁରି ଦୃଢ ହେବ ବୋଲି ବଜାର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଦୁଇ ଦେଶ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ)ରେ ସାମିଲ ହେଲେ ଦ୍ୱିପାକ୍ଷିକ ବାଣିଜ୍ୟ ଆଉ ଗୋଟିଏ ସୋପାନକୁ ଯାଇ ପାରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଆମେରିକା ସହ ଏଫ୍‌ଟିଏ ଭାରତ ଲାଗି ମଙ୍ଗଳକାରୀ ହେବ ବୋଲି ଭାରତୀୟ ରପ୍ତାନିକାରୀ ମହାସଂଘର ମହାନିର୍ଦ୍ଦେଶକ ଅଜୟ ସାହାଇ ମତବ୍ୟକ୍ତ କରିଛନ୍ତି।

## ଶସ୍ତ୍ର ୟୁନିଭର୍ସିଟିର ଅନ୍ତର୍ଜାତୀୟ ଅନୁବନ୍ଧନ



**ଥାଞ୍ଜାଭୁର, ୨୩-୨**

ଶସ୍ତ୍ର ଡିମ୍‌ଡ ୟୁନିଭର୍ସିଟି ଲଂଲଣ୍ଡର ଇନଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ଆଇଇଟି) ଭଳି ଅନ୍ତର୍ଜାତୀୟ ପ୍ରତିଷ୍ଠାନ ସହ ଅନୁବନ୍ଧିତ ହୋଇଛି। ଶସ୍ତ୍ରର ୧୨ ପ୍ରୋଗ୍ରାମ ଆଗାମୀ ୯ ବର୍ଷ ଲାଗି ଏହି ଅନୁମୋଦନ ଲାଭ କରିଛି। ଅନୁଷ୍ଠାନ ଏହାର ୨ କ୍ୟାମ୍ପସ ଲାଗି ସର୍ବାଧିକ ଅଣ୍ଡରଗ୍ରାଜୁଏଟ ପ୍ରୋଗ୍ରାମ ପାଇଁ ଏହି ଅନ୍ତର୍ଜାତୀୟ ମାନକ ସହ ଯୋଡି ହୋଇଛି ଯାହା ଦେଶର ପ୍ରଥମ। ୨୦୧୫ରେ ୯ ବିଟେକ କାର୍ଯ୍ୟକ୍ରମ ଲାଗି ୟୁନିଭର୍ସିଟିର ଥାଞ୍ଜାଭୁର ଏବଂ କୁମ୍ଭାକୋନମ କ୍ୟାମ୍ପସ ଉକ୍ତ ଅନୁମୋଦନ ଲାଗି ଆବେଦନ କରିଥିଲା। ଏବେ ୟୁନିଭର୍ସିଟିର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ଆଣ୍ଡ ଇଲେକଟ୍ରୋନିକ୍ସ, କମ୍ପ୍ୟୁଟିଂ, ମେକାନିକାଲ, କେମିକାଲ ଏବଂ ବାୟୋଟେକ୍ନୋଲୋଜି ଆଇଇଟି ସହ ଅନୁବନ୍ଧିତ। ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ମାନର ଗୁଣାତ୍ମକ ଶିକ୍ଷା ଯୋଗାଣ ଦିଗରେ ଶସ୍ତ୍ର ୟୁନିଭର୍ସିଟି ଯୋଗଦାନ ରଖୁଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଇଇଟି ଆକ୍ରିଡେଟର ଆଣ୍ଡ ପ୍ୟାନେଲ ଚେୟାର ପ୍ରଫେସର ରିଚାର୍ଡ ମର୍ଲିଙ୍ଗ ସୂଚନା ଦେଇଛନ୍ତି।

## ହୋଣ୍ଡା ‘ଫୋର୍ଜା ୩୦୦’ ସ୍କୁଟରର ଡେଲିଭରି

**ନୂଆଦିଲ୍ଲୀ, ୨୩-୨**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ହୋଣ୍ଡା ବିଗ୍ ୱିଙ୍ଗ୍ ଉତ୍ପାଦ ବର୍ଗକୁ ସମ୍ପ୍ରସାରିତ କରାଯାଇଛି। କମ୍ପାନୀ ପକ୍ଷରୁ ସାରା ଦେଶରେ ଫୋର୍ଜା ୩୦୦ର ଡେଲିଭରି ଆରମ୍ଭ ହୋଇଛି। ଗମନାଗମନ, ଷ୍ଟାଇଲ ଓ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଫୋର୍ଜା ୩୦୦ ହେଉଛି ଭାରତର ପ୍ରଥମ ପ୍ରିମିୟମ୍ ମିଡ୍-ସାଇଜ୍ ସ୍କୁଟର। ଏହି ଅବସରରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡର ସଭାପତି, ସିଇଓ ତଥା ଏମ୍‌ଡି ମିନୁରୋ କାଟୋ କହିଛନ୍ତି ଯେ, ହୋଣ୍ଡାର ବିଶ୍ୱ ସ୍ତରରେ ଫନ୍-ମଡେଲ୍ ଉତ୍ପାଦର ଏକ ପରମ୍ପରା ରହିଛି। ଫୋର୍ଜା ୩୦୦କୁ ଉପସ୍ଥାପନ କରିବା ସହିତ ଆମେ ବହୁତ ଗର୍ବିତ ଯେ ସ୍କୁଟରାଇଜେସନ୍‌ର ଧାରାକୁ ଆହୁରି ଊର୍ଦ୍ଧ୍ୱକୁ ନେଇପାରିଛୁ। ମଧ୍ୟମ ବର୍ଗ ସ୍କୁଟର କ୍ଷେତ୍ରରେ ଏହା କେବଳ ହୋଣ୍ଡାକୁ ଉପସ୍ଥାପିତ କରିବ ନାହିଁ ବରଂ ଏହା ଆମକୁ ନୂତନ ପ୍ରକାରର ଗ୍ରାହକ ଯେଉଁମାନେ ଲକ୍ଜୁରି ଓ କୌତୁକ ଗାଡ଼ିଚାଳନା ପସନ୍ଦ କରନ୍ତି ସେମାନଙ୍କ ଆବଶ୍ୟକତାକୁ ପୂରଣ କରିବ।

## ସିଭି ରମଣ କଲେଜରେ ବାସ୍କେଟବଲ ପ୍ରତିଯୋଗିତା

**ଭୁବନେଶ୍ୱର, ୨୩-୨**

ମହୁରାସ୍ଥିତ ସି.ଭି. ରମଣ କଲେଜରେ ସ୍ୱର୍ଗତ ବିମ୍ବାଧର ନାୟକଙ୍କର ସ୍ମୃତିରେ ଏକ ଆନ୍ତଃକଲେଜ ବାସ୍କେଟବଲ ଓ ଭଲିବଲ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ବାସ୍କେଟବଲ ପ୍ରତିଯୋଗିତାରେ ନୟାପଲ୍ଲୀର ଦେବରାୟ କଲେଜ ପ୍ରଥମ ଓ ବାଣୀବିହାର ଉତ୍କଳ ୟୁନିଭରସିଟି ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବାବେଳେ ଭଲିବଲ ପ୍ରତିଯୋଗିତାରେ ଅଡସପୁରର ଉଦୟନାଥ ଅଟନୋମସ କଲେଜ ପ୍ରଥମ ଓ ଇନଫୋସିଟିର ଟ୍ରାଇଡେଣ୍ଟ ଏକାଡେମୀ ଅଫ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି କଲେଜ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିଲେ। ଏହି ଉତ୍ସବରେ ଡା. କବିତା ନାୟକ ଓ ଡା. କାଶିନାଥ ନାୟକ ଅତିଥିଭାବେ ଅଂଶଗ୍ରହଣ କରି କୃତୀ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ବିଓଆଇର କୃଷି ଋଣ ଶିବିର

**ଭୁବନେଶ୍ୱର, ୨୩-୨**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) କେନ୍ଦୁଝର ଅଞ୍ଚଳରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାକୁ ଅଗ୍ରାଧିକାର ଦେଇ ଜିଲାର ବିଭିନ୍ନ ସ୍ଥାନରେ କୃଷି ଋଣ ବିତରଣ ଶିବିରମାନ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ତଥା ଆଞ୍ଚଳିକ ପ୍ରବନ୍ଧକ ସୌନ୍ଦର୍ଯ୍ୟ ଭୂଷଣ ସାହାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଘୁନାଥପୁର, ହରିଚନ୍ଦନପୁର ଏବଂ ଘଟଗାଁ ଭଳି ସ୍ଥାନଗୁଡିକରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଏହି ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନରଣପୁର ଶାଖାର ପ୍ରବନ୍ଧକ ଶୁଭେନ୍ଦୁ ମଣ୍ଡଳ, ହରିଚନ୍ଦନ ପୁର ଶାଖାର ବରିଷ୍ଠ ପ୍ରବନ୍ଧକ ଅଶୋକ କୁମାର ସାହୁ, ତାରିଣି ମନ୍ଦିର ଶାଖାର ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦଳେଇ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ‘ଉତ୍ତମ ଜନସ୍ୱାସ୍ଥ୍ୟ ସେବା ଲାଗି ବହୁମୁଖୀ ଉଦ୍ୟମ ଲୋଡ଼ା’

**ଭୁବନେଶ୍ୱର, ୨୩-୨**

ଉତ୍ତମ ଜନସ୍ୱାସ୍ଥ୍ୟ ସେବା ପାଇଁ ବହୁମୁଖୀ ଏବଂ ବହୁବିଧ ଉଦ୍ୟମର ଆବଶ୍ୟକତା ରହିଛି। ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଜାତୀୟ କର୍ମଶାଳାରେ ବିଶେଷଜ୍ଞମାନେ ଉତ୍ତମ ଜନସ୍ୱାସ୍ଥ୍ୟ ଉପରେ ମତ ରଖିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁସ୍ଥ ଖାଦ୍ୟ, ସୁସ୍ଥ ମୃତ୍ତିକା, ସୁସ୍ଥ ଜଳ, ବାୟୁ ଆଦି ଅପରିହାର୍ଯ୍ୟ ବୋଲି ବିଶିଷ୍ଟ ପରିବେଶବିତ ପଦ୍ମଶ୍ରୀ ରାଧାମୋହନ ଏହି ଅବସରରେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱ ବ୍ୟାଙ୍କର ପୂର୍ବତନ ଆର୍ଥିକ ପରାମର୍ଶଦାତା ବିନୋଦ ନାୟକ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ଷୁଦ୍ର ଋଣ ଇନସ୍ୟୁରାନ୍ସର ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ମାଧ୍ୟମରେ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମିଲେଟ ମିଶନ ଉପରେ ବିଶେଷଜ୍ଞମାନେ ମତ ରଖିଥିଲେ। ମ୍ୟାଲେରିଆ ଜନିତ ମୃତ୍ୟୁକୁ ରୋକିବା ଦିଗରେ ସରକାରଙ୍କ ସହ ଅଂଶୀଦାରମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ନର୍ସିଂ ନିର୍ଦ୍ଦେଶକ ଡ. ସୁଶୀଲ କର ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କୁଳପତି ଜନ୍ମେଜୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କୀର୍ତ୍ତି ପ୍ରଧାନ, ଡ.ଓମ୍‌କାର ମହାନ୍ତି, ଶ୍ରୀଜିତ ମିଶ୍ର, ପ୍ରିୟଦର୍ଶନ ପାତ୍ର, ଲୁନା ସାମନ୍ତ, ଜର୍ଜ ଟାଉନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପିନାକୀ ପାଣିଗ୍ରାହୀ, ଡ.ନରେନ୍ଦ୍ର କୁମାର ଜେନା, ବିଶ୍ୱବିଦ୍ୟାଳୟର ଡିନ୍ ଡ.କଳ୍ପନା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର**

ବିଜ୍ଞାପନ ନଂ. 988/R.M.C. ବିଜ୍ଞାପନ ତା:୨୦।୦୨।୨୦୨୦

ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର ମହିନ୍ଦ୍ରା ବୋଲେରୋ ଗାଡ଼ି Non Ac/Ac Sitting Capacity ସର୍ବୋଚ୍ଚ ଡ୍ରାଇଭର ସହିତ ୧୦ (ଦଶ) ଜଣ ଥାଇ ମାସିକ ଭଡ଼ା ସୂତ୍ରରେ ନେବା ପାଇଁ ଆବଶ୍ୟକୀୟ Tender ଆହ୍ୱାନ କରୁଅଛୁ। ଏଣୁ ଇଚ୍ଛୁକ ଗାଡ଼ି ମାଲିକମାନେ **www.nabarangpur.nic.in** ୱେବ୍‌ସାଇଟ୍‌କୁ ଯାଇ ତା୨୪।୦୨।୨୦୨୦ରିଖଠାରୁ ତା୨୩।୦୩।୨୦୨୦ରିଖ ପର୍ଯ୍ୟନ୍ତ ଟେଣ୍ଡର ଦସ୍ତାବିଜ୍ Download କରି ତା୩୦।୦୩।୨୦୨୦ରିଖ ମଧ୍ୟରେ ଟେଣ୍ଡର କେବଳ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରକୁ ପଠାଇପାରିବେ। ଏଥିରେ କୌଣସି ବ୍ୟତିକ୍ରମ ହେଲେ R.M.C. କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା./- ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

FINANCE

**JAGRUTI FINANCE**
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

**FINANCE**
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜ ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
**ଏକ୍ସା ଫାଇନାନ୍ସ**
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କସିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

**FINANCE**
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ (ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Rupali - 8963951185
Sweta - 8963979286
Riya - 9630505037
Sandhya - 8878040343
Niddhi - 7587695952
Vasundhara Mall, West Boring Canal Rd, Rajapur, Patna, Bihar 800001

**ସରସ ଫାଇନାନ୍ସ**
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FINANCE LTD.** REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ସହଜ କିସ୍ତିରେ ଋଣ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
**ମୁଦ୍ରା ଫାଇନାନ୍ସ**
ଆଣିଛନ୍ତି ଓଡ଼ିଶାରେ ପ୍ରଥମ ଥର ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତି
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
Online ସୁବିଧା ଉପଲବ୍ଧ
9540066083
9540066027
M.P. Nagar, Zone-1, Bhopal, Madhya Pradesh.

**OMM FINANCE**
OMM ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 24 ଘଣ୍ଟାରେ ପାଆନ୍ତୁ। 3% ସୁଧ 25% ଛାଡ + ୧୦ ବର୍ଷ ଗ୍ୟାରେଣ୍ଟୀ
Plot No 428/74, Shahnajaf Rd, Lucknow, Uttar Pradesh 226001
08887324254
09455705969

BUSINESS

**BUSINESS**
American Tower କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତରେ (ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ) ଟାଓ୍ୱର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 70,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
ଧୋକାବାଜ୍ କୁ ସାବଧାନ
American Tower B Wing, Mumbai, Maharashtra-400021.
9473860496

DHARITRI Career appointment Every Wednesday and Saturday

**ହିନ୍ଦୁସ୍ତାନ ଟାଓ୍ୱାର୍**
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାଓ୍ୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7042350747
8929313996

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାଓ୍ୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No 9479667248

**ଡିଜିଟାଲ ଇଣ୍ଡିଆ** ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାଓ୍ୱାର୍ ଲଗାନ୍ତୁ (ଅଗ୍ରିମ-60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ- କୌଣସି ଟାଓ୍ୱାର୍/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାଓ୍ୱାର ମଧ୍ୟ ଲଗାନ୍ତୁ)।
ମୋ. 9411277198

**ଗୁରୁ ସାହି ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

## ବାସ୍କେଟବଲ୍‌ରେ ହିନ୍ଦୁସ୍ତାନ, ଜିଏନ୍‌ଡିୟୁ, ନୂଆଦିଲ୍ଲୀ ବିଜୟୀ

ମହିଳା ବାସ୍କେଟବଲ୍‌ରେ ଚେନ୍ନାଇର ହିନ୍ଦୁସ୍ତାନ ବିଶ୍ୱବିଦ୍ୟାଳୟ ୭୩–୫୫ରେ ମହାରାଷ୍ଟ୍ରକୁ , ଜିଏନ୍‌ଡିୟୁ ପ୍ରତିପକ୍ଷ ଗ୍ୱାଲିୟରର ଲକ୍ଷ୍ମୀବାଇ ବିଶ୍ୱବିଦ୍ୟାଳୟକୁ ୧୦୨– ୮୨, କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଜାମିଆ ମିଲିଆ ଇସ୍ଲାମିଆକୁ ୬୭– ୩୭ରେ, ନୂଆଦିଲ୍ଲୀ ୬୩– ୬୨ରେ ଗ୍ୱାଲିୟର ଆଇଟିଏମକୁ ହରାଇଛି। ପୁରୁଷ ବିଭାଗ ବାସ୍କେଟବଲ୍‌ରେ ମୁମ୍ବାଇ ୮୬– ୮୫ରେ ଜୈନକୁ ହରାଇଛି।


ଋତୁପର୍ଣ୍ଣା ପଣ୍ଡା

# ଫେନ୍‌ସିଂ ସ୍ୱର୍ଣ୍ଣ ଜିତିଲେ ଜ୍ୟୋତିକା

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି)**

ହିମାଚଳ ପ୍ରଦେଶର ଜ୍ୟୋତିକା ଦତ୍ତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଫେନ୍‌ସିଂ ମହିଳା ଇପି ଇଭେଣ୍ଟରେ ଅମୃତସର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୨ ବର୍ଷୀୟା ଏହି ପ୍ରତିଭାସମ୍ପନ୍ନ ଫେନ୍‌ସର ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ମାତ୍ ଦେଇ ଏହି ସଫଳତା ପାଇଛନ୍ତି। ଫ୍ରାନ୍ସସ୍ଥିତ ଅନ୍ତର୍ଜାତୀୟ ଫେନ୍‌ସିଂ ଫେଡେରେଶନର ହାଇ ପରଫର୍ମାନ୍ସ ସେଣ୍ଟରରେ ଟ୍ରେନିଂପ୍ରାପ୍ତ ଜ୍ୟୋତିକା ନିଜ ଅଭିଜ୍ଞତା ଉପଯୋଗ କରି ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। "ପ୍ରତିକୂଳ ପରିସ୍ଥିତିରୁ ଅନେକ କିଛି ଶିଖିବାକୁ ମିଳିଥାଏ। ଗ୍ରୁପ ପର୍ଯ୍ୟାୟରେ ୨ ପରାଜୟ ସହ ଖରାପ ଆରମ୍ଭ କରିଥିଲେ ହେଁ ମୁଁ ନକ୍‌ଆଉଟ ବେଳକୁ ସେହି ଭୁଲ ଦୋହରାଇ ନ ଥିଲି। ତା'ର ଫାଇଦା ମୋତେ ମିଳିଲା" ବୋଲି ଜ୍ୟୋତିକା ପ୍ରକାଶ କରିଛନ୍ତି। ଉଚ୍ଚତାରେ ଛୋଟ ଜ୍ୟୋତିକାଙ୍କ ପାଇଁ ଡେଙ୍ଗା ପ୍ରତିଦ୍ୱନ୍ଦ୍ୱୀଙ୍କୁ ମୁକାବିଲା କରିବା କଷ୍ଟସାଧ ଥିଲା। ଫାଇନାଲରେ ଜ୍ୟୋତିକାଙ୍କ ସହ ମଣିପୁର ବିଶ୍ୱବିଦ୍ୟାଳୟର ଲିନ୍‌ଥୋଇ ହାଓବାମ୍‌ଙ୍କ କଡ଼ା ମୁକାବିଲା ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଶେଷରେ ଜ୍ୟୋତିକା ୧୫–୧୪ ପଏଣ୍ଟରେ ବାଜି ମାରିଥିଲେ। ଏହି ଇଭେଣ୍ଟରେ ଲିନ୍‌ଥୋଇ ରୌପ୍ୟ ଜିତିଥିବାବେଳେ ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର କୋହଲି ଛାଭି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ରୋହରୁ ଜନ୍ମିତ ଜ୍ୟୋତିକା ୧୫ ବର୍ଷ ପୂର୍ବରୁ ଫେନ୍‌ସିଂ ଖେଳିବା ଆରମ୍ଭ କରିଥିଲେ। ସମ୍ପର୍କୀୟ ଭାଇ ଜିତେଶ୍ୱର ଦତ୍ତ ତାଙ୍କ ପ୍ରଥମ କୋଚ୍। ଜିତେଶ୍ୱର ନିଜେ ଜଣେ ଫେନସର ଏବଂ ପାର୍ଟ ଟାଇମ୍ କୋଚ୍। କ୍ୟାରିୟର ଆରମ୍ଭରେ ମୋ ସମ୍ପର୍କୀୟ ଭାଇ ମୋତେ ଟ୍ରେନିଂ ଦେଉଥିଲେ। ସେ ମୋତେ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା ସହିତ ଖେଳର ମୌଳିକତା ଶିକ୍ଷା ଦେଇଥିଲେ। ଫେନ୍‌ସିଂ ବ୍ୟତୀତ ମୁଁ ସ୍କ୍ରିଷ୍ଟ କରିବାକୁ ଭଲପାଏ ବୋଲି ଜ୍ୟୋତିକା ପ୍ରକାଶ କରିଛନ୍ତି। ଜ୍ୟୋତିକାଙ୍କ ନିକଟରେ ପ୍ରତିଭା ଥିବା ଜାଣି ଜିତେଶ୍ୱର ପଟିଆଲାସ୍ଥିତ ଏନ୍‌ଆଇଏସ ଟ୍ରାଏଲ ପାଇଁ ତାଙ୍କୁ ପଠାଇଥିଲେ। ସେହି ଦିନଠାରୁ ଏନଆଇଏସ୍ ଜ୍ୟୋତିକାଙ୍କ ଘର ହୋଇଯାଇଛି। ୨୦୧୮ ଏସିଆନ ଗେମ୍ସରେ ଜ୍ୟୋତିକା ନିଜ ଦକ୍ଷତା ବଳରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ଜିତିବା ସହ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ତା' ପରଠାରୁ ଏହି କ୍ରୀଡ଼ାରେ ଜ୍ୟୋତିକା କ୍ରମଶଃ ଅଭିଜ୍ଞ ହେବାରେ ଲାଗିଛନ୍ତି। ଫ୍ରାନ୍ସରେ ପ୍ରଶିକ୍ଷଣ ତାଙ୍କୁ ଅନେକ ସହାୟକ ହୋଇଛି ବୋଲି ସମ୍ପ୍ରତି ବି.ପିଇଡି କରୁଥିବା ଜ୍ୟୋତିକା ପ୍ରକାଶ କରିଛନ୍ତି। "ଫ୍ରାନ୍ସରେ ଅଲିମ୍ପିଆନ୍ସ, ବିଶ୍ୱଚାମ୍ପିୟନଙ୍କ ସହିତ ସମୟ ବିତାଇବା ମୋ ପାଇଁ ସ୍ମରଣୀୟ ରହିଛି। ଇପିରେ ବିଶ୍ୱ ଚାମ୍ପିୟନ ନାଥାଲି ମୋଲାଉସେନ୍ ସେଠାରେ ଟ୍ରେନିଂ ନେଉଥିଲେ। ମୁଁ ତାଙ୍କ ଟ୍ରେନିଂକୁ ଅତି ନିକଟରୁ ଦେଖିଥିଲି। ସେ ମୋଠାରୁ ୧୦ ବର୍ଷ ବଡ଼ ହୋଇଥିଲେ ହେଁ ତାଙ୍କ ପ୍ରଦର୍ଶନ ମୋତେ ପ୍ରଭାବିତ କରିଥିଲା। ଜଣେ ଆଥଲେଟ୍ ଅଭିଜ୍ଞତା ହାସଲ ପାଇଁ ପ୍ରତିଯୋଗିତାର ଅନେକ ଗୁରୁତ୍ୱ ରହିଛି। ଦୁର୍ଭାଗ୍ୟବଶତଃ ଫେନସିଂ ଭାରତରେ ଲୋକପ୍ରିୟ କ୍ରୀଡ଼ା ନୁହେଁ। ଆମ ଦେଶରେ ବହୁତ କମ୍ ପ୍ରତିଯୋଗୀ ଏଥିରେ ଭାଗ ନେଇଥାନ୍ତି। ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମୋ ପରି ଖେଳାଳିଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଶା କରୁଛି ଏଥିରୁ ଅନେକ ପ୍ରତିଭା ଚିହ୍ନଟ ହୋଇପାରିବେ" ବୋଲି ଜ୍ୟୋତିକା ପ୍ରକାଶ କରିଛନ୍ତି।


ଜ୍ୟୋତିକା ଦତ୍ତ

ସିନିୟର ମହିଳା ଫଏଲ ଇଭେଣ୍ଟରେ ଜମ୍ମୁ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ବକ୍ସି ରିୟା ସ୍ୱର୍ଣ୍ଣ, ପଞ୍ଜାବ ବିଶ୍ୱବିଦ୍ୟାଳୟର କାଜଲ କାଜଲ ରୌପ୍ୟ ଏବଂ କୁସୁମ କୁସୁମ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## କ୍ରିତିକା- ରାଗିଣୀ ସ୍ୱର୍ଣ୍ଣ ପଦକ ଲଢ଼େଇ

କିଟ୍‌ରେ ଟପ୍ ର୍ୟାଙ୍କ କମ୍ପାଉଣ୍ଡ ଆର୍ଚର ମୁସ୍କାନ କିରାରା ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ସେ କ୍ୱାର୍ଟର ଫାଇନାଲରେ ରାଜସ୍ଥାନ ବିଶ୍ୱବିଦ୍ୟାଳୟର କ୍ରିତିକା ଶର୍ମାଙ୍କଠାରୁ ୧୩୬– ୧୪୪ରେ ପରାସ୍ତ ହୋଇଥିଲେ। ସେମିରେ କ୍ରିତିକା ରାଞ୍ଚି ବିଶ୍ୱବିଦ୍ୟାଳୟର ବବିତା କୁମାରୀଙ୍କୁ ୧୪୪–୧୪୦ରେ ପରାସ୍ତ କରିଥିଲେ। ସେ ମୁସ୍କାନଙ୍କ ବିଶ୍ୱବିଦ୍ୟାଳୟର ଦଳୀୟ ସାଥୀ ରାଗିଣୀ ମାର୍କୋଙ୍କୁ ଫାଇନାଲରେ ସ୍ୱର୍ଣ୍ଣ ପଦକ ପାଇଁ ଭେଟିବେ।

## ମୁକୁଲ- ବିସ୍‌ଲା ଫାଇନାଲ

ଟପ୍ ର୍ୟାଙ୍କର ସଂଗ୍ରାମପ୍ରୀତ ସିଂ ବିସ୍‌ଲା ପୁରୁଷ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ନିଜ ପଞ୍ଜାବ ବିଶ୍ୱବିଦ୍ୟାଳୟର ଦଳୀୟ ସାଥୀ ସୁଖମିନ୍ଦର ସିଂଙ୍କୁ ୧୪୭– ୧୪୫ରେ ହରାଇଛନ୍ତି। ଫାଇନାଲରେ ସେ ରାଜସ୍ଥାନ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ର୍ୟାଙ୍କର ଖେଳାଳି ମୁକୁଲ ଶର୍ମାଙ୍କୁ ଭେଟିବେ।

## ହକିରେ ପଞ୍ଜାବ, ଭଲିବଲ୍‌ରେ ଏସ୍‌ଆର୍‌ଏମ, ଏଚ୍‌ପି ବିଜୟୀ

ହକିରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ୩–୧ ଗୋଲରେ ମଧ୍ୟପ୍ରଦେଶର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇଛି। ସେହିପରି ମହିଳା ଭଲିବଲ୍‌ରେ ହିମାଚଳ ପ୍ରଦେଶ(ଏଚ୍‌ପି) ବିଶ୍ୱବିଦ୍ୟାଳୟ ୩–୨ରେ ଏସ୍‌ଆରଏମ୍‌କୁ ହରାଇଛି। ପୁରୁଷ ଭଲିବଲ୍‌ରେ ଏସ୍‌ଆରଏମ ବିଶ୍ୱବିଦ୍ୟାଳୟ ୩–୨ରେ ଏମ୍‌ଜିୟୁ କୋଟ୍ୟାମଙ୍କୁ ପରାସ୍ତ କରିଛି।

**ମହିଳା ଟିମ୍ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ**

# ଋତୁପର୍ଣ୍ଣା–କୃତ୍ତିକା ପରାସ୍ତ

**ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି)**

ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ବ୍ୟାଡ୍‌ମିଣ୍ଟନ ଟିମ୍ ଇଭେଣ୍ଟରେ କିଟ୍‌ର ଆରମ୍ଭ ଭଲ ହୋଇନାହିଁ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଜଣାଶୁଣା ବ୍ୟାଡ୍‌ମିଣ୍ଟନ ତାରକା ଋତୁପର୍ଣ୍ଣା ପଣ୍ଡା ଓ କୃତ୍ତିକା ଭଟ୍ଟାଚାର୍ଯ୍ୟ ଯୋଡ଼ି ମହିଳା ଡବଲ୍ସରେ ପରାସ୍ତ ହୋଇଛନ୍ତି। କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମହିଳା ଡବଲ୍ସରେ ଋତୁପର୍ଣ୍ଣା–କୃତ୍ତିକା ଯୋଡ଼ି ପଞ୍ଜାବ ବିଶ୍ୱବିଦ୍ୟାଳୟର ଆକାଂଶି ବାଲିୟାନ ଓ ଦାମନ ରାଜ କୁମାର ଯୋଡ଼ିଙ୍କଠାରୁ ୧୨–୨୧, ୧୫–୨୧ ପଏଣ୍ଟରେ ହାରି ଯାଇଛନ୍ତି। ସିଙ୍ଗଲ୍ସରେ ମଧ୍ୟ ଇଶିକା ପଟ୍ଟନାୟକ ପଞ୍ଜାବ ବିଶ୍ୱବିଦ୍ୟାଳୟର ନିକିତାଙ୍କଠାରୁ ୬–୨୧, ୬–୨୧ ପଏଣ୍ଟରେ ପରାସ୍ତ ହୋଇଛନ୍ତି।



ମହିଳା ସନ୍ତରଣ ଇଭେଣ୍ଟର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ ।

## ଭେନ୍ୟୁ ବୁଲି ଦେଖିଲେ ଜୁଲାନିୟା

ଭୁବନେଶ୍ୱର, ୨୩।୨(କ୍ରୀଡ଼ା ପ୍ରତିନିଧି)– କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିୟା ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଭୁବନେଶ୍ୱରସ୍ଥିତ ବିଭିନ୍ନ ଭେନ୍ୟୁ ରବିବାର ବୁଲି ଦେଖିଛନ୍ତି। ଏହା ବ୍ୟତୀତ ସେ ପ୍ରତିଯୋଗିତାର ବିଭିନ୍ନ ଅଫିସିଆଲଙ୍କୁ ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଛନ୍ତି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ସଚିବ ବିଶାଲ କୁମାର ଦେବ ଏକ ସ୍ମାରକୀ ଦେଇ ଜୁଲାନିୟାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



ରାଧେଶ୍ୟାମ ଜୁଲାନିୟାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଶାଲ ଦେବ।

# ଜୈନ, ଜିଏନ୍‌ଡିୟୁକୁ ସଫଳତା

**ଭୁବନେଶ୍ୱର,୨୩।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରାରମ୍ଭିକ ସଂସ୍କରଣରେ ରବିବାର ସନ୍ତରଣରେ ବେଙ୍ଗାଲୁରୁର ଜୈନ ବିଶ୍ୱବିଦ୍ୟାଳୟ ୪ଟି ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରଥମ ସ୍ଥାନରେ ରହିଛି। ସେହିପରି ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ (ଜେଏନଡିୟୁ)ଫେନ୍ସିଂରେ ୩ଟି ସ୍ୱର୍ଣ୍ଣ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ଫେନ୍ସିଂରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ରିୟା ବକ୍ସି ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜୈନର ଏସ୍.ଭି. ନିକିଥା ପାଖାପାଖି ୫ ମିନିଟ ବାକିଥାଇ ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ୪X୨୦୦ମି. ଫ୍ରିଷ୍ଟାଇଲ୍ ରିଲେ ଟିମ୍ ଇଭେଣ୍ଟରେ ସେ ନିଜ ଦଳକୁ ଚାମ୍ପିୟନ କରାଇଥିଲେ। ଏହି କ୍ରମରେ ଜୈନ ଦିଲ୍ଲୀ ଓ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ପଛରେ ପକାଇଥିଲା। ଜୈନ ତରଫରୁ ପୁରୁଷ ୪୦୦ ମି. ଫ୍ରିଷ୍ଟାଇଲ୍‌ରେ ଶିବା ଶ୍ରୀଧର ଓ ପୁରୁଷ ୨୦୦ମି. ବ୍ରେଷ୍ଟଷ୍ଟ୍ରୋକରେ ଏସ୍.ପି. ଲିକିଥ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫେନ୍ସିଂ ଏରିନାରେ ବାମହାତୀ ରିୟା ବକ୍ସି ଫାଇନାଲରେ ପଞ୍ଜାବ ବିଶ୍ୱବିଦ୍ୟାଳୟର କାଜଲଙ୍କୁ ୧୫–୧୧ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିଲେ। ଫେନ୍ସିଂରେ ପୁରୁଷ ଫଏଲ ଓ ଇପି ଫାଇନାଲ୍ସରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଔରଙ୍ଗାବାଦ୍‌ସ୍ଥିତ ଡଃ ବି.ଆର. ଆମ୍ବେଦକର ମରାଠାୱାଡ଼ା ବିଶ୍ୱବିଦ୍ୟାଳୟର ତୁଷାର ରାଓ ସାହେବ ଅଧୀର ଜିଏନ୍‌ଡିୟୁର ତାରିକ ହୁସେନଙ୍କୁ ୧୫– ୧୪ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିଲେ। ଟିମ୍ ଇଭେଣ୍ଟରେ ଦଳର ସ୍ୱର୍ଣ୍ଣ ପଦକ ବିଜୟରେ ମଧ୍ୟ ସେ ମୁଖ୍ୟ ଭୂମିକାଗ୍ରହଣ କରିଥିଲେ।

**ଇଣ୍ଡିଆନ ସୁପର ଲିଗ୍**
**ମାନୁଏଲଙ୍କ ହ୍ୟାଟ୍ରିକ୍**

# ଡ୍ର'ରେ ଓଏଫ୍‌ସିର ଅଭିଯାନ ଶେଷ


ହ୍ୟାଟ୍ରିକ ହାସଲକାରୀ ମାନୁଏଲ ଓନୁ (ଡାହାଣରୁ ଦ୍ୱିତୀୟ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଭୁବନେଶ୍ୱର, ୨୩।୨(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ଓଡ଼ିଶା ଏଫ୍‌ସି ତା'ର ଶେଷ ତଥା ୧୮ତମ ମ୍ୟାଚ୍ ଅମୀମାଂସିତ ରଖି ଅଭିଯାନ ଶେଷ କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଓ କେରଳ ବ୍ଲାଷ୍ଟର୍ସ ପରସ୍ପରକୁ ଭେଟିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ୪–୪ ଗୋଲରେ ଅମୀମାଂସିତ ରହିଛି। ଘରୋଇ ଓଡ଼ିଶା ତରଫରୁ ଫରୱାର୍ଡ ମାନୁଏଲ ଓନୁ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ମାନୁଏଲ ପ୍ରଥମ, ୩୬ ଓ ୫୧ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ମାର୍ଟିନ ପେରେଜ ଗୁଏଡ୍ସ ୪୪ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଆଉ ଏକ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ କେରଳ ତରଫରୁ ଷଷ୍ଠ ମିନିଟ୍‌ରେ ନାରାୟଣ ଦାସ ଆତ୍ମଘାତୀ ଗୋଲ କରିଥିଲେ। ସେହିପରି ରାଫେଲ ମେସି ବୋଉଲି ୨୮ତମ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ଦଳ ତରଫରୁ ବାର୍ଥୋଲୋମି ଓଗ୍‌ବେଚେ ୮୨ ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଓ ଇଞ୍ଜୁରି ଟାଇମର ଚତୁର୍ଥ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇ ଓଡ଼ିଶା ହାତରୁ ବିଜୟ ଛଡାଇ ନେଇଥିଲେ। ଓଡ଼ିଶା ୧୮ଟି ମ୍ୟାଚ୍ ଖେଳି ୭ ବିଜୟ, ୪ ଡ୍ର ଓ ୭ ପରାଜୟ ସହ ୨୫ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ସେହିପରି କେରଳ ୧୮ଟି ମ୍ୟାଚ୍ ଖେଳି ୪ ବିଜୟ, ୭ ଡ୍ର ଓ ୭ ପରାଜୟ ସହ ୧୯ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି।

**ଇଣ୍ଡିଆନ ସୁପର ଲିଗ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ୍ | ବିଜୟ | ଡ୍ର | ପରାଜୟ | ପଏଣ୍ଟ |
|---|---|---|---|---|---|
| ଗୋଆ | ୧୮ | ୧୨ | ୩ | ୩ | ୩୯ |
| ଏଟିକେ | ୧୮ | ୧୦ | ୪ | ୪ | ୩୪ |
| ବେଙ୍ଗାଲୁରୁ | ୧୮ | ୮ | ୬ | ୪ | ୩୦ |
| ଚେନ୍ନାଇନ୍ | ୧୭ | ୮ | ୪ | ୫ | ୨୮ |
| ମୁମ୍ବାଇ | ୧୮ | ୭ | ୫ | ୬ | ୨୬ |
| ଓଡ଼ିଶା | ୧୮ | ୭ | ୪ | ୭ | ୨୫ |
| କେରଳ | ୧୮ | ୪ | ୭ | ୭ | ୧୯ |
| ଜାମସେଦପୁର | ୧୮ | ୪ | ୬ | ୮ | ୧୮ |
| ନର୍ଥ ଇଷ୍ଟ | ୧୭ | ୨ | ୭ | ୮ | ୧୩ |
| ହାଇଦ୍ରାବାଦ | ୧୮ | ୨ | ୪ | ୧୨ | ୧୦ |







ମହିଳା ବାସ୍କେଟବଲ (ଉପର) ଓ ପୁରୁଷ ଭଲିବଲ ମ୍ୟାଚର ଦୃଶ୍ୟ। (ଫଟୋ: ବିକାଶ ନାୟକ)



❝ବର୍ତ୍ତମାନ ଭାରତୀୟ କ୍ରିକେଟ ଦଳର ସଫଳତା ପଛରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ବିଶେଷ ଭୂମିକା ରହିଛି। –ଶାହିଦ ଆଫ୍ରିଦୀ, ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର



❝କାନ୍ଧରେ ଦୀର୍ଘଦିନର ଇଞ୍ଜୁରି ସମସ୍ୟା ଶନିବାର ପ୍ରି–ସିଜନ ଟେଷ୍ଟିଂର ପ୍ରଥମ ଦିବସରେ ମୋ ପ୍ରଦର୍ଶନରେ ପ୍ରତିବନ୍ଧକ ସୃଷ୍ଟି କରିଛି।–ମାର୍କ ମର୍କ୍ୱେଜ, ବିଶ୍ୱ ମୋଟରସାଇକ୍ଲିଂ ଚାମ୍ପିୟନ


# ଭାରତୀୟ ଟପ୍ ଅର୍ଡର ପୁଣି ଫେଲ୍

**ୱେଲିଂଟନ,୨୩।୨(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଟପ୍ ଅର୍ଡର ଦ୍ୱିତୀୟ ଇନିଂସରେ ମଧ୍ୟ ବିଫଳ ହୋଇଛି। ଫଳରେ ଭାରତ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି ଓ ନ୍ୟୁଜିଲାଣ୍ଡ ତା'ର ସ୍ଥିତି ଆହୁରି ଦୃଢ଼ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଇନିଂସରେ ୬୮.୧ ଓଭରରେ ୧୬୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ୧୦୦.୨ ଓଭରରେ ୩୪୮ ରନକରି ଅଲଆଉଟ ହୋଇଛି। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୧୮୩ ରନର ବୃହତ୍ ତଥା ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ଟ୍ରେଣ୍ଟ ବୋଲ୍ଟଙ୍କ ଉଚ୍ଚକୋଟୀର ବୋଲିଂର ସମ୍ମୁଖୀନ ହୋଇ ନ ପାରି ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬୫ ଓଭରରେ ୪ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇଦିନ ବାକି ଥିବା ବେଳେ ଭାରତ ୬ ଉଇକେଟ ହାତରେ ରଖି ଏବେ ୩୯ ରନ ପଛରେ ରହିବା ସହ ବିପଦରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ୬୭ଟି ବଲ୍ ଖେଳି ୨୫ ଓ ହନୁମା ବିହାରୀ ୭୦ଟି ବଲ୍ ଖେଳି ୧୫ ରନ କରି ଅପରାଜିତ ରହିଛନ୍ତି।

ଓପନର ମୟଙ୍କ ଅଗ୍ରୱାଲ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଯୁବ ଓପନର ପୃଥ୍ୱୀ ଶ, ଟେଷ୍ଟ ସ୍ପେସାଲିଷ୍ଟ ଚେତେଶ୍ୱର ପୂଜାରା ଓ ଅଧିନାୟକ ବିରାଟ କୋହଲି ପ୍ରଥମ ଇନିଂସ ଭଳି ପୁଣି ବିଫଳ ହୋଇଛନ୍ତି। ସୌଦିଙ୍କ ଲେଗ୍ ଷ୍ଟମ୍ପ ବାହାରର ବଲ୍‌କୁ ଫ୍ଲିକ୍ କରିବାକୁ ପ୍ରୟାସ କରିଥିଲେ ଅଗ୍ରୱାଲ। ତେବେ ବଲ୍ ବ୍ୟାଟ୍‌ରେ ବାଜିଥିଲା ଓ ଉଇକେଟକିପର ବିଜେ ୱାଟଲିଂ ସହଜ କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ୧୪ ରନ କରିଥିବା ବେଳେ ପୃଥ୍ୱୀ ବୋଲ୍ଟଙ୍କ ବଲ୍‌କୁ ଖେଳିବାକୁ ଯାଇ ଶର୍ଟ ବ୍ୟାକ୍‌ୱାର୍ଡ ସ୍କୋୟାର ଲେଗ୍‌ରେ ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ୧୧ ରନ କରିଥିବା ବେଳେ ପୂଜାରା ଲାଇନ୍ ମିସ୍ କରି ବୋଲ୍ଟଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ତୃତୀୟ ଦିବସର ଶେଷ ଉଇକେଟ ଭାବେ କୋହଲି ଆଉଟ ହୋଇଥିଲେ। ପୁଲ୍ କରିବାକୁ ଯାଇ ସେ ଚକ୍‌ମା ଖାଇଥିଲେ ଓ ବୋଲ୍ଟଙ୍କ ବଲ୍‌ରେ ୱାଟଲିଂଙ୍କୁ କ୍ୟାଚ୍ ଦେଇ ୧୯ ରନ କରି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ବୋଲ୍ଟ ୩ ଓ ସୌଦି ଗୋଟିଏ ଉଇକେଟ ହାସଲ କରିଥିଲେ।





**ପ୍ରଥମ ଟେଷ୍ଟ**

ଚେତେଶ୍ୱର ପୂଜାରଙ୍କ ଉଇକେଟ୍ ନେବା ପରେ ଖୁସି ମୁହୂର୍ତ୍ତରେ ଟ୍ରେଣ୍ଟ ବୋଲ୍ଟ (ବାମ)।


ଦ୍ୱିତୀୟ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧୬/୫ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୱାଟଲିଂ ୧୪ ରନରୁ ଖେଳ ଆରମ୍ଭ କରି ଅଉ ଅଧିକ ରନ୍ ସଂଗ୍ରହ କରି ନ ପାରି ଯଶପ୍ରୀତ ବୁମ୍‌ରାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି କଲିନ୍ ଡି ଗ୍ରାଣ୍ଡହୋମ ୪ ରନରୁ ଖେଳ ଆରମ୍ଭ କରି ୪୩ ରନ କରି ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ପନ୍ତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଟିମ୍ ସୌଦି ୬ ରନ କରି ମହମ୍ମଦ ସାମିଙ୍କୁ କ୍ୟାଚ୍ ଦେଇ ଈଶାନ୍ତ ଶର୍ମାଙ୍କ ଚତୁର୍ଥ ଶିକାର ହୋଇଥିଲେ। କାଏଲ ଜେମିସନ ପୁଣି ଉପଯୋଗୀ ବ୍ୟାଟିଂ କରି ୪୫ ବଲରୁ ୧ ଚୌକା ଓ ୪ ଛକା ସହ ୪୪ ରନକରି ବିହାରୀଙ୍କୁ କ୍ୟାଚ୍ ଦେଇ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ଟ୍ରେଣ୍ଟ ବୋଲ୍ଟ ୨୪ଟି ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୧ ଛକା ସହ ୩୮ ରନ ସଂଗ୍ରହ କରି ପନ୍ତଙ୍କୁ କ୍ୟାଚ୍ ଦେଇ ଈଶାନ୍ତଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଈଶାନ୍ତ ସର୍ବାଧିକ ୫, ଅଶ୍ୱିନ ୩, ବୁମ୍‌ରା ଓ ସାମି ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୬୮.୧ ଓଭରରେ ୧୬୫ ଅଲଆଉଟ
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୦୦.୨ ଓଭରରେ ୩୪୮ ଅଲଆଉଟ (ୱିଲିୟମସନ- ୮୯, ଟେଲର- ୪୪, ଗ୍ରାଣ୍ଡହୋମ- ୪୩, ଜେମିସନ- ୪୪, ବୋଲ୍ଟ- ୩୮, ଈଶାନ୍ତ- ୫/୬୮, ଅଶ୍ୱିନ- ୩/୯୯, ବୁମ୍‌ରା- ୧/୮୮, ସାମି- ୧/୯୧)।
- ଭାରତ ଦ୍ୱିତୀୟ ଇନିଂସ: ୬୫ ଓଭରରେ ୧୪୪/୪ (ରାହାନେ- ୨୫*, ବିହାରୀ- ୧୫*, ମୟଙ୍କ- ୫୮, ପୃଥ୍ୱୀ- ୧୪, ପୂଜାରା- ୧୧, କୋହଲି- ୧୯, ବୋଲ୍ଟ- ୩/୨୭, ସୌଦି- ୧/୪୧ )।

### ସଂକ୍ଷେପରେ

## ସଫଳ ଭାରତୀୟ ବୋଲରଙ୍କ ତାଲିକାରେ ଈଶାନ୍ତ



ୱେଲିଂଟନ,୨୩।୨: ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଖେଳାଳିମାନେ ସଂଘର୍ଷ କରୁଥିବାବେଳେ ଈଶାନ୍ତ ଶର୍ମା ଫୁଲ ଫର୍ମରେ ଅଛନ୍ତି। ପ୍ରଥମ ଟେଷ୍ଟର ମାତ୍ର ୪ ଦିନ ପୂର୍ବରୁ ନ୍ୟୁଜିଲାଣ୍ଡରେ ପହଞ୍ଚିଥିବା ଈଶାନ୍ତ ମ୍ୟାଚ୍‌ର ପ୍ରଥମ ଇନିଂସରେ ୫ ଉଇକେଟ ସଫଳତା ପାଇଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୧୧ତମ ୫ ଉଇକେଟ ସଫଳତା। ନ୍ୟୁଜିଲାଣ୍ଡରେ ତୃତୀୟ ଓ ଭାରତ ବାହାରେ ୯ମ ଥର ପାଇଁ ସେ ୫ ଉଇକେଟ ପାଇଛନ୍ତି। ଏଥିସହ ଭାରତୀୟ ଟେଷ୍ଟ ବୋଲରଙ୍କ ମଧ୍ୟରେ ସର୍ବାଧିକ ଥର ୫ ଉଇକେଟ ସଫଳତା ପାଇଥିବା ବୋଲରଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସେ ଏବେ ତାଲିକାର ଯୁଗ୍ମ ୫ମ ସ୍ଥାନରେ ଅଛନ୍ତି। ତାଙ୍କ ସହ ରହିଛନ୍ତି ପୂର୍ବତନ ବାମହାତୀ ପେସର ଜାହିର ଖାଁ। ୩୧ ବର୍ଷୀୟ ଦିଲ୍ଲୀ ପେସର ଈଶାନ୍ତ ଆଉ ଏକ ମାଇଲଷ୍ଟୋନ ଅପେକ୍ଷାରେ ଅଛନ୍ତି। ୩୦୦ ଟେଷ୍ଟ ଉଇକେଟ ପୂରଣ କରିବା ଲାଗି ତାଙ୍କୁ ଆଉ ମାତ୍ର ୩ ଉଇକେଟ ଦରକାର।

## ଗୋଆରେ ଖେଳାଯିବ ଆଇଏସ୍ଏଲ ଫାଇନାଲ

ମୁମ୍ବାଇ,୨୩।୨(ପି.ଟି.): ଗୋଆର ମାର୍ଗାଓଠାରେ ଚଳିତ ସିଜନରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଫାଇନାଲ ଖେଳାଯିବ। ଏ ନେଇ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍‌ସ ଫାଉଣ୍ଡିଂ ମୁଖ୍ୟ ନିତା ଅମ୍ବାନୀ ରବିବାର କହିଛନ୍ତି। ମାର୍ଚ୍ଚ ୧୪ ତାରିଖରେ ରାତି ୭.୩୦ରେ ଫଟୋର୍ଡାସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଆଇଏସ୍ଏଲ ଫାଇନାଲ ମ୍ୟାଚ୍ ଗୋଆ ଆୟୋଜନ କରିବା ଲାଗି ହକ୍‌ଦାର। ଗୋଆରେ ଫୁଟବଲ କ୍ରୀଡ଼ା ଲୋକପ୍ରିୟତା ଖୁବ୍ ରହିଛି। ଜେଏଲଏନ୍ ଷ୍ଟାଡିୟମ ଏଫ୍‌ସି ଗୋଆର ଘରୋଇ ଭେନ୍ୟୁ। ଏହି ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ହାସଲ କରିବା ସହ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨୦୨୧ ଗ୍ରୁପ ପର୍ଯ୍ୟାୟରେ ସ୍ଥାନ ପକ୍କା କରିସାରିଛି। ଅନ୍ତିମ ଥର ଆଇଏସ୍ଏଲ ୨୦୧୫ ସଂସ୍କରଣର ଫାଇନାଲ ମ୍ୟାଚ୍ ଆୟୋଜନ କରିଥିଲା। ଘରୋଇ ଏଫ୍‌ସି ଗୋଆ ଫାଇନାଲରେ ୨-୩ ଗୋଲରେ ଚେନ୍ନାଇନ ଏଫ୍‌ସିଠାରୁ ପରାସ୍ତ ହୋଇଥିଲେ। ଆଇଏସ୍ଏଲ ଚାମ୍ପିୟନ ଦଳ ଏଏଫ୍‌ସି କପ୍ କ୍ୱାଲିଫାୟର୍ସ ଖେଳିବାକୁ ଯୋଗ୍ୟତା ହାସଲ କରିବ। ଯଦି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ଥିବା ଦଳ ଚାମ୍ପିୟନ ହେଲେ ରନର୍ସଅପ୍ ଦଳକୁ ଯୋଗ୍ୟତା ମିଳିବ।

# ଭାରତ–ବାଂଲାଦେଶ ମୁକାବିଲା ଆଜି

**ପର୍ଥ,୨୩।୨((ପି.ଟି.)**

### ଆଇସିସି ମହିଳା ଟି୨୦ ବିଶ୍ୱକପ୍





ଅଷ୍ଟ୍ରେଲିଆରେ ଚାଲିଥିବା ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତ ସୋମବାର ପଡୋଶୀ ବାଂଲାଦେଶକୁ ଭେଟିବ। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତର ଆତ୍ମବିଶ୍ୱାସ ଆକାଶଛୁଆଁ ରହିଛି। ପର୍ଥର ଡବ୍ଲ୍ୟୁଏସିଏ ଗ୍ରାଉଣ୍ଡରେ ଗ୍ରୁପ୍ ଏ'ରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବ। ଶୁକ୍ରବାର ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଲେଗ୍ ସ୍ପିନର ପୁନମ ଯାଦବ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ଅଷ୍ଟ୍ରେଲିଆ ବିପକ୍ଷରେ ୧୭ ରନରେ ବିଜୟୀ କରାଇଥିଲେ। ତେବେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ବାଂଲାଦେଶକୁ ଆଦୌ ହାଲକା ଭାବେ ନେବ ନାହିଁ। କାରଣ ଏହା ପୂର୍ବରୁ ବାଂଲାଦେଶ ୨୦୧୮ ଏସିଆ କପ୍‌ରେ ଭାରତକୁ ୨ଥର ହରାଇଛି। ଜେମିମା ରୋଡ୍ରିଗୁଏଜ ଓ ୧୬ ବର୍ଷୀୟା ବିସ୍ଫୋରକ ଓପନର ଶେଫାଳି ବର୍ମା ଏସିଆ କପ୍ ଦଳର ସଦସ୍ୟା ନ ଥିଲେ। ତେଣୁ ବାଂଲାଦେଶ ବିପକ୍ଷରେ ଏହି ଦୁଇ ଖେଳାଳି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ବାଂଲାଦେଶ ବିପକ୍ଷ ଗତ ୫ଟି ମ୍ୟାଚ୍‌ରେ ଭାରତ ୩ଟିରେ ବିଜୟୀ ହୋଇ ଆଗରେ ରହିଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ନକ୍- ଆଉଟ ପର୍ଯ୍ୟାୟର ନିକଟତର ହେବ।

ଭାରତ ବ୍ୟାଟିଂରେ ଉନ୍ନତି କରିବା ଅପରିହାର୍ଯ୍ୟ ହୋଇପଡିଛି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ମାତ୍ର ୧୩୨ ରନ କରି ଅଲଆଉଟ ହୋଇ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ଗତ ତ୍ରିରାଷ୍ଟ୍ରୀୟ ସିରିଜରେ ଭାରତୀୟ ବ୍ୟାଟିଂରେ ସ୍ଥିରତା ପରିଲକ୍ଷିତ ହୋଇ ନ ଥିଲା। କେତୋଟି ମ୍ୟାଚ୍‌କୁ ବାଦ୍ ଦେଲେ ଭାରତ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ପୁନମ ଅସାଧାରଣ ପ୍ରଦର୍ଶନ ନ କରିଥିଲେ ଭାରତ ବିଜୟୀ ହୋଇପାରି ନ ଥାନ୍ତା। ତ୍ରିରାଷ୍ଟ୍ରୀୟ ସିରିଜରେ ଅଧିନାୟିକା ହରମନପ୍ରୀତ ଓ ଓପନର ସ୍ମୃତି ମାନ୍ଧାନା ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ବିଫଳ ହୋଇଥିଲେ। ବଡ଼ ସ୍କୋର ହାସଲ କରିବାକୁ ହେଲେ ଏହି ଦୁଇ ଖେଳାଳିଙ୍କୁ ଭଲ ବ୍ୟାଟିଂ କରିବାକୁ ହେବ। ପ୍ରଥମ ମ୍ୟାଚ୍‌ରେ ୪୬ ବଲରୁ ୪୯ ରନ କରିଥିବା ଦୀପ୍ତି ଶର୍ମା ତାଙ୍କର ଏହି ପ୍ରଦର୍ଶନକୁ ଦୋହରାଇବାକୁ ପଡିବ।

**ମ୍ୟାଚ୍ ଆରମ୍ଭ: ଭୋର ୪.୩୦**
**ସ୍ଥାନ: ପର୍ଥ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱାର୍କ, ଡିଡି ନ୍ୟାଶନାଲ**

# ସାମାଜିକ ବାର୍ତ୍ତା ନେଇ କ୍ରିକେଟ୍



ପୁରସ୍କାର ସହ ଚାମ୍ପିୟନ ଓ ରନର୍ସଅପ୍ ଦଳ ଅତିଥିଙ୍କ ସହ ।

**ଭୁବନେଶ୍ୱର, ୨୩।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ଓ କର ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍–୬ସ୍ଥିତ ପ୍ରଗତି ସ୍ପୋର୍ଟିଂ ପଡ଼ିଆରେ ରବିବାର ସେଲିବ୍ରିଟି ଚ୍ୟାରିଟି କ୍ରିକେଟ୍ ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ସମାଜସେବାର ଚେତନା ସୃଷ୍ଟି ପାଇଁ ଅନୁଷ୍ଠାନ ତରଫରୁ ଚ୍ୟାରିଟି କ୍ରିକେଟ୍ ଆୟୋଜନ କରାଯାଇଥିଲା। ଏଥିରେ ସମାଜର ବିଭିନ୍ନ ବର୍ଗରୁ ପ୍ରତିଷ୍ଠା ଲାଭ କରିଥିବା ନେତା, ଅଭିନେତା, ଖବରଦାତା, ସାମାଜିକ କର୍ମୀ ପ୍ରମୁଖ ବିଭିନ୍ନ ସାମାଜିକ ସ୍ଲୋଗାନ ଲେଖାଥିବା ଜର୍ସି ପିନ୍ଧି କ୍ରିକେଟ୍ ଖେଳିଥିଲେ। ଏଥିରେ ଅତିଥି ରୂପେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସମାଜସେବୀ ରୁଦ୍ର ସାମନ୍ତରାୟ, କର ଫାଉଣ୍ଡେଶନ ଅଧ୍ୟକ୍ଷ ଅଭିନେତା ଚନ୍ଦନ କର, ରିମେଡିଆଲ୍ ଚ୍ୟାରିଟେବଲ୍ ଟ୍ରଷ୍ଟର ଅଧ୍ୟକ୍ଷ ବିକ୍ରମ କେଶରୀ ସାମଲ, ପୂର୍ବତନ ଖଦି ବୋର୍ଡ ସଭାପତି ତେଜେଶ୍ୱର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଫାଇନାଲରେ ଅଭିନେତା ଦଳକୁ ହରାଇ ରାଜନୈତିକ ଦଳ ଚାମ୍ପିୟନ ହୋଇଥିଲା। ଚଳଚ୍ଚିତ୍ର ଅଭିନେତା ହର ରଥ, ସମାଜବାଦୀ ପାର୍ଟି ଓଡ଼ିଶାର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଅଭିନେତ୍ରୀ ଆହାନା, ଅଭିନେତ୍ରୀ ପ୍ରିୟଙ୍କା ଦାଶ ଓ ପ୍ରିୟଙ୍କା ମହାପାତ୍ର ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। 'ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ଅଭିନେତା ରାକେଶ ଦେଓ ଓ ଯୁବନେତା ସୁଶୀଲ ପୁରସ୍କୃତ ହୋଇଥିଲେ। ଯୁବ କଂଗ୍ରେସ ନେତା ନଳିନୀକାନ୍ତ ନାୟକ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଓ ବାସୁଦେବ ଭଞ୍ଜ ଶ୍ରେଷ୍ଠ ଫିଲଡର୍ ପୁରସ୍କାର ପାଇଥିଲେ। ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ଅଧ୍ୟକ୍ଷ ମୀର ଅହମ୍ମଦ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶାନ୍ତ ମଲ୍ଲିକ ଓ ଟୁନା ସାହୁ ସହଯୋଗ କରିଥିଲେ।

## ରୋନାଲ୍ଡୋଙ୍କ ରେକର୍ଡ ସ୍କୋର



ଫେରାରା,୨୩।୨: କ୍ରିଷ୍ଟିଆନୋ ରୋନାଲ୍ଡୋ ପେସାଦାର ଫୁଟବଲରେ ୧୦୦୦ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ଗୋଲ ସ୍କୋର କରି ଏହାକୁ ସ୍ମରଣୀୟ କରି ଦେଇଛନ୍ତି। ଚଳିତ ସିରି ଏ' ଲିଗ୍‌ରେ ଜୁଭେଣ୍ଟସ ପାଇଁ ଖେଳୁଥିବା ରୋନାଲ୍ଡୋଙ୍କ ଏହା କ୍ରମାଗତ ୧୧ତମ ଗୋଲ। ଏଥିଯୋଗୁ ଶନିବାର ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଜୁଭେଣ୍ଟସ ୨-୧ ଗୋଲରେ ଏସ୍‌ପଲକୁ ହରାଇ ଦେଇଛି। ରୋନାଲ୍ଡୋଙ୍କ ଛଡ଼ା ବିଜୟୀ ଦଳ ଲାଗି ଆରୋନ ରାମସେ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଯୋଗୁ ଜୁଭେଣ୍ଟସ କ୍ରମାଗତ ୯ମ ସିରି ଏ' ଟାଇଟଲ ହାତେଇବା ନିଶ୍ଚିତ ହୋଇଛି। ଚଳିତ ସିଜନରେ ୩୫ ବର୍ଷୀୟ ରୋନାଲ୍ଡୋଙ୍କ ଏହା ୨୧ତମ ଗୋଲ। ଫଳରେ ସେ ଫାବିଓ କୁଆଗଲିରେଲା ଓ ଗାବ୍ରିଏଲ ବାତିଷ୍ଟୁଟାଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଏମାନେ ଲିଗ୍‌ରେ କ୍ରମାଗତ ୧୧ ମ୍ୟାଚ୍‌ରେ ଗୋଲ ଦେଇଛନ୍ତି। ଦେଶ ଓ କ୍ଲବ ସ୍ତରରେ ସେ ଏକ ହଜାର ମ୍ୟାଚ୍ ପୂରଣ କରିଛନ୍ତି।

**ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ**

# ଓଡ଼ିଶାର ସେମିଫାଇନାଲ ଆଶା ଧୂଳିସାତ

**କଟକ ଅଫିସ,୨୩।୨**

ଓଡ଼ିଶାର ରଣଜୀ ଟ୍ରଫି ସେମିଫାଇନାଲ ଖେଳିବା ଆଶା ଧୂଳିସାତ ହୋଇଛି। କ୍ୱାର୍ଟର ଫାଇନାଲ ରାଉଣ୍ଡରୁ ଅଭିଯାନ ଶେଷପଥରେ ରହିଛି ଶୁଭ୍ରାଂଶୁ ସେନାପତିଙ୍କ ଦଳ। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ବେଙ୍ଗଲ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ୪ର୍ଥ ଦିବସ ଖେଳ ଶେଷ ହୋଇଥିବା ବେଳେ ଭ୍ରମଣକାରୀ ବେଙ୍ଗଲ ଦ୍ୱିତୀୟ ଇନିଂସରେ ୭ ଉଇକେଟ ହରାଇ ୩୬୧ ରନ କରିଛି। ଏଥି ସହିତ ବେଙ୍ଗଲ ୪୪୩ ରନର ଅଗ୍ରଣୀ ନେଇଛି। ସ୍ପିନର ଶାହବାଜ ଅହମ୍ମଦ ପୁନର୍ବାର ଏକ ଚମତ୍କାର ଇନିଂସ ଖେଳିବା ସହ ୫୨ରନରେ ଅପରାଜିତ ଅଛନ୍ତି। ଗୋଟିଏ ଦିନର ଖେଳ ବାକି ରହିଥିବା ଏହି ମ୍ୟାଚ୍ ଅମୀମାଂସିତ ଫଳାଫଳ ଆଡକୁ ଗତି କରୁଛି। ଫଳରେ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଥିବା ବେଙ୍ଗଲ ସେମିଫାଇନାଲରେ ପ୍ରବେଶ କରିବାର ସୁଯୋଗ ପାଇବ।

ବେଙ୍ଗଲର ପ୍ରଥମ ଇନିଂସ ୩୩୨ ଜବାବରେ ଓଡ଼ିଶାର ପ୍ରଥମ ଇନିଂସ ୨୫୦ ରନରେ ସୀମିତ ରହିଥିଲା। ଶନିବାର ଖେଳ ଶେଷସୁଦ୍ଧା ବେଙ୍ଗଲ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ୨ ଉଇକେଟ ବିନିମୟରେ ୭୯ରନ କରିଥିଲା। ମନୋଜ ତିୱାରୀ ୩ ଓ ଅଭିଷେକ ରମଣ ୪ରନରେ ଅପରାଜିତ ଥିଲେ। ରବିବାର ମନୋଜ ୬ ରନ କରିଥିବା ବେଳେ ଦେବବ୍ରତ ପ୍ରଧାନଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପ୍ରଥମ ଇନିଂସରେ ଶତକୀୟ ଇନିଂସ ଖେଳିଥିବା ଅନୁଷ୍ଟୁପ ମଜୁମଦାରଙ୍କୁ ୧୦ରନରେ କ୍ୟାଚ୍ ଆଉଟ କରିଥିଲେ ଗୋବିନ୍ଦ ପୋଦ୍ଦାର। ୧୧୫ରନରେ ୪ଟି ଉଇକେଟ ହରାଇଥିବା ବେଙ୍ଗଲ ୫ମ ଉଇକେଟ ଭାଗୀଦାରିରେ ୧୦୨ରନ ସଂଗ୍ରହ କରିଥିଲା। ଅଭିଷେକ ରମଣ ଓ ଶ୍ରୀବତ୍ସ ଗୋସ୍ୱାମୀ ଦୀର୍ଘ ସମୟ ଧରି କ୍ରିଜରେ ତିଷ୍ଠି ରହିଥିଲେ। ୬୭ ରନରେ ଅଭିଷେକଙ୍କୁ କ୍ୟାଚ୍ ଆଉଟ କରି ଗୋବିନ୍ଦ ଓଡ଼ିଶା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍‌ଥ୍ରୁ ଦେଇଥିଲେ। ୧୧୬ ବଲରୁ ଶତକ ହାସଲ କରିଥିବା ଶ୍ରୀବତ୍ସ ପ୍ରୀତ କନୱରଙ୍କ ବଲରେ ଏଲବିଡବ୍ଲ୍ୟୁ ହେବା ପରେ ୭ମ ଉଇକେଟରେ ଶାହବାଜ ଅହମ୍ମଦ ଓ ଅର୍ନବ ନନ୍ଦି ୭୮ରନ ସଂଗ୍ରହ କରିଥିଲେ। ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ରନ ସଂଗ୍ରହ ଓଡ଼ିଶା ଦଳକୁ ସେମି ଆଶାରୁ ଦୂରେଇ ନେଇଥିଲା। ବଡ ଶଟ୍ ଖେଳୁଥିବା ଅର୍ନବ ୪୫ରନରେ ଅନୁରାଗ ଷଡ଼ଙ୍ଗୀଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହୋଇଥିବା ବେଳେ ଶାହବାଜ ୫୨ ଓ ମୁକେଶ କୁମାର ୬ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ଗୋବିନ୍ଦ ସର୍ବାଧିକ ୩ଟି, ଅନୁରାଗ ୨ଟି ଓ ଦେବବ୍ରତ, ପ୍ରୀତ କନୱର ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି।



ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ୍ ମ୍ୟାଚ।

### ଅନେକ ସୁଯୋଗ ହାତଛଡ଼ା ହେଲା

ଖେଳର ୪ର୍ଥ ଦିବସରେ ଓଡ଼ିଶା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ରହିଥିଲା। ଭ୍ରମଣକାରୀ ବେଙ୍ଗଲ ଦଳକୁ ଖୁବ୍‌ଶୀଘ୍ର ଅଲଆଉଟ କରି ବିଜୟ ଲକ୍ଷ୍ୟ ପିଛା କରିଥିଲେ ହୁଏତ ଓଡ଼ିଶା ସେମିଫାଇନାଲ ପାଇଁ ଆଶା ସୃଷ୍ଟି କରିଥାନ୍ତା। ହେଲେ ଫିଲ୍ଡିଂରେ ଅନେକ ତ୍ରୁଟି କରିଛି ଓଡ଼ିଶା। ଏହା ମଧ୍ୟରେ ୩ଟି କ୍ୟାଚ୍ ଓ ଗୋଟିଏ ଲେଖାଏ ଷ୍ଟମ୍ପିଂ, ରନଆଉଟ ମିସ୍ ହୋଇଥିବା ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଇନିଂସରେ ବେଙ୍ଗଲ ପକ୍ଷରୁ ସର୍ବାଧିକ ରନ କରିଥିବା ଶ୍ରୀବତ୍ସଙ୍କ ଷ୍ଟମ୍ପିଂ ମିସ୍ ଓଡ଼ିଶା ପାଇଁ ଭାରି ପଡ଼ିଛି।

### ଦୁଇ ଇନିଂସରେ ଦୁଇଟି ତ୍ରୁଟି

ଦୁଇଟି ଯାକ ଇନିଂସରେ ଦୁଇଟି ମୁଖ୍ୟ ତ୍ରୁଟି ଆମକୁ ସେମିରୁ ବଞ୍ଚିତ କରିଛି ବୋଲି କୋଚ୍ ରଶ୍ମିରଞ୍ଜନ ପରିଡ଼ା କହିଛନ୍ତି। ପ୍ରଥମ ଇନିଂସରେ ୪୬ ରନରେ ୫ଟି ଉଇକେଟ ଅକ୍ତିଆର କରିବା ପରେ ବେଙ୍ଗଲ ଏକ ବିଶାଳ ଭାଗୀଦାରି ଗଢ଼ିଥିଲା। ଦ୍ୱିତୀୟ ଇନିଂସରେ ମଧ୍ୟ ୧୧୫ ରନରେ ୪ଟି ଉଇକେଟ ଦଖଲ କରିବା ପରେ ଦଳୀୟ ସ୍କୋର ୩୦୦ ଟପିଛି। ପାର୍ଟନରଶିପ୍ ଭାଙ୍ଗିବାରେ ଆମ ବୋଲର ସକ୍ଷମ ନ ହେବା ମହଙ୍ଗା ପଡ଼ିଲା ବୋଲି ରଶ୍ମି କହିଛନ୍ତି।

### ପ୍ରୀତଙ୍କ ବିମର୍‌କୁ ନେଇ ଚର୍ଚ୍ଚା

୪ର୍ଥ ଦିନର ଖେଳରେ ପ୍ରୀତ କନୱରଙ୍କ ବିମର୍‌କୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ପଦାର୍ପଣ ମ୍ୟାଚ୍ ଖେଳୁଥିବା ଡାହାଣହାତୀ ପେସ୍ ବୋଲର ପ୍ରୀତ ୨ୟ ସେସନରେ ଏଭଳି ଏକ ବଲ୍ ପକାଇଥିଲେ, ଯାହା ଉଇକେଟ କିପର ରାଜେଶ ଧୂପରଙ୍କ ମୁଣ୍ଡ ଉପରେ ଯିବା ସହ ୩୦ୟାର୍ଡ ମଧ୍ୟ ଟପି ଯାଇଥିଲା। ଅନ୍ତିମ ସେସନ୍‌ରେ ମଧ୍ୟ ଏଭଳି ଏକ ଘାତକ ବିମର୍ ପ୍ରୀତଙ୍କ ବୋଲିଂରେ ଦେଖିବାକୁ ମିଳିଥିଲା।

# ଧରିତ୍ରୀ
DHARITRI

## ସଂକ୍ଷେପରେ

### ଧାନବସ୍ତା ପଡ଼ି ଟ୍ରକ୍ ଚାଳକଙ୍କ ମୃତ୍ୟୁ

ଏରସମା,୨୩।୨(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଧାନ ମଣ୍ଡିରେ ରବିବାର ଏକ ଅଘଟଣ ଘଟିଛି। ଟ୍ରକ୍‌ରେ ଧାନବସ୍ତା ଲଦା ହେଉଥିବାବେଳେ ଏକ ବସ୍ତା ଜଣେ ଟ୍ରକ୍ ଚାଳକଙ୍କ ଉପରେ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ତିର୍ତ୍ତୋଲ ଥାନା ଜଗନ୍ନାଥପୁର ପଞ୍ଚାୟତସ୍ଥିତ ଅଇରୀ ଗ୍ରାମର କ୍ଷୀରୋଦ ସ୍ୱାଇଁ। ସମ୍ପୃକ୍ତ ମଣ୍ଡିକୁ ଧାନ ନେବା ପାଇଁ ଆସିଥିବା ଟ୍ରକର ଚାଳକ ଭାବେ କ୍ଷୀରୋଦ କାର୍ଯ୍ୟ କରୁଥିଲେ। ଟ୍ରକ୍‌ରେ ଧାନ ଲଦା ହେଉଥିବାବେଳେ ଡାଲା ପାଖରେ କ୍ଷୀରୋଦ ଛିଡା ହୋଇଥିଲେ। ହଠାତ୍ ଟ୍ରକ ଉପରୁ ଏକ ଧାନ ବସ୍ତା ତାଙ୍କ ଉପରକୁ ଖସି ପଡିଥିଲା। ଫଳରେ କ୍ଷୀରୋଦ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏରସମା ପୋଲିସ ଏକ ଅପମୃତ୍ୟୁ ମାମଲା ନଂ-୨/୨୦ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଏସଆଇ ଦୀନେଶ କୁମାର ପଟ୍ଟ ସୂଚନା ଦେଇଛନ୍ତି।

### ପ୍ରତିଶ୍ରୁତି ଭୁଲିଗଲେ ଜିଲାପାଳ

କୁଜଙ୍ଗ,୨୩।୨(ଡି.ଏନ.ଏ.): ପ୍ରତିଶ୍ରୁତି ଦେଇ ଭୁଲିଗଲେ ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର। ୧୫ ଦିନକୁ କଣ୍ଟ କରିଥିଲେ, ହେଲେ ଦେଖା ଦେଲେନି। ଏଭଳି ଅଭିଯୋଗ ଆଣିଛନ୍ତି କୁଜଙ୍ଗ ବ୍ଲକ ଅଧୀନ ଢିଙ୍କିଆ ଚାରିଦେଶର ଜନସାଧାରଣ। ପୋସ୍କୋ ପ୍ରକଳ୍ପ ଫେରିଯିବା ପରେ ଢିଙ୍କିଆ ଚାରିଦେଶରେ ଜିନ୍ଦଲ ୭୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ମେଗା ଇସ୍ପାତ ପ୍ରକଳ୍ପ କରିବାକୁ ଯୋଜନା ରଖିଛି। ଏଥିପାଇଁ ଜିଲାପାଳ ଘନ ଘନ ଗସ୍ତକରି ଗଡ଼ କୁଜଙ୍ଗ, ନୂଆଗାଁ ଅଞ୍ଚଳରେ ବୈଠକ କରି ସାଧାରଣଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ପ୍ରତି ୧୫ ଦିନରେ ଥରେ ଆସି ପ୍ରତ୍ୟେକ ଗ୍ରାମରେ କମିଟି ଗଠନ କରି ଅଞ୍ଚଳର ପୁଅ ହିସାବରେ ସମସ୍ୟା ବୁଝିବେ ବୋଲି କହିଥିଲେ। ମୁଁ ବୁଝି ନ ପାରିଲେ ଅନ୍ୟ କେଉଁ କର୍ମକର୍ତ୍ତା ବୁଝି ପାରିବେନି। ଏପରି କି ମୋର ବୁଝିବାରେ ତ୍ରୁଟି ହେଲେ ଚାକିରି ଛାଡିଦେବି ବୋଲି ବହୁ ବିଶ୍ୱସନୀୟ କଥା କହିଯାଇଥିଲେ। ଗାଁ ପୁଅ ଭାବି ତିନି ପଞ୍ଚାୟତର ଶତାଧିକ ମହିଳାପୁରୁଷ ଓ ଯୁବ ଗୋଷ୍ଠୀ, ସାମାଜିକ ଅନୁଷ୍ଠାନ ରାଜି ହୋଇ ଡିସେମ୍ବର ୨୨ରେ ଜିନ୍ଦଲର ହୋଇଥିବା ଜନଶୁଣାଣିକୁ ସମର୍ଥନ ଜଣାଇଥିଲେ। ଏହି ଶୁଣାଣିକୁ ଦୁଇ ମାସ ବିତି ଗଲାଣି। ମାତ୍ର ଜିଲାପାଳଙ୍କ ଦେଖାନାହିଁ। ସେହିପରି ଅନ୍ୟ ପ୍ରଶାସନିକ ଅଧିକାରୀମାନେ ମଧ ଆସୁନାହାନ୍ତି। ଏସବୁ ପ୍ରସଙ୍ଗକୁ ନେଇ ୩ ପଞ୍ଚାୟତବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ନିକଟସ୍ଥ ତୈଳ ବିଶୋଧନାଗାରରେ ଜମି ହରାଇବା ପରେ ଜମିହରା ଯେପରି ଧାରଣାରେ ବସିଛନ୍ତି ଆଗକୁ ସେଭଳି ପରିସ୍ଥିତି ହେବ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜିଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଚୋରି ସନ୍ଦେହରେ ଥାନାକୁ ଡାକି ପିଟିଲେ ଏସ୍‌ଆଇ

ବାଲିକୁଦା,୨୩।୨(ସ୍ୱ.ପ୍ର.)



ଆହତ ଯୁବକ।

■ ଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

■ ମିଳିଲାନି ଚୋରିର ପ୍ରମାଣ

■ ନ୍ୟାୟ ନ ମିଳିଲେ ହେବ ଜନ ଆନ୍ଦୋଳନ

ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ୍ ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ବଜାରରେ ହୋଇଥିବା ଚୋରି ଘଟଣା ଭିନ୍ନ ମୋଡ ନେଇଛି। ଏହି ଚୋରି ଘଟଣାରେ ନହରଣା ଗ୍ରାମର ବୀରବର ପରିଡାଙ୍କ ପୁଅ ଲୁଲୁ ସମ୍ପୃକ୍ତ ଥିବା ସନ୍ଦେହ କରି ପୋଲିସ ତାଙ୍କୁ ୨୨ ତାରିଖ ଦିନ ଥାନାକୁ ଡାକିଥିଲା। ଲୁଲୁ ଓ ତାଙ୍କ ବାପା ଆସି ଥାନାରେ ପହଞ୍ଚିଥିଲେ। ପରେ ଥାନା ଏସ୍‌ଆଇ ରାମସିଂ ହେମ୍ବ୍ରମ ବାପପୁଅଙ୍କୁ ପଚରା ଉଚରା କରିଥିଲେ। ତବେ ପ୍ରଶ୍ନ ଉତ୍ତରରେ କିଛି ଅସୁବିଧା ହେବାରୁ ଏସ୍‌ଆଇ ରାମସିଂ ରାଗି ଯାଇ ଲାଠିରେ ଲୁଲୁଙ୍କୁ ଅତି ଅମାନୁଷିକ ଭାବେ ପିଟିଥିଲେ। ଲୁଲୁଙ୍କ ବାପା ପୁଅକୁ ମାଡ଼ ନ ମାରିବା ପାଇଁ ରାମସିଂଙ୍କୁ ନେହୁରା ହୋଇଥିଲେ ମଧ ସେ ଶୁଣି ନ ଥିଲେ। ପୁଅ ମାଡ଼ ଖାଉଥିବା ଦେଖି ବାପା ଥାନା ଭିତରେ ସଂଜ୍ଞାହୀନ ହୋଇ ପଡିଥିଲେ। ରାମସିଂ ଏତେ ମାଡ଼ ମାରିବା ପରେ ମଧ ଲୁଲୁଙ୍କଠାରୁ ଚୋରି ସମ୍ପର୍କରେ କୌଣସି ସୂଚନା ପାଇ ପାରି ନ ଥିଲେ। ଶେଷରେ ତାଙ୍କୁ ଛାଡ଼ି ଦେଇଥିଲେ। ରାମସିଂଙ୍କ ମାଡ଼ରେ ଲୁଲୁ ଗୁରୁତର ହୋଇଛନ୍ତି। ରବିବାର ପରିବାର ଲୋକେ ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଏକ୍ସ-ରେ ପାଇଁ ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫର କରିଛନ୍ତି। ଅନ୍ୟପକ୍ଷରେ ଏହି ମାଡ଼ ଘଟଣା ନେଇ ଲୁଲୁଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ବିଭାଗୀୟ ମୁଖ୍ୟ ଜାଣିଲେ କାଳେ କିଛି ଅସୁବିଧା ହେବ ସେହି ଡର ଏବେ ଏସ୍‌ଆଇ ରାମସିଂଙ୍କୁ ଘାରିଛି। ସମ୍ପୃକ୍ତ ଯୁବକଙ୍କୁ ଭୁଲ୍‌ରେ ମାଡ଼ ମାରିଥିବା ସେ ସ୍ୱୀକାର କରିବା ସହିତ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଜରିଆରେ ମାମଲା ସମାଧାନ କରିବାକୁ ଅଣ୍ଟା ଭିଡିଛନ୍ତି। ଏଠି ପ୍ରଶ୍ନ ଉଠୁଛି ପୋଲିସ ଜନତାକୁ ସୁରକ୍ଷା ଦେବା ବଦଳରେ ଅତ୍ୟାଚାର କରୁଛି। ସରକାରଙ୍କ 'ଆମ ପୋଲିସ' ଏଠି କିପରି ଚାଲୁଛି ତାହା ସହଜେ ଅନୁମେୟ। ଏଭଳି ଘଟଣାରେ ଉଚ୍ଚ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜନ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଏସଆଇ ହେମ୍ବ୍ରମଙ୍କୁ ପଚାରିବାରୁ ସେ କହିଥିଲେ, ଥାନାରେ ସମ୍ପୃକ୍ତ ଯୁବକ ଆମକୁ ନାଲି ଆଖି ଦେଖାଇ କଥା ବର୍ତ୍ତା କରିଥିଲେ। ମୁଁ ଚୋରି କରିଛି ବୋଲି ଯଦି ପ୍ରମାଣ କିଏ ଦିଏ ତା'ହେଲେ ତାଙ୍କୁ ସବୁଦିନ ପାଇଁ ଶେଷ କରିଦେବି ବୋଲି ଧମକ ଦେଇଥିଲେ। ଏଥିରେ ମୁଁ ରାଗିଯାଇ ତାଙ୍କୁ ମାଡ଼ ମାରିଛି। କିନ୍ତୁ ଏହା ମୋର ଭୁଲ୍। ତାଙ୍କ ମେଡିକାଲ ଖର୍ଚ୍ଚ ଯାହା ହୋଇଥିବ ପରିଶୋଧ କରିବି ବୋଲି ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ବଜାରରେ ଥିବା ଏକ ସାଇକେଲ ଓ ମୋଟର ସାଇକେଲ ମରାମତି ଦୋକାନରୁ ୨୦ ତାରିଖ ରାତିରେ ଚୋରି ହୋଇଥିଲା। ଏ ସମ୍ପର୍କରେ ଦୋକାନ ମାଲିକ ଅଭୟ ମୁଦୁଲି ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଉକ୍ତ ଘଟଣାରେ ୧୦/୨୦ରେ ମାମଲା ରୁଜୁ କରାଯାଇଥିଲା। ୨୨ ତାରିଖରେ ଏହି ଘଟଣାରେ ସନ୍ଦେହ କରି ଲୁଲୁଙ୍କୁ ପୋଲିସ ଥାନାକୁ ଡକିଥିଲା। ଲୁଲୁଙ୍କ ସହିତ ତାଙ୍କ ବାପା ମଧ ଆସିଥିଲେ। ମାତ୍ର ଥାନାରେ ଏସ୍‌ଆଇ ବାପ ପୁଅଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାକୁ ବୀରବର ବିରୋଧ କରିଥିଲେ। ତେଣୁ ରାଗିଯାଇ ଏସ୍‌ଆଇ ମାଡ଼ ମାରିଥିବା ଲୁଲୁଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପରେ ଥାନାରେ ଲାଗୁ କରାଯାଇଥିବା ମୋ ସରକାର ଓ ୫-ଟି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପ୍ରଧାନଶିକ୍ଷକଙ୍କ ବିରୋଧରେ ମାମଲା ରୁଜୁ, ତଦନ୍ତ ଆରମ୍ଭ

ଯାଜପୁର ଅଫିସ,୨୩।୨

**ଛାତ୍ରଙ୍କୁ ଆଡମିଟ କାର୍ଡ ନ ମିଳିବା ଘଟଣା**

■ ଡିଇଓଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

ମଙ୍ଗଳପୁର ଥାନା ଅଧୀନ ଛଚିଣା ପଞ୍ଚାୟତ ବଉଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ତ୍ରୁଟି ପାଇଁ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି ଛାତ୍ର ସୌମ୍ୟରଞ୍ଜନ ମହାନ୍ତି। ଏନେଇ ସୌମ୍ୟରଞ୍ଜନଙ୍କ ମା' ସ୍ୱପ୍ନା ମହାନ୍ତି ଗତ ୧୮ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଓ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ମଙ୍ଗଳପୁର ପୋଲିସ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ସାହୁଙ୍କ ବିରୋଧରେ ଛାତ୍ରଙ୍କୁ ଠକିଥିବା ଦର୍ଶାଇ ଏକ ମାମଲା (ନଂ.୬୫/୨୦) ରୁଜୁକରି ତଦନ୍ତ ଜାରି ରଖିଛି। ତଦନ୍ତ ଅଧିକାରୀ ହରିଶ ଚନ୍ଦ୍ର ସିଂ ଘଟଣାର ତଦନ୍ତ କରିବା ପରେ ଥାନା ପକ୍ଷରୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ଚିଠି ମାଧମରେ ସୁପାରିସ କରାଯାଇଥିବା ତଦନ୍ତ ଅଧିକାରୀ ସିଂ ସୂଚନା ଦେଇଛନ୍ତି। ଏହାଛଡା ସେହି ବିଦ୍ୟାଳୟର ଛାତ୍ର ଗୋଲଖ ବାରିକଙ୍କ ପୁଅ ସୌମ୍ୟରଞ୍ଜନ ବାରିକ ମଧ ପ୍ରବେଶପତ୍ର ପାଇ ନ ଥିବାରୁ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଦିଗରୁ ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ଆଡୁ ଚାପ ପକାଯାଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ମୋବାଇଲ ବନ୍ଦ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।



ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

# ଜଳିଗଲା ହୋଟେଲ, ଜଳଖିଆ ଦୋକାନ

ଜଗତ୍‌ସିଂହପୁର ଅଫିସ,୨୩।୨

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଢିଅସାହି ବଜାର ଓ ସ୍ଥାନୀୟ ଗାନ୍ଧିଛକସ୍ଥିତ ଏକ ହୋଟେଲରେ ରବିବାର ପୂର୍ବାହ୍ନରେ ନିଆଁ ଲାଗିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପୃଥକ ସ୍ଥାନରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ପରିସ୍ଥିତି ନିୟନ୍ତ୍ରିତ କରିଛନ୍ତି। ସୂଚନା ମୁତାବକ ସିଙ୍ଗିପୁରର ବାବନ ସାହୁଙ୍କ ଜଳଖିଆ ଦୋକାନରେ ନିଆଁ ଲାଗିଥିବା ପ୍ରଥମେ ସୂଚନା ମିଳିଥିଲା। ଜଳଖିଆ ଦୋକାନର କୌଣସି ସ୍ଥାନରେ ଶର୍ଟ୍ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ତେବେ ଏହି ନିଆଁ କୌଣସିମତେ ଗ୍ୟାସ୍ ସିଲିଣ୍ଡରକୁ ଛୁଇଁଥିଲା। ପରେ ଗ୍ୟାସ୍ ଟାଙ୍କି ଜଳିବା ଆରମ୍ଭ କରିବାରୁ ଦୋକାନରେ ଥିବା ମାଲିକ ଓ କର୍ମଚାରୀମାନେ ଧାଇଁ ବାହାରକୁ ପଳାଇ ଯାଇଥିଲେ। କିଛି ସମୟ ପରେ ଗ୍ୟାସ୍ ଟାଙ୍କି ଫାଟିବାରୁ ଆଜବେଷ୍ଟସ୍ ଉଡି ଯାଇଥିଲା। ଏହି ଶବ୍ଦ ଏତେ ତୀବ୍ର ଥିଲା ଯେ ବଜାରରେ ଥିବା ଶହସ୍ରାଧିକ ଲୋକ ଭୟଭୀତ ହୋଇ ପଡିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଦୋକାନର ଟେବୁଲ୍, ଚେୟାର, ଖାଦ୍ୟ ସାମଗ୍ରୀ, ଖାଦ୍ୟ ଆଦି ନଷ୍ଟ ହୋଇଯାଇଥିଲା। ପାଖରେ ଥିବା ଷ୍ଟେସନାରୀ ଦୋକାନରେ ନିଆଁର ପ୍ରଭାବ ସାମାନ୍ୟ ଯୋଗୁ ଏହି ଦୋକାନଟି ଆକସ୍ମିକ ଦୁର୍ଘଟଣାରୁ ବର୍ତ୍ତି ପାରିଥିଲା। ଅନୁରୂପ ଭାବେ ସ୍ଥାନୀୟ ଗାନ୍ଧୀ ଛକସ୍ଥିତ ହୋଟେଲ ନ୍ୟୁ ଗାର୍ଡେନ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ହୋଟେଲ ମାଲିକ ସେକ୍ ରେହେମତୁଲ୍ଲାଙ୍କ କହିବାନୁଯାୟୀ ହୋଟେଲରେ ଏକ ଜନ୍ମଦିନ ପାର୍ଟି ଥିଲା। ନିକଟରେ ହୋଟେଲ ପଛପଟେ ୪ଟି କଟେଜ୍ ନବୀକରଣ ହୋଇଛି। ଅର୍ଥାତ୍ ଏହା ଭିତରେ ପୃଥକ ଭାବେ ୪ଟି କଟେଜ୍‌ରେ କପଡ଼ା ସିଲିଂ କରାଯାଇଛି। ପାର୍ଟି ଆରମ୍ଭରୁ କେକ୍ କଟାଯିବା ସମୟରେ ହଠାତ୍ ଏହିସବୁ କଟେଜ୍‌ରୁ ନିଆଁ ଓ ଧୂଆଁ ବାହାରିବା ଦେଖାଯାଇଥିଲା। ସଙ୍ଗେସଙ୍ଗେ ଲୋକେ ସେ ସ୍ଥାନ ଛାଡି ବାହାରକୁ ଚାଲି ଯାଇଥିଲେ। ଏହା ଭିତରେ ନିଆଁ ଗୋଟିଏ ପରେ ଗୋଟିଏ ଏହିପରି ୪ଟି ଯାକ କଟେଜ୍‌କୁ ଛୁଇଁଥିଲା। ଦମକଳ ବାହିନୀ କର୍ମଚାରୀ ପହଞ୍ଚିଲାବେଳକୁ ୩ଟି କଟେଜ୍ ଜଳି ଯାଇଥିଲା। କର୍ମଚାରୀଙ୍କ ଉଦ୍ୟମ ଯୋଗୁ ନିଆଁକୁ ଆୟତ୍ତ କରାଯାଇ ପାରିଥିଲା। ହୋଟେଲରେ ଥିବା ଫ୍ୟାନ୍, ଚେୟାର, ଟେବୁଲ୍ ଆଦି ଅନେକ କିଛି ଜଳି ଯାଇଥିବା ଜଣାଯାଇଛି।

# କାର ଧକ୍କାରେ ସାଇକେଲ ଆରୋହୀ ମୃତ

କଟକ ସଦର/ବାଲିଆ,୨୩।୨ (ଡି.ଏନ.ଏ.)

■ କ୍ଷତିପୂରଣ ଦାବିରେ ୨ ଘଣ୍ଟା ରାସ୍ତାରୋକୋ

■ ମୃତକଙ୍କ ପରିବାରକୁ ଦିଆଗଲା ୧୦,୦୦୦ ଟଙ୍କା

■ ହମ୍ପ ନିର୍ମାଣ ପାଇଁ ଥାନାଧିକାରୀଙ୍କ ପ୍ରତିଶ୍ରୁତି

କଟକ-ପାରାଦୀପ ରାସ୍ତାର କମରପଦା ଛକରେ ରବିବାର ଏକ କାର୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଧୀନ ଅଲାଣ୍ଡୋ ଗ୍ରାମର ଶୁକଦେବ ଭୋଇ(୩୫)। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ କମରପଦା ଛକରେ ହମ୍ପ ନିର୍ମାଣ ଦାବିରେ ଉତ୍ୟକ୍ତ ଲୋକମାନେ ପୂର୍ବାହ୍ନ ୯ଟାରୁ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ କିଶୋର ନଗର ଥାନାଧିକାରୀ ବାମଦେବ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଦିଆଯିବା ସହ ଆସନ୍ତା ୭ ଦିନ ମଧରେ ଉକ୍ତ ସ୍ଥାନରେ ହମ୍ପ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦିଆଯିବ ବୋଲି ଥାନାଧିକାରୀ ସ୍ୱାଇଁ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୧ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା କାରକୁ ପୋଲିସ ଜବତ କରିଥିବାବେଳେ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଶୁକଦେବ ରାଜମିସ୍ତ୍ରି କାମ କରିବା ପାଇଁ ସାଇକେଲରେ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା କାର(ନଂ.ଓଆର୦୫ଏଏଚ୍-୭୮୪୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ମହାନଦୀ ମୁହାଣ ଅଞ୍ଚଳରୁ ଟ୍ରଲର ଜବତକୁ ବିରୋଧ

ପାରାଦୀପ,୨୩।୨(ସ୍ୱ.ପ୍ର.)

ଅଲିଭ ରିଡ୍‌ଲେ କଇଁଛ ସଂରକ୍ଷଣ ଆଳରେ ବନବିଭାଗ ଏବେ କ୍ଷମତାର ଦୁରୁପଯୋଗ କରି ଅସଦ୍ ଉପାୟରେ ଅର୍ଥ ରୋଜଗାର କରୁଛି। ଅର୍ଥାତ୍ ସାମୁଦ୍ରିକ କଟକଣା ଅଞ୍ଚଳ ବାହାରେ ଥିବା ମାଛଧରା ଟ୍ରଲରଗୁଡ଼ିକୁ ଜବତ କରାଯାଉଛି। ଏପରି ଜବତ ପ୍ରକ୍ରିୟାରେ ଟ୍ରଲରମାଲିକ ଓ ସେଥିରେ ଥିବା ୭ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଅକାରଣେ ବିପନ୍ନ ମୁହଁକୁ ଚାଲିଯାଉଛନ୍ତି। ଏପରି ସଂରକ୍ଷଣ ଆଳରେ ଆଉ (ମତ୍ସ୍ୟଜୀବୀ ପରିବାର)କୁ ମରା ନ ଯାଉ ବୋଲି ରବିବାର ନିଖିଳ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ମହାସଂଘ ଅଭିଯୋଗ କରିଛି। ଏନେଇ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) କାର୍ଯ୍ୟାଳୟ ପାରାଦୀପ ବଡ଼ପଡ଼ିଆଠାରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ରାଜ୍ୟ ମହାସଂଘ ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ, ସମ୍ପାଦକ ସୁମନ୍ତ ବିଶ୍ୱାଳଙ୍କ ସମେତ ଓମ୍ପାର କର୍ମକର୍ତ୍ତା ଯୋଗଦେଇ ବିସ୍ତୃତ ପ୍ରସଙ୍ଗ ଉତ୍ଥାପନ କରିଥିଲେ।

ଅଭିଯୋଗ ମୁତାବକ ଏକ ବୋଟ୍ ଗତ ୨୦ ତାରିଖରେ ସମୁଦ୍ରରୁ ମାଛଧରି ଫେରୁଥିଲା। ମହାନଦୀ ମୁହାଣରେ ସେତେବେଳେ ଭଟ୍ଟା ଥିବାରୁ ଜୁଆର ହେବା ପର୍ଯ୍ୟନ୍ତ ଲଙ୍ଗର ପକାଇ ଅପେକ୍ଷା କରିଥିଲେ। ହଠାତ୍ ବନବିଭାଗର ପାଟ୍ରୋଲିଂ ବୋଟ୍ ଆସି ଟ୍ରଲର ଲଙ୍ଗର ରଶିକୁ କାଟି ଟ୍ରଲରକୁ ଜବତ କରିବା ସହ ୭ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିଲା। ଏହି ଘଟଣା ଟ୍ରଲରମାଲିକ ସରୋଜ ପ୍ରଧାନ ଜାଣିବା ପରେ ସଂଘ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ପରେ ସଂଘ କର୍ମକର୍ତ୍ତା ରାଜନଗର ରେଞ୍ଜର ଦେବବ୍ରତ ଭୋଇଙ୍କୁ ଫୋନ୍ ଯୋଗେ ଜଣାଇଥିଲେ ହେଁ କୌଣସି ପ୍ରତିକାର ହୋଇ ନ ଥିଲା। ପରଦିନ ଅର୍ଥାତ୍ ଶନିବାର ସଂଘ କର୍ମକର୍ତ୍ତା ରାଜନଗର ବନବିଭାଗ କାର୍ଯ୍ୟାଳୟକୁ ଯାଇ ମାଛଧରା ଟ୍ରଲରରେ ଥିବା ଜିପିଏସ୍(ଗ୍ଲୋବାଲ ପୋଜିସନିଂ ସିଷ୍ଟମ) ଯାଞ୍ଚ କରିବାକୁ ଦାବି କରିଥିଲେ। ଜିପିଏସ୍ ଯାଞ୍ଚବେଳେ ସେହି ଟ୍ରଲର୍ ସାମୁଦ୍ରିକ କଟକଣା ଅଞ୍ଚଳକୁ ଯାଇ ନ ଥିବା ସ୍ପଷ୍ଟ ହେବାରୁ ତାକୁ ଡିଲିଟ୍ କରି ଦେଇଥିଲେ ବୋଲି ସଂଘ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ଏପରି ଏକ ଘଟଣାକୁ ବିରୋଧ କରି ଗତବର୍ଷ ଜୁଲାଇ ୨୯ରେ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ରାଜ୍ୟ ମୁଖ୍ୟ ବନସଂରକ୍ଷକ (ସିସିଏଫ୍)ଙ୍କ ଅଧକ୍ଷତାରେ କେତେକ ପ୍ରସଙ୍ଗ ଉପରେ ସହମତି ହୋଇଥିଲା। ଯାହାକୁ ବନବିଭାଗର ଅସାଧୁ କର୍ମଚାରୀ ପାଳନ କରୁନାହାନ୍ତି। ଏବେ ଗଣମାଧମ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛୁ ଯେ, ଆମ୍ଭର ୪ ଦାବିକୁ ପୁନର୍ବିଚାର କରାଯାଉ। ସେହି ଦାବି ହେଲା- ଅନ୍ୟାୟ ଭାବେ ଜବତ କରାଯାଇଥିବା ଟ୍ରଲର ଓ ମତ୍ସ୍ୟଜୀବୀଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର। ହୀନକାମ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଆଗାମୀ ଦିନରେ ଏହାର ପୁନରାବୃତ୍ତି ନ ହେବା ବ୍ୟବସ୍ଥା ଓ ସାମୁଦ୍ରିକ କଟକଣା ଅଞ୍ଚଳକୁ ଯଥାଶୀଘ୍ର ବୟାଁ (ଭାସମାନ ଚିହ୍ନିତ ରଙ୍ଗ) ଦ୍ୱାରା ସୀମା ନିର୍ଦ୍ଧାରଣ କରାଯାଉ। ଅନ୍ୟଥା ରାଜ୍ୟର ପ୍ରାୟ ୧୦ ଲକ୍ଷ ମତ୍ସ୍ୟଜୀବୀ ପରିବାର ରାଜରାସ୍ତାକୁ ଓହ୍ଲାଇବେ। ସେତେବେଳେ ଯେଉଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ। ଏ ସମ୍ପର୍କରେ ରେଞ୍ଜର ସାହୁଙ୍କୁ ପଚାରିବାରେ ସେ କହିଥିଲେ, ଯେତେ ଟ୍ରଲର ଜବତ ହେଉଛି ସେମାନଙ୍କ ମାଲିକ ଓ ମତ୍ସ୍ୟଜୀବୀ ସମାନ କଥା କହୁଛନ୍ତି। ସେମାନେ କଟକଣା ଅଞ୍ଚଳକୁ ଯାଇ ନ ଥିଲେ। ଏହା ନୂଆ କଥା ନୁହେଁ। ବନକର୍ମଚାରୀ କଟକଣା ଅଞ୍ଚଳରେ ପାଟ୍ରୋଲିଂ କଲାବେଳେ ଟ୍ରଲର ଜବତ ହୋଇଛି ବୋଲି ପ୍ରକାଶ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୪ ଫେବୃୟାରୀ, ୨୦୨୦

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ଯୁବକ ଗୁରୁତର

**ଖଣ୍ଡପଡ଼ା,୨୩ା୨(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ନିକଟରେ ରବିବାର ବାଇକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବଡବାଣପୁର ଗ୍ରାମର ଭୀମସେନ ରାଉତ (୪୦)। ସନ୍ଧ୍ୟାରେ ଗଣିଆ-କଣ୍ଟିଲୋ ରାସ୍ତାରେ ବନମାଳୀପୁର ଗ୍ରାମର ଜଣେ ଯୁବକ ବାଇକ୍‌ରେ (ନଂ.ଓଆର୦୨ଜେଡ୍-୮୧୭୭) କଣ୍ଟିଲୋ ଆସୁଥିଲେ। ସେହି ସମୟରେ ନୀଳମାଧବ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଭୀମସେନ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ବାଇକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ହୋଇ ସେ ରାସ୍ତାରେ ପଡିରହିଥିଲେ। ଏଥିରେ ବାଇକ୍ ଚାଳକ ମଧ ଆହତ ହୋଇଥିଲେ। ଉକ୍ତ ରାସ୍ତାଦେଇ ଯାଉଥିବା ଲୋକେ ଉଭୟଙ୍କୁ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଦୁର୍ଘଟଣାରେ ଭୀମସେନଙ୍କ ଗୋଡ ଭାଙ୍ଗି ଯାଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଜଗନ୍ନାଥପ୍ରସାଦରେ ଜାଗରମେଳା ଉଦ୍‌ଯାପିତ

**ଖଣ୍ଡପଡା,୨୩ା୨(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ବାଙ୍କନାଥ ମହାଦେବଙ୍କ ପୀଠରେ ୩ଦିନ ଧରି ଚାଲିଥିବା ଜାଗର ମେଳା ରବିବାର ଉଦ୍‌ଯାପିତ ହୋଇଛି। ଏହି ମେଳାରେ ନିକଟସ୍ଥ ମାଣିକାଗୋଡା, ପାଟଚଣ୍ଡୀ ପ୍ରସାଦ, କୁହାହରା, ମହୁଲପଡା ଓ ଦରଦା ଆଦି ଗ୍ରାମରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏହି ଉପଲକ୍ଷେ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ୫୦ରୁ ଅଧିକ ଷ୍ଟଲ ଖୋଲାଯାଇଥିବାବେଳେ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସନ୍ଧ୍ୟାରେ ବାଙ୍କନାଥ ମହାଦେବଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ପାଟପଟୁଆର ସହ ଗ୍ରାମ ପରିକ୍ରମା କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ରାମନାଟକ ଓ ନବରଙ୍ଗୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବାରୁ ଏହାକୁ ଉପଭୋଗ କରିବାକୁ ହଜାର ହଜାର ଦର୍ଶକ ସମାଗମ ହୋଇଥିଲେ।

### କୃଷ୍ଣପ୍ରସାଦରେ ଛତୁଆ ମିଶ୍ରଣ ଦିବସ

**କୃଷ୍ଣପ୍ରସାଦ, ୨୩ା୨(ଡି.ଏନ.ଏ.):** ଶିଶୁ, ଗର୍ଭବତୀ ଓ ପ୍ରସୂତିମାନଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତିମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଥିଲା। ପାଟପୁରସ୍ଥିତ ତ୍ରିନାଥ ଦେବ ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ସୁପରଭାଇଜର ମାଗୁଣୀ ପ୍ରଧାନଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସଂଘର ସଭାନେତ୍ରୀ ମମତା ତରେଇ, ସମ୍ପାଦିକା ସଞ୍ଜୁଲତା ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଭଜା ଗହମ, ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରି ଛତୁଆ ପ୍ରସ୍ତୁତି କରିଥିଲେ। ସେହିଭଳି ମୋରଡାସ୍ଥିତ ମା' ପାଦୁକାଇ ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବ୍ଲକ ମମତା ଯୋଜନା ସହକାରୀ ଅମିତାଭ ବିଶ୍ୱାଳଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସଂଘର ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରି ପ୍ରମୁଖ ସହଯୋଗ କରିଥିଲେ।

# ୨୮ରେ ନନ୍ଦୀର ବ୍ରତୋପନୟନ, ବିବାହ ଉତ୍ସବ

**ପୁରୀ ଅଫିସ,୨୩ା୨**

ଭାରତୀୟ ବୈଦିକ ସଂସ୍କୃତିକୁ ଆଧାର କରି ଆଗାମୀ ଫେବୃୟାରୀ ୨୮ରେ ନନ୍ଦୀ ବ୍ରତୋପନୟନ ଓ ବିବାହ ମହୋତ୍ସବ ଆୟୋଜନ କରିଛି ପୁରୀ ସଦର ଚନ୍ଦନରପୁର ନିକଟ ଆଳପୁରସ୍ଥିତ ସୂର୍ଯ୍ୟାୟନ ଗୋ ଆଶ୍ରମ। ରବିବାର ହୋଟେଲ ସାଗର ତରଙ୍ଗଠାରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଆଶ୍ରମର ପ୍ରତିଷ୍ଠାତା ସଂସ୍ଥାପକ ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ ଶର୍ମା। ସେ କହିଲେ ଯେ, ଉକ୍ତ ଦିନ ଆଶ୍ରମ ପରିସରରେ ନନ୍ଦୀର ବ୍ରତୋପନୟନ ସଂସ୍କାର କରାଯିବ। ସନ୍ଧ୍ୟାରେ ଶରଧାବାଲିର ଏକ ଭବ୍ୟ ବିବାହ ମଣ୍ଡପରେ ନନ୍ଦୀର ବିବାହ ଆୟୋଜନ କରାଯିବ। ନନ୍ଦୀ ଲାଗି ହରିହରାନନ୍ଦ ଗୁରୁକୁଳସ୍ଥିତ ଗୋଶାଳାର ସୁରଭି ସହ ଏହି ବିବାହ ଉତ୍ସବ ସମ୍ପନ୍ନ ହେବ। ଏଥିଲାଗି ପରମହଂସ ପ୍ରଜ୍ଞାନାନନ୍ଦ ଗିରି କନ୍ୟାପକ୍ଷ ଦାୟିତ୍ୱ ଗ୍ରହଣ କରିବେ। ବୈଦିକ ପରମ୍ପରାନୁଯାୟୀ ଆଶ୍ରମ ପରିସରରେ ନନ୍ଦୀର ଚାରିକର୍ମ ସଂସ୍କାର କରାଯିବ। ୨୮ତାରିଖ ପୂର୍ବାହ୍ନ ୧୧ଟାରେ ଉପୋନୟନ କାର୍ଯ୍ୟ ସମାପ୍ତ ହେବ। ସନ୍ଧ୍ୟାରେ ବିବାହ ଉତ୍ସବ ଲାଗି ନନ୍ଦୀକୁ ପ୍ରସ୍ତୁତ କରାଯିବ। ମଥାରେ ମୁକୁଟ, କର୍ଣ୍ଣରେ କୁଣ୍ଡଳ, ପିଠିରେ ଉପଢୋକନ ଦେଇ ନନ୍ଦୀକୁ ବରବେଶରେ ସଜ୍ଜିତ କରାଯିବ। ଅପରାହ୍ନରେ ଗୁଣ୍ଡିଚା ମନ୍ଦିରଠାରୁ ବରଯାତ୍ରୀ ଶୋଭାଯାତ୍ରା ବାହାରି ସିଂହଦ୍ୱାର ପର୍ଯ୍ୟନ୍ତ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ପ୍ରତ୍ୟାବର୍ତ୍ତନ କରିବ। ଶୋଭାଯାତ୍ରାରେ ବହୁ ସାଧୁସନ୍ଥ, ଗୋପ୍ରେମୀ, ପାରମ୍ପରିକ ବାଦ୍ୟଯନ୍ତ୍ର, ହୁଳହୁଳି, ଘୋଡାନାଚ, ଘୁଡିକି ପ୍ରଭୃତି ସାମିଲ ହେବ। ନନ୍ଦୀର ବ୍ରତପୋନୟନ ଓ ବିବାହ ଉତ୍ସବ ଲାଗି ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ପତ୍ର ଦିଆଯାଇଥିଲା। ପରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଆଶୀର୍ବଚନ ନିଆଯାଇଥିଲା। ସମସ୍ତ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯିବ। ଏଥିସହିତ ଉକ୍ତ ଅଞ୍ଚଳର ବ୍ୟକ୍ତିବିଶେଷ, ଗୋପ୍ରେମୀ, ଗୋଶାଳା ଅନୁଷ୍ଠାନଗୁଡିକୁ ନିମନ୍ତ୍ରଣ କରାଯିବ ବୋଲି ସେ କହିଛନ୍ତି। ଶାସ୍ତ୍ରାନୁମୋଦିତ ଏହି ପରମ୍ପରାକୁ ଉଜ୍ଜୀବିତ ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋ ଆଶ୍ରମର ଅଧକ୍ଷା ଶ୍ୟାମା ଶୁଭଦର୍ଶିନୀ ମିଶ୍ର, ଗୁରୁ ପ୍ରସାଦାନନ୍ଦଜୀ ସରସ୍ୱତୀ, ନ୍ୟାସ କମିଟି ସଦସ୍ୟ ଶରତ ଜୟସିଂ, ଅନିଲ କୁମାର ଦାଶ, ଗଣେଶ ମହାସୁଆର, ମାନସ ମିଶ୍ର, ଗୋବିଜ୍ଞାନୀ ସଂଗ୍ରାମ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

- ବୈଦିକ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ଲକ୍ଷ୍ୟ
- କନ୍ୟାପକ୍ଷ ସାଜିବେ ପରମହଂସ ପ୍ରଜ୍ଞାନାନନ୍ଦଜୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିତି ମାଗତାକୁ ଦିଅନ୍ତା ନାହିଁ**
**ନିତି ମଲ୍ଲୁକୁ ଚାହାନ୍ତି ନାହିଁ।**
**ନିତି କୁଣିଆଁକୁ ସେରନ୍ତା ନାହିଁ**
**ନିତି ବାଟକୁ ଡରନ୍ତା ନାହିଁ।**

ଯିଏ ସବୁଦିନେ ଭଲ ନାହିଁ ମନ୍ଦ ନାହିଁ ମାଗିବାକୁ ଚାଲି ଆସୁଥାଏ ସେପରି ମାଗିଖିଆ ବ୍ୟକ୍ତିଙ୍କୁ କେହି ବି ଦେବା ଲାଗି ଇଚ୍ଛା କରି ନ ଥାନ୍ତି। ଦିନ ଦିନ ଧରି ରୋଗ ବଇରାଗରେ ପଡୁଥିବା ବ୍ୟକ୍ତିଙ୍କଠାରୁ ବନ୍ଧୁବାନ୍ଧବ ମୁହଁ ବୁଲାଇ ଦେଇଥାନ୍ତି, ଦେଖାଶୁଣା କରିବାକୁ ଆଗ୍ରହ ଦେଖାଇ ନ ଥାନ୍ତି। ସବୁଦିନିଆ କୁଣିଆଁକୁ ସମସ୍ତେ ନାକ ଟେକିଥାନ୍ତି। ଆଦର ଅଭ୍ୟର୍ଥନା ଦେଖାଇବାକୁ କୁଣ୍ଠାପ୍ରକାଶ କରିଥାନ୍ତି। ସେହିପରି ନିତିଦିନିଆ ଯିବା ଆସିବା ବାଟରେ ସେତେ ଭୟ ଲାଗୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନାନାକୁ ନାନୀ**
**ଭଲା ଭିଆଇଲେ ଚକରପାଣି।**

କୁହାଯାଏ ବିବାହ ସ୍ୱର୍ଗରେ ହୁଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପାରମ୍ପରିକ କୃଷି, ଗୋ ସମ୍ପଦ ସୁରକ୍ଷା ଚିନ୍ତା


ବୈଠକରେ ଯୋଗଦେଇଥିବା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

**ଗଣିଆ,୨୩ା୨(ଡି.ଏନ୍.ଏ.)**

**ଜନ ଅଧିକାର ବିକାଶ ମଞ୍ଚର କର୍ମଶାଳା ପ୍ରସ୍ତୁତି ବୈଠକ**

ଗଣିଆ ବ୍ଲକ ଜନ ଅଧିକାର ବିକାଶ ମଞ୍ଚ ତରଫରୁ ମଣିଭଦ୍ରା ପାଦଦେଶରେ ବିରାଜିତ ଗଣପତିଶ୍ୱର ମହାଦେବଙ୍କ ପରିସରରେ ରବିବାର ଗୋ ସମ୍ପଦ ଓ ପାରମ୍ପରିକ କୃଷି ବିଜ୍ଞାନ କର୍ମଶାଳା ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ଚାଷୀମାନେ ପାରମ୍ପରିକ ଚାଷ ପ୍ରଣାଳୀ ଓ ଦେଶୀ ଧାନ ବିହନରୁ ମୁହଁ ଫେରାଇ ସରକାରୀ ଧାନ ଚାଷକ୍ଷେତ୍ରରେ ବିହନ ଭାବେ ବ୍ୟବହାର କରୁଛନ୍ତି। ସେହିପରି ବିଭିନ୍ନ ଦେଶୀୟ ରବି ଫସଲ ଓ ପନିପରିବା ବିହନକୁ ବ୍ୟବହାର ନ କରି ନାମୀଦାମୀ କମ୍ପାନୀର ରାସାୟନିକ ସାର, ହାଇବ୍ରିଡ୍ ବିହନ ଚାଷକାର୍ଯ୍ୟରେ ଲଗାଉଛନ୍ତି। ଅପରପକ୍ଷେ କୃଷି କ୍ଷେତ୍ରରେ ପାରମ୍ପରିକ କୃଷି ଉପକରଣ ପରିବର୍ତ୍ତେ ବୈଜ୍ଞାନିକ ପ୍ରଣାଳୀରେ କୃଷି ଯନ୍ତ୍ରପାତି ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଚାଷୀମାନେ ଗୋ ସମ୍ପଦ (ହଳବଳଦ) ଓ ଦେଶୀୟ ବିହନର ଆବଶ୍ୟକତା ମଣୁନାହାନ୍ତି। ଏଭଳି ପରିପ୍ରେକ୍ଷୀରେ କିଭଳି ପାରମ୍ପରିକ କୃଷିକୁ ଉଜ୍ଜୀବିତ ରଖିବା ସହ ଗୋ ସମ୍ପଦର ରକ୍ଷା ହୋଇପାରିବ ସେ ସମ୍ପର୍କରେ ଆସନ୍ତା ମାର୍ଚ୍ଚ ୧ତାରିଖରେ ସ୍ଥାନୀୟ ଚାଷୀମାନଙ୍କୁ ନେଇ ଏକ କର୍ମଶାଳାର ଆୟୋଜନ କରାଯିବା ପାଇଁ ଜନ ଅଧିକାର ବିକାଶ ମଞ୍ଚ ତରଫରୁ ନିଷ୍ପତ୍ତି ନିଆଯାଇଥିଲା। ଗଣପତିଶ୍ୱର ଦେବଙ୍କ ପୀଠ ପରିସରରେ ହେବାକୁ ଥିବା କର୍ମଶାଳାରେ ଲୋପ ପାଇଯାଉଥିବା ବିଭିନ୍ନ ଦେଶୀ ଧାନ ବିହନର ପ୍ରଦର୍ଶନୀ କରାଯିବା ପାଇଁ ସ୍ଥିର କରାଯାଇଥିଲା। ମଞ୍ଚର ସଭାପତି ଅନ୍ତର୍ଯାମୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଞ୍ଜାର ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ମାଟି ମା' ମହିଳା ମଞ୍ଚର ସଂଯୋଜିକା ସରୋଜିନୀ ମଲିକ, ଜଙ୍ଗଲ ମହାସଂଘ ଗଣିଆ ଜୋନର ସଭାପତି ଭିକାରୀ ଚରଣ ସାହୁ, ଆଦିମ ଅଧିବାସୀ ମୁକ୍ତିମଞ୍ଚ ସଂଯୋଜକ ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଜିଲାସ୍ତରୀୟ କ୍ରିକେଟ୍: ବରୁଣାଇ ଦଳ ବିଜୟୀ

**କୃଷ୍ଣପ୍ରସାଦ, ୨୩ା୨(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକର ଗୋମୁଣ୍ଡିଆ ପଞ୍ଚାୟତ ଭାଗବତ ଦେବ ସାଂସ୍କୃତିକ ଯୁବକ ସଂଘ ଟୁବୁକା ଆନୁକୂଲ୍ୟରେ ଚିଲିକା ଗାନ୍ଧୀ ଉଦୟନାଥ ଷ୍ଟାଡିୟମଠାରେ ଜିଲାସ୍ତରୀୟ ୨୧ତମ ବାର୍ଷିକ କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବକୁ ସରପଞ୍ଚ ସଞ୍ଜୁଲତା ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲୁଙ୍କେଶ୍ୱର ବିଶ୍ୱାଳ, ଟୁବୁକା ଗ୍ରାମ୍ୟ କମିଟି ସଭାପତି ମଙ୍ଗୁଳି ଚରଣ ଜେନା, ସମ୍ପାଦକ ଅଶୋକ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିବସର ଖେଳ ବରୁଣାଇ କ୍ରିକେଟ ଟିମ୍ ଅଁଳାକୁଦା ବନାମ ଗାଦିବ୍ରହ୍ମ କ୍ରିକେଟ ଟିମ ବ୍ରହ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବରୁଣାଇ ଦଳ ପ୍ରଥମେ ବ୍ୟାଟିଂ କରି ୧୧୯ ରନ୍ ସଂଗ୍ରହ କରିଥିବା ବେଳେ ଗାଦିବ୍ରହ୍ମ ଦଳ ଆବଶ୍ୟକ ରନ ସଂଗ୍ରହ କରି ନ ପାରି ପରାଜୟ ବରଣ କରିଥିଲା। ଖେଳକୁ ସୁନୀଲ କୁମାର ଜେନା, ବିପିନି ବିହାରୀ ଦାସ ପରିଚାଳନା କରିଥିଲେ। ଶିକ୍ଷାବିତ୍ ମହେନ୍ଦ୍ର କୁମାର ଜେନା, ଭାସ୍କର ଚନ୍ଦ୍ର ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ ଜିଲାରୁ ୧୬ଟି ଦଳ ଅଂଶଗ୍ରହଣ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ବିଦ୍ୟାଳୟ ପରିସର ନିଶା ସେବନକାରୀଙ୍କ ଆଡ୍ଡାସ୍ଥଳୀ

**ଖଣ୍ଡପଡ଼ା,୨୩ା୨(ସ୍ୱ.ପ୍ର.)**

**ସୁରକ୍ଷା ପ୍ରାଚୀର ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ**

ଖଣ୍ଡପଡ଼ା ବ୍ଲକ ଗୁଣ୍ଡୁଣି ପଞ୍ଚାୟତର ଏକ ପୁରାତନ ସ୍କୁଲ ହେଉଛି ବଂଶୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। କିଛିଦିନ ହେଲା କେହି ଦୁର୍ବୃତ୍ତ ବିଦ୍ୟାଳୟ ସୁରକ୍ଷା ପ୍ରାଚୀର ଭାଙ୍ଗି ଦେଇଛନ୍ତି। ଫଳରେ ଏହା ପରିସର ନିଶା ସେବନକାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସଞ୍ଜ ନଇଁଲା ପରେ ମଦ୍ୟପମାନେ ସୁରକ୍ଷିତ ସ୍ଥାନ ଭାବି ଏଠାକୁ ଆସିଥାନ୍ତି। ବୁଲା ଗୋରୁଙ୍କର ମଧ ଅବାଧ ପ୍ରବେଶ ରହିଛି। ଏହି ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ମଧ୍ୟ ରହିଛି। ଦୁଇଟି ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ପ୍ରତ୍ୟହ ଅଧ୍ୟୟନ ପାଇଁ ଆସୁଥିବାବେଳେ ଏପରି ସମସ୍ୟା ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ମଦ୍ୟପାନ ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଖାଲି ବୋତଲକୁ ବିଦ୍ୟାଳୟ ବାରଣ୍ଡାରେ ଫିଙ୍ଗା ଫୋପଡା କରନ୍ତି। କାଚ ବୋତଲ ଭାଙ୍ଗି ବିଦ୍ୟାଳୟ ପରିସରରେ ବିଛାଡି ହୋଇ ପଡିଥାଏ। ଛାତ୍ରୀଛାତ୍ର ଆସିବା ବେଳେ ସେମାନଙ୍କ ପାଦରେ କାଚଖଣ୍ଡ ପଶି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ବିଦ୍ୟାଳୟ ପରିସରରେ ପଡିଥିବା ଅଇଁଠା ଖଲିପତ୍ର, କାଚବୋତଲ, ପ୍ଲାଷ୍ଟିକ ଗ୍ଲାସ, ପଲିଥିନ୍ ଆଦି ପିଲାମାନେ ସଫା କରିବାକୁ ବାଧ ହେଉଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ନେଇ ଅଭିଯୋଗ କରୁଥିବା ବେଳେ ସେଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ଏଭଳି ଅସାମାଜିକ କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ଦୃଢ ନିନ୍ଦା କରିବା ସହ ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ଦାବି କରିଛନ୍ତି। ଏ ସମ୍ପର୍କରେ ଗୁଣ୍ଡୁଣୀ ସରପଞ୍ଚ ରବୀନ୍ଦ୍ର ମହାନ୍ତି କହନ୍ତି, ଅନ୍ୟାନ୍ୟ ଅଞ୍ଚଳରୁ ଅସାମାଜିକ ବ୍ୟକ୍ତିମାନେ ଆସି ବିଦ୍ୟାଳୟ ପରିସରରେ ଏପରି କାର୍ଯ୍ୟ କରୁଛନ୍ତି। ସୁରକ୍ଷା ପ୍ରାଚୀର ପାଇଁ କ୍ରିଟିକାଲ ଫଣ୍ଡରୁ ୨ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଛି। ଆଗାମୀ ୧୦/୧୫ ଦିନ ମଧ୍ୟରେ ପାଚେରୀ କାର୍ଯ୍ୟ କରାଯିବ।


ଭାଙ୍ଗିଥିବା ବିଦ୍ୟାଳୟ ପାଚେରୀ।

## ଦଶପଲ୍ଲାରେ ବସ୍ ଦୁର୍ଘଟଣାଗ୍ରସ୍ତ



ଦୁର୍ଘଟଣାରେ ବସ୍‌ର ସମ୍ମୁଖଭାଗ ଭାଙ୍ଗିରୁଜି ଯାଇଛି।

**ଦଶପଲ୍ଲା,୨୩ା୨(ଡି.ଏନ୍.ଏ.)**

ବରଗଡ଼ରୁ କଟକ ଯାଉଥିବା ଏକ ସରକାରୀ ବସ୍ ଶନିବାର ମଧରାତ୍ରରେ ଦଶପଲ୍ଲା ବ୍ଲକର ନେଳିଗୁଡ଼ାଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଏଥିରେ କେହି ଆହତ ହୋଇଥିବା ଖବର ଜଣାପଡ଼ି ନାହିଁ। ବସ୍‌ଟି ରାତି ପ୍ରାୟ ୧ଟାରେ ନେଳିଗୁଡ଼ାଠାରେ ଭାରସାମ୍ୟ ହରାଇ ଏକ ଡ୍ରେନ୍ ଉପରକୁ ଚଢ଼ିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବସ୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି।

## ବ୍ରହ୍ମାକୁମାରୀଙ୍କ ଶିବ ସନ୍ଦେଶ ଅଭିଯାନ

**ନିରାକାରପୁର, ୨୩ା୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁରଠାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ପକ୍ଷରୁ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏକ ସୁସଜ୍ଜିତ ଗାଡିରେ ଶିବଲିଙ୍ଗ ରଖାଯାଇ ଶାନ୍ତି ଶୋଭାଯାତ୍ରା ଗାଁ ଓ ବଜାର ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ଉର୍ମିଳା ଓ ଦିଗାମ୍ବର ଶିବ ମହିମା ଶୁଣାଇଥିଲେ। କାର୍ଯ୍ୟକ୍ରମକୁ ପ୍ରତିମା, ଅନୁ, ବାଇଧର, ଉମାକାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ବ୍ରହ୍ମାକୁମାରୀ ପାଠଶାଳାର ବାର୍ଷିକୋତ୍ସବ

**ଓଡ଼ଗାଁ,୨୩ା୧(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ ନନ୍ଦିଘୋର ବ୍ରହ୍ମାକୁମାରୀ ପାଠଶାଳାର ୩୭ ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୀବନରେ ଟିକିଏ ଶାନ୍ତି ପାଇବା ସହିତ ଅନ୍ୟକୁ ଶାନ୍ତିର ବାର୍ତ୍ତା ପ୍ରଦାନ କରୁଥିବା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ବ୍ରହ୍ମାକୁମାରୀ ପାଠଶାଳା ଏକ ପ୍ରକୃଷ୍ଟ ମାଧମ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ମିନି ଭଉଣୀଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶକୁ ମନ୍ତ୍ରୀ ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ମମତା ବେହେରା, ଉପାଧକ୍ଷା ବିରଜାଲକ୍ଷ୍ମୀ ସାହୁ ଯୋଗ ଦେଇଥିଲେ। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରୋଜିନୀ ସାହୁ, ସରପଞ୍ଚ ଶ୍ୱେତାଲୀନା ମିଶ୍ର, ରାଜସ୍ଥାନ ମାଉଣ୍ଟ ଆବୁର ବ୍ରହ୍ମାକୁମାର ସୁରେନ୍ଦ୍ର ଭାଇ, କଟକ ଶାଖାର ଭଉଣୀ ସରଳ ଶିବ ବାବାଙ୍କ ସନ୍ଦେଶ ପ୍ରଦାନ କରିଥିଲେ। ସନ୍ଧ୍ୟାରେ କ୍ରାନ୍ତୀ ଭୁବନେଶ୍ୱର ପକ୍ଷରୁ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସୂର୍ଯ୍ୟନାରାୟଣ ଚୌଧୁରୀ, ଗଜେନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଓମ ଶାନ୍ତି ପରିବାର ତରଫରୁ ମନ୍ତ୍ରୀ ସାହୁଙ୍କୁ ଫଳକ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।


ବାର୍ଷିକୋତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ।

# ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ

**ଖଣ୍ଡପଡ଼ା,୨୩ା୨(ସ୍ୱ.ପ୍ର.)**

କଣ୍ଟିଲୋ ଶିଶୁ ବିଦ୍ୟା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ମାଘମେଳା ପଡିଆଠାରେ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ମୁଖ୍ୟବକ୍ତା ଓ ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରା, କଣ୍ଟିଲୋ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମାନସ କୁମାର ସାହୁ, ଖବରଦାତା ପ୍ରଭାକର ଶିରୋମଣି, ବଡବାଣପୁର ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ଖଳିସାହି ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ରୁବିନା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଭିକାରୀ ମହମ୍ମଦଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଉତ୍ସବରେ ମଞ୍ଚାସୀନ ଅତିଥି।

# ଆଜିଠୁ ଏସ୍‌ଡିସି ଫୁଟବଲ କପ୍

**ଫୁଲବାଣୀ ଅଫିସ, ୨୩ା୨**

ଆଦିବାସୀ ଫୁଟବଲ ଚାମ୍ପିୟନଶିପ୍ ଏସ୍‌ଡିସି (ସ୍ୱତନ୍ତ୍ର ଉନ୍ନୟନ ପରିଷଦ) କପ୍ ୨୦୨୦ ପାଇଁ କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୋମବାରଠାରୁ ଲିଗ୍ ପର୍ଯ୍ୟାୟ ଆରମ୍ଭ ହେବ। ସ୍ଥାନୀୟ କରୋନେଶନ ପଡିଆରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ ସକାଳ ୭ଟାରେ ଆରମ୍ଭ ହେବ। ପ୍ରତ୍ୟେକ ଦିନ ୪ଟି ମ୍ୟାଚ ଖେଳାଯିବ ବୋଲି ରବିବାର ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଇଟିଡିଏ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି।

ଏହି ଜିଲାସ୍ତରୀୟ ଲିଗ୍ ୨୮ ପର୍ଯ୍ୟନ୍ତ ବାରିପଦା ଏବଂ ଫୁଲବାଣୀରେ ଅନୁଷ୍ଠିତ ହେବ। କନ୍ଧମାଳରେ କନ୍ଧମାଳ, କୋରାପୁଟ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ (ବି) ଟିମ୍ ଖେଳିବ। ଖେଳାଳିମାନେ ପହଞ୍ଚି ଅଭ୍ୟାସ କରିଛନ୍ତି। ୧୭ ବର୍ଷରୁ ୩୫ ବର୍ଷ ମଧ୍ୟରେ ଖେଳାଳି ଏଥିରେ ଭାଗ ନେଇଛନ୍ତି। ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ମାର୍ଚ୍ଚ ୨ରେ ସେମିଫାଇନାଲ କେନ୍ଦୁଝର ଏବଂ ସୁନ୍ଦରଗଡ, ୫ ତାରିଖରେ ଫାଇନାଲ ମ୍ୟାଚ କଟକ ବାରବାଟି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବିଜେତା ଦଳକୁ ୨ ଲକ୍ଷ, ଉପବିଜେତାକୁ ୧ ଲକ୍ଷ, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୫୦ ହଜାର ଏବଂ ୪ର୍ଥ ସ୍ଥାନରେ ଥିବା ଦଳକୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ପ୍ରତିଦିନ ପ୍ଲେୟାର ଅଫ ଦ ମ୍ୟାଚଙ୍କୁ ୩ ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ। ଏହି ପ୍ରତିଯୋଗିତାରେ ୯ଟି ଜିଲା ଭାଗ ନେଇଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ ଏବଂ କର୍ମକର୍ତ୍ତା।

# ମେଶିନ କରୁଛି ପୋଖରୀ କାର୍ଯ୍ୟ

## ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍

ନୟାଗଡ଼ ଅଫିସ,୨୩।୨

ନୟାଗଡ଼ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ମେଶିନ ଦ୍ୱାରା କରାଯାଉଛି। ୧୫ଦିନ ହେଲା ବିରୁଡାର ନୂଆ ପୋଖରୀ ଖୋଳା କାର୍ଯ୍ୟ ମେଶିନରେ କରାଯାଉଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହାର ଭିଡିଓ ଓ ଫଟୋ ମଧ୍ୟ ପଠାଯାଇଛି। ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। କିଛି ଲୋକ ମେଶିନରେ ପୋଖରୀ ଖନନ କରାଇ ଜବ୍‌କାର୍ଡଧାରୀଙ୍କ ଦ୍ୱାରା କରାଯାଉଥିବା ଦର୍ଶାଉଛନ୍ତି ବୋଲି ଅଭିଯୋଗ ହେଉଛି।



ମେଶିନ ଦ୍ୱାରା ପୋଖରୀଖୋଳା କାମ ଚାଲିଛି।

### ମିଳିମିଶି ଲୁଟୁଛନ୍ତି

ନୟାଗଡ଼ ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆସୁଥିବା ଅର୍ଥକୁ ମିଳିମିଶି ଲୁଟୁଥିବା ଅଭିଯୋଗ ହେଉଛି। ଜଣେ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କ ସୂଚନା ଅନୁସାରେ ଏହି ଯୋଜନାରେ ଆସୁଥିବା ଅର୍ଥକୁ ଲୁଟିଲେ କେହି ପ୍ରତିବାଦ କରନ୍ତି ନାହିଁ। କାରଣ ସମସ୍ତଙ୍କୁ ଊଣା ଅଧିକେ ଭାଗ ଦିଆଯାଇଥାଏ। ସରକାରୀ ବାବୁ ଓ ଲୋକ ପ୍ରତିନିଧିମାନେ ମୋଟା ଅଙ୍କର ଭାଗ ନେଉଛନ୍ତି। କାମ ଚାଲୁଥିବା ସମୟରେ ସୁରକ୍ଷା ଦେଉଥିବା ଲୋକଙ୍କର ମଧ୍ୟ ଏଥିରେ ଭାଗ ରହିଛି। ଏହାବାଦ୍ କିଛି ଅର୍ଥ ଗାଁ ଫଣ୍ଡ ଓ ଆଉ କିଛି ଜବ୍‌କାର୍ଡଧାରୀ ପାଆନ୍ତି। ହେଲେ ସବୁ ଅର୍ଥ ଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟକୁ ଯାଏ। ଏଥିପାଇଁ ବିଶ୍ୱସନୀୟ ଜବ୍‌କାର୍ଡଧାରୀଙ୍କୁ ବାଛିବାକୁ ପଡେ। ଯଦି କେହି ଜବ୍‌କାର୍ଡଧାରୀ ପ୍ରତିବାଦ କରନ୍ତି ତାଙ୍କୁ ମାରପିଟର ଧମକ ମିଳେ। ପ୍ରତି ସ୍ତରରେ ଦୁର୍ନୀତିକୁ ପ୍ରୋତ୍ସାହନ ମିଳୁଥିବାରୁ ବିଲ୍ ମଞ୍ଜୁରରେ ଅସୁବିଧା ହୋଇ ନ ଥାଏ। ଅଭିଯୋଗ ହେଲେ ସମୟ ଗଡାଇ ସବୁ କିଛି ଠିକ୍‌ଠାକ ଚାଲିଛି କୁହାଯାଏ। ପ୍ରମାଣ ନ ମିଳିବାରୁ କାର୍ଯ୍ୟାନୁଷ୍ଠାନ ହେଲାନି ବୋଲି ସଫେଇ ଦିଆଯାଏ । ପ୍ରକାଶଥାଉକି ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ନୟାଗଡ ବ୍ଲକକୁ ୧୩୫୫.୩୬ ଲକ୍ଷ ଟଙ୍କା ଅନୁଦାନ ଆସିଛି । ଫେବୃୟାରୀ ୧୦ ସୁଦ୍ଧା ବ୍ଲକରେ ୩୨.୩୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଇଥିବା କୁହାଯାଉଛି।

### ଗାଁରେ କାମ, ଶ୍ରମିକ ଦାଦନରେ

ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରି ଅନେକ ଲୋକ ହିତକର ଯୋଜନା ଚାଲିଛି। ହେଲେ ନୟାଗଡ ବ୍ଲକର ଅନେକ ଜବ୍‌କାର୍ଡଧାରୀ କାମ ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ଏହାର କାରଣ ଖୋଜାଯାଉନି। କାରଣ ଖୋଜିଲେ ଉନ୍ନୟନ ଅର୍ଥ ଫେରିଯିବ। ଅନେକ ରୋଜଗାର ହରାଇବେ। ଏଣୁ ଜବ୍‌କାର୍ଡଧାରୀଙ୍କ ନାଁରେ ସବୁଠି ଚାଲିଛି କାମ। ଏକଥା ସମସ୍ତେ ଜାଣିଥିଲେ ମଧ୍ୟ ରୋଜଗାର ହରାଇବା ଆଶାରେ ଚୁପ୍ ରହୁଥିବା କିଛି ଶ୍ରମିକ ଅଭିଯୋଗ କରିଛନ୍ତି। ଅନ୍ୟ କିଛି ଶ୍ରମିକଙ୍କ ମତରେ ଗାଁରେ ରାଜନୀତି ଅଧିକ। କାମ ମାଗିଲେ ମିଳେନା। କାରଣ ଏଠାରେ ବିନା କାମରେ ପାରିଶ୍ରମିକ ମିଳେ। ହେଲେ ଏଥିରେ ପରିବାର ଚଳାଇବା ସମ୍ଭବ ହେଉନାହିଁ। ତେଣୁ ବାହାରକୁ ଯିବାକୁ ବାଧ ହେଉଛୁ। ସେଠାରେ କାମ କରି ଘରକୁ ଟଙ୍କା ପଠାଉ। ସରକାରଙ୍କ ସୁଫଳ ଆମେ ପାଇ ପାରୁନୁ। ଶ୍ରମିକ ବଦଳରେ ମେଶିନ ଦ୍ୱାରା କାମ କରିବାକୁ ଆଇନ କରିଦେଲେ ଭଲ ହୁଅନ୍ତା। ଏହାଦ୍ୱାରା ସରକାର ସ୍ୱଳ୍ପ ସମୟରେ ଅଧିକ କାମ ପାଇ ପାରନ୍ତେ । ପୁଣି କମ୍ ଟଙ୍କା ଖର୍ଚ୍ଚ ହୁଅନ୍ତା। ଏ ନେଇ ବିଡିଓ ମନୋଜ ପାତ୍ର କୁହନ୍ତି, ବିରୁଡାରେ ପୋଖରୀ ଖନନ କାର୍ଯ୍ୟ ମେଶିନ ଦ୍ୱାରା କରାଯାଉଥିବା ଅଭିଯୋଗ ମିଳିଛି। ଏହାର ତଦନ୍ତ କରି ପଦକ୍ଷେପ ନେବୁ।

## ସଂକ୍ଷେପରେ

### ପୃଥକ୍ ମାମଲାରେ ୨ ଗିରଫ

ଭାପୁର,୨୩।୨(ଡି.ଏନ୍.ଏ.): ପୃଥକ୍ ମାମଲାରେ ଫତେଗଡ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଫତେଗଡ଼ ଥାନା ବାଦଭୂଇଁ ଗ୍ରାମର ବିରଞ୍ଚି ନାରାୟଣ ଜେନା ବିଦେଶୀ ମଦ ଧରି ଆସୁଥିଲା ବେଳେ ଗୋଳାପୋଖରୀ ଛକରେ ତାଙ୍କୁ ଭାପୁର ଫାଣ୍ଡି ଅଧିକାରୀ ସଚ୍ଚିଦାନନ୍ଦ ସାମନ୍ତରାୟ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ତାଙ୍କଠାରୁ ୮ବୋତଲ ବିଦେଶୀ ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ସେହିଭଳି ଭାପୁର ପଞ୍ଚାୟତ ଟାଙ୍ଗିସାହି ଗ୍ରାମରେ ଧାନ ଚୋରି ମାମଲାରେ ଏଲପଡ଼ା ଗ୍ରାମର ବୁଲୁ ନାୟକଙ୍କୁ ମଧ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ପ୍ରକାଶ। ପୂର୍ବରୁ ଏହି ମାମଲାରେ ଟାଙ୍ଗିସାହି ଗ୍ରାମର ରମି ନାଏକଙ୍କୁ ଗିରଫ କରାଯାଇଥିଲା।

### ରାସ୍ତାରେ ଗର୍ତ୍ତ, ବଢୁଛି ଦୁର୍ଘଟଣା



ନୟାଗଡ଼ ଅଫିସ,୨୩।୨: ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ଟ୍ରାଫିକ ଛକକୁ ସଂଲଗ୍ନ କରୁଥିବା ନୟାଗଡ଼-ଶରଣକୁଳ ରାସ୍ତାରେ ଏକ ଗର୍ତ୍ତ ରହିଛି। ଏହାକୁ ମରାମତି କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଗତ ୨୦ ଦିନ ମଧରେ ଏଠାରେ ପ୍ରାୟ ୨୩ଟି ଦୁର୍ଘଟଣା ଘଟିସାରିଲାଣି। ଜିଲା ସଦର ମହକୁମା ହୋଇ ବି ଏହାକୁ ମରାମତି କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

### ଡ୍ୟୁଟି ଅପେକ୍ଷା କଥାବାର୍ତ୍ତାକୁ ଗୁରୁତ୍ୱ ଦେଉଛନ୍ତି ସିକ୍ୟୁରିଟି ଗାର୍ଡ

ନୟାଗଡ଼ ଅଫିସ,୨୩।୨: ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ସିକ୍ୟୁରିଟି ଗାର୍ଡ ଠିକ୍ ଭାବେ ଡ୍ୟୁଟି କରୁ ନ ଥିବା ଅଭିଯୋଗ ହେଉଛି। ଏମାନେ ଡ୍ୟୁଟି ଅପେକ୍ଷା କଥାବାର୍ତ୍ତାକୁ ଗୁରୁତ୍ୱ ଦେଉଥିବା ଦେଖାଯାଉଛି। ଅଧିକାଂଶ ସମୟରେ ଫୋନରେ କିମ୍ବା ଅନ୍ୟ ସହିତ ଗପସପରେ ମଜିରହୁଛନ୍ତି। ଏହି ସମୟରେ କୌଣସି ବ୍ୟକ୍ତି ବାଇକ୍ ରଖି ରାସ୍ତା ଅବରୋଧ କରୁଥିଲେ ମଧ ସେମାନଙ୍କ ନଜର ନ ଥାଏ। ସମ୍ପୃକ୍ତ ବ୍ୟକ୍ତି ଜଣକ ଚାଲିଯିବା ପରେ ସିକ୍ୟୁରିଟି ଗାର୍ଡଙ୍କର କର୍ତ୍ତବ୍ୟ ମନେ ପଡିଯାଏ। ସେ ରାସ୍ତା ଉପରୁ ବାଇକ୍ ଟାଣି ଘୁଞ୍ଚାଇବାକୁ ଚେଷ୍ଟା କରେ। ଏ ସମ୍ପର୍କରେ ପଚାରିବାରୁ ସିକ୍ୟୁରିଟି ଗାର୍ଡ ଜଣକ ଭୁଲ ହୋଇଯାଇଛି ଆଗକୁ ଏପରି ହେବନି ବୋଲି ଉତ୍ତର ଦିଅନ୍ତି। କେବଳ ଏତିକି ନୁହେଁ ସିକ୍ୟୁରିଟି ଗାର୍ଡଙ୍କ କର୍ତ୍ତବ୍ୟରେ ଅବହେଳା ଯୋଗୁ ଆମ୍ବୁଲାନ୍ସ ଯିବାଆସିବାରେ ବାଧା ଉପୁଜେ। ଏହି ପରିପ୍ରେକ୍ଷୀରେ ଯେଉଁମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନାହାନ୍ତି ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ରାମପଡ଼ା ସ୍କୁଲରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି

ଭାପୁର,୨୩।୨(ଡି.ଏନ୍.ଏ.)

ଭାପୁର ବ୍ଲକର ରାମପଡ଼ା ପ୍ରାଥମିକ ବିଦ୍ୟାଳୟରୁ ଶନିବାର ବିଳମ୍ବିତ ରାତ୍ରିରେ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି ହୋଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବିଦ୍ୟାଳୟ ତାଲା ଭାଙ୍ଗି ୧ କୁଇଣ୍ଟାଲ ଚାଉଳ, ୫କେଜି ହରଡ଼ ଡ଼ାଲି, ଅମୂଲ, ମଟର ଓ ସୋୟାବିନ ବଡ଼ି ଇତ୍ୟାଦି ଚୋରି କରି ନେଇଥିବା ପ୍ରଧାନଶିକ୍ଷକ ଜୟନ୍ତ କୁମାର ସାହୁ ଏତଲାରେ ଦର୍ଶାଇଛନ୍ତି। ପୂର୍ବରୁ ଟିକିରିପଡ଼ା ୟୁଜି.ମଇ, ମାଳିବେରଣୀ ଆଳେଶ୍ୱର ଦେବ ୟୁପି, ମିଟୁଆଣି ୟୁପି ଓ ଜାମୁସାହିପାଟଣା ୟୁପି.ମଇ ସ୍କୁଲରୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା।

## ତ୍ରିନାଥ ଦେବଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଭାପୁର,୨୩।୨(ଡି.ଏନ୍.ଏ.)

ଭାପୁର ବ୍ଲକ ଖଇରଗାଡ଼ିଆ ଗ୍ରାମରେ ବିଜେ ତ୍ରିନାଥ ଦେବଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମ୍ୟ କମିଟି ପକ୍ଷରୁ ଶ୍ରୀ ଜୀଉଙ୍କ ସ୍ୱତନ୍ତ୍ର ପୂଜା ଓ ହୋମ ବ୍ୟବସ୍ଥା କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟ ଦେଖିବା ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# କଖାରୁ ଫୁଲ, ଶାଗ ଖାଇ ୬ ଅସୁସ୍ଥ

ନୟାଗଡ ଅଫିସ/ ଦଶପଲ୍ଲା (ଡି.ଏନ୍.ଏ.),୨୩।୨

ନୟାଗଡ଼ ଜିଲା ଦଶପଲ୍ଲା ଏନ୍‌ଏସିର ହରିଡାବାରୀ ସତ୍‌ସଙ୍ଗ ବିହାର ସାହିରେ ରବିବାର କଖାରୁ ଫୁଲ ଓ ଏହା ପତ୍ରରେ ପ୍ରସ୍ତୁତ ଶାଗ ଖାଇ ଗୋଟିଏ ପରିବାରର ୬ଜଣ ଅସୁସ୍ଥ ହୋଇଛନ୍ତି । ସେମାନେ ହେଲେ ଶଙ୍କର୍ଷଣ ସାହୁ (୬୩), ମାଳତି ସାହୁ (୮୫), ରାଜେଶ ସାହୁ (୯), ପ୍ରତିମା ସାହୁ (୨୬), ରୀତା ସାହୁ (୨୦) ଓ ସୁଷମା ସାହୁ (୨୦)। ସମସ୍ତଙ୍କୁ ଚିକିତ୍ସା ପାଇଁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ମଧ୍ୟାହ୍ନରେ ଶଙ୍କର୍ଷଣ ସାହୁଙ୍କ ପରିବାରର ସଦସ୍ୟମାନେ ଭାତ ସହ କଖାରୁ ଫୁଲ ଓ ଶାଗ ଖାଇଥିଲେ। କିଛି ସମୟ ପରେ ସେମାନଙ୍କର ମୁଣ୍ଡ ବୁଲାଇ ହେବା ସହ ତଣ୍ଟି ଶୁଖି ଯାଇଥିଲା। ଅସୁସ୍ଥତା ଅନୁଭବ ପରେ ସମସ୍ତେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ଅବସ୍ଥାରେ ଉନ୍ନତି ଘଟିଛି । ଖାଦ୍ୟ ବିଷାକ୍ତ ହେବାରୁ ଏପରି ହୋଇଥିବା ଜଣାପଡିଛି।



ଅସୁସ୍ଥ ଦୁଇ ମହିଳା।

# ନିଅଁଖୋଳାକୁ ବିରୋଧ କରିବାରୁ ମାର୍‌ପିଟ



ନିଅଁ ଖୋଳାଯାଉଥିବା ସ୍ଥାନ।

ରଣପୁର,୨୩।୨(ସ୍ୱ.ପ୍ର.): ନୟାଗଡ଼ ଜିଲା ଚାନ୍ଦପୁର ଥାନାର ଚାନ୍ଦପୁରଠାରେ ଯୁଧିଷ୍ଠିର ନାୟକଙ୍କ ଜମିକୁ ସେହି ଗାଁର କିଛି ବ୍ୟକ୍ତି ରବିବାର ଜବରଦଖଲ କରି ନିଅଁ ଖୋଳିଥିଲେ। ଯୁଧିଷ୍ଠିର ପ୍ରତିବାଦ କରିବାରୁ ୪ଜଣ ବ୍ୟକ୍ତି ତାଙ୍କୁ ସଂଘବଦ୍ଧ ହୋଇ ଆକ୍ରମଣ କରିଥିଲେ। ଯୁଧିଷ୍ଠିର କୌଣସିମତେ ବର୍ତ୍ତିଯାଇ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଯୁଧିଷ୍ଠିରଙ୍କ କହିବା କଥା ମୋ ବାପାଙ୍କ ନାଁରେ ଥିବା ଜମି ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟନିବାସ ମୁଖ୍ୟ ଫାଟକ ସମ୍ମୁଖରେ ରହିଛି। ଜମିଟି ମୂଲ୍ୟବାନ ହୋଇଥିବାରୁ ମୋ ଗାଁର ୪ଜଣ ଲୋକ ଅକ୍ତିଆର କରି ନିଅଁ ଖୋଳିଛନ୍ତି। ଏପରି କି ପ୍ରାଚୀର କରିବାକୁ ଉଦ୍ୟମ କରିଛନ୍ତି। ଥାନାଠାରୁ ଜମିର ଦୂରତା ପ୍ରାୟ ୫୦ ମିଟର। ହେଲେ ଅଭିଯୋଗ ପରେ ମଧ ପୋଲିସ ଘଟଣାସ୍ଥଳକୁ ଆସୁନାହିଁ।

## ଅଙ୍ଗନୱାଡି କର୍ମୀ, ସହାୟିକା ସାମ୍ମୁଖ୍ୟ ବୈଠକ

ଗଣିଆ,୨୩।୨(ଡି.ଏନ୍.ଏ.)

ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ତରଫରୁ ରବିବାର ଗଣିଆସ୍ଥିତ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟର ବ୍ଲକ ସଭାନେତ୍ରୀ ମମତା ରଣାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଜିଲା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ସମ୍ପାଦିକା ସୁଶ୍ରୀ ସଙ୍ଗିତା ମହାପାତ୍ର, ଜିଲା ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ପଣ୍ଡା, ଜିଲା ଶ୍ରମିକ ସଂଗଠନ ସଭାପତି ଶ୍ରୀକାନ୍ତ ପଟ୍ଟନାୟକ, ଜିଲା ସାମ୍ମୁଖ୍ୟ କୋଷାଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଉପଦେଷ୍ଟା ବିନୋଦିନୀ ପରିଡା, ବ୍ଲକ ସଂଘ ସମ୍ପାଦିକା ସୁଷମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ସ୍ୱଳ୍ପ ବେତନ ଦିଆଯାଉଥିବା ବେଳେ ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ କରାଯିବା, ନିୟମିତ ଦରମା ନ ମିଳିବା ଓ ଅତିରିକ୍ତ କାର୍ଯ୍ୟ ପାଇଁ ଖର୍ଚ୍ଚ ମିଳୁ ନ ଥିବା ଆଦି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରଙ୍କ ସହ ଆଲୋଚନା ମାଧ୍ୟମରେ କିଭଳି ଏହି ସମସ୍ୟାଗୁଡିକର ସମାଧାନ ହୋଇପାରିବ ସେ ନେଇ ସାମ୍ମୁଖ୍ୟ ପକ୍ଷରୁ ଉଚ୍ଚଶିକ୍ଷା ଓ କୃଷି, ପଶୁସମ୍ପଦ ମନ୍ତ୍ରୀ ଡ. ଅରୁଣ ସାହୁ, ନୟାଗଡ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## କଟକ ବିଡାନାସୀ ଚାମ୍ପିୟନ

### ରାଜ୍ୟସ୍ତରୀୟ ଖଣ୍ଡପଡା କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଖଣ୍ଡପଡା, ୨୩।୨(ସ୍ୱ.ପ୍ର.)

ଖଣ୍ଡପଡା ଫୁଟବଲ ଅସୋସିଏଶନ ଆନୁକୂଲ୍ୟରେ ମଧୁବନ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବିଡାନାସୀ କ୍ଲବ କଟକ ୨-୦ ଗୋଲରେ ଫ୍ରେଣ୍ଡସ ପାରାଡାଇଜ ଜଟଣୀକୁ ପରାସ୍ତ କରି ଚଳିତବର୍ଷ ଚାମ୍ପିୟନ ହୋଇଛି । ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ କଟକ ବିଡାନାସୀ ଟିମର ରାଜେଶ ନାୟକ ୨ଟି ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ । ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରସନ୍ନ ନାୟକ ଓ ରବୀନ୍ଦ୍ର ନାଥ ନାୟକ। ୪ର୍ଥ ରେଫରି ଭାବେ କ୍ରୀଡା ଶିକ୍ଷକ ସମୀର ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ, ଖବରଦାତା ସତ୍ୟ ରାୟ, ଡ. ରମେଶ ଚନ୍ଦ୍ର ପାଣିଗ୍ରାହୀ, ଚଳଚ୍ଚିତ୍ର ତାରକା ପିଣ୍ଟୁ ନନ୍ଦ, ଅଭିନେତ୍ରୀ ପିଙ୍କି ପ୍ରିୟଦର୍ଶିନୀ, ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ପୁରୀ ଜଗନ୍ନାଥ ମନ୍ଦିରର ଭାଗିରଥୀ ପୂଜାପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଚାମ୍ପିୟନ ଟିମକୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଚାମ୍ପିୟନ ଦଳର ରାଜେଶ ନାୟକଙ୍କୁ ୨୨ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।



ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

# ଚିନିକଳ କାର୍ଯ୍ୟକ୍ଷମ ଦାବିରେ ଜନଜାଗରଣ ସଭା

ଗଣିଆ,୨୩।୨(ଡି.ଏନ.ଏ.)

ନୟାଗଡ ଜିଲାରେ ଏକମାତ୍ର କୃଷିଭିତ୍ତିକ ଶିଳ୍ପ ନୟାଗଡ ଚିନିକଳ ଅଚଳ ଅବସ୍ଥାରେ ପଡିରହିଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ନୟାଗଡ ଚିନିକଳ କ୍ରିୟାନୁଷ୍ଠାନ କମିଟି ଜିଲାବ୍ୟାପୀ ଜନ ଆନ୍ଦୋଳନ ଆରମ୍ଭ କରିଛି । କମିଟି କର୍ମକର୍ତ୍ତାମାନେ ରବିବାର ଗଣିଆ ବଜାରରେ ଏକ ଜନଜାଗରଣ ସଭା ଆୟୋଜନ କରିଥିଲେ। ଏଥିରେ ଆବାହକ ବିଶ୍ୱନାଥ ମହାପାତ୍ର, ଚିନିକଳ କର୍ମଚାରୀ ସଂଘ ସଭାପତି ଯୋଗେନ୍ଦ୍ର କୁମାର ଖୁଣ୍ଟିଆ, ସଂଯୋଜକ ଶିବରାମ ମହାପାତ୍ର, ଭାଜପା ନେତା ସନ୍ତୋଷ କୁମାର ପ୍ରଧାନ ଓ ଗଣିଆ ମଣ୍ଡଳ ସଭାପତି ଫକୀର ମୋହନ ଡାକୁଆ ପ୍ରମୁଖ ଯୋଗଦେଇ ନୟାଗଡ ଚିନିକଳ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଉପରେ ବିଶୋଦ୍‌ଗାର କରିଥିଲେ । ରାଜ୍ୟ ସମବାୟ ବିଭାଗ ଓ ସରକାରୀ ଉଦ୍ୟୋଗ ବିଭାଗ ଅଦାଲତର ଢାଲ ଦେଖାଇ ଚିନିକଳ ମାଲିକଙ୍କୁ ସୁରକ୍ଷା ଦେବା ସହ ଜିଲ୍ଲାର ଶହ ଶହ ଚାଷୀ ଓ କର୍ମଚାରୀଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଥିବା କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏହାସହ ମାର୍ଚ୍ଚ ୬ ତାରିଖରେ ଜିଲା ବ୍ୟାପୀ ଆନ୍ଦୋଳନ ଓ ବନ୍ଦ ପାଳନକୁ ସଫଳ କରିବା ପାଇଁ ସମସ୍ତ ଚାଷୀ, ଶ୍ରମିକ, ବ୍ୟବସାୟୀ, ସାମାଜିକ ଓ ରାଜନୈତିକ ସଂଘକୁ ଆହ୍ୱାନ ଦେଇଥିଲେ।

ନୟାଗଡ଼ ଅଫିସ/ ଦଶପଲ୍ଲା(ଡି.ଏନ୍.ଏ.), ୨୩।୨

ଦଶପଲ୍ଲାରେ ରବିବାର ଜନଜାଗରଣ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଚିନିକଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ସମାବେଶରେ ଶ୍ରମିକ ନେତା ଶରତ ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରିୟାନୁଷ୍ଠାନ କମିଟି ଆବାହକ ବିଶ୍ୱନାଥ ମହାପାତ୍ର, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ ଓ ମନୋଜ କୁମାର ସାହୁ, ସଞ୍ଜୋଜକ ଶିବରାମ ମହାପାତ୍ର, ଚିନିକଳ ସଂଘ ସଭାପତି ଯୋଗେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଆନ୍ଦୋଳନକୁ ତ୍ୱରାନ୍ୱିତ ପାଇଁ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ନାଏକ, କଂଗ୍ରେସ ନେତ୍ରୀ ଉମାରାଣୀ ପାଣି, କୃଷକ ସଭା ଦଶପଲ୍ଲା ବ୍ଲକ ସଭାପତି ଗଣେଶ୍ୱର ନାୟକ, ଏନ୍‌ସିପି ନେତା ବେଣୁଧର ନାୟକ ପ୍ରମୁଖଙ୍କୁ ନେଇ ଦଶପଲ୍ଲା କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି।




ଜନଜାଗରଣ ସଭାରେ କମିଟିର ସଭ୍ୟବୃନ୍ଦ।

# ଶିମିଳି ଝରଣା ପରିଦର୍ଶନ କଲେ ପର୍ଯ୍ୟଟନ ମନ୍ତ୍ରୀ

## ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା ଦାବି

ନୟାଗଡ ଅଫିସ,୨୩।୨

ନୟାଗଡ଼ ଜିଲା ଓଡଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତର ଶିମିଳି ଝରଣାକୁ ରବିବାର ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଏହାକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାର ବିକାଶ ପାଇଁ ଅନୁଦାନ ଯୋଗାଇଦେବାକୁ ମଧ୍ୟ କହିଥିଲେ। ମନ୍ତ୍ରୀଙ୍କ ସହ ନୟାଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ଅରୁଣ ସାହୁ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, କଟକ ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଶରଣକୁଳ ପୂର୍ବତନ ସରପଞ୍ଚ ମିନାକ୍ଷୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଶିମିଳି ଝରଣା ପରିଦର୍ଶନ ଅବସରରେ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

### ଆକୃଷ୍ଟ କରୁଛି ପରିବେଶ

ଆଦିବାସୀ ଗାଁ ଶିମିଳିଠାରୁ ୧କିମି ଦୂରରେ ରହିଛି ଶିମିଳି ଝରଣା। ଝରଣା ଚତୁଃପାର୍ଶ୍ୱରେ ରହିଛି ସବୁଜ ପାହାଡ, ଶିଶୁ ଓ ଅନ୍ୟ ମୂଲ୍ୟବାନ ଗଛରେ ଭରପୂର ଜଙ୍ଗଲ ଓ ଔଷଧିୟ ବୃକ୍ଷରାଜି। ୪ କିମି ବ୍ୟାପୀ ଏହି ଝରଣା ଟାମଣା ମୁଣ୍ଡିଆଠାରୁ ଆରମ୍ଭ ହୋଇ ଚକା ଆମ୍ବ, ଶିମଳିଗଣ୍ଡ, ଗର୍ଭୁଣୀ ଠାକୁରାଣୀଙ୍କ ପାଦଦେଶ ଦେଇ ଉତ୍ସେଇ ନାଗଝର ନଦୀରେ ମିଶିଛି। ମୁଣ୍ଡିଆ ଉପରେ ଶାନ୍ତ, ମନୋଲୋଭା ପରିବେଶ ମଧ୍ୟରେ ପୂଜା ପାଉଛନ୍ତି ଗର୍ଭୁଣୀ ଠାକୁରାଣୀ। ବର୍ଷକୁ ଥରେ ଗହ୍ମାପୂର୍ଣ୍ଣିମାରେ ଏହି ପୀଠରେ ଗହଳି ହୁଏ। ଶିମିଳି ଓ ଖଳିସାହି ଲୋକଙ୍କର ଗହ୍ମାପୂର୍ଣ୍ଣିମା ପ୍ରଧାନ ପର୍ବ। ଏଠାରେ କୁକୁଡା ଓ ଛେଳି ବଳି ପଡେ। ଏହି ଦିବସରେ ଆଦିବାସୀମାନେ ମନୋମାଳିନ୍ୟ ଭୁଲି ଏକାଠି ନାଚଗୀତ କରି ମଉଜ କରନ୍ତି । ସନ୍ଧ୍ୟାରେ ଶିମିଳି ଝରଣାର ବାରହା ଗଣ୍ଡରେ ଭୋଜି କରି ମଜା ନିଅନ୍ତି। ବିଭିନ୍ନ ମାନସିକ ନେଇ ଭକ୍ତମାନେ ମା'ଙ୍କ ପାଖକୁ ଧାଇଁଆସନ୍ତି । ଭକ୍ତର ମନର କଥାକୁ ଜାଣି ମା' ମାନସିକ ପୂରଣ କରନ୍ତି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି।

### ନାହିଁ ସର୍ବନିମ୍ନ ମୌଳିକ ସୁବିଧା

ଉପେକ୍ଷିତ ହୋଇ ରହିଥିବା ଶିମିଳି ଝରଣାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଚାଲିଛି । ପ୍ରତ୍ୟହ ଶତାଧିକ ସଂଖ୍ୟାରେ ପର୍ଯ୍ୟଟକ ଆସି ଭୋଜି ଭାତର ଆସର କରୁଛନ୍ତି । ହେଲେ ପର୍ଯ୍ୟଟକଙ୍କ ପାଇଁ ଏଠାରେ ସେପରି କିଛି ସୁବିଧା ନାହିଁ। ସରକାର ଏହାକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରି ଆନୁଷଙ୍ଗିକ ବ୍ୟବସ୍ଥା କଲେ ଏଠାକୁ ବିଦେଶୀ ପର୍ଯ୍ୟଟକ ମଧ୍ୟ ଆସି ପାରନ୍ତେ ବୋଲି କୁହାଯାଉଛି।